ଧରିତ୍ରୀ 50 Years

ପୃଷ୍ଠା–୧୬+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ (୧୬+୪=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 11/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୧୬୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 166 ମୂଲ୍ୟ₹୭/-

# ଆମ ଲକ୍ଷ୍ୟ ଓଡ଼ିଶା ନଂ 1

ବିଜୁ ଜନତା ଦଳ



## ଲୋକଙ୍କ ଘୋଷଣାପତ୍ର - ୨୦୨୪



### ଯୁବବର୍ଗ

- ସ୍ୱତନ୍ତ୍ର ଯୁବ ବଜେଟ୍ ଆଣିବାରେ ଓଡ଼ିଶା ହେବ ପ୍ରଥମ ରାଜ୍ୟ।
- ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ୧ ହଜାର କୋଟି ବଜେଟ୍ ଉପରେ ନିଜ ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।



### ମଧ୍ୟବିତ୍ତ

- ସରକାରୀ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ଯୋଗ୍ୟ ସହରାଞ୍ଚଳ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ସୁଧ ଉପରେ ରିହାତି ମିଳିବ।
- ସହରାଞ୍ଚଳକୁ ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତଙ୍କ ପାଇଁ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।



### ସହରୀକରଣ

- ଚାରୋଟି ମେଗା ଅର୍ବାନ କ୍ଲଷ୍ଟର ଏବଂ ୨୦ଟି ଅତିରିକ୍ତ ସହରର ବିକାଶ କରାଯିବ।
- ପୁରୀକୁ ଏକ ଅନ୍ତର୍ଜାତୀୟ ସହର ରୂପେ ବିକଶିତ କରାଯିବ।
- ଭୁବନେଶ୍ୱର-କଟକ ମେଟ୍ରୋ ପ୍ରୋଜେକ୍ଟରେ ପୁରୀ ଏବଂ ଖୋର୍ଦ୍ଧାକୁ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ସମସ୍ତ ପ୍ରମୁଖ ସହରମାନଙ୍କୁ ଯୋଡ଼ିବ ଲକ୍ଷ୍ମୀ ବସ୍।
- ୨୦ଟି ସହରକୁ ବିମାନ ସେବା ଦ୍ୱାରା ସଂଯୋଗ କରାଯିବ।



### ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ସାମାଜିକ ସୁରକ୍ଷା ପେନସନ।
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।
- BSKYର ପରିସରକୁ ବୃଦ୍ଧି କରାଯାଇ ତୃଣମୂଳସ୍ତରର ମହିଳା କର୍ମଚାରୀଙ୍କୁ ସାମିଲ୍ କରାଯିବ।



### ନିବେଶ ଏବଂ ଅର୍ଥନୈତିକ ବିକାଶ

- ନୂତନ ଟେକ୍ନୋଲୋଜି ଏବଂ ଅର୍ଥନୀତି ସହ ସେମିକଣ୍ଡକ୍ଟର ହବ୍, ଆଇଟି ଇଣ୍ଡଷ୍ଟ୍ରି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଉପରେ ବିଶେଷ ଧ୍ୟାନ ଦିଆଯିବ।
- ରାଜ୍ୟରେ ନିବେଶର ସର୍ବାଧିକ ସୁଯୋଗ ସୃଷ୍ଟି କରିବାର ପ୍ରକ୍ରିୟା ଆହୁରି ସୁଦୃଢ଼ କରାଯିବ।
- ନୂତନ ଟେକ୍ନିକାଲ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ହେବ।
- ୧୦୦ଟି ପରିବେଶ ଅନୁକୂଳ(eco-friendly) ପର୍ଯ୍ୟଟନ ସ୍ଥଳର ବିକାଶ କରାଯିବ।



### ସାମାଜିକ ନିରାପତ୍ତା

- ୧ ଲକ୍ଷ ଯୋଗ୍ୟ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତିବିଶେଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧,୦୦,୦୦୦ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ଯୋଗାଇ ଦିଆଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ ୧୦ ଲକ୍ଷ ଗୃହ ନିର୍ମାଣ କରାଯିବ।



### ଚାଷୀ

- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ବିରତି ସମୟରେ ମତ୍ସ୍ୟଜୀବୀମାନଙ୍କୁ ୧୫,୦୦୦ ଟଙ୍କାର ସହାୟତା ମିଳିବ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।



### ଶକ୍ତି ନିରାପତ୍ତା

- ପ୍ରତି ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିନା ମୂଲ୍ୟରେ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ପ୍ରାୟ ୯୦% ପରିବାର ହେବେ ଉପକୃତ।



### ଭାଷା, ଐତିହ୍ୟ ଓ ସଂସ୍କୃତି

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ ଲକ୍ଷ ଟଙ୍କାର କର୍ପସ ପାଣ୍ଠି କରାଯିବ।

5T ନବୀନ ଗ୍ୟାରେଣ୍ଟି

ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ ଲୋକସଭା ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

# ଭୋଟିଂ ତଥ୍ୟ ୪୮ ଘଣ୍ଟାରେ ପ୍ରକାଶ କରାଯାଉ

## ସୁପ୍ରିମକୋର୍ଟରେ ଏଡିଆର୍‌ର ଆବେଦନ

ନୂଆଦିଲ୍ଲୀ,୧୦।୫(ପି.ଟି.)

ଲୋକ ସଭା ନିର୍ବାଚନ ଚାଲିଥିବା ବେଳେ ପ୍ରତି ପର୍ଯ୍ୟାୟ ଭୋଟିଂ ଶେଷ ହେବାର ୪୮ ଘଣ୍ଟା ମଧ୍ୟରେ ବୁଥ୍‌ୱାରି ମତଦାନ ହାର ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଉ। ଏଥିପାଇଁ ଇସିଆଇଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫମ୍ସ (ଏଡିଆର୍) ସୁପ୍ରିମକୋର୍ଟରେ ଆବେଦନ କରିଛି। ଏଡିଆର୍ ଏହାର ୨୦୧୯ରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ଅନ୍ତରୀଣ ଆବେଦନପତ୍ର ଦାଖଲ କରି ନିର୍ବାଚନ କମିଶନଙ୍କୁ ସବୁ ବୁଥ୍‌ର ଫର୍ମ ୧୭ସି ଭାଗ-୧(ଆକାଉଣ୍ଟ ଅଫ୍ ଭୋଟ୍‌ସ ରେକର୍ଡେଡ୍)ର ସ୍କାନ୍ ହୋଇଥିବା ବୈଧ କପିକୁ ଭୋଟିଂ ପରେ ତୁରନ୍ତ ଅପ୍‌ଲୋଡ୍ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛି। ନିର୍ବାଚନରେ ଅନିୟମିତତା ଦ୍ୱାରା ଗଣତାନ୍ତ୍ରିକ ପ୍ରକ୍ରିୟା ଯେପରି ବିକୃତ ନ ହୁଏ, ତାହା ସୁନିଶ୍ଚିତ କରିବା ଲାଗି ଏଭଳି ପିଟିଶନ ଦାଏର ହୋଇଛି।

ସୂଚନାଯୋଗ୍ୟ, ଚଳିତ ଲୋକ ସଭାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଯଥାକ୍ରମେ ଏପ୍ରିଲ ୧୯ ଓ ୨୬ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଭୋଟିଂର ୧୧ ଦିନ ଏବଂ ଦ୍ୱିତୀୟ ପର୍ଯ୍ୟାୟର ୪ ଦିନ ପରେ ଅର୍ଥାତ୍ ଏପ୍ରିଲ ୩୦ରେ ନିର୍ବାଚନ କମିଶନ ମତଦାନ ହାର୍ ତଥ୍ୟ ପ୍ରକାଶ କରିଥିଲେ। ନିର୍ବାଚନ ଦିନ ରାତି ୭ଟାରେ ଇସିଆଇ ଯେଉଁ ମତଦାନ ହାର ଘୋଷଣା କରିଥିଲା, ଏପ୍ରିଲ ୩୦ରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତଥ୍ୟରେ ତାହାର ବ୍ୟତିକ୍ରମ ଦେଖାଯାଇଥିଲା। ଏଥିରେ ମତଦାନ ହାର ୫ରୁ ୬ ପ୍ରତିଶତ ଅଧିକ ଦର୍ଶାଯାଇଥିବା ଆବେଦନରେ ଉଲ୍ଲେଖ କରାଯାଇଛି। ଚୂଡ଼ାନ୍ତ ତଥ୍ୟ ପ୍ରକାଶରେ ଅହେତୁକ ବିଳମ୍ବ ଏବଂ ମତଦାନ ହାର ବୃଦ୍ଧି ଦର୍ଶାଯିବା ଚିନ୍ତାଜନକ। ତଥ୍ୟରେ ସଂଶୋଧନ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏଭଳି ଆଶଙ୍କାକୁ ଦୂର କରାଯିବା ଆବଶ୍ୟକ। ଭୋଟରମାନଙ୍କ ଆସ୍ଥା ବଜାୟ ରଖିବା ଜରୁରୀ ବୋଲି ଏଡିଆର୍ ଏହାର ପିଟିଶନରେ ଉଲ୍ଲେଖ କରିଛି। ସେଥିପାଇଁ ମତଦାନ ପରେ ଫର୍ମ ୧୭ସି ଭାଗ-୧ର ସ୍କାନ୍ ହୋଇଥିବା ବୈଧ କପିକୁ ଇସିଆଇଙ୍କ ୱେବ୍‌ସାଇଟ୍‌ରେ ସ୍ଥାନିତ କରିବା ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ଏଡିଆର୍ ନିବେଦନ କରିଛି।

### ଖାର୍ଗେଙ୍କ ଭୋଟ ହାର ଅଭିଯୋଗ ଭିତ୍ତିହୀନ: ଇସି

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିର୍ବାଚନ ପ୍ରକ୍ରିୟାର ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇଥିବାରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ଏହାକୁ ଦୃଢ଼ ସମାଲୋଚନା କରିଛନ୍ତି। ଇସିଆଇ କଡ଼ା ଭାଷାରେ ଖାର୍ଗେଙ୍କୁ ପତ୍ର ଲେଖିବା ସହ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ମତଦାନ ହାର ତଥ୍ୟ ପ୍ରଦାନରେ ବିଳମ୍ବକୁ ନେଇ ଖାର୍ଗେ ବିରୋଧୀ ଦଳର ନେତାମାନଙ୍କୁ ପତ୍ର ଲେଖିଥିଲେ। ଫଳାଫଳକୁ ପ୍ରଭାବିତ କରିବା ପାଇଁ ଏପରି କରାଯାଉଥିବା ଖାର୍ଗେ ଅଭିଯୋଗ କରିଥିଲେ। ସେ ପକ୍ଷପାତପୂର୍ଣ୍ଣ ବର୍ଣ୍ଣନା କରିବାକୁ ଉଦ୍ୟମ କରୁଥିବା ଇସିଆଇ କହିଛନ୍ତି। ୫ ପୃଷ୍ଠାର ଜବାବରେ ନିର୍ବାଚନ କମିଶନ ଖାର୍ଗେଙ୍କ କୁପରିଚାଳନା ଏବଂ ମତଦାନ ହାର ପ୍ରକାଶରେ ବିଳମ୍ବ ସମ୍ପର୍କିତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷଙ୍କ ଅଭିଯୋଗ ଅବାଞ୍ଛିତ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ଦ୍ୱନ୍ଦ୍ୱର ପ୍ରସାର ପାଇଁ ପକ୍ଷପାତପୂର୍ଣ୍ଣ ତଥା ଜାଣିଶୁଣି ଉଦ୍ୟମ କରାଯାଇଥିବା ଏଥିରୁ ପ୍ରତିଫଳିତ ହେଉଥିବା ଇସିଆଇ କହିଛନ୍ତି। ମତଦାନ ହାର ତଥ୍ୟ ପ୍ରକାଶରେ ବିଳମ୍ବ ନିର୍ବାଚନର ଚୂଡ଼ାନ୍ତ ଫଳାଫଳକୁ କିପରି ଜାଲିଆତି କରିବ ବୋଲି କମିଶନ ବିସ୍ମୟ ପ୍ରକାଶ କରିଛନ୍ତି।

## ଇସିଙ୍କୁ ଭେଟିଲେ ଇଣ୍ଡିଆ ବ୍ଲକ୍ ନେତା



ଇଣ୍ଡିଆ ବ୍ଲକ୍‌ର ପ୍ରତିନିଧିମାନେ ଇସିଆଇଙ୍କୁ ଭେଟି ଫେରୁଛନ୍ତି।

ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କର ଏକ ପ୍ରତିନିଧି ଦଳ ଶୁକ୍ରବାର ନିର୍ବାଚନ କମିଶନଙ୍କ ସର୍ବୋଚ୍ଚ ଅଧିକାରୀମାନଙ୍କୁ ଭେଟି ମତଦାନ ହାର ତଥ୍ୟ ପ୍ରକାଶରେ ବିଳମ୍ବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ଶାସକ ଭାଜପା ନେତାମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଇସିଙ୍କୁ ନିବେଦନ କରିଛନ୍ତି। ଉତ୍ତରପ୍ରଦେଶ ପୋଲିସ ରାଜ୍ୟର କେତେଜଣ ଲୋକଙ୍କୁ ରେଡ୍ କାର୍ଡ ଇସ୍ୟୁ କରିଥିବା ପ୍ରସଙ୍ଗ ସମାଜବାଦୀ ପାର୍ଟି ନେତା ଜାଭେଦ ଅଲି ଉଠାଇଥିଲେ। ରେଡ୍ କାର୍ଡ ପାଇଥିବା ଅନେକେ ମତଦାନରୁ ବଞ୍ଚିତ ହୋଇଥିବା ସେ କହିଥିଲେ। ପ୍ରତିନିଧି ଦଳରେ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି, ସଲମାନ ଖୁର୍ସିଦ, ଟିଏମ୍‌ସି ନେତା ଡେରେକ ଓ'ବ୍ରାଏନ୍, ଡିଏମ୍‌କେର ଟି.ଆର୍. ବାଲୁ, ଜେଏମ୍‌ଏମ୍‌ର ମହୁଆ ମାଝି, ସିପିଆଇର ବିନୟ ବିଶ୍ୱମ୍ ପ୍ରମୁଖ ରହିଥିଲେ। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ ସମେତ ବିଭିନ୍ନ ଦଳ ଅନେକ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଆସ୍ଥା ସଙ୍କଟ ସମେତ ବିଭିନ୍ନ ପ୍ରସଙ୍ଗରେ ଇଣ୍ଡିଆ ବ୍ଲକ୍‌ର ନେତାମାନେ ଇସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ୧୩ରେ ସୋରେନ୍‌ଙ୍କ ଶୁଣାଣି



ହେମନ୍ତ ସୋରେନ୍

ନୂଆଦିଲ୍ଲୀ,୧୦।୫

ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ଆସନ୍ତା ୧୩ ତାରିଖରେ ହେବ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରିକୁ ଚ୍ୟାଲେଞ୍ଜ କରି ଜେଏମ୍‌ଏମ୍ ନେତା କରିଥିବା ଆବେଦନର ରାୟ ଘୋଷଣା କରିବାରେ ହାଇକୋର୍ଟ ବିଳମ୍ବ କରୁଥିବାରୁ ଏହା ବିରୋଧରେ ତାଙ୍କ ପିଟିଶନ୍‌ର ଶୁଣାଣିକୁ ସୁପ୍ରିମକୋର୍ଟ ବନ୍ଦ କରିଦେଇଛନ୍ତି। ରାୟ ଘୋଷଣାରେ ବିଳମ୍ବ ବିରୋଧରେ ସୋରେନ୍‌ଙ୍କ ଆବେଦନ ପ୍ରାସଙ୍ଗିକତା ହରାଇଥିବା ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ପୂର୍ବ ଶୁଣାଣି ବେଳେ ସୁପ୍ରିମକୋର୍ଟ ଗିରଫଦାରି ବିରୋଧରେ ସୋରେନ୍‌ଙ୍କ ଆବେଦନ ଉପରେ ରାୟ ପ୍ରକାଶ କରିବାକୁ ହାଇକୋର୍ଟଙ୍କୁ କହିଥିଲେ। ହାଇକୋର୍ଟ ଫେବୃଆରୀ ୨୮ରୁ ରାୟ ସଂରକ୍ଷିତ ରଖିଥିବାରୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଲୋକ ସଭା ନିର୍ବାଚନରେ ପ୍ରଚାର ନିମନ୍ତେ ଅନ୍ତରୀଣ ଜାମିନ ପାଇଁ ସୋରେନ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଇଡି ଚାର୍ଜଶିଟ୍‌ରେ କବିତା ଅଭିଯୁକ୍ତ

**ନୂଆଦିଲ୍ଲୀ,୧୦।୫:** ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦିଲ୍ଲୀର ଏକ ଅଦାଲତରେ ସାନି ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୪୫ ଏବଂ ୪୪(୧) ଅନୁଯାୟୀ ଇଡି ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡିର ଏହା ଷଷ୍ଠ ଅତିରିକ୍ତ ଚାର୍ଜଶିଟ୍। ଏପର୍ଯ୍ୟନ୍ତ ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ଆପ୍ ଏମ୍‌ପି ସଞ୍ଜୟ ସିଂଙ୍କ ସମେତ ୧୮ ଜଣ ଗିରଫ ହେଲେଣି।

### ଡାଭୋଲକର ହତ୍ୟା ମାମଲା

## ୨ ଦୋଷୀଙ୍କୁ ଆଜୀବନ ଜେଲ

**ପୁଣେ, ୧୦।୫:** ୨୦୧୩ରେ ସାମାଜିକ କାର୍ଯ୍ୟକର୍ତ୍ତା ତଥା ମହାରାଷ୍ଟ୍ର ଅନ୍ଧବିଶ୍ୱାସ ବିଲୋପ ସମିତିର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ଡାଭୋଲକରଙ୍କ ହତ୍ୟା ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପୁଣେର ସ୍ୱତନ୍ତ୍ର କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୁଣେ ସ୍ୱତନ୍ତ୍ର କୋର୍ଟଙ୍କ ଅତିରିକ୍ତ ସେସନ୍ ଜଜ୍ ପି.ପି. ଯାଦବ ୨ ଦୋଷୀଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କା ଲେଖାଁଏ ଜରିମାନା ମଧ୍ୟ ଲଗାଇଛନ୍ତି। ତେବେ ଏହି ମାମଲାରେ ୫ ଜଣ ଅଭିଯୁକ୍ତ ଥିବାବେଳେ ଅନ୍ୟ ୩ ଜଣ ଅଭିଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୂଚନାଯୋଗ୍ୟ, ୨୦୧୩ ଅଗଷ୍ଟ ୨୦ରେ ଡାଭୋଲକରଙ୍କୁ ପୁଣେରେ ଗୁଳିକରି ହତ୍ୟା କରାଯାଇଥିଲା।

## କାନାଡ଼ାରେ ଗୁପ୍ତଚର ବୃତ୍ତିରେ ସାମିଲ ଥିଲା ଭାରତ

### ସିଏସ୍‌ଆଇଏସ୍ ରିପୋର୍ଟ

ଅଟାୱା, ୧୦।୫

ଭାରତ କାନାଡ଼ାର ବିଭିନ୍ନ ଗୁପ୍ତଚର କାର୍ଯ୍ୟକଳାପରେ ସାମିଲ ଥିବା ନେଇ କାନାଡ଼ାର ଗୋଇନ୍ଦା ଏଜେନ୍ସି 'କାନାଡ଼ିଆନ ସୁରକ୍ଷା ଗୁପ୍ତଚର ସେବା(ସିଏସ୍‌ଆଇଏସ୍)' ଦାବି କରିଛି। ଏନେଇ ସିଏସ୍‌ଆଇଏସ୍ ପକ୍ଷରୁ ଏକ ସାର୍ବଜନୀନ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ ଭାରତ ସହ ଚାଇନା, ରୁଷିଆ ଓ ଇରାନର ନାମ ଉଲ୍ଲେଖ ରହିଛି। ଏହି ସବୁ ଦେଶ କାନାଡ଼ା ସମେତ ବିଭିନ୍ନ ପଶ୍ଚିମ ଦେଶରେ ହସ୍ତକ୍ଷେପ କରିବା ସହ ଅନେକ ଗୁପ୍ତଚର କାର୍ଯ୍ୟକଳାପରେ ଲିପ୍ତ ଥିବା ରିପୋର୍ଟରେ କୁହାଯାଇଛି। ନିଜ ଉଦ୍ଦେଶ୍ୟ ଏବଂ ଫାଇଦାକୁ ସାଧିତ କରିବା ପାଇଁ ବିଭିନ୍ନ ପ୍ରକାରର ବିଦେଶୀ ହସ୍ତକ୍ଷେପ ସହ ଗୁପ୍ତଚର କାର୍ଯ୍ୟକଳାପ ଏହି ସବୁ ଦେଶ ସାମିଲ ରହିଛନ୍ତି। ସେହିପରି ଏହି ରିପୋର୍ଟରେ ଭାରତ-କାନାଡ଼ା ସମ୍ପର୍କରେ ଅବନତି ଘଟିଥିବା ସ୍ୱୀକାର କରାଯାଇଛି। ତେବେ ୨ ଦେଶ ମଧ୍ୟରେ ସମ୍ପର୍କ ଖରାପ ହେବା ପରେ କିଛି ଭାରତ ସମର୍ଥିତ ଅଭିନେତା କାନାଡ଼ା ବିରୋଧରେ ସଫଳତାର ସହ ସାଇବର କାର୍ଯ୍ୟକଳାପ କରାଇଥିବା ସିଏସ୍‌ଆଇଏସ୍ ଦାବି କରିଛି। ଅନ୍ୟପକ୍ଷରେ, ଏହି ସାଇବର କାର୍ଯ୍ୟକଳାପରେ ଭାରତ ସରକାରଙ୍କ ସମ୍ପୃକ୍ତି ନ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## ପାକିସ୍ତାନରୁ ଆସିଥିଲା ଇ-ମେଲ୍ ଧମକ

ଅହମଦାବାଦ, ୧୦।୫

ଗତ ୬ ତାରିଖରେ ଗୁଜରାଟର ୩୬ ସ୍କୁଲକୁ ବୋମାରେ ଉଡ଼େଇଦେବାକୁ ଇ-ମେଲ୍ ଯୋଗେ ଧମକ ଆସିଥିଲା। ଏହି ଇ-ମେଲ୍ ପାକିସ୍ତାନର ଫୈସଲାବାଦରୁ ଆସିଥିବା ଶୁକ୍ରବାର ଗୁଜରାଟ ପୋଲିସ ସୂଚନା ଦେଇଛି। ଗୁଜରାଟରେ ଲୋକ ସଭା ନିର୍ବାଚନ ପାଇଁ ମତଦାନର ଦିନକ ପୂର୍ବରୁ ଭୋଟରଙ୍କୁ ଭୟଭୀତ କରାଇବା ଉଦ୍ଦେଶ୍ୟରେ ଏହି ମେଲ୍ ପଠାଯାଇଥିବା ପୋଲିସ କହିଛି। ଗତ ସପ୍ତାହରେ ଇ-ମେଲ୍ ଧମକ ପାଇବା ପରେ ସ୍କୁଲଗୁଡ଼ିକ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ଗୁଜରାଟ ସାଇବର ସେଲ୍ ପୋଲିସ ଏହି ମାମଲାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ଗୁଜରାଟର ୨୫ ଲୋକ ସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ଏକଛତ୍ରବାଦ ବିରୋଧରେ ଲଢ଼େଇ ଜାରି ରହିବ

### ଲୋକଙ୍କ ସମର୍ଥନ ଲୋଡ଼ିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୦।୫(ପି.ଟି.)

ସୁପ୍ରିମକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିବାର କିଛି ଘଣ୍ଟା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରୁ ମୁକୁଳିଛନ୍ତି। ସେ ଭଗବାନ ହନୁମାନଙ୍କୁ ଧନ୍ୟବାଦ ଜଣାଇବା ସହ ଏକଚ୍ଛତ୍ରବାଦ ବିରୋଧରେ ଲଢ଼େଇ ପାଇଁ ଜନସାଧାରଣଙ୍କ ସମର୍ଥନ ଲୋଡ଼ିଛନ୍ତି। ଲୋକ ସଭା ନିର୍ବାଚନରେ ପ୍ରଚାର ନିମନ୍ତେ କେଜ୍‌ରିୱାଲଙ୍କୁ ସର୍ବୋଚ୍ଚ ଅଦାଲତ ଜୁନ୍ ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜେଲରେ ବାହାରିବା ବେଳେ ଆମ୍ ଆଦ୍‌ମୀ ପାର୍ଟିର ନେତା ଓ କର୍ମୀମାନେ ଢୋଲ ବଜାଇ ଓ ସ୍ଲୋଗାନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏକ କାର୍‌ର ସନ୍‌ରୁଫ୍‌ରେ ଛିଡ଼ାହୋଇ ସେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ। ଭାରତ ମାତା କୀ ଜୟ, ଇନ୍‌କିଲାବ ଜିନ୍ଦାବାଦ ସ୍ଲୋଗାନ ଦେଇ କେଜ୍‌ରିୱାଲ କହିଥିଲେ, ଏକଛତ୍ରବାଦ ବିରୋଧରେ ସେ ତାଙ୍କର ସବୁ ଶକ୍ତି ଲଗାଇ ଲଢ଼ୁଛନ୍ତି। ଏହା ବିରୋଧରେ ଲଢ଼ିବା ପାଇଁ ୧୪୦ କୋଟି ଦେଶବାସୀ ଏକାଠି ଆଗେଇ ଆସିବାକୁ ହେବ ବୋଲି ସେ କହିଛନ୍ତି। ଶନିବାର ସକାଳେ ସେ ହନୁମାନ ମନ୍ଦିର ଦର୍ଶନ କରିବା ପରେ ଅପରାହ୍ନ ୧ଟା ବେଳେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବେ। ଭଗବାନ ହନୁମାନଙ୍କ ଆଶୀର୍ବାଦରୁ ମୁଁ ଆପଣମାନଙ୍କ ଗହଣକୁ ଫେରିଆସିଛି। ଜନସାଧାରଣଙ୍କ ଭଲପାଇବା ଓ ଆଶୀର୍ବାଦ ପାଇଁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ତିହାର ଜେଲରୁ ବାହାରିବା ପରେ କେଜ୍‌ରିୱାଲ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ସମ୍ବୋଧନ କରୁଛନ୍ତି।

### ଦିଲ୍ଲୀ ଅବକାରୀ ନୀତି ମାମଲାର ଘଟଣାକ୍ରମ

**ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଶୁକ୍ରବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଜାମିନ ମିଳିଛି। ଅବକାରୀ ନୀତି ମାମଲାର ଘଟଣାକ୍ରମ ଏଠାରେ ପ୍ରଦତ୍ତ ହେଲା।**

**୨୦୨୧ ନଭେମ୍ବର:** ଦିଲ୍ଲୀ ସରକାର ନୂଆ ଅବକାରୀ ନୀତି ଆଣିଥିଲେ।
**୨୦୨୨ ଜୁଲାଇ:** ଅବକାରୀ ନୀତି ପ୍ରଣୟନ ଓ କାର୍ଯ୍ୟକାରିତାରେ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନା ସୁପାରିସ କରିଥିଲେ।
**୨୦୨୨ ଅଗଷ୍ଟ:** ଅବକାରୀ ଅନିୟମିତତା ନେଇ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କଲେ।
**୨୦୨୨ ସେପ୍ଟେମ୍ବର:** ଅବକାରୀ ନୀତିକୁ ଦିଲ୍ଲୀ ସରକାର ରଦ୍ଦ କଲେ।
**୨୦୨୩ ଅକ୍ଟୋବର ୩୦:** ଏହି ଅନିୟମିତତା ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ନଭେମ୍ବର ୨ରେ ହାଜର ହେବା ଲାଗି ଇଡି କେଜ୍‌ରିୱାଲଙ୍କୁ ପ୍ରଥମ ସମନ ଜାରି କରିଥିଲେ।
**୨୦୨୪ ଫେବୃଆରୀ ୩:** କେଜ୍‌ରିୱାଲ ଏକାଧିକ ସମନକୁ ଏଡ଼ାଇଯିବାରୁ ଇଡି ତାଙ୍କ ବିରୋଧରେ ମାଜିଷ୍ଟ୍ରେରିଆଲ କୋର୍ଟରେ ଅଭିଯୋଗ ଦାଏର କରିଥିଲା। ୭ ତାରିଖରେ କୋର୍ଟ କେଜ୍‌ରିୱାଲଙ୍କୁ ସମନ କରିଥିଲେ।
**ମାର୍ଚ୍ଚ ୧୫:** ବାରମ୍ବାର ଇଡି ଏବଂ କୋର୍ଟ ସମନକୁ ଏଡ଼ାଇଯାଉଥିବା କେଜ୍‌ରିୱାଲଙ୍କ ବିରୋଧରେ ତଦନ୍ତ ଅଟକାଇବାକୁ ସେସନ୍ସ କୋର୍ଟ ମନା କରିଦେଇଥିଲେ।
**ମାର୍ଚ୍ଚ ୨୧:** ଦିଲ୍ଲୀ ହାଇକୋର୍ଟ କେଜ୍‌ରିୱାଲଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନା କରିଦେବାର କିଛି ସମୟ ପରେ ଇଡି ତାଙ୍କୁ ଗିରଫ କରିଥିଲା।
**ମାର୍ଚ୍ଚ ୨୩:** ଇଡି ଗିରଫଦାରିକୁ କେଜ୍‌ରିୱାଲ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।
**ଏପ୍ରିଲ ୯:** ହାଇକୋର୍ଟ ତାଙ୍କ ପିଟିଶନକୁ ଖାରଜ କରିଦେଲେ।
**ଏପ୍ରିଲ ୧୦:** ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି କେଜ୍‌ରିୱାଲ ସୁପ୍ରିମକୋର୍ଟ ଯାଇଥିଲେ।
**ମେ' ୩:** ଲୋକ ସଭା ନିର୍ବାଚନ ଚାଲିଥିବାରୁ କେଜ୍‌ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନକୁ ବିଚାରକୁ ନିଆଯାଇପାରେ ବୋଲି ସୁପ୍ରିମକୋର୍ଟ କହିଥିଲେ।
**ମେ' ୧୦:** ସୁପ୍ରିମକୋର୍ଟ କେଜ୍‌ରିୱାଲଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହ ତାଙ୍କୁ ଜୁନ୍ ୨ରେ ଜେଲରେ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଲେ।

### ଫୁରସତ୍

# ଚଳନ୍ତା ବିମାନରେ ମାରପିଟ

ସାନ୍ ଫ୍ରାନ୍ସିସ୍କୋ

ସାମ୍ପ୍ରତିକ ସମୟରେ ବିମାନରେ ଯାତ୍ରା କରିବାବେଳେ ଯାତ୍ରୀଙ୍କ ମଧ୍ୟରେ ଝଗଡ଼ା ଓ ମାରପିଟ ଲାଗିବାର ଅନେକ ଖବର ସାମ୍ନାକୁ ଆସିଛି। ସୋସିଆଲ ମିଡିଆର ଯୁଗ ହୋଇଥିବାରୁ ଏହି ସବୁ ଭିଡିଓ ଅଳ୍ପ କିଛି ସମୟ ମଧ୍ୟରେ ଇଣ୍ଟରନେଟରେ ଭାଇରାଲ ହେବାକୁ ଲାଗିଥାଏ। ନିକଟରେ ବିମାନ ମଧ୍ୟରେ ଲଢ଼େଇର ପୁଣି ଏକ ମାମଲା ସାମ୍ନାକୁ ଆସିଛି। ଭିଡିଓଟି 'ଇଭିଏ ଏୟାରୱେଜ୍'ର ଏକ ବିମାନର ହୋଇଥିବାବେଳେ ଏହା ତାଇୱାନର ତାଇପେଇଠାରୁ ଆମେରିକାର କାଲିଫର୍ନିଆ ପ୍ରଦେଶର ସାନ ଫ୍ରାନ୍ସିସ୍କୋକୁ ଯାଉଥିଲା। ବିମାନଟି ମଝି ଆକାଶରେ ଉଡୁଥିବାବେଳେ ୨ ଜଣ ଯାତ୍ରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା।

ତାଇପେଇରୁ ଦୀର୍ଘ ସାଢ଼େ ୧୧ ଘଣ୍ଟାର ଯାତ୍ରା କରି ଇଭିଏ ଏୟାର ବିମାନ 'ବିଆର୍ ୦୮' ସାନ୍ ଫ୍ରାନ୍ସିସ୍କୋରେ ପହଞ୍ଚିଥିଲା। ତେବେ ତାଇପେଇ ଛାଡିବାର କିଛି ଘଣ୍ଟା ମଧ୍ୟରେ ଏହି ବିମାନରେ ୨ ଯାତ୍ରୀଙ୍କ ମଧ୍ୟରେ ଭୀଷଣ ଝଗଡ଼ା ଓ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଚାହୁଁ ଚାହୁଁ ଉଭୟ ଯାତ୍ରୀ ଚଳନ୍ତା ବିମାନ ମଧ୍ୟରେ ମାରପିଟ ଓ ଠେଲାପେଲା ଆରମ୍ଭ କରିଦେଇଥିଲେ। ବିମାନରେ ଥିବା କ୍ରିଉ ସଦସ୍ୟ ଉଭୟଙ୍କୁ ଶାନ୍ତ କରିବା ପାଇଁ ପାରୁପର୍ଯ୍ୟନ୍ତ ଉଦ୍ୟମ କରି ବିଫଳ ହୋଇଥିଲେ। ଉକ୍ତ ବିମାନ ସାନ୍ ଫ୍ରାନ୍ସିସ୍କୋ ବିମାନବନ୍ଦରରେ ଅବତରଣ କରିବା ପରେ କ୍ରିଉ ସଦସ୍ୟଙ୍କ ଅଭିଯୋଗ ଆଧାରରେ ଚଳନ୍ତା ବିମାନରେ ମାରପିଟ ଲାଗିଥିବା ୨ ବ୍ୟକ୍ତିଙ୍କୁ ସାନ୍ ଫ୍ରାନ୍ସିସ୍କୋ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ବିମାନ ମଧ୍ୟରେ ଏକ ଖାଲି ପଡ଼ିଥିବା ସିଟ୍‌ରେ ବସିବାକୁ ନେଇ ଏହି ମାରପିଟ ଆରମ୍ଭ ହୋଇଥିଲା। ଏହି ବିମାନରେ ଜଣେ ଯାତ୍ରୀ କାଶୁଥିବାରୁ ତାଙ୍କ ନିକଟରେ ବସିଥିବା ଯାତ୍ରୀ ଅସୁବିଧା ଭୋଗ କରି ସିଟ୍ ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ। ସେ କିଛି ଦୂରରେ ଖାଲି ପଡ଼ିଥିବା ଅନ୍ୟ ଏକ ସିଟ୍‌ରେ ଯାଇ ବସିପଡ଼ିଥିଲେ। ତେବେ ସମ୍ପୃକ୍ତ ସିଟ୍‌ରେ ପୂର୍ବରୁ ବସିଥିବା ବ୍ୟକ୍ତି ଯେତେବେଳେ ଫେରିଲେ, ନିଜ ଆସନରେ ଅନ୍ୟ ଜଣଙ୍କୁ ବସିଥିବାର ଦେଖି ଉତ୍ତେଜିତ ହୋଇ ପଡ଼ିଲେ। ପରେ ଉଭୟ ଯାତ୍ରୀ ପରସ୍ପର ବିରୋଧରେ ଆକ୍ଷେପ କରି ଝଗଡ଼ା ଆରମ୍ଭ କରିଥିଲେ, ଯାହା ଉଗ୍ରରୂପ ଧାରଣ କରିଥିଲା।



## ପୱନଙ୍କୁ ଅଲ୍ଲୁ ଅର୍ଜୁନଙ୍କ ସମର୍ଥନ

ଅମରାବତୀ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଏବେ ନିଜ ଫିଲ୍ମ 'ପୁଷ୍ପା ଦି ରୁଲ୍'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ସେ ଏହି ହାଇ ବଜେଟ ଫିଲ୍ମକୁ ନେଇ କ୍ରମାଗତ ଭାବେ ଚର୍ଚ୍ଚାରେ ରହି ଆସୁଛନ୍ତି। ଆସନ୍ତା ୧୩ରେ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ, ଏବେ ଏଥିପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପିଥାପୁରମ୍ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜନସେନା ପାର୍ଟି (ଜେଏସ୍‌ପି) ମୁଖ୍ୟ ତଥା ତେଲୁଗୁ ତାରକା ପୱନ କଲ୍ୟାଣଙ୍କୁ ଅଲ୍ଲୁ ନିଜ ଏକ୍ସ' ହ୍ୟାଣ୍ଡେଲରେ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ତାଙ୍କ ସମର୍ଥନ ପୱନ କଲ୍ୟାଣଙ୍କ ପ୍ରତି ରହିଥିବା ଅଲ୍ଲୁ କହିଛନ୍ତି।

ଅଲ୍ଲୁ ତାଙ୍କ ଏକ୍ସ' ଆକାଉଣ୍ଟରେ ପୱନଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ଲେଖିଛନ୍ତି। ସେ ପୱନଙ୍କୁ ତାଙ୍କ ନିର୍ବାଚନୀ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେବାରେ ଉତ୍ସର୍ଗ କରିବାକୁ ପୱନ ତାଙ୍କ ଜୀବନକୁ ବାଛିଥିବା କହି ଏଥିପାଇଁ ପରିବାରର ଜଣେ ସଦସ୍ୟ ଭାବେ ସେ ଗର୍ବିତ ଥିବା ଅଲ୍ଲୁ ନିଜ ପୋଷ୍ଟରେ ଲେଖିଛନ୍ତି। ଏହା ସହ ପୱନଙ୍କ ଏହି ଯାତ୍ରାରେ ସର୍ବଦା ତାଙ୍କର ସମର୍ଥନ ରହିଛି ବୋଲି ଅଲ୍ଲୁ ପ୍ରକାଶ କରିଛନ୍ତି।

ପୱନ କଲ୍ୟାଣ ଖୁବ୍‌ଶୀଘ୍ର ବବି ଦେଓଲଙ୍କ ସହ 'ହରି ହର୍ ବୀରା ମଲ୍ଲୁ'ରେ ନଜର ଆସିବେ। ୨୦୧୯ରେ ଏହି ଚଳଚ୍ଚିତ୍ରର ଘୋଷଣା ହୋଇଯାଇଥିବାବେଳେ କୋଭିଡ୍ ମହାମାରୀ ଯୋଗୁ ଏହା ରିଲିଜ୍ ହୋଇପାରି ନ ଥିଲା। ସେହିପରି ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଆଗାମୀ ଫିଲ୍ମ 'ପୁଷ୍ପା ଦି ରୁଲ୍' ମଧ୍ୟ ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି। ନିକଟରେ ଫିଲ୍ମ ନିର୍ମାତାମାନେ ଏହାର ପ୍ରଥମ ଗୀତ 'ପୁଷ୍ପା ପୁଷ୍ପା' ରିଲିଜ୍ କରିଛନ୍ତି। ଏହି ଚଳଚ୍ଚିତ୍ରର ଟିଜର ମଧ୍ୟ ପ୍ରକାଶ ପାଇଛି, ଯାହା ଲୋକଙ୍କୁ ଉତ୍ସାହିତ କରିପାରିଛି। ଏହି ଫିଲ୍ମ ଚଳିତ ବର୍ଷ ଅଗଷ୍ଟ ୧୫ରେ ରିଲିଜ୍ ହେବ।



ଧରିତ୍ରୀ 50 Years
DHARITRI



# ଓଡ଼ିଶାରେ ଆସିବ ଟର୍ନିଂ ପଏଣ୍ଟ: ମୋଦି

**ଓଡ଼ିଶାରେ ଓଡ଼ିଆ ଅସ୍ମିତା ପ୍ରତି ବିପଦ ଦେଖାଦେଇଛି। ଏଠାରେ ରାଜା ମହାରାଜା ବେଳର ସ୍ଥିତି ବଳବତ୍ତର ରହିଛି। ତେଣୁ ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଚଳିତ ନିର୍ବାଚନରେ ଓଡ଼ିଶାରେ ଟର୍ନିଂ ପଏଣ୍ଟ ଆସିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ରୋଡ୍ ଶୋ' ବେଳେ ଏକ ଜାତୀୟ ଗଣମାଧ୍ୟମକୁ କହିଛନ୍ତି। ଓଡ଼ିଶାରେ ଏଥର ପଦ୍ମ ଫୁଟିବ। ରୋଡ୍ ଶୋ'ର ବିପୁଳ ଜନସମାଗମ ଏହାକୁ ପ୍ରମାଣିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।**

**ଭୁବନେଶ୍ୱର,୧୦।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରାତି ୮ଟା ୪୫ରେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ବାଣୀବିହାର ପର୍ଯ୍ୟନ୍ତ ତାଙ୍କ ରୋଡ୍ ଶୋ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାୟ ଘଣ୍ଟାଏ ଧରି ଚାଲିଥିଲା। ମୋଦିଙ୍କୁ ଦେଖିବା ଲାଗି ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମୋଦି ପ୍ରଚାର ଗାଡ଼ିରେ ପଦ୍ମ ଚିହ୍ନ ଦେଖାଇ ରାଲିର ଶେଷ ପର୍ଯ୍ୟନ୍ତ ଯାଇଥିଲେ। ମୋଦିଙ୍କ ରୋଡ୍ ଶୋ ଦେଖିବା ଲାଗି ଲକ୍ଷାଧିକ ଲୋକଙ୍କ ସମାଗମ ମଧ୍ୟ ହୋଇଥିଲା। ଏହି ରୋଡ୍ ଶୋ କାର୍ଯ୍ୟକ୍ରମ ସମୟରେ ମୋଦିଙ୍କ ସାଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଭୁବନେଶ୍ୱର ଲୋକ ସଭା ସଦସ୍ୟା ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଥିଲେ। ସେଠାରୁ ମୋଦି ସିଧାସଳଖ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଲେ। ସେଠାରେ ମୋଦିଙ୍କୁ ସ୍ୱାଗତ କରିବା ଲାଗି ସମ୍ବଲପୁରୀ ଶାଢ଼ି ଏବଂ ପଗଡ଼ି ପିନ୍ଧି ବହୁ ଯୁବତୀ ଠିଆହୋଇ ରହିଥିଲେ। ଦଳୀୟ କାର୍ଯ୍ୟାଳୟ ବାହାରେ ଏକ ମଞ୍ଚ କରାଯାଇ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହ ସୁସଜ୍ଜିତ ପ୍ରଚାର ଗାଡ଼ି ମଧ୍ୟ ପ୍ରସ୍ତୁତ ରହିଥିଲା। ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ଭୁବନେଶ୍ୱର ☞ପୃଷ୍ଠା-୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରାତିରେ ଭୁବନେଶ୍ୱର ଜନପଥର ଭାଜପା କାର୍ଯ୍ୟାଳୟଠାରୁ ବାଣୀବିହାର ପର୍ଯ୍ୟନ୍ତ ରୋଡ୍ ଶୋ' କରି ନିର୍ବାଚନ ପ୍ରଚାର କରୁଛନ୍ତି। ନିକଟରେ ଅଛନ୍ତି ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ । **(ଫଟୋ-ବିକାଶ ନାୟକ)**




# ଓଡ଼ିଶାର ନିର୍ବାଚନ ଭଣ୍ଡୁର ଯୋଜନା ବେଳେ ଏନ୍କାଉଣ୍ଟର: ୧୨ ମାଓବାଦୀ ନିହତ

**ବିଜାପୁର(ପି.ଟି.)/ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର), ୧୦।୫**

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ୩ ଦିନ ବାକି ଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ମାଓବାଦୀମାନେ ଚଳାଇଥିବା ଯୋଜନା ପଣ୍ଡ ହୋଇଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ଶୁକ୍ରବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ପୋଲିସର ଏନ୍କାଉଣ୍ଟରରେ ୧୨ ମାଓବାଦୀ ନିହତ ହୋଇଥିବା ବିଜାପୁର ପୋଲିସ କହିଛି।

ବିଜାପୁର ଜିଲା ଗାଙ୍ଗାଲୁର ଥାନା ଅନ୍ତର୍ଗତ ପିଡ଼ିଆ ଅଞ୍ଚଳର ଏକ ଜଙ୍ଗଲରେ ହାର୍ଡକୋର ମାଓବାଦୀ ପାପା ରାଓ ଶତାଧିକ ସମର୍ଥକଙ୍କ ସହ ବୈଠକ କରୁଥିଲେ। ଆସନ୍ତା ୧୩ରେ କଳାହାଣ୍ଡି, ନବରଙ୍ଗପୁର ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ ଆସନ ସହ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ଭୋଟ ଗ୍ରହଣ କରାଯିବ। ଏହି ନିର୍ବାଚନକୁ ମାଓବାଦୀମାନେ ଭଣ୍ଡୁର କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଗୋଇନ୍ଦା ସୂଚନା ମିଳିଥିଲା। ଏହାକୁ ଭିତ୍ତିକରି ବିଜାପୁର ଜିଲାର ୩୫୦ରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ପୋଲିସ ଏହାର ପାଲଟା ଜବାବ ଦେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପରେ ତଲାସୀ ବେଳେ ପୋଲିସ ୧୨ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲା। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମାଓବାଦୀ କ୍ୟାମ୍ପକୁ ଘେରି ତଲାସି ଅଭିଯାନ ଜାରି ରଖିଥିବା ବିଜାପୁର ପୋଲିସ କହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଯବାନମାନଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ଗତ ଏପ୍ରିଲ ୧୬ରେ ଛତିଶଗଡ଼ ପୋଲିସର ଏନ୍କାଉଣ୍ଟରରେ କାଙ୍କେର ଜିଲାରେ ୨୯ ମାଓବାଦୀ ନିହତ ହୋଇଥିଲେ। ଚଳିତବର୍ଷ ବସ୍ତର ଅଞ୍ଚଳରେ ଏନ୍କାଉଣ୍ଟରରେ ଶତାଧିକ ମାଓବାଦୀଙ୍କ ମୃତ୍ୟୁ ଘଟିଲାଣି।

# ବିରୋଧ ସତ୍ତ୍ୱେ କେଜ୍‌ରିୱାଲ ମୁକ୍ତ

**ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର କଡ଼ା ବିରୋଧ ସତ୍ତ୍ୱେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ସୁପ୍ରିମକୋର୍ଟରୁ ଜାମିନ ପାଇ ତିହାର ଜେଲରୁ ମୁକ୍ତ ହୋଇଛନ୍ତି। ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ଏଜେନ୍ସି ଇଡି ତାଙ୍କୁ ମାର୍ଚ୍ଚ ୨୧ରେ ଗିରଫ କରିଥିଲା। କେଜ୍‌ରିୱାଲ ଏହି ଗିରଫଦାରିକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୁଇଜଣିଆ ଖଣ୍ଡପୀଠ ଗତ ମଙ୍ଗଳବାର ତାଙ୍କ ଜାମିନ ଆବେଦନର ରାୟ ସଂରକ୍ଷିତ ରଖିଥିଲେ। ତେବେ ଲୋକ ସଭା ନିର୍ବାଚନ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ନେଇ ଅଦାଲତ ସଙ୍କେତ ଦେଇଥିଲେ। ଗୁରୁବାର ଇଡି ନିର୍ବାଚନ ପ୍ରଚାର ମୌଳିକ ଅଧିକାର ନୁହେଁ ବୋଲି ଯୁକ୍ତି ବାଢ଼ି ଏକ ସତ୍ୟପାଠ ଦାଖଲ କରିଥିଲା। କିନ୍ତୁ ସୁପ୍ରିମକୋର୍ଟ କେଜ୍‌ରିୱାଲଙ୍କ କୌଣସି ଆପରାଧିକ ପୃଷ୍ଠଭୂମି ନ ଥିବା ଦର୍ଶାଇ ତାଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ସସର୍ତ୍ତ ଜାମିନ ପ୍ରଦାନ କରିଛନ୍ତି। ଗିରଫ ହେବାର ୫୦ ଦିନ ପରେ ଜେଲରୁ ମୁକୁଳି କେଜ୍‌ରିୱାଲ କହିଛନ୍ତି, ଏକଛତ୍ରବାଦ ବିରୋଧୀ ଲଢ଼େଇକୁ ଆହୁରି ଶାଣିତ କରିବା ଜରୁରୀ ହୋଇପଡ଼ିଛି।**

**ନୂଆଦିଲ୍ଲୀ,୧୦।୫**

ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନର ୩ ଦିନ ପୂର୍ବରୁ ସୁପ୍ରିମକୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ଶେଷ ପର୍ଯ୍ୟାୟ ନିର୍ବାଚନ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଛି। ଜୁନ୍ ୨ରେ କେଜ୍‌ରିୱାଲଙ୍କୁ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଅନ୍ତରୀଣ ଜାମିନ ପାଇଁ ସୁପ୍ରିମକୋର୍ଟ କେତେକ ସର୍ତ୍ତ ରଖିଛନ୍ତି। ଜାମିନ ଅବଧି ମଧ୍ୟରେ ସେ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର କରିପାରିବେ। କିନ୍ତୁ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କିମ୍ବା ଦିଲ୍ଲୀ ସଚିବାଳୟକୁ ଯିବେ ନାହିଁ କିମ୍ବା ଉପରାଜ୍ୟପାଳ ଭି.କେ. ସାକ୍‌ସେନାଙ୍କ ଅନୁମତି ବିନା କୌଣସି ଫାଇଲ୍‌ରେ ଦସ୍ତଖତ କରିବେ ନାହିଁ। ଉଚ୍ଛେଦ ହୋଇସାରିଥିବା ଅବକାରୀ ନୀତି ମାମଲା ସମ୍ପର୍କରେ ସେ ଭାଷଣ ଦେଇପାରିବେ ନାହିଁ କିମ୍ବା ତାଙ୍କ ବିରୋଧରେ ଅଭିଯୋଗ ସମ୍ପର୍କରେ ଆଲୋଚନା କରିବେ ନାହିଁ। ମାମଲାର କୌଣସି ସାକ୍ଷୀଙ୍କ ସହ କେଜ୍‌ରିୱାଲ ଯୋଗାଯୋଗ କରିପାରିବେ ନାହିଁ। ଜେଲରୁ ବାହାରିବା ପୂର୍ବରୁ ତାଙ୍କୁ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ପୈଠ କରିବାକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଇଡି ଗତ ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ସେ ତିହାର ଜେଲରେ ଥିଲେ। ଲୋକ ସଭା ନିର୍ବାଚନ ଚାଲିଥିବାରୁ ତାଙ୍କୁ ପ୍ରଚାର ପାଇଁ ଅନ୍ତରୀଣ ଜାମିନରେ ଛାଡ଼ିବା ନିମନ୍ତେ କେଜ୍‌ରିୱାଲଙ୍କ ଲିଗାଲ ଟିମ୍ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲା। ଅନ୍ୟପକ୍ଷରେ ତାଙ୍କ ଅନ୍ତରୀଣ ଜାମିନକୁ ଇଡି ଗୁରୁବାର ସୁପ୍ରିମକୋର୍ଟରେ ବିରୋଧ କରିଥିଲା। ନିର୍ବାଚନରେ ପ୍ରଚାର କରିବା ମୌଳିକ କିମ୍ବା ସାମ୍ବିଧାନିକ ଅଧିକାର ନୁହେଁ ବୋଲି ଇଡି ସତ୍ୟପାଠ ଜରିଆରେ ଜଣାଇଥିଲା। ନିର୍ବାଚନ ଲଢ଼ୁ ନ ଥିବା କୌଣସି ରାଜନେତାଙ୍କୁ ଏପର୍ଯ୍ୟନ୍ତ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇ ନ ଥିବା ଇଡି କହିଥିଲା। ତେବେ କେଜ୍‌ରିୱାଲ ଜଣେ ମୁଖ୍ୟମନ୍ତ୍ରୀ, ସେ କୌଣସି ପେସାଦାର ଅପରାଧୀ ନୁହନ୍ତି କିମ୍ବା କୌଣସି ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇନାହାନ୍ତି ବୋଲି କହି ଖଣ୍ଡପୀଠ ଇଡିର ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। କେଜ୍‌ରିୱାଲ ଏକ ଜାତୀୟ ଦଳର ନେତା ହୋଇଥିବାରୁ ତାଙ୍କୁ ଜାମିନରେ ଛାଡ଼ିଲେ ସମାଜ ପ୍ରତି କୌଣସି ବିପଦ ସୃଷ୍ଟି ହେବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଅଦାଲତ ଆହୁରି କହିଥିଲେ, ଦେଢ଼ ବର୍ଷ ହେଲା ଅବକାରୀ ନୀତି ଦୁର୍ନୀତି ମାମଲାର ତଦନ୍ତ ଚାଲୁଛି। ଲୋକ ସଭା ନିର୍ବାଚନ ଆରମ୍ଭର ଠିକ୍ ପୂର୍ବରୁ ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରାଗଲା କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ ☞ପୃଷ୍ଠା-୨

# ୨୦ରେ ମାଟ୍ରିକ୍ ଫଳ, ହ୍ୱାଟ୍ସଆପ୍‌ରେ ଜାଣିହେବ

**କଟକ,୧୦।୫ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ଆସନ୍ତା ୨୦ ତାରିଖ ପରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ପୂର୍ବରୁ ଏସ୍‌ଏମ୍‌ଏସ୍ ଓ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରି ପରୀକ୍ଷାଫଳ ଜାଣୁଥିଲେ। ଏବେ ଆଉ ଏକ ନୂତନ ମାଧ୍ୟମ ପ୍ରଥମଥର ପାଇଁ ଯୋଡ଼ି ହେବାକୁ ଯାଉଛି। ହ୍ୱାଟ୍ସଆପ୍‌ର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ବୋର୍ଡ ପକ୍ଷରୁ ଏହାକୁ ପରୀକ୍ଷାଫଳ ଜାଣିବାର ମାଧ୍ୟମ ରୂପେ ଉପଯୋଗ କରିବାକୁ ପ୍ରକ୍ରିୟା ଚାଲିଛି। ଏଥିପାଇଁ ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ସହ ବୈଷୟିକ ସହାୟତା ନିମନ୍ତେ ଯୋଗାଯୋଗ ଚାଲିଥିବା ☞ପୃଷ୍ଠା-୨

# ଚିଟ୍‌ଫଣ୍ଡ ଅଫିସରେ ନିଆଁ, ପ୍ରମାଣ ନଷ୍ଟ ଉଦ୍ୟମ ସନ୍ଦେହ



**ଜଳେଶ୍ୱର, ୧୦।୫ (ରବିନାରାୟଣ ପାତ୍ର)**

ବାଲେଶ୍ୱର ଜିଲା ଜଳେଶ୍ୱର ସହର ବଡବଜାରଠାରେ ଅବସ୍ଥିତ ଚିଟ୍‌ଫଣ୍ଡ କମ୍ପାନୀ 'ଗ୍ରୀନରେ ଇଣ୍ଟରନ୍ୟାଶନାଲ' ସିଲ୍ ଥିବା ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଦ୍ୱିପ୍ରହର ସମୟରେ ହଠାତ୍ ଏହି କାର୍ଯ୍ୟାଳୟ ପଛପଟେ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ବ୍ୟବସାୟୀ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବିଭାଗର ୨ଟି ୟୁନିଟ୍ ଓ ଜଳେଶ୍ୱର ପୋଲିସ୍‌ର ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା । କେବଳ ଚଳିତବର୍ଷ ☞ପୃଷ୍ଠା-୨

# ୨୮ ହଜାର ମୋବାଇଲରେ ୨୦ ଲକ୍ଷ ନମ୍ବର

**ନୂଆଦିଲ୍ଲୀ,୧୦।୫**

ସାଇବର ଅପରାଧରେ ବ୍ୟବହୃତ ହେଉଥିବା ୨୮,୨୦୦ ମୋବାଇଲ ଫୋନ୍‌କୁ ବ୍ଲକ୍ କରିବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଫୋନଗୁଡ଼ିକ ସହ ସମ୍ପୃକ୍ତ ଥିବା ୨୦ ଲକ୍ଷ ମୋବାଇଲ୍ ସଂଯୋଗକୁ ପୁନଃ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ସାଇବର କ୍ରାଇମ୍ ଏବଂ ଆର୍ଥିକ ଜାଲିଆତିରେ ଟେଲିକମ୍ ସମ୍ବଳର ଦୁରୁପଯୋଗ ରୋକିବା ପାଇଁ ଟେଲିକମ୍ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରାଜ୍ୟ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଥିବା ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଡିଜିଟାଲ ବିପଦରୁ ନାଗରିକଙ୍କୁ ସୁରକ୍ଷା ଦେବା ଏହାର ଲକ୍ଷ୍ୟ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରାଜ୍ୟ ପୋଲିସ ଦ୍ୱାରା ହୋଇଥିବା ଏକ ବିଶ୍ଳେଷଣ ଅନୁଯାୟୀ ୨୮,୨୦୦ ମୋବାଇଲ ଫୋନ୍‌କୁ ସାଇବର ଅପରାଧରେ ଦୁରୁପଯୋଗ କରାଯାଉଛି। ଏହିସବୁ ହ୍ୟାଣ୍ଡସେଟ୍ ବ୍ୟବହାର କରାଯାଇ ୨୦ ଲକ୍ଷ ନମ୍ବର ସହ ଯୋଗାଯୋଗ କରାଯାଇଥିବା ଜଣାପଡ଼ିଥିଲା। ଉକ୍ତ ନମ୍ବରଗୁଡ଼ିକର ପୁନଃଯାଞ୍ଚରେ ବିଫଳ ହେଲେ ସେଗୁଡ଼ିକର ସଂଯୋଗ ବିଚ୍ଛିନ୍ନ କରିବାକୁ ଟେଲିକମ୍ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।




ଗର୍ଭବତୀଙ୍କୁ ୪ କି.ମି. ଚଲାଇନେଲେ

୩

**ଆଜିର ସମ୍ପାଦକୀୟ**

## ପ୍ରତିଭା ଅଭାବ

**ଆଜିର ମନ୍ତବ୍ୟ**

" ମତବ୍ୟକ୍ତ କରିବାର ସ୍ୱାଧୀନତା ଅର୍ଥ ନୁହେଁ ବିଚ୍ଛିନ୍ନତାବାଦକୁ ସମର୍ଥନ କରିବା। **-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ ଓ ଆଲୋଚନା, ସ୍ଥାନ: ଅକ୍ସଫୋର୍ଡ ବୁକଷ୍ଟୋର, ୨ୟ ମହଲା, ସିମ୍ଫୋନି ମଲ୍, ରୁଦ୍ରପୁର, ସମୟ: ଅପରାହ୍ନ ୩ଟା।
- ବକୁଳ ଫାଉଣ୍ଡେଶନ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ, ସ୍ଥାନ: ବକୁଳ ଲାଇବ୍ରେରୀ, ୧୬ ସତ୍ୟନଗର, ସମୟ: ସନ୍ଧ୍ୟା ୬ଟା।
- ୨୨ତମ ଜାଗୃତି ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରାମଲୀଳାର ମଞ୍ଚସ୍ଥ ନାଟକ 'ରାମ ଜନ୍ମ', ସ୍ଥାନ: ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗ୍ରାମର ରାମଲୀଳା ମଣ୍ଡପ, ସମୟ: ରାତି ୧୧ଟା।
- ମା' ଭୂଷଣ୍ଡେଇ ଡାମାଟିକ କ୍ଲବ ଆନୁକୁଲ୍ୟରେ ନାଟକ 'ସତୀ ଚଉରା', ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଗ୍ରାମ ଛକ, ଭିଙ୍ଗାରପୁର, ସମୟ: ରାତି ୧୧ଟା।

## କଟକ
- ହାଇକୋର୍ଟ ଲିଗାଲ ସର୍ଭିସ୍ କମିଟି ପକ୍ଷରୁ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କଟକ ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଆମ ସ୍ୱପ୍ନର କଟକ ଶୀର୍ଷକ ସାଧାରଣ ସଭା, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ବୈଶାଖ କୃଷ୍ଣପକ୍ଷ ପଞ୍ଚମୀ ତିଥି ଅବସରରେ ଓଁ ଶ୍ରୀଶ୍ରୀ ବାବା ନୀଳକଣ୍ଠେଶର ମହାଦେବଙ୍କ କ୍ଷୀର ସାଗର ମେଳା, ସ୍ଥାନ: ଦିଘାଲୋ, ନିମାପଡ଼ା, ସମୟ: ପ୍ରାତଃ ୫ଟା।

## ଖୋର୍ଦ୍ଧା
- ଶନିଶ୍ଚର ଦେବଙ୍କ ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଶନିଦେବଙ୍କ ମନ୍ଦିର ପରିସର, ଭୀମପଡ଼ା, ବୋଲଗଡ଼, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୨୬ନଂ. ୱାର୍ଡ଼, ମୋତିଗଞ୍ଜ ମସ୍‌ଜିଦ, ବାଲେଶ୍ୱର ପୌରପାଳିକା, ସମୟ: ସକାଳ ୭ଟା ୩୦।
- ପକ୍ଷୀ ପାଇଁ ଦିନଟିଏ ଅବସରରେ ଗଛରେ ଜଳପାତ୍ର ବାନ୍ଧିବା, ସ୍ଥାନ: ଅଁଳାପାଳ, ନୀଳଗିରି, ବାଲେଶ୍ୱର, ସମୟ: ସକାଳ ୭ଟା। 'ପକ୍ଷୀ ପାଇଁ ଦିନଟିଏ' ଶୀର୍ଷକ ଉପରେ କବିତା ପାଠ, ସକାଳ ୮ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୩୦ନଂ ୱାର୍ଡ଼, ଝାଡ଼େଶ୍ୱର ମନ୍ଦିର, ବାଲେଶ୍ୱର ପୌରପାଳିକା, ସମୟ: ସକାଳ ୮ଟା ୩୦।
- ବାଲେଶ୍ୱର ଜିଲା ଚେସ୍ ପ୍ରତିଯୋଗିତା, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୧ ନଂ. ୱାର୍ଡ଼, ବାଣେଶ୍ୱର ମନ୍ଦିର, ବାଲେଶ୍ୱର ପୌରପାଳିକା, ସମୟ: ଅପରାହ୍ନ ୪ଟା ୩୦।
- 'ସମାଜକୁ ଦାନ' ପୁସ୍ତକର ପାଠକାର୍ପଣ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ରେମୁଣା ମନ୍ଦିର ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- କଂଗ୍ରେସର ପରିବର୍ତ୍ତନ ସଂକଳ୍ପ ସମାବେଶ, ସ୍ଥାନ: ଚରମ୍ପା, ଭଦ୍ରକ ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଝୁଙ୍ଗୁଣା ତାରିଣୀ ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୩୦।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କୋରକୋରା, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ରଣଜିତ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା ୪୫।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ହରିପୁର, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ବାବା ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ ଓ ଭଜନ ସମାରୋହ, ସ୍ଥାନ: ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ଭୋର ୪ଟା ୩୦।
- ବାବା ଶନିଶ୍ଚରଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: କୁଣ୍ଡୁଳାଇ ପୀଠ, ଜଳସୁଆ, ଆନନ୍ଦପୁର, ସମୟ: ସକାଳ ୫ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଶାସଙ୍ଗ, ହାଟଡିହୀ, ସମୟ: ସକାଳ ୫ ଟା।
- ଶନି ମହାଗ୍ରହଙ୍କ ପୂଜା ଉତ୍ସବ, ସ୍ଥାନ: ଛେନାପଦି ଛକ, ତାରିଣୀ ମନ୍ଦିର ପରିସର, ହାଟଡିହୀ, ସମୟ: ସକାଳ ୬ ଟା।
- ଗ୍ରହରାଜଙ୍କ ବାର୍ଷିକ ପୂଜା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସକାଳ ୬ ଟା।
- ଭାଜପାର ବାଇକ ରାଲି ଓ ମିଶ୍ରଣ ପର୍ବ, ସ୍ଥାନ: ପାଟଣା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଘୋଡ଼ାନାଚ ଉପଲକ୍ଷେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଅଁଳା ଗଡିଆ, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।
-

## ମୟୂରଭଞ୍ଜ
- ଜାତୀୟ ଲୋକ ଅଦାଲତ, ସ୍ଥାନ:ସିଭିଲ୍ କୋର୍ଟ ପରିସର, ବାରିପଦା, ସମୟ: ସକାଳ ୮ଟା।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ନର୍ସେସ ଦିବସରେ ରକ୍ତଦାନ ଶିବିର, ସ୍ଥାନ: ଓଡ଼ିଶା ବ୍ଲଡ ସେଣ୍ଟର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ପାଲବଣି, ବାରିପଦା ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ଓ ପ୍ରସାଦ ସେବନ, ସ୍ଥାନ: ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର,ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ
- ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ଥାନ:କନ୍ଧମାଳ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ ମି।

## ଅନୁଗୋଳ
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସାଦ ସେବନ, ସ୍ଥାନ: ବଲାସିଂହା, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇଭିଏମ୍ ରାଣ୍ଡୋମାଇଜେସନ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାର ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ଶନିଦେବଙ୍କ ଜଳାଭିଷେକ ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ମହାନଦୀ ତଟସ୍ଥିତ ବାନାମ୍ବର ମହାଦେବ ମନ୍ଦିର, ସମୟ: ପ୍ରାତଃ ୪ଟା।
- ଶନିଦେବଙ୍କ ଜଳାଭିଷେକ, ସ୍ଥାନ: ରଘୁନାଥପୁର ବ୍ଲକ ପୂରଣଓ ଛକ, ସମୟ: ପ୍ରାତଃ ୫ଟା।
- ଶନିଦେବଙ୍କ ଜଳାଭିଷେକ ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତ ବନବିହାରି ମହାପୁରୁଷ ଓ କୂଳସାହି ନୂଆପଲେଇ ଶନି ମନ୍ଦିର, ସମୟ: ସକାଳ ୬ଟା।
- ଶନିଦେବଙ୍କ ଜଳାଭିଷେକ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅନ୍ତର୍ଗତ ଅଚ୍ଛୁତପୁର ଗହୀର, ସମୟ: ସକାଳ ୬ଟା।
- ଜିଲା କୃଷକ ସଙ୍ଗଠନ ପକ୍ଷରୁ ସାଧାରଣ ସଭା, ସ୍ଥାନ: ରଘୁନାଥପୁର ବ୍ଲକ ହରିଶପୁରସ୍ଥିତ ମା'ମାଳିକେଶ୍ୱରୀ ପୀଠ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ନ୍ୟାୟ ଦେବତା ପୂଜା କମିଟି ପକ୍ଷରୁ ଶନିଶ୍ଚର ମହାଯଜ୍ଞ, ସ୍ଥାନ: ବାୟାବଜାର, ମହିପାଳ କେନ୍ଦ୍ରାପଡା ସହର, ସମୟ: ଭୋର ୫ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: କେନ୍ଦ୍ରାପଡା ଜିଲାର ସମସ୍ତ କୋର୍ଟ, ସମୟ: ସକାଳ ୮ଟା।
- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ପଞ୍ଚ କୁଣ୍ଡୀୟ ମହାଯଜ୍ଞ ଆରମ୍ଭ, ସ୍ଥାନ: ଭାପୁର ବ୍ଲକର ପଥରା ଚକଡା ପଞ୍ଚାୟତ ମାଧପୁର ଶ୍ରୀରାମ ଆଶ୍ରମ, ସମୟ: ସକାଳ ୭ଟା
- କଣ୍ଟିଲୋ ନୀଳମାଦବ ଜୀଉଙ୍କର ଚନ୍ଦନ ଯାତ୍ରାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଦବ ମନ୍ଦିର, ସମୟ: ଅପରାହ୍ନ ୪ଟା
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ ସାଗର ପୋଖରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଜଜ୍ଞର ଅୟମ୍ଭାରମ୍ଭ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୨ୟ ଦିବସ, ସ୍ଥାନ: ଓଡଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୨ୟ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳାର ୨ୟ ଦିବସ, ସ୍ଥାନ:କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ,ସମୟ: ରାତି ୧୧ଟା।

## ରାୟଗଡ଼ା
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ରାୟଗଡ଼ା ସିଭିଲ କୋର୍ଟ ପରିସର, ସମୟ: ସକାଳ ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବିଷମ କଟକସ୍ଥିତ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ବାଇକ୍ ରାଲି, ସ୍ଥାନ: ରାୟଗଡ଼ାସ୍ଥିତ ମଝିଘରିଆଣି ମନ୍ଦିରଠାରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୧ ଟା ।

## ନବରଙ୍ଗପୁର
- କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ବସ୍ତର ବିଧାୟକ ଲଖେଶ୍ୱର ବାଘେଲଙ୍କ ପ୍ରଚାର, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ରୋଡ୍ ଶୋ, ସ୍ଥାନ: ଝରିଗାଁ ବ୍ଲକ ଧାମନାଗୁଡା ଛକ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ମହିଳା କୀର୍ତ୍ତନ ବୈଠକି, ସମ୍ପ୍ରଦା, କୃଷ୍ଣଗୁରୁ ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପହିଆବାହାଲ ନିକଟସ୍ଥ କଦଳୀମୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୧ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନୀ ସମାବେଶ,ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ସାଇବାବା ମନ୍ଦିର ପରିଚାଳନା କମିଟିର ବୈଠକ, ସ୍ଥାନ: ଶକ୍ତିନଗର, ସମୟ: ସନ୍ଧ୍ୟା ୬ଟା।
- ସ୍ୱାଧୀନ ପ୍ରାର୍ଥୀ ନିହାର ରାୟଙ୍କ ପ୍ରଚାର ଅଭିଯାନ, ସ୍ଥାନ: ବନ୍ଧମୁଣ୍ଡା, ସମୟ: ଅପରାହ୍ନ ୪
- ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍‌ବୋଧନ ସଭା,ସ୍ଥାନ: ସେକ୍ଟର-୨ ଦୂର୍ଗାପୂଜା ପଡିଆ, ସମୟ: ପୂର୍ବାହ୍ନ ସାଢେ ୧୧ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା,ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ସାଢେ ୬ଟା।

## ବରଗଡ଼
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ରାଜେନ୍ଦ୍ରପୁର, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ରାମଲୀଳା ମହୋତ୍ସବରେ ରାବଣ ଦରବାର କାର୍ଯ୍ୟକ୍ରମ, ସ୍ଥାନ: କଟାପାଲି, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦ମିନିଟ୍।

## କଳାହାଣ୍ଡି
- ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ରୋଡ ଶୋ, ବିଜୟ ସଂକଳ୍ପ ଶୋଭାଯାତ୍ରା, ସ୍ଥାନ: ହାଇସ୍କୁଲ ପଡିଆ, ଜୁନାଗଡ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ବାଉଁଶୁଣୀର ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼
- ବିଜେଡିର ନିର୍ବାଚନୀ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବାଣୀ ବ୍ଲକ ଝାରମୁଣ୍ଡା, ପାରପୋଷି, ଲୋଇମୁରା, ଡିମିରିକୁଦା, ଗଣ୍ଡମ, ଝରାଗୋଗୁଆ, ସମୟ: ପୂର୍ବାହ୍ନ ୧୧ଟା
- ଭାଜପା ବିଧାୟକ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗା ସାର୍କିଲ ଦି ଦିବସୀୟ ରାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦ମିନିଟ୍।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ତୃତୀୟ ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଅଟକି ରହିଥିବା କାମକୁ ସମ୍ପନ୍ନ କରିବେ। ବାଣିଜ୍ୟ, ବ୍ୟବସାୟ ପାଇଁ ସହମତିରେ କାମ କରିବାର ପ୍ରେରଣା ମିଳିବ। ସାମାଜିକ ସ୍ତରରେ ପରୋପକାର ଓ ସେବାମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ।

**ବୃଷ**
ଆପଣ ଆଜି ଯାହା କରିବେ ସବୁ କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବାର ସୂଚନା ରହିଛି। ଖର୍ଚ୍ଚାନ୍ତ ହେଲେ ମଧ୍ୟ ମନୋରଞ୍ଜନ କାର୍ଯ୍ୟରେ ରୁଚି ବଳିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କଳା, କ୍ରୀଡ଼ା, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମିଥୁନ**
ରାଶ୍ୟାଧିପ ଏକାଦଶସ୍ଥ ରବିଙ୍କ ସଂଯୋଗରୁ ଆଜି ଅନ୍ୟମାନଙ୍କୁ ସୁହାଇଲା ଭଳି କାମ କରି ପ୍ରଶଂସିତ ହେବେ। ରାଜନୀତି, ସଂଗଠନ, ପ୍ରଶାସନ, ଆଇନ, ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଶନି ଦୃଷ୍ଟିରେ ରାଶ୍ୟାଧିପତି ରହିଥିବାରୁ ସ୍ୱାସ୍ଥ୍ୟରେ ଅବନତି ହୋଇପାରେ। ସଙ୍ଗଦୋଷ ସକାଶେ ସମାଲୋଚିତ ହୋଇପାରନ୍ତି।

**କର୍କଟ**
ଆଜି ଚନ୍ଦ୍ର ଓ ବୁଧଙ୍କ ସ୍ଥିତିରୁ ପ୍ରତ୍ୟେକ ସମସ୍ୟାକୁ ମୁକାବିଲା କରିବାରେ ସଂଘର୍ଷମୟ ସ୍ଥିତି ଉପୁଜିବ। ପାରିବାରିକ କ୍ଷେତ୍ରରେ କୌଣସି ସଂକଟଜନକ ସ୍ଥିତି ମନକୁ ବିଚଳିତ କରିପାରେ। ଯେଉଁ ପରିମାଣରେ ଡରୁଥିବେ ସେପରି କିଛି ହେବ ନାହିଁ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା ଓ ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ରବି ନବମରେ ଓ ଚନ୍ଦ୍ର ଏକାଦଶରେ ରହିଥିବାରୁ ବୈଷମ୍ୟତାରେ ସାମ୍ୟତା ଆଣିବାରେ ସଫଳ ହେବେ। ପାରିବାରିକ ଖର୍ଚ୍ଚ, ପରିବହନରେ କ୍ଷତି, ଗୃହମରାମତି ବାବଦରେ ଚିନ୍ତିତ ରହିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ରହିଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ କୌଣସି ଅସୁବିଧା ହୋଇ ନ ପାରେ।

**କନ୍ୟା**
କର୍ମସ୍ଥାନରେ ଚନ୍ଦ୍ର ପାରିବାରିକ ଓ କର୍ମକ୍ଷେତ୍ରକୁ ସରସ ସୁନ୍ଦର କରି ରଖିବେ। କିନ୍ତୁ ବୁଧ ଅଷ୍ଟମ ସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଯେକୌଣସି ସମସ୍ୟା ସମାଧାନ ପାଇଁ ଯତ୍ନବାନ କରାଇ ପାରନ୍ତି। ବିରକ୍ତିଭାବ ଏବଂ କଠୋର ବାକ୍ୟାଳାପରୁ କାମଗୁଡ଼ିକ ସଂପୂର୍ଣ୍ଣ ହେବା ସକାଶେ ବ୍ୟସ୍ତତା ବଢ଼ିପାରେ।

**ତୁଳା**
ଆଜିର ଗ୍ରହସ୍ଥିତି ଭଲ ଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ସହକର୍ମୀମାନଙ୍କ ସହ ସତର୍କରେ ଚଳନ୍ତୁ ନଚେତ୍ ଅଫିସରେ ବିବାଦ ଘେରରେ ପଡି ପାରନ୍ତି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ହୋଟେଲ, ଛୋଟ ଦୋକାନୀ, ଢାବା ମାଲିକ, କଳା, କାରିଗରି ଦିଗରୁ ଦିନଟି ବହୁତ ଭଲ।

**ବିଛା**
ଚନ୍ଦ୍ର ଅଷ୍ଟମସ୍ଥ ଯୋଗୁ ଅଭାବ ନ ଥିଲେ ମଧ୍ୟ କାମ ମନ ଅନୁଯାୟୀ ନ ହେବାରୁ ଦୁଃଖିତ ହେବେ। ଆମଦାନୀ କାରବାର, ପ୍ରଶାସନ, ପ୍ରକାଶନ ତଥା ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ। ବ୍ୟବସାୟରେ ଉନ୍ନତି ସହ ଜମିଜମା ସମ୍ପର୍କୀୟ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ। କଳା, ସାହିତ୍ୟ, ସଙ୍ଗୀତ ମାଧ୍ୟମରେ ଲୋକପ୍ରିୟତା ବୃଦ୍ଧି ପାଇବ।

**ଧନୁ**
ଆଜିର ଜୀବନଚର୍ଯ୍ୟା ଗ୍ରହ ପ୍ରତିକୂଳତାରୁ କେତେକାଂଶରେ ବାଧାପ୍ରାପ୍ତ ହୋଇପାରେ। ବନ୍ଧୁ ମିଠା କଥା କହି ମନରେ ବିଶ୍ୱାସ ଜନ୍ମାଇବାର ଉପକ୍ରମ କରିପାରନ୍ତି। ଆନୁଷ୍ଠାନିକ କାମରେ ଅଗ୍ରଣୀ ହେବେ ଏବଂ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମକର**
ସପ୍ତମାଧିପତି ଷଷ୍ଠସ୍ଥ ଯୋଗୁ ପରିବାରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ରାହୁ ସହ ମଙ୍ଗଳଙ୍କ ଯୋଗରୁ ଆବଶ୍ୟକ ଜିନିଷ ପାଇଁ ବେଶି ହଇରାଣ ହେବାକୁ ପଡିବ ନାହିଁ। ଅଫିସ୍ କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ଅନ୍ୟମାନଙ୍କ ଉପରେ ବିରକ୍ତ ହେବେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**କୁମ୍ଭ**
ଶନିଙ୍କ ସ୍ଥିତିରୁ ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ୍ୟ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଏଣେ ମନ ଚାହୁଁଥିବ ଗୋଟିଏ କଥାତ ପରିସ୍ଥିତିରେ ପଡ଼ି ଓଲଟା କାମ କରିବେ। ଅଭାବ, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ଶତଭିଷାର ମନ ଭଲ ରହିବ ନାହିଁ। ସତ୍‌ସଙ୍ଗ ପ୍ରତି ମନ ବଳିବା ସହ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ**
ଆଜିର ଗ୍ରହସ୍ଥିତି ପ୍ରଭାବରେ କାର୍ଯ୍ୟ ହାସଲରେ ସମର୍ଥ ହେବେ। ପୂର୍ବଭାଦ୍ର ନକ୍ଷତ୍ର ଅର୍ଥନୈତିକ ସମସ୍ୟା ସାଙ୍ଗକୁ ସତ୍ୟ ଭାଷଣ ସମସ୍ତ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବାର ସୂଚନା ମଧ୍ୟ ରହିଛି। ସୁଖଦଭ୍ରମଣ, ବନ୍ଧୁମିଳନ ଏବଂ ଆନୁଷ୍ଠାନିକ କାମ ସହ ଆଜିର ଯାତ୍ରା ମଧ୍ୟ ପ୍ରୀତିପ୍ରଦ ରହିବ।

ଆଜି ମେ ୧୧ ତାରିଖ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ, ବୈଶାଖ ଶୁକ୍ଳ ଚତୁର୍ଥୀ ଶନିବାର, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ.୧୦।୧୬ ଗତେ ଆର୍ଦ୍ରାନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୨୯ ଗତେ ଘ.୧୦।୦୬ ମଧ୍ୟେ ରାହୁ କାଳ।

# ବରଗଡ଼ରୁ ବନ୍ଧାହେଲେ ୬ଷ୍ଠ ଅଭିଯୁକ୍ତ

**ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା**

ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଯୁକ୍ତ ୨ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ୬ଷ୍ଠ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ବରଗଡ଼ ଜିଲାରୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୁତସରସିଂ ଗ୍ରାମର ଓମକାର ଜେନା (୨୧)। ବ୍ରହ୍ମପୁରରେ ରହି ଏକ ଘରୋଇ କଲେଜରେ ଡି-ଫାର୍ମା ପଢୁଥିବା ଓମ୍‌କାର ଘଟଣା ପରଠାରୁ ଫେରାର ଥିଲେ। ତାଙ୍କୁ ସୋହେଲା ଥାନା ଅନ୍ତର୍ଗତ ଲୁହୁରାଛତିରୁ କାବୁ କରାଯାଇଛି। ଏହା ପୂର୍ବରୁ ଗତ ୮ ତାରିଖରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଘଟଣାର ତଦନ୍ତ ଜାରି ରହିଛି, ଏଥିରେ ଅନ୍ୟ ଯେଉଁମାନଙ୍କର ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ୩ ତାରିଖରେ ଯୁକ୍ତ ୨ ଛାତ୍ରୀଙ୍କୁ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଏକ ବ୍ୟାଚଲର ରୁମରେ ଗଣବଳାତ୍କାର କରାଯାଇଥିଲା। ଛାତ୍ରୀଙ୍କ ପୁରୁଷ ବନ୍ଧୁ ରୁତୁନ ଦାସ ତାଙ୍କୁ ରୁମକୁ ବାହାନା କରି ଡାକି ନେଇଥିଲେ। ସେଠାରେ ତାଙ୍କର ଅନ୍ୟ ବନ୍ଧୁମାନେ ଥିଲେ। ରୁତୁନ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶାଦ୍ରବ୍ୟ ପିଆଇଥିଲେ। ସେ ଅଚେତ ହୋଇଯିବା ପରେ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ବୈଦ୍ୟନାଥପୁର ଥାନାରେ ନଂ.୨୪୦/୨୪ରେ ମାମଲା ରୁଜୁ ହୋଇଥିଲା।

# କାର୍-ବାଇକ ମୁହାଁମୁହିଁ ଧକ୍କା: ୨ ମୃତ

ରଘୁନାଥପୁର,୧୦।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ତଅଁରା ବାଲିକୁଦା ଗ୍ରାମ ରୋଡରେ କାର୍-ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ତଅଁରା ଗ୍ରାମର ଅଶୋକ ବାରିକଙ୍କ ପୁଅ ଶଶିକାନ୍ତ (୪୦) ଓ ସାରଦା ବାରିକଙ୍କ ପୁଅ ଶୁକଦେବ (୩୫)। ଅପରାହ୍ନ ସମୟରେ ଶଶିକାନ୍ତ ଓ ଶୁକଦେବ ଏକ ବାଇକରେ ଅଢ଼େଇକୁଳ ପଟୁ ନିଜ ଘରକୁ ଫେରୁଥିବାବେଳେ ବିପରୀତ ପଟୁ ଆସୁଥିବା ଏକ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଶଶିକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଶୁକଦେବଙ୍କୁ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଆଇଆଇସି ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଦୁର୍ଘଟଣା ଗ୍ରସ୍ତ କାର୍ ଓ ବାଇକକୁ ଜବତ କରିଛନ୍ତି। କାର୍‌ଟି ସ୍ଥାନୀୟ ଅଞ୍ଚଳର ଗୁନା ସାହୁଙ୍କ ହୋଇଥିବାବେଳେ ରିଙ୍କୁ ନାମକ ଯୁବକ କାର୍‌ର ଚାଳକ ଥିବା ଜଣାପଡିଛି। ୨ ଯୁବକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପ୍ରଥମ ପୃଷ୍ଠାରୁ...

## ୨୦ରେ ମାଟ୍ରିକ୍...
ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏଥର ପରୀକ୍ଷାଫଳ ପ୍ରକାଶ ପାଇବା ସହିତ ପ୍ରଥମଥର ଅନ୍‌ଲାଇନ୍ ଜରିଆରେ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ପରୀକ୍ଷାର୍ଥୀମାନେ ନିଜେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ।

## ଓଡ଼ିଶାରେ ଆସିବ ...
ଲୋକ ସଭା ଆସନ ଅନ୍ତର୍ଗତ ୭ ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀମାନେ ରାସ୍ତା ଉପରେ ମୋଦିଙ୍କୁ ସ୍ୱାଗତ ଜଣାଇବା ପାଇଁ ଅପେକ୍ଷାକରି ରହିଥିଲେ। ଏହାସହ ମନମୋହନ ସାମଲ ଏବଂ ଭାଜପା ନେତା ଦିଲୀପ ନାୟକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ମୋଦି ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଗାଡ଼ିରୁ ଓହ୍ଲାଇ ସ୍ୱାଗତ ଜଣାଇବାକୁ ଥିବା ସମସ୍ତଙ୍କୁ ନମସ୍କାର କରି ପ୍ରଚାର ଗାଡ଼ିକୁ ଚଢ଼ିଥିଲେ। ଏହି ସମୟରେ କେବଳ ଅପରାଜିତା ଏବଂ ମନମୋହନ ତାଙ୍କ ସାଙ୍ଗରେ ପ୍ରଚାର ଗାଡ଼ିକୁ ଯାଇଥିବା ବେଳେ ଅନ୍ୟମାନଙ୍କୁ ସୁରକ୍ଷା କର୍ମୀମାନେ ଅଟକାଇ ଦେଇଥିଲେ। ଏହାପରେ ମୋଦି ପଦ୍ମ ଚିହ୍ନ ଦେଖାଇ ରୋଡ୍ ଶୋ ଆରମ୍ଭ କରିଥିଲେ। ଏହି ସମୟରେ ମୋଦିଙ୍କ ଫଟୋଚିତ୍ର ଧରି ଠିଆ ହେଇଥିବା ଜଣଙ୍କୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟକରି ତାଙ୍କ ହାତରେ ଥିବା ଉପହାର ଗ୍ରହଣକରି ନେବାକୁ ତାଙ୍କ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ଶାଢ଼ି ପରିଧାନ କରିଥିବା ଯୁବତୀମାନେ ଆଗରେ ମୋଦି ମୋଦି ନାରା ଦେଇ ଚାଲି ଚାଲି ଯାଇଥିବା ବେଳେ ପ୍ରଚାର ଗାଡି ସେମାନଙ୍କ ପଛେ ପଛେ ଯାଇଥିଲା। ପ୍ରାୟ ଘଣ୍ଟାଏ ଧରି ଚାଲିଯିବା ଏହି ରୋଡ୍ ଶୋ ଦେଖିବାକୁ ଲକ୍ଷାଧିକ ଲୋକ ରାସ୍ତାକଡ଼ରେ ଅପେକ୍ଷା କରି ରହିଥିଲେ। ରୋଡ୍ ଶୋ ଶେଷ କରିବା ପରେ ମୋଦି ବାଣୀବିହାରଠାରୁ ସିଧାସଳଖ ରାଜଭବନ ଅଭିମୁଖେ ଗସ୍ତକରି ରାତି ପ୍ରାୟ ୯ଟା ୫୩ ମିନିଟ୍ ସମୟରେ ସେଠାରେ ପହଞ୍ଚିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ମାଷ୍ଟରକ୍ୟାଣ୍ଟିନଠାରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ମଟର ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଏହାସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଥିଲା। ଦିନ ତମାମ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଭାଜପା ନେତାମାନେ ନିଜ ନିଜର କର୍ମୀଙ୍କୁ ଗାଡ଼ି ଯୋଗେ ଆଣିଥିଲେ। ବିଭିନ୍ନ ସ୍ଥାନରେ ଗାଡ଼ି ପାର୍କିଂ କରାଯିବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। କର୍ମୀମାନେ ଗାଡ଼ିରୁ ଓହ୍ଲାଇବା ପରେ ଭାଜପା କାର୍ଯ୍ୟାଳୟଠାରୁ ବାଣୀବିହାର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖେଳାଇ ହୋଇ ମୋଦିଙ୍କ ଗସ୍ତକୁ ଅପେକ୍ଷାକରି ରହିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ଲାଗି ଲୋକମାନେ ଦୀର୍ଘ ସମୟ ଧରି ଅପେକ୍ଷାକରି ରହିଥିବା ବେଳେ ମାଷ୍ଟରକ୍ୟାଣ୍ଟିନଠାରୁ ବାଣୀବିହାର ପର୍ଯ୍ୟନ୍ତ ଥିବା ପ୍ରାୟ ଦୋକାନ ବଜାର ବନ୍ଦ ରହିଥିବା ମଧ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରିଯାପନ କରିବା ସହ ଶନିବାର ୩ଟି ସ୍ଥାନରେ ହେବାକୁ ଥିବା ଜନସଭାକୁ ସମ୍ବୋଧନ କରିବେ। ସକାଳ ୯ଟା୩୦ରେ କନ୍ଧମାଳ ଲୋକ ସଭା ନିର୍ବାଚନମଣ୍ଡଳୀର ଫୁଲବାଣୀ ଷ୍ଟାଡିୟମଠାରେ ଏକ ଜନସଭାରେ ଯୋଗଦେବେ। ଏହାପରେ ୧୧ଟା ୩୦ ମିନିଟ୍‌ରେ ବଲାଙ୍ଗୀର ଏବଂ ୧ଟା ୩୦ରେ ବରଗଡ଼ ଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ମୋଦି ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ବିରୋଧ ସତ୍ତ୍ୱେ ...
କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ଆବାହକଙ୍କୁ ଜୁଲାଇ ପର୍ଯ୍ୟନ୍ତ ଜାମିନ ପ୍ରଦାନ ଲାଗି ତାଙ୍କ ଲିଗାଲ ଟିମ୍ ପକ୍ଷରୁ ଆବେଦନ କରାଯାଇଥିଲା। ଜାମିନ ଅବଧି ବଢ଼ାଇବା ସମ୍ପର୍କରେ ପରବର୍ତ୍ତୀ ସପ୍ତାହରେ ଶୁଣାଣି ହେବ ବୋଲି ଖଣ୍ଡପୀଠ କହିଛନ୍ତି।

କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ମିଳିଥିବାରୁ ବିରୋଧୀ ନେତାମାନେ ଏହାକୁ ସ୍ୱାଗତ କରିଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ଏବେ ଆହୁରି ଜୋର୍‌ଦାର ହେବ ବୋଲି ସେମାନେ କହିଛନ୍ତି। କେଜ୍‌ରିୱାଲଙ୍କୁ ଜାମିନ ମିଳିବା କୌଣସି ଚମତ୍କାରୀଠାରୁ କମ୍ ନୁହେଁ ବୋଲି ଆପ୍ ନେତା ସୌରଭ ଭରଦ୍ୱାଜ କହିଛନ୍ତି। ଦୁର୍ନୀତି ମାମଲାରେ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ମଧ୍ୟ ଉପଯୁକ୍ତ ନ୍ୟାୟ ମିଳିବ ବୋଲି କଂଗ୍ରେସ ନେତା ପୱନ ଖେରା ଆଶାବ୍ୟକ୍ତ କରିଛନ୍ତି। ଜୁନ୍ ୪ ପରେ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ହୋଇଯିବେ ଏବଂ ସାବରମତୀ ଆଶ୍ରମରେ ବସି ଆତ୍ମସମୀକ୍ଷା ପାଇଁ ତାଙ୍କୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ଖେରା କହିଛନ୍ତି। କେଜ୍‌ରିୱାଲଙ୍କୁ ଜାମିନ ମିଳିଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖୁସି ବ୍ୟକ୍ତ କରିଛନ୍ତି। ନିର୍ବାଚନ ଲଢ଼େଇରେ ଏହା ସହାୟକ ହେବ ବୋଲି ଟିଏମ୍‌ସି ଅଧକ୍ଷ କହିଛନ୍ତି। ସେହିପରି ଏନ୍‌ସିପି (ଏସ୍‌ପି) ନେତା ଶରଦ ପାୱାର କେଜ୍‌ରିୱାଲଙ୍କ ଜାମିନକୁ ସ୍ୱାଗତ କରିଛନ୍ତି। ଭାରତ ଗଣତନ୍ତ୍ରର ନିରନ୍ତର ତଲାସରେ ରହିଥିବା ପାୱାର କହିଛନ୍ତି। ଅନ୍ତରୀଣ ଜାମିନ କେଜ୍‌ରିୱାଲଙ୍କ ପାଇଁ ଏକ ବଡ଼ ବିଜୟ ବୋଲି ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି। ଏକଚ୍ଛତ୍ରବାଦ ଶାସନ ବିରୋଧରେ କେଜ୍‌ରିୱାଲଙ୍କୁ ନ୍ୟାୟ ମିଳିଥିବା ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍‌ରେ କହିବା ସହ ଏହା ପରିବର୍ତ୍ତନ ପବନର ସଙ୍କେତ ବୋଲି ମତ ଦେଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ଜୋର୍‌ଦାର ହେବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି।

## ଚିଟ୍‌ଫଣ୍ଡ ଅଫିସରେ ...
ନୁହେଁ, ସିଲ୍ ଥିବା ଏହି କୋଠାରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହା ଘଟିଥିବା କୁହାଯାଉଛି। ୨୦୧୩ରେ ଅଫିସ ସିଲ୍ ବେଳେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା, ଦ୍ୱିତୀୟ ଥର ଏହି କୋଠାକୁ ବିଦ୍ୟୁତ୍ ସଂଯୋଗ କିଏ ଓ କାହିଁକି କଲା ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟାଳୟ ଭିତରେ ଚିଟ୍‌ଫଣ୍ଡ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମହଜୁଦ ଥିବାରୁ ପ୍ରମାଣ ନଷ୍ଟ ପାଇଁ କେହି ଜାଣିଶୁଣି ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି।




# ଲୋକ ସଭା ୪୦, ବିଧାନସଭା ପାଇଁ ୨୬୫ ପ୍ରାର୍ଥୀ

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ଭୁବନେଶ୍ୱର,୧୦।୫(ଅନିଲ ଦାସ)

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ସଂସଦୀୟ ଆସନ ଓ ଏହା ଅଧୀନରେ ଥିବା ୩୫ଟି ବିଧାନସଭା ଆସନ ପାଇଁ ମେ' ୨୦ ତାରିଖରେ ଭୋଟ ଗ୍ରହଣ କରାଯିବ।

ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ୫ଟି ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ମୋଟ ୪୦ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ମୋଟ ୪୧ ଜଣ ଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବରଗଡ଼ ୭, ସୁନ୍ଦରଗଡ଼ ୮, କନ୍ଧମାଳ ୮ ଏବଂ ଆସ୍କାରେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ସେହିପରି ୩୫ଟି ବିଧାନସଭା କ୍ଷେତ୍ରରେ ୨୬୫ ଜଣ ପ୍ରାର୍ଥୀ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇଛନ୍ତି। ଦାଖଲ ହୋଇଥିବା ମୋଟ ୨୯୮ଟି ପ୍ରାର୍ଥୀପତ୍ର ମଧ୍ୟରୁ ୨୩ଟି ନାକଚ ହୋଇଯାଇଥିଲା। ଯାଞ୍ଚ ପରେ ମୋଟ ୨୭୫ଟି ନାମାଙ୍କନପତ୍ର କାଏମ ରହିଥିଲା। ସେଥିମଧ୍ୟରୁ ୧୦ ଜଣ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ରାଉରକେଲା ୧୧, ବଣାଇ ୧୦, କଣ୍ଟାବାଞ୍ଜି ୧୧, କବିସୂର୍ଯ୍ୟନଗର ୧୦, ହିଞ୍ଜିଳିରେ ସର୍ବାଧିକ ୧୦ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ଖଲିକୋଟରେ ସର୍ବନିମ୍ନ ୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମୋଟ ୭୯ ଲକ୍ଷ ୬୨ ହଜାର ୧୪୮ ଜଣ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୩୯ ଲକ୍ଷ ୩୧ ହଜାର ୧୫ ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୪୦ ଲକ୍ଷ ୩୦ ହଜାର ୨୮୩। ସେହିପରି ଏହି ପର୍ଯ୍ୟାୟରେ ୮୫୦ କିନ୍ନର ମତଦାତା ଥିବାବେଳେ ୧୮ରୁ ୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୧୧ ହଜାର ୯୨, ୨୦ରୁ ୨୯ ବର୍ଷ ମଧ୍ୟରେ ୧୬ ଲକ୍ଷ ୯୫ ହଜାର ୧୭୯ ଜଣ ଭୋଟର ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୯,୧୪୮ ବୁଥ୍‌ରେ ମତଦାନ ପାଇଁ ବ୍ୟବସ୍ଥା କରାଯାଇଛି। ବରଗଡ଼ ଲୋକ ସଭା କ୍ଷେତ୍ରରେ ମତଦାନ ପାଇଁ ମୋଟ ୧୯୧୨ଟି ବୁଥ୍ କରାଯାଇଥିବା ବେଳେ ସୁନ୍ଦରଗଡ଼ ୧୮୪୨, ବଲାଙ୍ଗୀର ୨୧୩୪, କନ୍ଧମାଳ ୧୫୬୪ ଏବଂ ଆସ୍କା ନିର୍ବାଚନମଣ୍ଡଳୀ ପାଇଁ ୧୬୯୧ଟି ବୁଥ୍‌ରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୟୁଜିସି-ଏନ୍‌ଇଟି ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୦।୫ (ଅସମାପିକା ସାହୁ)

ଆସନ୍ତା ମାସ ୧୮ତାରିଖରେ ୟୁଜିସି-ଏନ୍‌ଇଟି ଅନୁଷ୍ଠିତ ହେବ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଅବଧିକୁ ଆଉ ୫ଦିନ ବୃଦ୍ଧି କରାଯାଇଛି। ଏ ନେଇ ଶୁକ୍ରବାର ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି। ଆବେଦନର ଶେଷ ଦିନ ୧୦ ତାରିଖ ରହିଥିଲା। କିନ୍ତୁ ବିଭିନ୍ନ ସ୍ଥାନରୁ ଛାତ୍ର ପ୍ରତିନିଧିମାନେ ଆବେଦନ ତାରିଖ ବଢ଼ାଇବା ପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ ଆବେଦନକୁ ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

# ବର୍ଷା ମାମଲାରେ କୋର୍ଟକୁ ଆସିଲେନି ଅନୁଭବ

**ସହଯୋଗୀଙ୍କ ସହ ସୋମବାର ହାଜର ହେବେ**

କଟକ,୧୦।୫(କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ନେଇ ରୁଜୁ ମାମଲାରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଶୁକ୍ରବାର କୋର୍ଟ ଆସିଲେ ନାହିଁ। ଚାର୍ଜଫ୍ରେମ୍ ପାଇଁ ଶୁକ୍ରବାର କଟକ ଜେଏମ୍‌ଏଫ୍‌ସି ସ୍ୱତନ୍ତ୍ର କୋର୍ଟରେ ଅନୁଭବ ଓ ତାଙ୍କ ଦୁଇ ସହଯୋଗୀ ହାଜର ହେବାକୁ ନିର୍ଦ୍ଦେଶ ଥିଲା। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ଓକିଲଙ୍କ ଜରିଆରେ କୋର୍ଟଙ୍କୁ ସମୟ ମାଗିଥିଲେ। ଅନୁଭବଙ୍କ ଆବେଦନକୁ କୋର୍ଟ ଗ୍ରହଣକରି ସମୟ ଦେଇଛନ୍ତି। ଅନୁଭବ ଓ ତାଙ୍କ ସହଯୋଗୀ ଆସନ୍ତା ସୋମବାର କୋର୍ଟରେ ହାଜର ହେବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ବର୍ଷାଙ୍କୁ ଅନୁଭବ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଏ ନେଇ ସେ ୨୦୨୦ରେ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଏପରିକି ଉକ୍ତ ଘଟଣାରେ ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ ଦାଏର କରିଥିଲେ। ବର୍ଷାଙ୍କ ପକ୍ଷରୁ ରୁଜୁ ନିର୍ଯାତନା ଅଭିଯୋଗ ମାମଲାର କୌଣସି ଆଧାର ନାହିଁ। ଏହାକୁ ରଦ୍ଦ କରାଯାଉ ବୋଲି ଅନୁଭବଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଥିଲା। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ ମହାନ୍ତି କରିଥିବା ଆବେଦନକୁ ବୁଧବାର ଖାରଜ କରିବା ସହ ଚାର୍ଜଫ୍ରେମ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଫସଲକ୍ଷତିର କ୍ଷୟକ୍ଷତି ଆକଳନ

ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଅଞ୍ଚଳରେ ଗୁରୁବାର ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ ତୋଫାନ ଓ କୁଆପଥର ବୃଷ୍ଟି ହୋଇଥିଲା। ଏଥିରେ ବିଭିନ୍ନ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଏ ନେଇ ଚାଷୀମାନେ ଅଭିଯୋଗ କରିବା ପରେ ଶୁକ୍ରବାର ଭଟଲି ତହସିଲଦାର ଜି, ରଶ୍ମିରେଖାଙ୍କ ନିର୍ଦ୍ଦେଶକ୍ରମେ ଭଟଲି ରାଜସ୍ୱ ନିରୀକ୍ଷକ ମନୋରଞ୍ଜନ ଲୁହା, ଭଟଲି କୃଷି ଅଧିକାରୀ ସୀତା ତାଣ୍ଡି, ଗ୍ରାମ୍ୟ କୃଷି କର୍ମଚାରୀ ଅଞ୍ଜନା ପଟେଲ, ଶିବାନୀ ଓରାମ ପ୍ରମୁଖ ଭଟଲି, କେଶାଇପାଲି, ଚଡେଇ ଗାଁ ଓ ସୁକୁଡ଼ା ପଞ୍ଚାୟତର ବିଭିନ୍ନ କୃଷିକ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ସେମାନେ ଚାଷୀମାନଙ୍କ ସହିତ ଆଲୋଚନା କରି କ୍ଷୟକ୍ଷତିର ଆକଳନ କରିଥିଲେ। ଭଟଲି, ଗୋପାଳପୁର, କେଶାଇପାଲି, କୁସନପୁରୀ ଓ ଡବଲଙ୍ଗ ଆଦିଗ୍ରାମରେ ଫସଲ କ୍ଷତି ହୋଇଥିବା ଜଣାପଡ଼ିଛି।

# ଦଧିବାମନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ନିର୍ମାଣ ଅନୁକୂଳ



ରଥ ନିର୍ମାଣର ଅନୁକୂଳ ବେଳେ ଉପସ୍ଥିତ ଭକ୍ତବୃନ୍ଦ।

ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)

ପବିତ୍ର ଅକ୍ଷୟ ତୃତୀୟା ଦିବସରେ ବରଗଡ଼ ଜିଲା ଭଟଲି ଦଧିବାମନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ନିର୍ମାଣର ଶୁଭ ଅନୁକୂଳ ପୂଜା ପରମ୍ପରାକ୍ରମେ ହୋଇଆସୁଛି। ଏହି କ୍ରମରେ ଶୁକ୍ରବାର ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ନିର୍ମାଣର ଶୁଭଅନୁକୂଳ ପୂଜା ହୋଇଥିଲା। ମହାପ୍ରଭୁଙ୍କୁ ଧୂପ,ଦୀପ,ଆରତୀ ଦେଇ ପୂଜାର୍ଚ୍ଚନା କରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ରଥ ଅନୁକୂଳ ପୂଜା ହୋଇଥିଲା। ଏହି ପୂଜାରେ ରଥ ନିର୍ମାଣର ମୁଖ୍ୟ ମହାରଣା ଗୋପୀନାଥ ସାହୁ ସମେତ ଚନ୍ଦ୍ରଶେଖର ସାହୁ, ଅନ୍ତର୍ଯ୍ୟାମୀ ପଧାନ, ଅଧିକାରୀ ସାହୁଙ୍କୁ ବରଣ କରାଯାଇଥିଲା। ପଣ୍ଡିତ ଗୌରଚନ୍ଦ୍ର ରଥ, ଲଳିତ ରଥ ଓ ରୋହିତ ରଥ ପୂଜା ଅର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ଗ୍ରାମର ଗୌନ୍ତିଆ ସରୋଜ ସାହୁ କର୍ତ୍ତାକାର୍ଯ୍ୟ ତୁଲାଇଥିଲେ। ରଥ ନିର୍ମାଣରେ ବ୍ୟବହାର ହେଉଥିବା କୁରାଢ଼ି, ବାରେଶ, ବିନ୍ଧଣ, ହାତୁଡ଼ି, କରତ ଆଦି ରଥ ତିଆରି ରେ ବ୍ୟବହୃତ ହେଉଥିବା ସାମଗ୍ରୀ ଗୁଡିକ ଓ ବିଘ୍ନବିନାଶକ ଗଣେଶଙ୍କୁ ପୂଜା କରାଯାଇଥିଲା। ଏଥିରେ ଟ୍ରଷ୍ଟବୋର୍ଡ ସଦସ୍ୟ ଚତୁର୍ଭୁଜ ସାହୁ, ନାରାୟଣ ସାହୁ, ଭିକାରୀ ମେହେର ସହିତ ଦୁର୍ବାଦଳ ନାୟକଙ୍କ ସମେତ ଗ୍ରାମର ବହୁ ମହିଳା ଭକ୍ତମାନେ ମଧ୍ୟ ଉପସ୍ଥିତ ଥିଲେ।

**ଗଙ୍ଗାଧର ମେହେର ମାନକବୃଦ୍ଧି ଯୋଜନା**

# ସ୍କୁଲ ବ୍ୟାଗ୍ କିଣାରେ ୯.୩୪ କୋଟିର ୟୁସି ବାକି

**ତୁରନ୍ତ ୟୁସି ଦାଖଲ କରିବାକୁ ଡିଇଓମାନଙ୍କୁ ନିର୍ଦ୍ଦେଶ**

ଯାଜପୁର,୧୦।୫(ହର୍ଷବର୍ଦ୍ଧନ ବେହେରା)

ପିଲାମାନେ ସ୍କୁଲ ଯାଇ ପାଠ ପଢ଼ିବାର ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ରାଜ୍ୟ ସରକାର କେତେକ ଯୋଜନା କରିଛନ୍ତି। ସେଥିମଧ୍ୟରେ ୨୦୨୧-୨୨ ବର୍ଷରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କ ପାଇଁ ଗଙ୍ଗାଧର ମେହେର ମାନକବୃଦ୍ଧି ଯୋଜନାରେ ସ୍କୁଲ ବ୍ୟାଗ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ୩୦ ଜିଲାକୁ ୧୩ କୋଟି ୩୯ ଲକ୍ଷ ୯୩ ହଜାର ୫୬୯ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ମାତ୍ର ୪ କୋଟି ୫ ଲକ୍ଷ ୩୮ ହଜାର ୧୦୧ ଟଙ୍କା ବିନିଯୋଗ ପତ୍ର(ୟୁସି) ଦାଖଲ ହୋଇଥିବାବେଳେ ୯ କୋଟି ୩୪ ଲକ୍ଷ ୫୫ ହଜାର ୪୬୭ ଟଙ୍କାର ହିସାବ ଏଯାଏ ମିଳି ପାରିନାହିଁ। ଅନୁଗୋଳ, ବାଲେଶ୍ୱର, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ (ଡିଇଓ) ସମସ୍ତ ୟୁସି ଦାଖଲ କରିଥିବାବେଳେ ବାକି ୨୬ ଜିଲାରେ ତାହା ହୋଇନାହିଁ। ଏଥିମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୧ କୋଟି ୧୫ ଲକ୍ଷ ୩୨ ହଜାର ୯୭୪ ଟଙ୍କାର ୟୁସି ଦାଖଲ ହୋଇପାରିନାହିଁ। ଏହାବାଦ ବଲାଙ୍ଗୀର, କଟକ, ଯାଜପୁର, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୟୁସି ଦାଖଲ ବାକି ରହିଛି। ଏଥିରୁ ଅନୁଦାନରେ ବ୍ୟାପକ ହେରଫେର ହୋଇଥିବା ସନ୍ଦେହ କରାଯାଇଛି। ତେଣୁ ଯଥାଶୀଘ୍ର ୟୁସି ଦାଖଲ କରିବା ସହ ଖର୍ଚ୍ଚ ହୋଇ ନ ଥିବା ଅର୍ଥ ସୁଧ ସହ ଦାଖଲ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ଏଭଳି ଏକାଧିକ କାର୍ଯ୍ୟକ୍ରମର ଅନୁଦାନ ଠିକ ଭାବେ ବିନିଯୋଗ ହୋଇ ପାରୁ ନ ଥିବାରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହେଉଥିବା ଆଲୋଚନା ହେଉଛି। ଉପରୋକ୍ତ ଅର୍ଥର ବିନିଯୋଗ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ସାମ୍ନାକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।



ପୁରୀ: ପବିତ୍ର ଅକ୍ଷୟ ତୃତୀୟାରେ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଶ୍ରୋତ୍ରିୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରି ରଥକାଠ ଅନୁକୂଳ କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଗର୍ଭବତୀଙ୍କୁ ୪ କି.ମି. ଚଲାଇନେଲେ

ଭବାନୀପାଟଣା,୧୦।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ପୁଣି ଜନନୀ ଯନ୍ତ୍ରଣାର ଏକ ଚିତ୍ର ସାମ୍ନାକୁ ଆସିଛି। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ୪ କି.ମି. ଚାଲି ଚାଲି ଡାକ୍ତରଖାନା ଗଲେ ଗର୍ଭବତୀ ମହିଳା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭବାନୀପାଟଣା ସଦର ବ୍ଲକ ଚାଙ୍ଗେର ପଞ୍ଚାୟତ ପୋରଡଙ୍ଗଗୁଡ଼ା ଗ୍ରାମରେ।

ଗାଁର ଲିବ୍ରି ମାଝିଙ୍କ ସ୍ତ୍ରୀ ମାଣ୍ଡେ ମାଝିଙ୍କ ଶୁକ୍ରବାର ସକାଳୁ ଗର୍ଭ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ବାହାରିଥିଲେ। ଏହି ସମୟରେ ସେମାନେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ଗାଁକୁ ଯିବା ପାଇଁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଅଧାବାଟ ଗୁଡାଙ୍ଗ ପର୍ଯ୍ୟନ୍ତ ଆସି ଅଟକି ରହିଥିଲା। ଫଳରେ ଅନ୍ୟ କିଛି ଉପାୟ ନ ଥିବାରୁ ପରିବାର ଲୋକେ ମାଣ୍ଡେଙ୍କୁ ଚଲାଇ ଚଲାଇ ୪ କି.ମି. ଗୁଡାଙ୍ଗ ପର୍ଯ୍ୟନ୍ତ ଆଣିଥିଲେ। ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।



ଗର୍ଭବତୀଙ୍କୁ ଚଲାଇ ଚଲାଇ ନେଉଛନ୍ତି ପରିବାର ଲୋକେ।

ମଧ୍ୟାହ୍ନରେ ମାଣ୍ଡେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ଜଣେ ଗର୍ଭବତୀଙ୍କୁ ୪ କି.ମି. ରାସ୍ତା ଚଲାଇନେବା ଘଟଣା ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ସୂଚନାଯୋଗ୍ୟ ଗତ ଫେବୃଆରୀରେ ଜୁନାଗଡ଼ ବ୍ଲକ ଦାସିଗାଁ ପଞ୍ଚାୟତର କିଞ୍ଜିକିନା ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ଏଠାକାର ରାଇମତି ମାଝି ନାମ୍ନୀ ମହିଳାଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଅଧାବାଟରେ ଅଟକି ରହିଥିଲା। ଫଳରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହିଳାଙ୍କୁ ୨ କି.ମି. ଖଟିଆରେ ବୋହି ଆଣୁଥିବା ସମୟରେ ବାଟରେ ପ୍ରସବ ହୋଇଥିଲା।



“ଦୈହିକ ଅମରତ୍ୱ ଲାଭ କରିବାର ଏକ ଉପାୟ ଅଛି। ଯଦିବା ମୃତ୍ୟୁ ହୁଏ- ତେବେ ତାହା ହେବ ମୋର ଇଚ୍ଛାମୃତ୍ୟୁ। ପ୍ରକୃତିର ବାଧ୍ୟତାରେ ନୁହେଁ। କିନ୍ତୁ ଭାବଦେଖ ! କିଏ ଭଲା। ଗୋଟିଏ କୁର୍ତ୍ତା ଶହେବର୍ଷ ଧରି ପିନ୍ଧିଚାଲିଥିବ ? କିମ୍ବା କିଏ ଭଲା ଶହେ ବର୍ଷ ଯାଏ ଗୋଟିଏ ମାତ୍ର ସଂକୀର୍ଣ୍ଣ ପରିବର୍ତ୍ତନହୀନ କୋଠରି ମଧ୍ୟରେ ସୁଦୀର୍ଘ ଶାଶ୍ୱତ କାଳ ଧରି ବସବାସ କରିପାରିବ ? –ଶ୍ରୀଅରବିନ୍ଦ

# ପ୍ରତିଭା ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏସ୍.କେ.ଜି. ରାହାତେ ଅବସର ନେବା ପରେ ବରିଷ୍ଠ ଏଜିଏମ୍‌ୟୁଟି କ୍ୟାଡର ଆଇଏଏସ୍ ଅଧିକାରୀ ରାଜକୁମାର ଗୋୟଲଙ୍କୁ ନ୍ୟାୟ ସଚିବ ଭାବରେ ସାମୟିକ ଦାୟିତ୍ୱ ଦିଆଯାଇଛି। ଏଭଳି ପଦକ୍ଷେପ ପ୍ରଶାସନିକ ଆବଶ୍ୟକତା ପୂରଣ କରିବାର ଦକ୍ଷତା ବଜାୟ ରଖିବାରେ ମୋଦି ସରକାରଙ୍କ ସଂଗ୍ରାମକୁ ସୂଚିତକରେ। ଅବଶ୍ୟ ଏହା ବର୍ତ୍ତମାନ ଚାଲିଥିବା ଲୋକ ସଭା ନିର୍ବାଚନକୁ ନେଇ ସରକାରଙ୍କ ବ୍ୟସ୍ତତା ହେତୁ ହୋଇଥାଇପାରେ, କିନ୍ତୁ ପ୍ରମୁଖ ପଦବୀ ପାଇଁ ଯୋଗ୍ୟ ଉତ୍ତରାଧିକାରୀ ପାଇବା ଲାଗି ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଦର୍ଶାଉଛି। ଗୋୟଲଙ୍କ ନିଯୁକ୍ତି ଏକ ସାମୟିକ ସମାଧାନ ହୋଇପାରେ, କିନ୍ତୁ ଏହା ଏହିପରି ବ୍ୟବସ୍ଥାର ଦୀର୍ଘମିଆଦୀ ସ୍ଥିରତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରେ। ପ୍ରତିଭାର ଅଭାବ ହେତୁ ଏଭଳି ଘଟୁଛି ବୋଲି ଅନେକ ପର୍ଯ୍ୟବେକ୍ଷକ ଦର୍ଶାଇଛନ୍ତି। ବାହାର କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ଆଣି ସରକାରରେ ନିଯୁକ୍ତ କରିବା (ଲାଟେରାଲ ଏଣ୍ଟ୍ରି) ଏବଂ ଏକ ସାମଗ୍ରିକ କର୍ମଚାରୀ ସମୀକ୍ଷା ପ୍ରକ୍ରିୟା ଭଳି ପ୍ରମୁଖ ସଂସ୍କାର ଅଣାଯାଇଛି। ବର୍ତ୍ତମାନ ମୋଦି ଲାଟେରାଲ ଏଣ୍ଟ୍ରି ପାଇଁ ନୂତନ ପଦକ୍ଷେପ ନେଇ ବିଶେଷଜ୍ଞଙ୍କୁ ଚୟନକରି ସରକାରୀ ବିଭାଗର ଶୀର୍ଷ ପଦବୀରେ ନିଯୁକ୍ତ ଦେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଅମଲାତନ୍ତ୍ରରେ ପ୍ରତିଭା ଅଭାବ ପଛରେ ରହିଥିବା କାରଣଗୁଡ଼ିକର ସମାଧାନ କରିବା ଏକାନ୍ତ ଆବଶ୍ୟକ । କୌତୂହଳର ବିଷୟ, ପରବର୍ତ୍ତୀ ସରକାର ଗଠନ ହେବା ପରେ ନ୍ୟାୟିକ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଦିଗକୁ ପରିବର୍ତ୍ତନ କରିବାକୁ ସରକାର ଆଗ୍ରହୀ ଥିବାର ସୂଚନା ମିଳିଛି।

### ଅଧିକାରୀଙ୍କୁ ନ୍ୟାୟ

ଛତିଶଗଡ଼ର ଆଇପିଏସ୍ ଅଧିକାରୀ ଗୁରୁଜିନ୍ଦର ପାଲ ସିଂ ରାଜ୍ୟ ସରକାରରେ କ୍ଷମତାଶାଳୀ ତଥା ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀଙ୍କ ସହ କାମ କରିବା ଲାଗି ଅନିଚ୍ଛୁକ ହେବାରୁ ତାଙ୍କ ବିରୋଧରେ ୨୦୨୧ରେ ତିନୋଟି ଏଫ୍‌ଆଇଆର୍ ଦାୟର ହୋଇଥିଲା। ସିଂ ବର୍ତ୍ତମାନ କାର୍ଯ୍ୟକୁ ଫେରିବା ପାଇଁ ସବୁଜ ସଙ୍କେତ ପାଇଛନ୍ତି। ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି ବା କ୍ୟାଟ୍) ୪ ସପ୍ତାହ ମଧ୍ୟରେ ତାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ରେ ସିଂ ଜଟିଳ ପରିସ୍ଥିତିରେ ପଡ଼ିଥିଲେ ଓ ତାଙ୍କ ବିରୋଧରେ ଦାୟର ହୋଇଥିବା ୩ଟି ଏଫ୍‌ଆଇଆର୍(ଗୋଟିଏ ଦୁର୍ନୀତି ପାଇଁ, ଗୋଟିଏ ଦେଶଦ୍ରୋହ ପାଇଁ ଏବଂ ଗୋଟିଏ ଧମକ ଦେଇ ଅର୍ଥ ଆଦାୟ କରିବ)କୁ ଦୃଷ୍ଟିରେ ରଖି ତାଙ୍କୁ ନିଲମ୍ବନ କରାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ବିରୋଧରେ ଆସିଥିବା ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ବହୁ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗର ରହସ୍ୟ ଉନ୍ମୋଚନ ପାଇଁ ସିଂ ନେତୃତ୍ୱ ନେଇଥିଲେ। ଯେତେବେଳେ ରମଣ ସିଂଙ୍କ ବିରୋଧରେ କୌଣସି ପ୍ରମାଣ ପାଇଲେ ନାହିଁ, ସେତେବେଳେ ରାଜ୍ୟ ସରକାର ପ୍ରତିଶୋଧ ପରାୟଣ ହୋଇ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଦାୟର କରିଥିଲେ। ତେବେ ସିଏଟି ଆଦେଶରେ ଦର୍ଶାଯାଇଛି ଯେ, ସିଂଙ୍କ ଆବେଦନରେ ଏକ ବିଷୟ ଥିଲା ଯେଉଁଥିରେ ତାଙ୍କୁ ଆପରାଧିକ ମାମଲାରେ ପକାଇବା ଲାଗି ତଦନ୍ତକାରୀ ଅଧିକାରୀ ବେଆଇନ ଭାବେ ୨ କି.ଗ୍ରା. ସୁନା ଏବଂ ଦେଶଦ୍ରୋହୀ ବିଷୟକୁ ଦର୍ଶାଇଥିଲେ। ଆଶା କରାଯାଏ, ସିଂ ବର୍ତ୍ତମାନ ତାଙ୍କ ଖରାପ ଅନୁଭବକୁ ଭୁଲିଯିବା ସହ ସେ ଚାହୁଁଥିବା ନ୍ୟାୟ ପାଇପାରିବେ।

### ଖେମ୍‌କାଙ୍କ ବିରୋଧରେ ଅଭିଯୋଗ

ଏବେ ହରିୟାଣାରେ ଭଦ୍ରା-ଡିଏଲ୍‌ଏଫ୍ ଜମି କିଣାବିକା ଘଟଣା ଭିନ୍ନ ମୋଡ଼ ନେଇଛି। ବରିଷ୍ଠ ଆଇଏଏସ୍ ଅଧିକାରୀ ସଞ୍ଜୀବ ବର୍ମା ବିଶିଷ୍ଟ ହୁଇସିଲ ବ୍ଲୋୟର ଏବଂ ସହକର୍ମୀ ଅଶୋକ ଖେମ୍‌କାଙ୍କ ବିରୋଧରେ ଶୃଙ୍ଖଳାଗତ ତଥା ଆପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଟି.ଭି.ଏସ୍.ଏନ୍. ପ୍ରସାଦଙ୍କ ପାଖରେ ଲିଖିତ ଅଭିଯୋଗ କରିବା ପରେ ଚାପା ଉତ୍ତେଜନା ପ୍ରକଶ ପାଇଛି। ଖେମ୍‌କା ଦୁର୍ନୀତି ବିରୋଧରେ ତାଙ୍କର ନିର୍ଭୀକ ଆଭିମୁଖ୍ୟ ପାଇଁ ଜଣାଶୁଣା। ଖେମ୍‌କା ବିବାଦୀୟ ଜମି କିଣାବିକାରେ ତଦନ୍ତର ମନ୍ଥର ଗତି ଉପରେ ମଧ୍ୟ ପ୍ରଶ୍ନ କରିଥିଲେ। ୨୦୧୨ରେ ଭଦ୍ରା-ଡିଏଲ୍‌ଏଫ୍ ଜମି କିଣାବିକା ପରିଚାଳନାରେ ସ୍ୱଚ୍ଛତା ଏବଂ ନ୍ୟାୟ ପ୍ରତି ଖେମ୍‌କାଙ୍କର ପ୍ରତିବଦ୍ଧତା ହିଁ ଏଭଳି ଅଭିଯୋଗର ମୂଳ କାରଣ। ଏକ ହାଇ ପ୍ରୋଫାଇଲ ଜମି କିଣାବିକାର ମ୍ୟୁଟେଶନକୁ ରଦ୍ଦ କରିବା ନିଷ୍ପତ୍ତିକୁ ଭିତ୍ତିକରି ଅନେକ ଘଟଣା ସାମ୍ନାକୁ ଅସିଛି , ଯାହା ରାଜ୍ୟର ରାଜନୈତିକ ଏବଂ ବାବୁ ପରିସର ମଧ୍ୟରେ ପୁନର୍ବାର ଗୁଞ୍ଜରଣ ସୃଷ୍ଟି କରିଛି। କୌତୂହଳର ବିଷୟ ହେଉଛି, ଉଭୟ ଆଇଏଏସ୍ ଅଧିକାରୀ ବର୍ମା ଏବଂ ଖେମ୍‌କାଙ୍କ ମଧ୍ୟରେ ତଥାକଥିତ ରାଜ୍ୟ ଗୋଦାମ ନିଗମ ନିଯୁକ୍ତିରେ ଅନିୟମିତତାକୁ ନେଇ ବିବାଦ ରହିଆସିଛି। ଏହା ହରିୟାଣାର ବାବୁ ସାମ୍ରାଜ୍ୟରେ କ୍ଷମତା ଲଢ଼େଇକୁ ସୂଚିତ କରିବା ସହ ବୋଧହୁଏ ରାଜ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରତିପାଦିତ କରିଛି। କୌତୂହଳର ବିଷୟ, ଖେମ୍‌କା କେତେଜଣ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ ଜଣେ ଯିଏ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ପାଳନ କରି ସମସ୍ତ ରାଜନୈତିକ ବ୍ୟବସ୍ଥାକୁ ଅସୁବିଧାରେ ପକାଇବାରେ ସଫଳ ହୋଇଛନ୍ତି। ତାଙ୍କର ଅନେକ ଶତ୍ରୁ ଥିଲେ ବି ଏହା ନିଶ୍ଚିତ ଯେ, ସେ କିଛି କରୁଛନ୍ତି!

Email: dilipcherian@gmail.com

# ଅସରନ୍ତି ଯୁଦ୍ଧ-ଚିରନ୍ତନ ଯୁଦ୍ଧଭୂମି



ଦୀପକ କୁମାର ମହାନ୍ତ

ହମାସ୍ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ସମାପ୍ତ ହେବା ପୂର୍ବରୁ ଇରାନ୍‌ର ଇସ୍ରାଏଲ ଉପରେ ଆକ୍ରମଣ ବିଶ୍ୱକୁ ଆତଙ୍କିତ କରିଛି। ସିରିଆର ଡାମାସ୍କସ୍‌ରେ ଇରାନର ବାଣିଜ୍ୟ ଦୂତାବାସ ଆକ୍ରମଣ ପଛରେ ଇସ୍ରାଏଲର ପ୍ରଚ୍ଛନ୍ନ ହାତ ଥିବା ସନ୍ଦେହକରି ଇରାନର ସାନି ଆକ୍ରମଣ ତତ୍କାଳିକ କାରଣ ହୋଇପାରେ। ମାତ୍ର ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଶତ୍ରୁତା, ଷଡ଼ଯନ୍ତ୍ର ଓ ପ୍ରଚ୍ଛନ୍ନ ଯୁଦ୍ଧ ଏକ ସୁଦୀର୍ଘ ଅବଧିର କଳଙ୍କିତ ଇତିହାସ। ଇସ୍ରାଏଲକୁ ସିଧା ଆକ୍ରମଣ ନ କରି ଇରାନ୍ ଅଶୀ ଦଶକରୁ ଲେବାନନ୍‌ରେ ହିଜ୍‌ବୁଲ୍ଲା ଓ ୟେମେନ୍‌ରେ ହୁତି ଆତଙ୍କବାଦୀ ବାହିନୀ ମାଧ୍ୟମରେ ପ୍ରଚ୍ଛଦପଟରେ ରହି ଆକ୍ରମଣ ଜାରି ରଖି ଆସିଛି। ଏହା ପଛରେ ରହିଛି ଅନେକ ଐତିହାସିକ ଓ ଭୂରାଜନୈତିକ କାରଣ। ବାସ୍ତବରେ ଆରବ ରାଷ୍ଟ୍ରଗୁଡ଼ିକ ଇସ୍ରାଏଲର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି ଆସିଛନ୍ତି। ସେମାନଙ୍କ ତର୍କ ହେଲା, ସମଗ୍ର ପାଲେଷ୍ଟାଇନ ଆରବୀୟଙ୍କ ଭୂମି। ଆମେରିକା ଓ ୟୁରୋପୀୟମାନେ ସେଠାରେ ଜବରଦସ୍ତ ଇହୁଦୀଙ୍କୁ ଅବସ୍ଥାପିତ କରି ଇସ୍ରାଏଲ ରାଷ୍ଟ୍ର ସୃଷ୍ଟି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଇସ୍ରାଏଲ ଓ ଆରବ ଦେଶଗୁଡ଼ିକ ମଧ୍ୟରେ ସଂଘଟିତ ହୋଇଛି ଅନେକ ଯୁଦ୍ଧ। ତା’ ହେଲେ କାହାର ଏ ଭୂମି ; କ’ଣ ରହିଛି ଏ ଚିରନ୍ତନ ଯୁଦ୍ଧଭୂମିର ଇତିହାସ ? ଏ ପ୍ରଶ୍ନର ଉତ୍ତର ଖୋଜିବାକୁ ହେଲେ ଇସ୍ରାଏଲ - ପାଲେଷ୍ଟାଇନ୍‌ର ୪ହଜାର ବର୍ଷର ଇତିହାସର ପୃଷ୍ଠା ଓଲଟାଇବାକୁ ପଡ଼ିବ।

ପାଲେଷ୍ଟାଇନ୍/ଇସ୍ରାଏଲ୍‌ର କ୍ରମବଦ୍ଧ ଇତିହାସ ଖ୍ରୀଷ୍ଟପୂର୍ବ ୧୬ଶହ ପାଖରୁହିଁମିଳିଥାଏ। ସେସମୟରେ ଏହି ଭୂଖଣ୍ଡକୁ କନାନ୍‌ଙ୍କ ଭୂମି କୁହାଯାଇଆସୁଥିଲା। ମଧ୍ୟ ଫରାତ୍(ମେସୋପଟାମିଆଁ)ରେ ବାସ କରୁଥିବା ଅମୋରାଇଟ୍ ଓ ଅରେମିୟନ୍ ଜାତିର ଲୋକ, ଖାରି ଓ ମିଟନୀମାନଙ୍କ ଆକ୍ରମଣ କାରଣରୁ ମାତୃଭୂମିରୁ ବିସ୍ଥାପିତ ହୋଇ କନାନିଙ୍କ ଦେଶରେ ପ୍ରବେଶ କରିଥିଲେ। ଲେବାନନ୍‌ର ପଶ୍ଚିମଭାଗରୁ ମିଶର ପର୍ଯ୍ୟନ୍ତ ଭୂଖଣ୍ଡ ମଧ୍ୟରେ ବାସ କରୁଥିବା ସେହି ଅରେମିୟନମାନେ ପରବର୍ତ୍ତୀ ସମୟରେ ‘ଇବ୍ରିମ୍’ ବା ‘ହିବ୍ରୁ’ ଭାବରେ ପରିଚିତ ହେଲେ।

ଇହୁଦୀମାନଙ୍କ ଧର୍ମବିଶ୍ୱାସ ଅନୁଯାୟୀ, ଅରେମିୟନ୍(ହିବ୍ରୁ) ଜାତିର ‘ଅବ୍ରାମ୍’ ନାମକ ବ୍ୟକ୍ତିଙ୍କଠାରେ ଦୈବୀଶକ୍ତି ପ୍ରସ୍ଫୁରଣ ହେଲା ଏବଂ ଈଶ୍ୱର ତାଙ୍କୁ ଆହ୍ୱାନ ଦେଲେ, ‘‘ତୁମେ ତୁମ ଜନ୍ମସ୍ଥାନଠାରୁ ଏବଂ ପିତାଙ୍କ ଘରଠାରୁ ସେହି ଭୂମିକୁ ଚାଲିଯାଅ, ଯେଉଁଠି ମୁଁ ତୁମକୁ ଦେଖାଉଛି।’’ ଏହା ସହ ପରମାତ୍ମାଙ୍କ ଆଦେଶ ଅନୁଯାୟୀ ସେ ନିଜର ନାମ ‘ଅବ୍ରାମ’ରୁ ‘ଅବ୍ରାହମ୍’ କରିଦେଲେ ; ଯାହାର ଅର୍ଥ ହେଉଛି ‘ରାଷ୍ଟ୍ରର ଜନକ’। ସେ ଯେତେବେଳେ ବେବିଲୋନ୍ ରାଜ୍ୟରୁ ବିସ୍ଥାପିତ ହୋଇ ‘କନାନ୍’ରେ ପହଞ୍ଚିଲେ ସେତେବେଳେ ତାଙ୍କୁ ଈଶ୍ୱରଙ୍କ ଦ୍ୱିତୀୟ ପ୍ରତିଶ୍ରୁତି ଶୁଣାଗଲା ; ‘‘ମୁଁ ତୁମ ସନ୍ତାନମାନଙ୍କୁ



ଏହି ଭୂମି ପ୍ରଦାନ କରିବି।’’ ତେଣୁ ହିବ୍ରୁମାନଙ୍କ ମନମସ୍ତିଷ୍କରେ ଏହି ଧାରଣା ବଳବତ୍ତର ହେଲା ଯେ, ସେମାନେ ଈଶ୍ୱରୀୟ ଇଚ୍ଛା ଅନୁଯାୟୀ ଏହି ଭୂମିକୁ ସେମାନଙ୍କ ଧର୍ମଭୂମି କର୍ମଭୂମି ଭାବରେ ବିକଶିତ କରିବେ। ଏହି ଭୂଖଣ୍ଡର ସୀମା ଥିଲା ପୂର୍ବରେ ଫରାତ୍ (ୟୁଫ୍ରେଟିସ୍) ନଦୀଠାରୁ ପଶ୍ଚିମରେ ନୀଳନଦୀ ପର୍ଯ୍ୟନ୍ତ। ଅବ୍ରାହମ୍‌ଙ୍କ ପୁତ୍ର ଥିଲେ ‘ଇଜାକ୍’ ଓ ନାତିଙ୍କ ନାମ ଥିଲା ‘ଜେକବ’ ବା ‘ଇଜରାଏଲ’। ଏହି ଇଜରାଏଲଙ୍କ ଦ୍ୱାରା ହିଁ ଇହୁଦୀ ଜାତିର ଭିତ୍ତିପ୍ରସ୍ତ ସ୍ଥାପିତ ହୋଇଥିଲା। ଇଜରାଏଲଙ୍କଠାରୁ ଜନ୍ମିତ ବାର ପୁତ୍ରଙ୍କ ବଂଶଜମାନେ ପରବର୍ତ୍ତୀ ସମୟରେ ବାରଗୋଟି ଇହୁଦୀ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ। ସେହି ବାରପୁତ୍ରଙ୍କ ମଧ୍ୟରୁ ଜଣେ ଲେଭିଙ୍କ ବଂଶଜ ‘ମୋଜେଜ’ଙ୍କୁ ପରମାତ୍ମାଙ୍କ ଦ୍ୱାରା ଇହୁଦୀ ଧର୍ମର ୧୦ଟି ସାରତତ୍ତ୍ୱ ପ୍ରାପ୍ତ ହୋଇଥିଲା।

ପରମାତ୍ମାଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ତ ହୋଇଥିବା ଏହି କନାନି ଭୂମିରେ ଦୁର୍ଭିକ୍ଷ ପଡ଼ିବାରୁ ବାଧ୍ୟହୋଇ ଇଜ୍‌ରାଏଲ ଓ ତାଙ୍କ ବଂଶଜମାନେ ନୀଳନଦୀ ଉପକୂଳ ମିଶରକୁ ଚାଲିଗଲେ। ଖାଦ୍ୟ ସନ୍ଧାନରେ ମିଶରକୁ ଯିବାବେଳେ ଇଜ୍‌ରାଏଲଙ୍କୁ ପୁଣି ପରମାତ୍ମାଙ୍କ ନିର୍ଦ୍ଦେଶ ଆସିଲା ; ‘‘ଏହି ଭୂମି, ଯେଉଁଠି ତୁମେ ବସବାସ କରୁଛ, ତାହା ମୁଁ ତୁମକୁ ଏବଂ ତୁମ ସନ୍ତାନମାନଙ୍କୁ ଅର୍ପଣ କରିବି। ତୁମ ସନ୍ତାନମାନଙ୍କ ଦ୍ୱାରା ହିଁ ସମଗ୍ର ବିଶ୍ୱ ସମୃଦ୍ଧି ଲାଭ କରିବ ଏବଂ ମୁଁ ସେମାନଙ୍କୁ ପୁନଶ୍ଚ ଏହି ଭୂମିକୁ ଫେରାଇ ଆଣିବି।’’ ମିଶରରେ କିଛି କାଳ ସୁଖଦ ଅବସ୍ଥାନ ପରେ ; ଫେରୋ ରାଜାମାନଙ୍କ ଦ୍ୱାରା ଅକଥନୀୟ ନିର୍ଯାତନାର ଶିକାର ହୋଇ ହିବ୍ରୁମାନେ ପୁନଶ୍ଚ ‘ମୋଜେଜ’ଙ୍କ ନେତୃତ୍ୱରେ ସେମାନଙ୍କ ଈଶ୍ୱର ନିର୍ଦ୍ଦିଷ୍ଟ ‘ପ୍ରତିଶ୍ରୁତିର ଭୂମି’ କନାନ୍‌କୁ ପ୍ରତ୍ୟାବର୍ତ୍ତନ କଲେ। ଇଜ୍‌ରାଏଲୀୟମାନଙ୍କୁ ମିଶରରୁ ଫେରିବା ବାଟରେ ସିନାୟୀ ପାହାଡ଼ ନିକଟରେ ‘ମୋଜେଜ’ଙ୍କ ମାଧ୍ୟମରେ ପରମାତ୍ମାଙ୍କ ଦଶଟି ଆଦେଶ ପ୍ରାପ୍ତ ହୋଇଥିଲା। ମୋଜେଜ ହିଁ ଇଜ୍‌ରାଏଲ୍ ସନ୍ତାନଙ୍କ ବଂଶଧରଙ୍କୁ ହିବ୍ରୁ ଜାତିରେ ପରିଣତକରି ଏକ ଧର୍ମ ପ୍ରଦାନ କରିଥିଲେ। ମୋଜେଜ୍‌ଙ୍କ ଶିଷ୍ୟ ‘ଜୋସୁଆ’ ଖ୍ରୀ.ପୂ. ୧୪୦୦ରେ କନାନିଙ୍କ ଉପରେ ନିର୍ଣ୍ଣାୟକ ଯୁଦ୍ଧ ଜିତି ଏହି ‘ପ୍ରତିଶ୍ରୁତିର ଭୂମି’ କନାନର ଶାସକ ହୋଇଥିଲେ। କାଳାନ୍ତରେ କନାନିମାନେ ହିବ୍ରୁ ଜାତି ମଧ୍ୟରେ ବିଲୀନ ହୋଇଯାଇଥିଲେ। ଆଗାମୀ ସମୟରେ ଏହି ଭୂଖଣ୍ଡକୁ ହିବ୍ରୁମାନେ ନିଜର ମାତୃଭୂମି ଓ ପୁଣ୍ୟଭୂମି ଭାବରେ ଗ୍ରହଣକରି, ଏହା ଉପରେ ଆକ୍ରମଣକୁ ହିବ୍ରୁ ଜାତି ଉପରେ ଆକ୍ରମଣ ବୋଲି ମାନିନେଲେ। ଯଦିଓ ଏହି ଭୂଖଣ୍ଡର ପ୍ରଥମ ବାସିନ୍ଦା କନାନିମାନେ ଥିଲେ, ମାତ୍ର ଏହାକୁ ଏକ ରାଷ୍ଟ୍ର ଭାବରେ ହିବ୍ରୁମାନେ ହିଁ ବିକଶିତ କରିଥିଲେ।

ଭୂମଧ୍ୟସାଗର ଅନ୍ତର୍ଗତ କ୍ରିଟ୍ ଦ୍ୱୀପର ଅଧିବାସୀ ଫିଲିଷ୍ଟାନୀମାନେ ଖ୍ରୀ.ପୂ.୧୧୯୪ରୁ ଆକ୍ରମଣ ଆରମ୍ଭକରି ଖ୍ରୀ.ପୂ.୧୦୦୦ର ଏବେନ-ଏଜର ଯୁଦ୍ଧରେ ସମ୍ପୂର୍ଣ୍ଣ ହିବ୍ରୁ ଦେଶକୁ ଦଖଲ କରିନେଇଥିଲେ। ୨ଶହ ବର୍ଷ ପରେ ହିବ୍ରୁମାନେ ରାଜା ଡେଭିଡ୍‌ଙ୍କ ନେତୃତ୍ୱରେ ଫିଲିଷ୍ଟାନୀମାନଙ୍କୁ ସମ୍ପୂର୍ଣ୍ଣ ପରାସ୍ତକରି ପୁନଶ୍ଚ ତାଙ୍କ ମାତୃଭୂମିକୁ ଫେରିପାଇଥିଲେ। ଫିଲିଷ୍ଟାନୀମାନଙ୍କ ୨ଶହ ବର୍ଷର ରାଜତ୍ୱ ସେଠାରେ ଏତେ ଛାପ ଛାଡ଼ିଯାଇଥିଲା ଯେ, ଫିଲିଷ୍ଟାନୀ ଶାସନର ୩ହଜାର ବର୍ଷ ପରେ ମଧ୍ୟ ଏହି ଭୂଖଣ୍ଡ ଫିଲିଷ୍ଟିନ୍ ବା ଇଂରାଜୀରେ ପାଲେଷ୍ଟାଇନ୍ ଭାବରେ ପରିଚିତ ହୋଇଆସୁଛି।

ସେତେବେଳେ ଆଧୁନିକ ଇସ୍ରାଏଲ୍‌ର ଉତ୍ତର ଭାଗକୁ ‘ଇଜ୍ରାଏଲ’ ଓ ଦକ୍ଷିଣଭାଗକୁ ‘ଜୁଡାହ’ କୁହାଯାଉଥିଲା। ‘ଜୁଡାହ’ର ଅଧିବାସୀ ହୋଇଥିବାରୁ ଏମାନଙ୍କୁ ‘ୟୁଜ୍ଜ’ ବା ‘ଜ୍ୟୁ’ ଅଥବା ‘ଇହୁଦୀ’ କୁହାଗଲା। ରାଜା ଡେଭିଡ୍‌ଙ୍କ ପୁତ୍ର ସାଲୋମନ୍ ଖ୍ରୀ.ପୂ. ୯୭୪ରୁ ୯୩୭ ମଧ୍ୟରେ ଜିଆନ୍ ପର୍ବତର ପବିତ୍ର ଧର୍ମବେଦୀ ପ୍ରସ୍ଥାପିତ ସ୍ଥାନରେ ଏକ ଭବ୍ୟମନ୍ଦିର ନିର୍ମାଣ କରିଥିଲେ। ସାଲୋମନଙ୍କ ପରେ ଏହି ଦେଶ ଅସିରିୟୋ, ବେବିଲୋନୀୟ, ଗ୍ରୀକ୍, ରୋମାନ୍ ଓ ଆରବୀୟଙ୍କ ଆକ୍ରମଣର ଶିକାର ହେଲା। ରୋମାନ୍‌ମାନେ ୬ ଖ୍ରୀଷ୍ଟାବ୍ଦରେ ଇହୁଦୀ ଭୂମିକୁ ଅଧିକାର କରିନେଲେ। ପରବର୍ତ୍ତୀ ଦେଢ଼ଶହ ବର୍ଷ ଇହୁଦୀ ଓ ରୋମାନଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷର ବର୍ଷ ଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୭ ମେ ୧୫ରେ ପାଲେଷ୍ଟାଇନ୍ ଓ ଇହୁଦୀ ସମସ୍ୟାର ସମାଧାନ ପାଇଁ ଗଠିତ ଏକ ୧୧ ଦେଶୀୟ କମିଟି, ବ୍ରିଟିଶ ଅଧୀନରୁ ପାଲେଷ୍ଟାଇନ୍‌ର ମୁକ୍ତି ଏବଂ ଇହୁଦୀ ଓ ଆରବୀୟଙ୍କ ମଧ୍ୟରେ ଦୁଇଟି ସ୍ୱତନ୍ତ୍ର ଦେଶ ଗଠନ ପାଇଁ ସୁପାରିସ କଲା। ତଦନୁଯାୟୀ ୧୯୪୭ ନଭେମ୍ବର ୨୯ ରେ ଅନୁଷ୍ଠିତ ମିଳିତ ଜାତିସଂଘର ମତଦାନରେ ଦୁଇତୃତୀୟାଂଶ ସଦସ୍ୟ ରାଷ୍ଟ୍ର ପାଲେଷ୍ଟାଇନର ବିଭାଜନ ସପକ୍ଷରେ ମତଦେବାରୁ ପାଲେଷ୍ଟାଇନ୍ ମଧ୍ୟରେ ‘ଇସ୍ରାଏଲ’ ରାଷ୍ଟ୍ରକୁ ସ୍ୱୀକୃତି ଦିଆଗଲା। ମାତ୍ର ଅଧିକାଂଶ ଆରବ ଦେଶ ଏହାକୁ ସ୍ୱୀକାର ନ କରି ଯୁଦ୍ଧ ଘୋଷଣାକଲେ। ଇତିମଧ୍ୟରେ ଇସ୍ରାଏଲ୍ ଓ ଆରବୀୟଙ୍କ ମଧ୍ୟରେ ଅନେକ ଯୁଦ୍ଧ ଘଟିଗଲାଣି। ସାମ୍ପ୍ରତିକ ହମାସ୍-ଇସ୍ରାଏଲ୍ ଯୁଦ୍ଧ ଓ ଇରାନ-ଇସ୍ରାଏଲ୍ ସଂଘର୍ଷ ସେହି ଅନ୍ତହୀନ ଯୁଦ୍ଧର ଅଂଶବିଶେଷ। କିନ୍ତୁ ବିଶ୍ୱବାସୀ ଚାହାନ୍ତି ଶାନ୍ତି; ଅସରନ୍ତି ଯୁଦ୍ଧର ପରିସମାପ୍ତି।

ବାରୁଣା, କେନ୍ଦୁଝର
ମୋ :୯୩୪୮୩୦୭୫୭୧

# ଅସନ୍ତୁଳିତ ପୃଥିବୀ ଓ ଋତୁଚକ୍ର



ଡ. ମୌସୁମୀ ପରିଡ଼ା

ବିଜ୍ଞାନ ଯେତେ ସମୃଦ୍ଧ ହେଲେ ମଧ୍ୟ ପ୍ରାକୃତିକ ଜିନିଷର ପ୍ରତିକଳ୍ପ ହୋଇପାରିବ ନାହିଁ କିମ୍ବା ତା’ର ସ୍ଥାନ ନେଇପାରିବ ନାହିଁ। ଯେତେ ଯାହା ହେଲେ ବି ଜୀବଜଗତ ପ୍ରକୃତି ଉପରେ ନିର୍ଭର କରିବ । ଉଭୟ ଜୀବଜଗତ ଓ ପ୍ରାକୃତିକ ପରିବେଶ ପରସ୍ପର ଉପରେ ନିର୍ଭରଶୀଳ ହୋଇଥିବାରୁ ଜୀବଜଗତ ଦ୍ୱାରା ପ୍ରକୃତି ପ୍ରଭାବିତ ହୁଏ। ଜନସଂଖ୍ୟାବୃଦ୍ଧି ପରିମିତ ସ୍ଥାନ ସହିତ ସମଗ୍ର ପରିବେଶ ପାଇଁ ସତର୍କ ଘଣ୍ଟି ହୋଇଥିଲେ ମଧ୍ୟ ଆମକୁ ତା’ର ନିରାକରଣ କରିବାକୁ ହେବ। ବିଭିନ୍ନ ପ୍ରକାରର ପ୍ରଦୂଷଣ ରୋକିବା ସହିତ ବୃକ୍ଷରୋପଣ, ପାନୀୟ ଜଳ ସଂରକ୍ଷଣ, ଜଙ୍ଗଲ ସୃଷ୍ଟି ସହିତ ଅନ୍ୟାନ୍ୟ ପରିବେଶ ସୁରକ୍ଷାକାରୀ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ତଥା ସଚେତନତା ସୃଷ୍ଟି କରିବାକୁ ହେବ।ଅନ୍ୟଥା ଏମିତି ଅନେକ ପ୍ରାକୃତିକ ବିପର୍ଯ୍ୟୟରେ ମାନବସମାଜ ଧ୍ୱସ୍ତବିଧ୍ୱସ୍ତ ହେଉଥିବ।

ଚଳିତବର୍ଷ ବର୍ଦ୍ଧିତ ତାପମାତ୍ରା ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି। ଏହାର କାରଣ ଓ ନିରାକରଣ ସମସ୍ତଙ୍କୁ ପ୍ରାୟ ଅଳ୍ପ ବହୁତେ ଜଣା। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ରାଜରାସ୍ତା ସଂପ୍ରସାରଣ ପାଇଁ ଅବାଧ ଗଛକଟା, ଜଙ୍ଗଲରୁ ଚୋରା କାଠ ଚାଲାଣ, କଂକ୍ରିଟ ଜଙ୍ଗଲ ବୃଦ୍ଧି, ଭଙ୍ଗାଗଢ଼ାହେତୁକ ଶବ୍ଦ ଓ ବାୟୁ ପ୍ରଦୂଷଣ, ସେଥିପାଇଁ ଅତ୍ୟଧିକ ଜଳ ଖର୍ଚ୍ଚହେତୁକ ଜଳସ୍ତର ହ୍ରାସ, ଜଙ୍ଗଲ ପୋଡ଼ି, ପ୍ଲାଷ୍ଟିକର ବହୁଳ ବ୍ୟବହାର, ଏ.ସି. ପରି ଇଲେକ୍ଟ୍ରୋନିକ୍ସ ଜିନିଷଗୁଡ଼ିକର ବହୁଳ ବ୍ୟବହାର, ରାସ୍ତାଘାଟରେ ବହୁମାତ୍ରାରେ ମୋଟରଯାନ ଚଳାଚଳ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ନିୟମମାନ କାଗଜକଲମରେ ସୀମିତ। ପ୍ରାକୃତିକ ସମ୍ପଦ ଲୁଟା ଯାଉଛି। ବୃକ୍ଷଲତାବିହୀନ ଜଙ୍ଗଲ, ଖଣିଜ ସମ୍ପଦବିହୀନ ବସୁଧା, ପାନୀୟ ଜଳାଭାବଜନିତ ଶୁଖିଲା ନଦୀନାଳ। କଂକ୍ରିଟ୍ ବା ପିଚୁ ରାସ୍ତା ଓ ବହୁତଳ ପ୍ରାସାଦଗୁଡ଼ିକରୁ ତାପ ବିକିରଣ ହେବା ଦ୍ୱାରା ଅସହ୍ୟ ଗୁଳୁଗୁଳିର ପ୍ରଭାବ। ଅସ୍ତବ୍ୟସ୍ତ ଜନଜୀବନ, ତାପଜନିତ ରୋଗବୃଦ୍ଧି। ତାପମାତ୍ରାବୃଦ୍ଧି ହେତୁକ ପାର୍ଶ୍ୱପ୍ରତିକ୍ରିୟା ଜୀବଜଗତ ସହିତ ସମଗ୍ର ପୃଥିବୀର ଭୌଗୋଳିକ ସ୍ଥିତିକୁ ବିପନ୍ନ କରିଦେବାର ଆଶଙ୍କା ଦେଖାଦେଇଛି।

ରାଜରାସ୍ତା ସଂପ୍ରସାରଣ ପାଇଁ ବଡ଼ ବଡ଼ ଗଛମାନ କଟାଯାଉଛି। କଟାହେବା ଆଗରୁ କିନ୍ତୁ ସେତିକି ସଂଖ୍ୟକ ଗଛ ଲଗାଯିବାକୁ ପ୍ରାଧାନ୍ୟ ଦିଆଯାଉନି। ଏକର ଏକର ବ୍ୟାପି ଜଙ୍ଗଲପୋଡ଼ି ମାନବକୃତ ମନେହେଲେ ମଧ୍ୟ ବିଭାଗ ନୀରବଦ୍ରଷ୍ଟା। କେତେ ବନ୍ୟଜନ୍ତୁ ପୋଡ଼ିଯାଉଛନ୍ତି ହିସାବ ନାହିଁ। ଫଳରେ ପରିବେଶ ଅସନ୍ତୁଳିତ। ଯାନବାହନର ଅହେତୁକ ବୃଦ୍ଧି ଚିନ୍ତା ଉଦ୍ରେକକାରୀ। ମଇଳା ଆବର୍ଜନାତକ ନଦୀ, ସମୁଦ୍ରରେ ମିଶି ଜଳଜୀବଙ୍କ ସହିତ ମାନବ ଜୀବନ ପ୍ରତି ବିପଦ ସୃଷ୍ଟି କରିଚାଲିଛି। ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାରକ୍ଷମ



ଜିନିଷ ବନେଇବା କିମ୍ବା ତା’ର ସଦୁପଯୋଗ କରାଯିବା ବର୍ତ୍ତମାନ ଯୁଗର ପ୍ରମୁଖ ଆହ୍ୱାନ।

ଆଖିପିଛୁଳାକେ କିଛି ମାସ ଭିତରେ ବହୁତଳ ପ୍ରାସାଦମାନ ଛିଡ଼ା ହୋଇଛି ଜଙ୍ଗଲ ସ୍ଥାନରେ। ସଙ୍କୁଚିତ ହୋଇଚାଲିଛି ସବୁଜିମା। ଲଘୁଚାପଜନିତ ବର୍ଷା ବାଦ୍ ଆଉ ମୌସୁମୀ ବର୍ଷା ନାହିଁ। ଖରାଦିନେ ଗ୍ଲାସିୟର୍ ତରଳିବାକୁ ଲାଗିଛି। ତାପମାତ୍ରା ବୃଦ୍ଧି ଖାଲି ଆମ ଦେଶର ସମସ୍ୟା ନୁହେଁ, ବିଶ୍ୱସ୍ତରୀୟ ସମସ୍ୟା ପାଲଟିଛି। ଓଜୋନ ସ୍ତରରେ ହ୍ରାସ, ଅବିରତ ଇଟାଭାଟିଗୁଡ଼ିକରୁ ନିର୍ଗତ ନିଆଁ ଧୂଆଁ, ରାସାୟନିକ ପଦାର୍ଥ ବ୍ୟବହାର ପରିବେଶକୁ କ୍ଷତିଗ୍ରସ୍ତ କରିବା ସହିତ ପ୍ରତ୍ୟକ୍ଷ ବା ପରୋକ୍ଷରେ ଋତୁଚକ୍ରକୁ ପ୍ରଭାବିତ କରୁଛି। ବର୍ଷା ଦିନେ ବନ୍ୟା, ଖରାଦିନେ ମରୁଡ଼ି, ଶୀତଦିନେ ବାତ୍ୟା, ମହାବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମଗ୍ର ଜୀବଜଗତ ପାଇଁ ସତର୍କ ଘଣ୍ଟି। କୃଷି ସହିତ ସାଧାରଣ ଜୀବନ ବି ଅସ୍ତବ୍ୟସ୍ତ।

ଜଳାଭାବ ସଙ୍କଟର ନିରାକରଣ ନିମନ୍ତେ ରାଜ୍ୟଗୁଡ଼ିକ ଉପରମୁଣ୍ଡରେ ବନ୍ଧ ବନେଇ ନଦୀଜଳକୁ ଅଟକାଇ ସାରିଲେଣି। ରାସ୍ତାକଡ଼ର ସରକାରୀ ନଳକୂପରୁ ପାଣି ଅହର୍ନିଶ ନିର୍ଗତ ହେଉଛି, ସେଥିପାଇଁ ବିହିତ ବ୍ୟବସ୍ଥା ନାହିଁ। ଜଳହାନି ଆମ ଜନବହୁଳ ଦେଶକୁ କ୍ରମଶଃ ମରୁଭୂମିରେ ପରିଣତ କରିପାରେ। କାରଣ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି ବୋଲି ଗବେଷକମାନେ ସୂଚନା ଦେଇସାରିଲେଣି। ପରିଣାମସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାନୀୟଜଳର ଅଭାବ ପଡ଼ିପାରେ।

ଏସବୁର ସ୍ଥାୟୀ ନିରାକରଣ ଖୁବ୍ ଶୀଘ୍ର କରା ନ ଗଲେ ତୀବ୍ର ଜଳସଙ୍କଟରେ ଘାରିହେବ ଦେଶ ଓ ବିଶ୍ୱ। ଅଟଳବିହାରୀ ବାଜପେୟୀ ନଦୀ ସଂଯୋଗୀକରଣକୁ ନେଇ ସ୍ୱପ୍ନ ଦେଖିଥିଲେ। ଯାହା ବିଶାଳ ଜନସଂଖ୍ୟାବିଶିଷ୍ଟ ଦେଶର ଜରୁରୀ ଆବଶ୍ୟକତା ଭିତରୁ ସର୍ବାଗ୍ରେ ରହିବ। ବର୍ତ୍ତମାନ ତା’ର ସଫଳ ରୂପାୟନ ହେବାର ଆବଶ୍ୟକତା ରହିଛି। ତା’ ସହିତ ନଦୀଗୁଡ଼ିକର ପୁନରୁଦ୍ଧାର, ହୀରାକୁଦ ଡ୍ୟାମ୍ ପରି ବିଶାଳ ଜଳାଶୟଗୁଡ଼ିକର ପଙ୍କୋଦ୍ଧାର କାର୍ଯ୍ୟକ୍ରମ କରାଯାଇ ତା’ର କ୍ଷମତାକୁ ବୃଦ୍ଧି କରାଯିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ। ଜଳ ସଂରକ୍ଷଣ ସହିତ ଜଳର ଦୁରୁପଯୋଗ ରୋକିବା, ବୃକ୍ଷରୋପଣ ସହିତ ଜଙ୍ଗଲପୋଡ଼ି ନିରାକରଣ ଉପରେ ଯତ୍ନଶୀଳ ହେବା ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା। ସେଥିପାଇଁ କିଛି ପଦକ୍ଷେପ ନେବା ନିହାତି ଜରୁରୀ। ଜଳାଶୟଗୁଡ଼ିକର କ୍ଷମତା ବୃଦ୍ଧି କରିବାକୁ କିଛି ନୂତନ ଯୋଜନା ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ସୌରଶକ୍ତି ଜରିଆରେ ଯେପରି ରୋଷେଇ ସହିତ ବିଜୁଳି ସଂଗ୍ରହ କରିବା ସମ୍ଭବପର ହୋଇପାରୁଛି, ସେହିପରି ଜଳ ସଂରକ୍ଷଣ କରିବା ପାଇଁ ବ୍ୟବସ୍ଥା କରାଯାଇପାରେ। ଭବିଷ୍ୟତରେ ପ୍ରାକୃତିକ ବିପର୍ଯ୍ୟୟହେତୁକ ବିଭିନ୍ନ ସମସ୍ୟାକୁ ଏଡ଼େଇବାକୁ ହେଲେ ପ୍ରକୃତିକୁ ଭଲପାଇ ତା’ର ପୁନର୍ଗଠନ କରିବାକୁ ପଡ଼ିବ। ସୁସ୍ଥ ପରିବେଶ-ସୃଷ୍ଟି ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ।

ମୋ-୯୪୩୭୩୧୭୦୨୬

## ଏଇ ଭାରତରେ

ଗୁଜରାଟ ଭଦୋଦରାର ଶିକ୍ଷୟିତ୍ରୀ ଜୁନିନ୍ ଦତ୍ତ ତାଙ୍କ ଚାକିରି ସମୟରେ ସେଥିରୁ ସମୟ ବାହାରକରି ସମାଜସେବା କରୁଥିଲେ। ଥରେ ସେ ଡ୍ୟୁଟିରୁ ଫେରିବା ବେଳେ ଏକ ଛକରେ ପିଲାଟିଏ ଭିକ ମାଗୁଥିବା ଦେଖିବା ପରେ ସେଭଳି ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ କେତେଜଣ ଅସହାୟ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ସେ ୨୦୧୪ରେ ଚାକିରି ଛାଡ଼ି ପାଠଶାଳା ସଂସ୍ଥା ଗଢ଼ି ରାସ୍ତାକଡ଼ରେ ଯାଯାବର ଜୀବନ ବିତାଉଥିବା ଲୋକଙ୍କ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ଏହା ବ୍ୟତୀତ ଅସହାୟ ପିଲାମାନଙ୍କୁ ସେ ସବୁ ପ୍ରକାର ସହଯୋଗ ମଧ୍ୟ କରୁଛନ୍ତି। ଏହି ଅଭିଯାନ ମାତ୍ର ୨୦୦୦ ଟଙ୍କାରୁ ଆରମ୍ଭ କରିଥିଲେ। ପାଠଶାଳାରେ ପିଲାମାନେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ପଢ଼ୁଛନ୍ତି। ଏବେ ପାଠଶାଳା ହଷ୍ଟେଲରେ ୯୭ ପିଲା ରହିଛନ୍ତି। ସେଠାରେ ସ୍ୱତନ୍ତ୍ର ମଡେଲରେ ପଢ଼ାଯାଉଛି। ପୁସ୍ତକ ଶିକ୍ଷା ସହ ବ୍ୟବହାରିକ ଜ୍ଞାନ ବିକାଶ ପାଇଁ ପାଠଶାଳାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ମେ ୧୯୭୫**

- ଲୋକସଭା ଓ ରାଜ୍ୟସଭାରୁ ୨୨ ଜଣ ସଭ୍ୟଙ୍କୁ ପବ୍ଲିକ୍ ଆକାଉଣ୍ଟ କମିଟିର ସଭ୍ୟ ରୂପେ ନିର୍ବାଚିତ କରାଯାଇଛି।
- ଦକ୍ଷିଣ ଦିଲ୍ଲୀସ୍ଥିତ ମାୟାପୁରୀ ଶିଳ୍ପାଞ୍ଚଳରେ ଏକ ମହମ ତିଆରି କାରଖାନାରେ ଶୋଚନୀୟ ଅଗ୍ନିକାଣ୍ଡ ଘଟି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି।
- ବର୍ମାର ଇରାବତୀ ତ୍ରିକୋଣଭୂମି ଅଞ୍ଚଳରେ ଘଣ୍ଟାକୁ ୧୪୪ କିଲୋମିଟରରୁ ଅଧିକ ବେଗରେ ଝଡ଼ତୋଫାନ ହେବା ଫଳରେ ଦୁଇଟି ଗ୍ରାମ ସମ୍ପୂର୍ଣ୍ଣ ବିଧ୍ୱସ୍ତ ଓ ୪ଟି ସହର କ୍ଷତିଗ୍ରସ୍ତ ହୋଇଛି।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | |
| | | 3 | 4 | | | | 5 | |
| | | | 9 | | | 4 | 2 | 7 |
| 9 | | | 7 | | | | | |
| | | 2 | | | | | 8 | |
| | | 8 | | 6 | 5 | 7 | | 3 |
| | | | | 9 | | 1 | 4 | |
| 2 | | 4 | | | 3 | | | |
| | 5 | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 5 | 1 | 3 | 8 | 4 | 2 |
| 2 | 5 | 1 | 6 | 8 | 4 | 7 | 3 | 9 |
| 3 | 8 | 4 | 9 | 2 | 7 | 1 | 6 | 5 |
| 8 | 2 | 3 | 1 | 7 | 6 | 5 | 9 | 4 |
| 9 | 1 | 5 | 3 | 4 | 2 | 6 | 7 | 8 |
| 6 | 4 | 7 | 8 | 9 | 5 | 3 | 2 | 1 |
| 1 | 6 | 8 | 2 | 3 | 9 | 4 | 5 | 7 |
| 5 | 7 | 2 | 4 | 6 | 8 | 9 | 1 | 3 |
| 4 | 3 | 9 | 7 | 5 | 1 | 2 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ଭାବେ ଅନାବାଦୀ ଓ ସରକାରୀ ଜାଗା କବ୍‌ଜା

ମହାଶୟ,

ଓଡ଼ିଶାର କନ୍ଧମାଳ ଜିଲାର ବାଲିଗୁଡ଼ା ସବ୍‌ଡିଭିଜନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ରାଜ୍ୟର ବଡ଼ ସବ୍‌ଡିଭିଜନ। ତେବେ ଆଶ୍ଚର୍ଯ୍ୟର କଥା ସରକାରଙ୍କ ଏହି ସବଡିଭିଜନ ଆଶାନୁରୂପ ରାଜସ୍ୱ ଦେଇପାରି ନଥାଏ। ଏହାର ହେଡ୍‌କ୍ୱାର୍ଟର୍ସ ହେଉଛି ବାଲିଗୁଡ଼ା ସହର। ଭଗାମୁଣ୍ଡା ସାହିର ବେଆଇନ ଅନାବାଦୀ ଜାଗା ଓ ସରକାରୀ ଜାଗା ଜବରଦଖଲ ହୋଇଛି। ସ୍ଥାନୀୟ ଜମି ମାଫିଆମାନେ ବାହାର ଅଞ୍ଚଳର ଲୋକଙ୍କୁ ବିକ୍ରି କରିଦେଉଛନ୍ତି। ତେବେ ଏହାର ଖୁବ୍ ନିକଟରେ ପାହାଡ଼ ଓ ବଡ଼ ବଡ଼ ଗଛ ଘେରା ଅଞ୍ଚଳ ରହିଥିବାରୁ ଏହା ଜଙ୍ଗଲ କିସମର କି ନୁହଁ ତାହା ମଧ୍ୟ ସ୍ଥାନୀୟ ରାଜସ୍ୱ ଅଧିକାରୀ ସମ୍ଭବତଃ ଜାଣି ନାହାନ୍ତି। ଏହି ଜାଗା ଖର୍ଦ୍ଦି ହେବାପରେ ବେଆଇନ ଭାବେ ବିଭିନ୍ନ ଛୋଟ ବଡ଼ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବଡ଼ ବଡ଼ ଘର ନିର୍ମାଣ ହୋଇ ଭଡ଼ା ସୂତ୍ରରେ ଲଗାଯାଉଛି। ଅନାବାଦୀ ଜାଗା ଓ ସରକାରୀ ଜାଗା ହୋଇଥିବାରୁ ସରକାର ରାସ୍ତା କରିନଥିଲେ ମଧ୍ୟ ନିଜସ୍ୱ ବ୍ୟବସ୍ଥା ମାଧ୍ୟମରେ ଜମି ହଡ଼ପକାରୀମାନେ ଅସ୍ଥାୟୀ ରାସ୍ତା କରିଛନ୍ତି। ବହୁ ସରକାରୀ କର୍ମଚାରୀ ଓ ପ୍ରବାସୀମାନେ ମଧ୍ୟ ଜମି ହାତେଇ ବିଭିନ୍ନ ଫାର୍ମ ତିଆରି କରିଛନ୍ତି। କନ୍ଧମାଳ ଏକ ସ୍ପର୍ଶକାତର ଅଞ୍ଚଳ ହୋଇଥିବାରୁ କେଉଁମାନେ ଜାଗା କିଣୁଛନ୍ତି ଓ ବେଆଇନ ଭାବେ ରହୁଛନ୍ତି, ସେ ତଥ୍ୟ ପୋଲିସ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

-ଦେବୀ ପ୍ରସାଦ ମହାରଣା, ବସଷ୍ଟାଣ୍ଡ ଛକ, ବାଲିଗୁଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଣିଜ ଭାଙ୍ଗିଲେ ମିଳଇ ମୂଳ;
ଚାଷ ଭାଙ୍ଗିଲେ ଯାଏ ଦି' କୁଳ।**

ବେପାର ବଣିଜ କରୁଥିବା ବ୍ୟକ୍ତି ଯଦି ଅସମୟରେ ବେପାର କରିବା ବନ୍ଦ କରିଦିଏ ତେବେ ସେ ତା'ର ବେପାରରେ ଖଟାଇଥିବା ମୂଳଧନ ଫେରି ପାଇବାର କିଛିଟା ସମ୍ଭାବନା ରହିଥାଏ। କିନ୍ତୁ ଚାଷ କାର୍ଯ୍ୟ କରୁଥିବା ବ୍ୟକ୍ତି ଯଦି ପରିସ୍ଥିତିରେ ପଡି ଚାଷ କରିବା ଛାଡିଦିଏ ତେବେ ସେ କେଉଁ କୁଳର ହୋଇପାରି ନ ଥାଏ। ଏପରି ସ୍ଥିତିରେ ତା'ର ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାପ ତେଲ ବିନେ ଲଣ୍ଡା,
ପୁଅ ବୁଲେଇ ବେଣ୍ଟି ରଖୁଛି।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ଘରେ କିଛି ନ ଥାଉ ପଛେ ବାହାରେ ଫୁଟାଣି କାହିଁରେ କେତେ। ବାପା ଅପେକ୍ଷା ପିଲାଙ୍କର ଫୁଟାଣି କରିବା ଓ ବଡ଼ପଣିଆ ଦେଖେଇ ହେବା ବେଶି ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୟୂରଭଞ୍ଜରେ ଏକାଠି ଲଢ଼ିବେ ଜେଏମ୍ଏମ୍-କଂଗ୍ରେସ

ବାରିପଦା, ୧୦।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଲୋକସଭା ଆସନରେ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନ। ଏହି ମେଣ୍ଟର ଅଂଶୀଦାର ଭାବେ ଉଭୟ କଂଗ୍ରେସ ଓ ଜେଏମ୍ଏମ୍ ଦଳ ଜିଲାରେ ଏକାଠି ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ମେଣ୍ଟ ପ୍ରାର୍ଥୀ ଭାବେ ଅଞ୍ଜନୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଜିଲାର ୫ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବ ବୋଲି ସେ କହିଛନ୍ତି। ପୂର୍ବରୁ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ସମସ୍ତ ୭ଟି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିଲା। ତେବେ ଲୋକସଭା ଆସନ ସମେତ ବାଙ୍ଗିରିପୋଷି, ସାରସକଣା, ମୋରଡା, ରାଇରାଙ୍ଗପୁର ଓ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜେଏମ୍ଏମ୍ ପ୍ରାର୍ଥୀ ଘୋଷଣା କରିବା ସହ ଶୁକ୍ରବାର ସମସ୍ତ ଆସନରେ ବିଧାୟକ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। କେବଳ ବାରିପଦା ଓ ଯଶିପୁର ଆସନରେ କଂଗ୍ରେସ ଦଳ ଲଢ଼ିବ ବୋଲି ଅଞ୍ଜନୀ କହିଛନ୍ତି। କେତେକ ଆସନରେ କଂଗ୍ରେସ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରି ସାରିଥିବା ବେଳେ ୨ଟି ଆସନ ବ୍ୟତୀତ ସମସ୍ତ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିବେ ବୋଲି ସେ କହିଛନ୍ତି। ଏ ନେଇ ଦିଲ୍ଲୀଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିବା ଓ ଖୁବ୍ଶୀଘ୍ର କଂଗ୍ରେସ ପ୍ରାର୍ଥୀପତ୍ର ପ୍ରତ୍ୟାହର କରି ଜେଏମ୍ଏମ୍‌କୁ ସମର୍ଥନ ଜଣାଇବ ବୋଲି ଅଞ୍ଜନୀ ସୂଚନା ଦେଇଛନ୍ତି।

**ନାମାଙ୍କନ ପ୍ରତ୍ୟାହାର କରିବେ କଂଗ୍ରେସ ପ୍ରାର୍ଥୀ: ଅଞ୍ଜନୀ ସୋରେନ**

# କୃଷ୍ଣଚନ୍ଦ୍ର ବାରିକ ବୀମା ଲୋକପାଳର ନୂତନ ସିପିଆଇଓ

ଭୁବନେଶ୍ୱର, ୧୦।୫ (ବନ୍ଦନା ସେଠୀ)



ବୀମା ଲୋକପାଳ କାର୍ଯ୍ୟାଳୟର ଡେପୁଟି ସେକ୍ରେଟାରି କୃଷ୍ଣଚନ୍ଦ୍ର ବାରିକଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଏହାର ସେଣ୍ଟ୍ରାଲ ପବ୍ଲିକ୍ ଇନ୍‌ଫରମେଶନ୍ ଅଫିସର (ସିପିଆଇଓ) ଭାବେ ଅତିରିକ୍ତ ନିଯୁକ୍ତି ଦିଆଯାଇଛି। ସିପିଆଇଓ ସାଧାରଣ ଲୋକଙ୍କୁ ଜୀବନବୀମା, ସ୍ୱାସ୍ଥ୍ୟବୀମା ଏବଂ ସାଧାରଣ ବୀମା ସମ୍ବନ୍ଧୀୟ ଯେ କୌଣସି ସୂଚନା ପ୍ରଦାନ ସହ ସନ୍ଦେହମୋଚନ କରିବାରେ ସହାୟକ ହୋଇଥାନ୍ତି। ଏପରିକି ଜନସାଧାରଣଙ୍କ ବୀମା ସମ୍ବନ୍ଧୀୟ କୌଣସି ସମସ୍ୟା ହେଲେ ସିପିଆଇଓ ବିନା ମୂଲ୍ୟରେ ଏହାର ସମାଧାନର ବାଟ ବତାଇଥାନ୍ତି। ଆଇଆର୍‌ଡିଏ ଦ୍ୱାରା ପରିଚାଳିତ ବୀମା ଲୋକପାଳ ସାଧାରଣ ଲୋକଙ୍କୁ ୯୦ଦିନ ମଧ୍ୟରେ ବୀମା ସମ୍ବନ୍ଧୀୟ ବିଭିନ୍ନ ସହାୟତା ପ୍ରଦାନ କରିଥାଏ।

# ଓଇଏସ୍ ଅଧିକାରୀଙ୍କ ପ୍ରବେଶକାଳୀନ ତାଲିମ ସରିଲା

ଭୁବନେଶ୍ୱର, ୧୦।୫ (ଅସମାପିକା ସାହୁ)



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ଆର୍ଥିକ ପରିଚାଳନା ଏକାଡେମୀରେ ଚାଲିଥିବା ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ଅଧିକାରୀଙ୍କ ପ୍ରବେଶକାଳୀନ ପ୍ରଶିକ୍ଷଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାସେବା ଅଧିକାରୀମାନେ ବିଭିନ୍ନ କ୍ଷେତ୍ରରେ ପ୍ରଥମେ ନିଜର କର୍ତ୍ତବ୍ୟ ବିଷୟରେ ଅବଗତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଥମେ ନିଜେ ଶୃଙ୍ଖଳିତ ଓ ସାଧୁତା ଆଚରଣ କଲେ ତାଙ୍କ ଅଧୀନରେ ଥିବା ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କଠାରେ ଶୃଙ୍ଖଳା ଓ ସାଧୁତା ପ୍ରତିଫଳିତ ହେବ ବୋଲି ସେ କହିଥିଲେ। ଏଥିସହ ଚଳିତ ବର୍ଷ ହେବାକୁ ଥିବା ରାଷ୍ଟ୍ରୀୟ ଉପଲବ୍ଧି ସର୍ବେକ୍ଷଣ ପାଇଁ ଛାତ୍ରୀଛାତ୍ରଙ୍କୁ ଏବେଠାରୁ ପ୍ରସ୍ତୁତ କରିବା ପାଇଁ କମିଶନର ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ଯୋଗଦେଇ କହିଲେ, ଶିକ୍ଷା ସେବା ଅଧିକାରୀମାନେ ନିୟମିତ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷଣ ଅଗ୍ରଗତି ସମୀକ୍ଷା ଓ ଶିକ୍ଷାଦାନ ପ୍ରଣାଳୀ ଅନୁଧ୍ୟାନ କରିବା ହେଉଛି ସେମାନଙ୍କର ପ୍ରଥମ କର୍ତ୍ତବ୍ୟ। ନିୟମ ଜାଣିଲେ ସେମାନେ ଦକ୍ଷ ଶିକ୍ଷା ପ୍ରଶାସକ ହୋଇ ପାରିବେ। ଏକାଡେମୀ ନିର୍ଦ୍ଦେଶକ ତଥା କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ। ତାଲିମ ନେଇଥିବା ଓଇଏସ୍ ଅଧିକାରୀଙ୍କ ମଧ୍ୟରେ ବିବିଧ ଶିକ୍ଷଣ ଉପରେ ପରୀକ୍ଷା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସର୍ବୋଚ୍ଚ କୃତିତ୍ୱ ହାସଲ କରିଥିବା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡ୍ରପ୍ ଆଉଟ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରଦର୍ଶିତ କ୍ଷୁଦ୍ର ନାଟକ 'ଡ୍ରପ୍ ବକ୍ସ' ଉଚ୍ଚ ପ୍ରଶଂସିତ ହୋଇଥିଲା।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବଢ଼ାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର, ୧୦।୫ (ଅନୁରାଧା ମହାରଣା)

ସମଗ୍ର ଦେଶରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ଗ୍ରୀଷ୍ମ ସମୟରେ ନିୟମିତ ଟ୍ରେନ୍‌ରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ଟ୍ରେନ ସେବା ଘୋଷଣା କରିଛି। ଏହି କ୍ରମରେ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ସ୍ୱତନ୍ତ୍ର ଟ୍ରେନ୍ ସେବା ଜାରି ରଖିଛି। ଏବେ ଆହୁରି ଅଧିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର-ମୁମ୍ବାଇ ଏଲ୍‌ଟିଟି, ବ୍ରହ୍ମପୁର-ସିକନ୍ଦରାବାଦ, ବ୍ରହ୍ମପୁର-ସୁରଟ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ଯୋଜନା କରାଯାଇଛି। ଏହାବ୍ୟତୀତ ନିୟମିତ ଟ୍ରେନ ସହିତ ସ୍ୱତନ୍ତ୍ର ଟ୍ରେନଗୁଡିକରେ ଯାତ୍ରୀ ପ୍ରୋଫାଇଲକୁ ସମୀକ୍ଷା କରି ପୂର୍ବତଟ ରେଳପଥ ମଧ୍ୟ ନିୟମିତ ଟ୍ରେନ୍‌ରେ ଯାତ୍ରୀଙ୍କ ଭିଡ଼ ଏଡ଼ାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳକୁ ସିଙ୍ଗଲ ଟ୍ରିପ୍ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ଯୋଜନା କରୁଛି। ଏହି ଟ୍ରେନଗୁଡିକ ହେଉଛି ସମ୍ବଲପୁର-କାଚେଗୁଡା, ଖୋର୍ଦ୍ଧା ରୋଡ୍-ସିକନ୍ଦରାବାଦ, ଭୁବନେଶ୍ୱର-ପୁଣେ, ଭୁବନେଶ୍ୱର-ମୁମ୍ବାଇ ସିଏସ୍‌ଏମ୍‌ଟି, ପୁରୀ-ପାଲଡିହ (ମହାରାଷ୍ଟ୍ର), ଭୁବନେଶ୍ୱର-ଚେନ୍ନାଇ, ସମ୍ବଲପୁର-ଚେନ୍ନାଇ, ଭୁବନେଶ୍ୱର-ବେଙ୍ଗାଲୁରୁ ଓ ବ୍ରହ୍ମପୁର-କାଚେଗୁଡା। ଯାତ୍ରୀମାନେ ମଧ୍ୟ ଏହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିପାରିବେ ଏବଂ ଗନ୍ତବ୍ୟସ୍ଥଳ ପାଇଁ ବୋର୍ଡିଂ ପଏଣ୍ଟରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସମୟ ସମ୍ବନ୍ଧରେ ଅବଗତ ହୋଇ ଯାତ୍ରା ପାଇଁ ନିଶ୍ଚିତ ଟିକେଟ ପାଇପାରିବେ।


**यूनियन बैंक ऑफ़ इंडिया | Union Bank of India**

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୦୬୭୪-୨୫୩୭୯୦୦

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୯.୦୫.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ମଧୁପାଟଣା ଶାଖା / ଫୋନ୍ ନଂ.: ୮୫୧୮୮୮୭୧୪୪/** ଋଣଗ୍ରହୀତା: ୧) ଶ୍ରୀ ଅବରବିନ୍ଦ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅରବିନ୍ଦ ସାହୁ, ୨) ଶ୍ରୀ ଅରବିନ୍ଦ ସାହୁ, ପିତା: ଶ୍ରୀ ଅଲେଖ ଚନ୍ଦ୍ର ସାହୁ, ୩) ଶ୍ରୀ ଚନ୍ଦ୍ର କୁମାର ସାହୁ, ପିତା: ଶ୍ରୀ ଅରବିନ୍ଦ ସାହୁ, ସମସ୍ତଙ୍କ ଠିକଣା ସା.: ମଙ୍ଗଳାବାଗ୍, କଟକ-୭୫୩୦୦୧ / ବକେୟା ରାଶି ଟ.୩୦,୯୯,୫୦୦.୨୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅରବିନ୍ଦ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୬୮/୧୦୧, ପ୍ଲଟ୍ ନଂ.: ୧୦୨୫/୨୧୬୨, ମୌଜା: ମିରକମଳପାଟଣା, ତାଲୁକା/ୱାର୍ଡ: ସିଏମ୍‌ସି ୱାର୍ଡ ନଂ.: ୩୨, କଟକ ସହର ୟୁନିଟ୍-୨୨, ତହସିଲ: କଟକ, ଥାନା: ମଙ୍ଗଳାବାଗ୍, କଟକ-୭୫୩୦୦୧, କ୍ଷେତ୍ର: ଏକର୦.୦୨୭ଡିସିମିଲ, ସମ୍ପତ୍ତିର ଚତୁଃପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୦୨୪, ଦକ୍ଷିଣ: ପ୍ଲଟ୍ ନଂ.: ୧୦୨୫ (ଅଂଶ), ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୦୨୪ ଏବଂ ୧୦୧୭ | ଟ.୩୧,୩୯,୦୦୦/- / ଟ.୩,୧୩,୯୦୦/- / ଟ.୩୧,୩୯୦/- | ଆକାଉଣ୍ଟ ନଂ.: ୫୧୪୨୦୧୯୮୦୦୫୦୦୦୦ IFSC Code: UBIN0551422 |
| ୨. | **ପାରାଦୀପଗଡ ଶାଖା / ଫୋନ୍ ନଂ.: ୭୬୭୧୯୫୮୫୪୩/** ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ୍ କନ୍‌ଷ୍ଟ୍ରକନ୍ସ, ପ୍ରତିନିଧିତ୍ୱମାନେ: ବିଜୟ କେତନ ବେହେରା ଏବଂ ଦୀପକ କୁମାର ବେହେରା, ସା.: ବାଲିପ୍ଲଟ (ନଂ.: ଆର/୧୦), ପୋ.: ଅଠରବାଙ୍କୀ, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର-୭୫୪୧୪୨, ଓଡ଼ିଶା, ଶ୍ରୀ ବିଜୟ କେତନ ବେହେରା, ପିତା: ରାମଚନ୍ଦ୍ର ବେହେରା, ଦୀପକ କୁମାର ବେହେରା, ପିତା: ରାମଚନ୍ଦ୍ର ବେହେରା, ଶ୍ରୀମତୀ ପୁଷ୍ପଲତା ବେହେରା, ସ୍ୱାମୀ: ବିଜୟ କେତନ ବେହେରା, ସମସ୍ତଙ୍କ ଠିକଣା ସା.: ବଳରାମପୁର, ନୂଆସାହି, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା-୭୫୪୧୪୧ / ବକେୟା ରାଶି ୩୧.୧୦.୨୦୨୩ ସୁଦ୍ଧା ଟ.୨୧,୩୫,୫୪୪.୫୬ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀମତୀ ପୁଷ୍ପଲତା ବେହେରା, ସ୍ୱାମୀ: ବିଜୟ କେତନ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ନିର୍ମାଣାଧୀନ ଗୃହ ଯାହାର ପ୍ଲଟ୍ ନଂ.: ୧୭୦୨/୨୫୯୦, ଖାତା ନଂ.: ୮୮୬/୭୨୯, କ୍ଷେତ୍ର: ଏକର୦.୧୮ଡିସିମିଲ, ମୌଜା: ବଳରାମପୁର, ଥାନା: କୁଜଙ୍ଗ ନଂ.: ୬୮, ତହସିଲ: କୁଜଙ୍ଗ, ଜଗତସିଂହପୁର, ଏହାର ଚତୁଃପାର୍ଶ୍ୱରେ ଉତ୍ତର: କଟକ ପାରାଦୀପ ରାସ୍ତା, ଦକ୍ଷିଣ: ଚକ ନଂ.: ୫୫୧, ପୂର୍ବ: ଭାରତୀ ବେହେରା, ପଶ୍ଚିମ: ଦୋଳଗୋବିନ୍ଦ ନାୟକ | ଟ.୬୩,୮୫,୦୦୦/- / ଟ.୬,୩୮,୫୦୦/- / ଟ.୬୩,୮୫୦/- | ଆକାଉଣ୍ଟ ନଂ.: ୧୫୮୧୨୧୯୮୦୦୫୦୦୦୦ IFSC Code: UBIN0915815 |
| ୩. | **ସିଡିଏ ବିଡାନାସୀ ଶାଖା / ଫୋନ୍ ନଂ.: ୮୫୦୦୮୮୮୪୧୫/** ଋଣଗ୍ରହୀତା: ୧) ମେସର୍ସ ଜି.ଏନ୍. ଫୁଡ ପ୍ରୋସେସିଂ, ଅଂଶୀଦାରମାନେ: ଗୋପବନ୍ଧୁ ଦାଶ ଏବଂ ନିଳମଣୀ ବେହେରା, ସା.: ନୂଆତଇଳା, ଭାୟା: ବଡମ୍ବା, ପୋ.: ରଗଡିପଡା, ଜିଲ୍ଲା: କଟକ-୭୫୪୦୩୧, ୨) ଶ୍ରୀ ଗୋପବନ୍ଧୁ ଦାଶ, ପିତା: ଶ୍ରୀ ଗୋପାଳ ଚନ୍ଦ୍ର ଦାଶ, ସା./ପୋ.: ମହୁଲିଆ, ପୋ/ଥାନା: ବଡମ୍ବା, ଜିଲ୍ଲା: କଟକ-୭୫୪୦୩୧, ୩) ଶ୍ରୀ ନୀଳମଣୀ ବେହେରା, ପିତା: ସଦାନନ୍ଦ ବେହେରା, ସା.: ମୁଗଗହିର, ପୋ/ଥାନା: ବଡମ୍ବା, ଜିଲ୍ଲା: କଟକ-୭୫୪୦୩୧ / ବକେୟା ରାଶି ୨୯.୦୨.୨୦୨୪ ସୁଦ୍ଧା ଟ.୫୦,୩୬,୮୨୩.୮୫ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ସମ୍ପତ୍ତି-୧) ଶ୍ରୀ ନୀଳମଣୀ ବେହେରା,** ପିତା: ସଦାନନ୍ଦ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଏବଂ ଯନ୍ତ୍ରପାତି ଯାହାର ପ୍ଲଟ୍ ନଂ.:୩୯୧, ୩୯୨, ୩୯୩, ୪୫୨, ୪୫୩, ୪୪୬, ୪୪୭, ୪୪୮, ୪୦୨, ୪୦୧, ୪୧୧, ୪୦୮, ୪୦୫, ୪୦୬, ୪୧୩, ୪୧୪, ୪୧୫, ଖାତା ନଂ.: ୧୯୬/୧୧୧ ଏବଂ ୧୯୬/୧୧୩, ମୌଜା: ନୂଆତଇଳା, ପୋ/ଥାନା: ବଡମ୍ବା ନଂ.: ୯୨, ଜିଲ୍ଲା: କଟକ, ଓଡ଼ିଶା, **ସମୁଦାୟ ପରିମିତ କ୍ଷେତ୍ର: ଏକର୧.୫୧୦ଡିସିମିଲ,** ଏହାର ଚତୁଃପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୯୪, ୪୦୪, ୩୯୭, ୪୦୭, ୩୯୯, ୪୪୯, ୪୫୧, ଦକ୍ଷିଣ: ପ୍ଲଟ୍ ନଂ.: ୩୯୦, ୪୧୭, ୪୧୬, ୪୪୦, ୪୪୧, ୪୪୨, ୪୪୩, ୪୪୪, ୪୪୫, ୪୬୨, ପୂର୍ବ: ପ୍ଲଟ୍ ନଂ.: ୪୫୫, ୪୫୪, ୪୬୧, ପଶ୍ଚିମ: ରାସ୍ତା<br>**ସମ୍ପତ୍ତି-୨) ଶ୍ରୀ ଗୋପବନ୍ଧୁ ଦାଶ,** ପିତା: ଶ୍ରୀ ଗୋପାଳ ଚନ୍ଦ୍ର ଦାଶଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖୋଲା ଜମି ଯାହାର ସମୁଦାୟ କ୍ଷେତ୍ର: ଏକର ୨.୮୯ଡିସିମିଲ (୧୨୫୮୮୮ବର୍ଗଫୁଟ), ୪ଟି ପ୍ଲଟ୍‌ର, ପ୍ଲଟ୍ ନଂ.: ୪୭୦/୧୦୨୨, ୪୭୪/୧୦୨୩, ୪୭୫/୧୦୨୧, ଖାତା ନଂ.: ୨୦୧/୧୭୩, ମୌଜା: ଧନାପଲ୍ଲୀ, ଥାନା: ବଡମ୍ବା ନଂ.: ୧୨୫, ତହସିଲ: ବଡମ୍ବା ନଂ.: ୧୨୫ ଏବଂ ପ୍ଲଟ୍ ନଂ.: ୪୭୪/୩୯୪୬, ଖାତା ନଂ.: ୭୧୦/୩୪୭, ମୌଜା: ବୁଢ଼ାପଙ୍କ, ଥାନା: ବଡମ୍ବା ନଂ.: ୧୨୬, ତହସିଲ: ବଡମ୍ବା ନଂ.: ୧୨୬, ଜିଲ୍ଲା: କଟକ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ପ୍ରତି ରେଭ୍ ମାନଚିତ୍ର ଭାବରେ, ଦକ୍ଷିଣ: ପ୍ରତି ରେଭ୍ ମାନଚିତ୍ର ଭାବରେ, ପୂର୍ବ: ପ୍ରତି ରେଭ୍ ମାନଚିତ୍ର ଭାବରେ, ପଶ୍ଚିମ: ରାସ୍ତା ଓ ପ୍ଲଟ୍ ନଂ.: ୪୬୮ର ନିଜସ୍ୱ ପ୍ଲଟ୍ | ଟ.୭୫,୨୩,୦୦୦/- / ଟ.୭,୫୨,୩୦୦/- / ଟ.୭୫,୨୩୦/-<br>ଟ.୨୭,୬୪,୦୦୦/- / ଟ.୨,୭୬,୪୦୦/- / ଟ.୨୭,୬୪୦/- | ଆକାଉଣ୍ଟ ନଂ.: ୫୮୬୦୧୯୮୦୦୫୦୦୦୦ IFSC Code: UBIN0558869 |
| ୪. | **ଜଗତସିଂହପୁର ହାଟ ବଜାର ଶାଖା / ଫୋନ୍ ନଂ.: ୭୦୦୮୨୯୯୧୪୧/** ଋଣଗ୍ରହୀତା: ଶ୍ରୀ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ପିତା: ୰ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ସା.: ପାଇକଣ, କାଳିଆବେରା, ଜଗତସିଂହପୁର-୭୫୪୧୦୩ / ବକେୟା ରାଶି ୩୧.୦୧.୨୦୨୪ ସୁଦ୍ଧା ଟ.୨୧,୧୪,୩୨୦/- + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ,** ପିତା: ୰ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୬୩/୨୮୦, ପ୍ଲଟ୍ ନଂ.: ୪୫, ମୌଜା: ପାଇକଣ, ତହସିଲ: ଜଗତସିଂହପୁର (ନଂ.: ୨୫୩), ଥାନା: ଜଗତସିଂହପୁର (ନଂ.: ୨୫୩), ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୦୩, **ସମୁଦାୟ ଜମିର କ୍ଷେତ୍ର: ଏକର୦.୧୨୦ଡିସିମିଲ (୫୨୨୭.୨ବର୍ଗଫୁଟ),** ଓଡ଼ିଶା-୭୫୪୧୦୩, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ଖୋଲା ଜମି, ଦକ୍ଷିଣ: ରାସ୍ତା, ପୂର୍ବ: କେନାଲ ରାସ୍ତା, ପଶ୍ଚିମ: ଖୋଲା ଜମି | ଟ.୧୨,୮୧,୦୦୦/- / ଟ.୧,୨୮,୧୦୦/- / ଟ.୧୨,୮୧୦/- | ଆକାଉଣ୍ଟ ନଂ.: ୧୯୩୭୨୧୯୮୦୦୫୦୦୦୦ IFSC Code: UBIN0919934 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୮.୦୫.୨୦୨୪ ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଇ-ନିଲାମ ତାରିଖ ଏବଂ ସମୟ : ତା.୨୯.୦୫.୨୦୨୪ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: **https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in** ଦେଖନ୍ତୁ। ଏହି ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ମୋବାଇଲ: ୯୭୭୬୨୩୧୦୫୦

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ:ଭୁବନେଶ୍ୱର, ତାରିଖ: ୧୦.୦୫.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**HDFC BANK** We understand your world

**AUCTION NOTICE FOR GOLD ORNAMENTS**

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 21.05.2024 | 74038978 | TULADHAR PODHA | 34100 | HDFC BANK LTD, 1ST FLOOR, JAIN SHOPPING COMPLEX, OPP.TITLAGARH MUNICIPALITY OFFICE, TITLAGARH-767033 |
| 21.05.2024 | 74028797 | SUSHANT KUMAR PUTEL | 20100 | |
| 21.05.2024 | 74427269 | NALINI KANTA PARIDA | 396800 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 21.05.2024 | 73604398 | AMIYA KUMAR DASH | 102100 | |
| 21.05.2024 | 74639288 | SHESHACHANDRA BARIK | 33700 | |
| 21.05.2024 | 73900373 | CHANDAN KUMAR GUPTA | 265500 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 21.05.2024 | 74369621 | BIKASH DAS | 34400 | |
| 21.05.2024 | 73999676 | BIKEN BISWAL | 105800 | |
| 21.05.2024 | 74674294 | SANGITA PATRA | 89100 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 21.05.2024 | 74299039 | JITENDRA NAIK | 50500 | |
| 21.05.2024 | 74266368 | RUDRA KHILAR | 24300 | |
| 21.05.2024 | 74004733 | SAMIR KUMAR BEHERA | 16600 | |
| 21.05.2024 | 74030955 | BIJAYA LAXMI BEHERA | 30200 | HDFC BANK LTD, BAJRAKABATI ROAD, CUTTACK-753001 |
| 21.05.2024 | 74021326 | SOMANATH DAS | 29800 | |
| 21.05.2024 | 73550116 | AMRIK SINGH | 300500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 21.05.2024 | 73936101 | DINABANDHU PARIDA | 76600 | |
| 21.05.2024 | 73679080 | SUMANTA ROUT | 282200 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 21.05.2024 | 74553145 | DILLIP CHANDRA DAS | 223400 | |
| 21.05.2024 | 73812508 | RIPAN KUMAR HATI | 211700 | |
| 21.05.2024 | 74373636 | SANTOSH KUMAR PRADHAN | 210000 | |
| 21.05.2024 | 74120536 | SALIGRAM DAS | 115200 | |
| 21.05.2024 | 74148269 | SANJAYA KUMAR RAUT | 97000 | |
| 21.05.2024 | 74002692 | ABHISEK NAYAK | 76300 | |
| 21.05.2024 | 73848301 | SHREEGANESH PARBHUPADA DHAL | 69600 | |
| 21.05.2024 | 74391957 | SAKTISWARUP DASH | 59700 | |
| 21.05.2024 | 74234596 | RINKY SWAIN | 50600 | |
| 21.05.2024 | 73983343 | SAROJ KUMAR PARIDA | 46300 | |
| 21.05.2024 | 73984607 | ASHWINI KUMAR SWAIN | 215800 | HDFC BANK LTD, BY PASS SQUARE, CHORDHA, JAJPUR MAIN ROAD, JAJPUR-755019 |
| 21.05.2024 | 73854307 | SUBHASHREE DAS | 93900 | |
| 21.05.2024 | 74001897 | NIRMAL KUMAR DAS | 76700 | |
| 21.05.2024 | 75013471 | TAPAS KUMAR JENA | 150000 | |
| 21.05.2024 | 73367835 | RAGHUNATH BEHERA | 20600 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 21.05.2024 | 73971014 | AJAY BHUSAN GIRI | 14700 | |
| 21.05.2024 | 74625159 | KALIM KHAN | 108000 | HDFC BANK LTD, CHANDVALI CHOWK, ATHGARH-754029 |
| 21.05.2024 | 74007514 | MANOJ KUMAR BEHERA | 33400 | HDFC BANK LTD, CHOUDHURY COMPLEX, PANPOSH ROAD, ROURKELA-769004 |
| 21.05.2024 | 74037513 | ANNAPURNA SAMANTARAY | 284000 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 21.05.2024 | 73965584 | RABINARAYAN GIRI | 101000 | HDFC BANK LTD, F M CIRCLE, BALASORE-756001 |
| 21.05.2024 | 73702676 | CHITTA RANJAN PADHI | 45000 | |
| 21.05.2024 | 73139515 | GORACHAND MAITY | 24800 | |
| 21.05.2024 | 74315797 | PRAGYAN PARAMITA PANDA | 215400 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 21.05.2024 | 74789285 | TUMBALI GIRIJA PATNAIK | 135000 | HDFC BANK LTD, HATATOTA, TALCHER, ANGUL-759100 |
| 21.05.2024 | 74596315 | ANANDA NAIK | 72000 | |
| 21.05.2024 | 75025646 | ANANDA NAIK | 37000 | |
| 21.05.2024 | 73981421 | URMILA DANDASENA | 95000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 21.05.2024 | 74865195 | SHAIK SALEEM | 81500 | |
| 21.05.2024 | 73976343 | RAJEEV JAMUDA | 51000 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 21.05.2024 | 74041631 | ROCKY PRADHAN | 30500 | |
| 21.05.2024 | 73995483 | SK NIJAM | 248600 | HDFC BANK LTD, KUNJURI, NEAR IOCL PETROL PUMP, CHANDESWAR, TANGI, KHORDHA-752023 |
| 21.05.2024 | 74412791 | PRAKASH CHANDRA NAYAK | 108600 | HDFC BANK LTD, MAHIPAL, KENDRAPARA-754211 |
| 21.05.2024 | 73966310 | SURESH KUMAR NATH | 30700 | |
| 21.05.2024 | 73995395 | B GHANASYAMA | 24900 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 21.05.2024 | 74600787 | JITENDRA PRADHAN | 14000 | |
| 21.05.2024 | 73656228 | JAWED AKHATAR | 115010 | HDFC BANK LTD, MAIN ROAD, RAJAGANGAPUR, SUNDARGARH-770017 |
| 21.05.2024 | 74383527 | DEBARAJ ROUT | 67300 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 21.05.2024 | 74037841 | SUSHMITA MAHANAND | 41800 | |
| 21.05.2024 | 73978118 | JAGANNATH DUARI | 18100 | |
| 21.05.2024 | 74448385 | JENA DURJYODHANA | 115000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 21.05.2024 | 73567806 | BAMALI RAJESH | 80000 | |
| 21.05.2024 | 74191421 | KOTA SRINU | 59000 | |
| 21.05.2024 | 74311700 | KAMALA KHOSLA | 105000 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 21.05.2024 | 74505743 | SAROJ KUMAR SAHU | 36600 | |
| 21.05.2024 | 74017357 | SHAIKH SABIR ALI | 41000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 21.05.2024 | 73019884 | KLIZA RANI PATRO | 110700 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 21.05.2024 | 74759359 | PRADEEP KUMAR SWAIN | 95700 | |
| 21.05.2024 | 73734708 | SASHIKANTA DAS | 52600 | |
| 21.05.2024 | 74034385 | BIRANCHI NARAYAN MAHALIK | 210000 | |
| 21.05.2024 | 74051371 | SASMITA SAHOO | 139000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 21.05.2024 | 74449823 | BIRANCHI NARAYAN SWAIN | 92600 | |
| 21.05.2024 | 74429101 | SUJIT KUMAR ROUTARAY | 68900 | |
| 21.05.2024 | 74025213 | ARCHIT GHARAI | 32000 | |
| 21.05.2024 | 74585214 | ABHAYA KUMAR SAHANI | 208700 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 21.05.2024 | 74534430 | SUBRAT KUMAR BARIK | 118000 | |
| 21.05.2024 | 73142888 | JAGYASENI BISWAL | 67000 | HDFC BANK LTD, PLOT NO 2, MAHANADI VIHAR, CUTTACK-753004 |
| 21.05.2024 | 74615484 | ROJITA PRADHAN | 120000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 21.05.2024 | 74435344 | JHASA KETAN PADHY | 144200 | HDFC BANK LTD, PLOT NO-3565, PALASUNI, BHUBANESWAR- 751010 |
| 21.05.2024 | 73964581 | ASHWINI PRADHAN | 24300 | HDFC BANK LTD, PLOT NUMBER-634, GANESH BAZAAR, MAIN ROAD, PHULBANI-762001 |
| 21.05.2024 | 73969643 | RASHMIREKHA PANDA | 72000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 21.05.2024 | 74314371 | JAGANNATH DUARI | 51700 | |
| 21.05.2024 | 73988729 | RASHMIREKHA PANDA | 25700 | |
| 21.05.2024 | 73940646 | RAJ KISHOR PODH | 88400 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 21.05.2024 | 73906241 | NILAMANI MAHANA | 17000 | |
| 21.05.2024 | 73931265 | MANASI PANDA | 108400 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 21.05.2024 | 73849563 | SABYASACHI DASH | 77500 | |
| 21.05.2024 | 73585617 | TUSHAR RANJAN DASH | 57000 | |
| 21.05.2024 | 74776597 | ARJUNA SAHOO | 48300 | |
| 21.05.2024 | 74010330 | SANATAN MALIK | 20400 | |
| 21.05.2024 | 74148446 | MUNI MAHANTA | 31500 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 21.05.2024 | 73934842 | HEMANTA KUMAR JENA | 207600 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 21.05.2024 | 73343332 | SABNAM KHANUM | 55500 | |
| 21.05.2024 | 74696823 | AJAYA KUMAR BARAL | 54000 | |
| 21.05.2024 | 74109415 | SANJIB KUMAR SAHOO | 204000 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 21.05.2024 | 74098223 | M UMAMAHESWAR RAO | 1000000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 21.05.2024 | 75047128 | KEDAR NATH RATH | 341000 | |
| 21.05.2024 | 74382360 | JEETENDRA KUMAR PANIGRAHY | 85900 | |
| 21.05.2024 | 74678414 | SAMBIT MOHANTY | 150400 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 21.05.2024 | 74470886 | SAMBIT MOHANTY | 52400 | |
| 21.05.2024 | 74614018 | UMARANJAN GURU | 282000 | HDFC BANK LTD, VIP PLAZA, VIP ROAD, PURI-752001 |
| 21.05.2024 | 74042438 | RAMAKANTA DAS | 60000 | |
| 21.05.2024 | 73977222 | SATYAPRIYA BEHERA | 58000 | |
| 21.05.2024 | 74005205 | AMITA KHADIRATNA | 30400 | |
| 21.05.2024 | 73952879 | BHASKAR BISWAL | 29900 | |
| 21.05.2024 | 74410375 | TEJRAM AHIR | 40000 | |
| 21.05.2024 | 73970564 | AMARCHANA AGHARIA | 25000 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 21.05.2024 | 74347877 | TEJRAM AHIR | 17100 | |
| 21.05.2024 | 73982859 | KUNU NAIK | 11400 | |
| 21.05.2024 | 74805297 | KUMAR SUBRAT | 210000 | HDFC BANK LTD LOCHAPADA GROUND FLOOR NEAR RADIO STATION BERHAMPUR-760001 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 11-05-2024,
Place : ORISSA

Sd/- Authorised Officer,
HDFC BANK LTD.

## ସଂକ୍ଷେପରେ

### ଗାଁ ଗାଁ ବୁଲି କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

**ରିଷିଡା, ୧୦।୫ (ସୁଶାନ୍ତ ମଲ୍ଲିକ):** ନର୍ଲା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସ ଗାଁକୁ ଗାଁ ବୁଲି ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଶୁକ୍ରବାର ସେ ପୁଟିଗାଁରୁ ପ୍ରଚାର ଆରମ୍ଭ କରି ବିନ୍ଧାଣି, ତେରେସିଙ୍ଗା, ରିଷିଡା, ପୌରକେଲା, ବୁଢୀପଦର, ଖରଝୁରା, ଗଜବାହାଲ ଆଦି ଗାଁ ବୁଲିଥିଲେ। ପ୍ରଚଣ୍ଡ ଖରାତାତି ସତ୍ତ୍ୱେ ବହୁ ମହିଳାପୁରୁଷ ତାଙ୍କ ସହ ସାମିଲ ହୋଇଥିଲେ।

### ଖଡ଼ିଆଳରେ ଓଲିଉଡ୍ ଷ୍ଟାର ପ୍ରଚାରକ ଅର୍ଚ୍ଚିତା ଓ ସବ୍ୟସାଚୀ

**ଖଡ଼ିଆଳ,୧୦।୫ (ସୁଜିତ କୁମାର ପ୍ରଧାନ):** ଆସନ୍ତା ୧୩ରେ ଭୋଟ ଗ୍ରହଣ ହେବାକୁ ଥିବା ଖଡ଼ିଆଳ ବିଧାନସଭା ମଣ୍ଡଳୀରେ ଶୁକ୍ରବାର ବିଜେଡ଼ିର ପ୍ରଚାର ପାଇଁ ମଇଦାନକୁ ଓହ୍ଲାଇଛନ୍ତି ଓଲିଉଡ ଷ୍ଟାର ଦମ୍ପତି ସବ୍ୟସାଚୀ ଓ ଅର୍ଚ୍ଚିତା। ଏମାନେ ଖଡ଼ିଆଳଠାରୁ ଏକ ଖୋଲା ଗାଡ଼ିରେ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ଖଡ଼ିଆଳ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀଙ୍କ ସହ ଖଡ଼ିଆଳ, ବୋଡ଼େନ ଓ ସିନାପାଲି ସହର ସମେତ ପ୍ରାୟ ପଚାଶ ଖଣ୍ଡ ଗାଁ ବୁଲିଥିଲେ। ତାଙ୍କ ସହ ଏକ ବିରାଟ ବାଇକ୍ ରାଲି ବୁଲିଥିଲା। ଷ୍ଟାର ଦମ୍ପତି ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ବିକାଶ ଧାରାକୁ ଆଗେଇ ନେବାକୁ ପୁଣିଥରେ ବିଜେଡ଼ିକୁ ଭୋଟ ଦେବାକୁ ଅପିଲ କରିଥିଲେ। ଉଭୟଙ୍କୁ ଦେଖିବାକୁ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ଲୋକଙ୍କ ବିକାଶ ପାଇଁ ଅନେକ ଯୋଜନା କରିଛନ୍ତି ଓ ଲୋକେ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଦେଖିବାକୁ ଚାହାନ୍ତି ବୋଲି ଉଭୟ ପ୍ରାର୍ଥୀ ପ୍ରକାଶ କରିଥିଲେ। ଶୋଭାଯାତ୍ରାରେ ବିଜେଡ଼ି ପର୍ଯ୍ୟବେକ୍ଷକ ଉଦ୍ଧବ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ପ୍ରଚାର ଜୋର୍‌ଦାର କଲେ ପ୍ରାର୍ଥୀ

**ନୂଆପଡ଼ା,୧୦।୫ (ମକାରୁ ବେମାଲ):** ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଶନିବାର ଅପରାହ୍ନ ୪ଟାରେ ପ୍ରଚାର କାର୍ଯ୍ୟ ଶେଷ ହେବ। ଆଉ ଗୋଟିଏ ଦିନ ରହିଥିବାରୁ ପ୍ରତ୍ୟେକ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି। ମୁଣ୍ଡ ଫଟା ଖରାରେ ମଧ୍ୟ ନେତା ଓ କର୍ମୀମାନେ ରୋଡ୍ ଶୋ କରିବା ସହ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ପିସିସି ସଭାପତି ଶରତ ପଟ୍ଟନାୟକ ନିଜ ସମର୍ଥକଙ୍କ ସହ ନୂଆପଡା ସଦର ମହକୁମାରେ ରୋଡ ଶୋ କରିବା ସହ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିଥିଲେ । ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ସଦର ମହକୁମାର ପ୍ରତ୍ୟେକ ଗଳିକନ୍ଦିକୁ ଯାଇ ଭୋଟରଙ୍କୁ ଆପଣାଇବାରେ ଲାଗିଥିଲେ। ଭାଜପା ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ମଧ୍ୟ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିବା ସହ ସଦର ମହକୁମାରେ ରୋଡ ଶୋ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ଘାସିରାମ ମାଝି ନିଜ ସମର୍ଥକଙ୍କ ସହ ପ୍ରଚାର କାର୍ଯ୍ୟରେ ଲାଗିପଡିଛନ୍ତି ।



ସାମୂହିକ ବ୍ରତୋପନୟନ କରାଯାଉଛି।

# ପର୍ଶୁରାମ ଜୟନ୍ତୀରେ ସାମୂହିକ ବ୍ରତୋପନୟନ

ଭବାନୀପାଟଣା,୧୦।୫ (ଉତ୍ତମ କୁମାର ଦାଶ)

ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଶୁକ୍ରବାର ଭବାନୀପାଟଣା ଅଗସେନ ଭବନଠାରେ ଭଗବାନ ପର୍ଶୁରାମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ନିଃଶୁଳ୍କ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମରେ ହାଇଦ୍ରାବାଦରୁ ଜଣେ, ଛତିଶଗଡ଼ ଜଗଦଲପୁରରୁ ଜଣେ ଓ କଳାହାଣ୍ଡି ଜିଲାରୁ ୨୪ଜଣ ବ୍ରାହ୍ମଣ ସନ୍ତାନଙ୍କ ଉପନୟନ ସଂସ୍କାର ସମ୍ପୂର୍ଣ୍ଣ ବୈଦିକ ରୀତିରେ ପଣ୍ଡିତ ମଙ୍ଗଳୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲାର ୨୮ ଜଣ ଆଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଅପରାହ୍ନ ୩ଟାରେ ୨୬ ଜଣ ନବ ବ୍ରହ୍ମଚାରୀଙ୍କ ଜଗନ୍ନାଥ ମନ୍ଦିର ଓ ମାଣିକେଶ୍ୱରୀ ମନ୍ଦିରକୁ ରୋଷଣି

**୨୬ ନବ ବ୍ରହ୍ମଚାରୀଙ୍କ ରୋଶଣି ଶୋଭାଯାତ୍ରା**

ଶୋଭାଯାତ୍ରା ବେଶ ଆକର୍ଷଣୀୟ ଥିଲା। ସମସ୍ତ ନବ ବ୍ରହ୍ମଚାରୀଙ୍କୁ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ୱର୍ଣ୍ଣ ମୁଦ୍ରିକା ପ୍ରଦାନ କରାଯାଇଥିଲା। ଅକ୍ଷୟ ତୃତୀୟା ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ପୂଜାର୍ଚ୍ଚନା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞର କର୍ତ୍ତା ହୋଇଥିଲେ ବିଶ୍ୱଜିତ ନେଗୀ ଓ ତାଙ୍କ ପତ୍ନୀ ସ୍ମିତାରାଣି ନେଗୀ।

ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଜଗନ୍ନାଥ ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଔପନ୍ୟାସିକ ରାହାସ ବିହାରୀ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଗୁରୁ ସୁଧିର ପଣ୍ଡା, ଗୁରୁ ନରେନ୍ଦ୍ର ପଣ୍ଡା, ଗୁରୁ ଚିତ୍ତ ରଞ୍ଜନ ପଣ୍ଡାଙ୍କ ସଙ୍ଗୀତ ପରିଚାଳନାରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ସସ୍ମିତା ରଥ, ନମିତା ମିଶ୍ର ଓ ରୋଜାଲିନ ତ୍ରିପାଠୀ। ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସମାଜର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଂଗଠନ ସମ୍ପାଦକ ସାଙ୍ଗଠନିକ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସତ୍ୟ ନାରାୟଣ ମହାପାତ୍ରଙ୍କ ପୁସ୍ତକ ବ୍ରାହ୍ମଣ ସମାଜ କଳାହାଣ୍ଡି ଏକ ବିହଙ୍ଗାବଲୋକନ ଓ ଚାରୁଶିଳା ବାବୁଙ୍କ ଦୁଇଟି ପୁସ୍ତକ 'ନୈବେଦ୍ୟ' ଓ 'ଭକ୍ତି କୁସୁମ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସମାଜ ପ୍ରତି ଉତ୍ସର୍ଗୀକୃତ ଅବଦାନ ନିମନ୍ତେ କଳାହାଣ୍ଡି ଜିଲାର ୯ଜଣ ବରିଷ୍ଠ ବ୍ରାହ୍ମଣ ଓ ବ୍ରହ୍ମପୁରର ସିନେ ଅଭିନେତା ତଥା ପ୍ରଯୋଜକ ଧିରେନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାହାଣ୍ଡିର ବିକାଶଧାରାରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଖବରଦାତା ଉମାଶଙ୍କର କର, ଶାନ୍ତନୁ ବେହେରା, ବିଜୟ ଦ୍ୱିବେଦୀ, ପ୍ରଶାନ୍ତ ପଣ୍ଡା, ସନ୍ତୋଷ ସିଂହ ଦେଓ, କୈଳାସ ସାହୁ, ମନମୋହନ ପ୍ରଧାନ, ବିକାଶ ଷଡ଼ଙ୍ଗୀ, ଲକ୍ଷ୍ମୀ ବାଗ, ଅମିୟ ସାହୁ ଓ ସ୍ନିଗ୍ଧାରାଣୀ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ଧର୍ମଗଡ ଉପଖଣ୍ଡ ବ୍ରାହ୍ମଣ ସମାଜ ଉପସଭାପତି ଓ ଜିଲାର ସମସ୍ତ ବ୍ଲକ ବ୍ରାହ୍ମଣ ସମାଜର ସଭାପତି ଓ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ଓ ଆକାଶବାଣୀ କଳାକାର ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ।

## ଭାଜପା ବିଧାୟକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

କୋକସରା,୧୦।୫ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକର କୋକସରା, କାଉଡୋଳା, ସୁନାମାଲ, ଲଦୁଗାଁ, ଆଇଁଲୀ ଗ୍ରାମରେ ସମର୍ଥକଙ୍କ ସହ ଭାଜପା ବିଧାୟକ ପ୍ରାର୍ଥୀ ସୁଧୀର ପାଟ୍ଟଯୋଶୀ ମାରାଥନ ପ୍ରଚାର କରିଛନ୍ତି। ସେ କେନ୍ଦ୍ରର ମୋଦି ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଡବଲ ଇଞ୍ଜିନ ଓଡିଶା ରାଜ୍ୟରେ ଆସିଲେ ମୋଦି ସରକାର ଦେଇଥିବା ନିର୍ବାଚନ ଇସ୍ତାହାର ଲାଗୁ ହେବ ଓ ଏକ ବିକଶିତ ଓଡିଶା ଗଠନ ହେବ ବୋଲି କହି ଭୋଟ ଭିକ୍ଷା କରୁଛନ୍ତି। ତାଙ୍କ ସହ ଛତିଶଗଡ଼ ଦେଭୋଗ ବ୍ଲକ ଅଧ୍ୟକ୍ଷା ନେହା ସିଙ୍ଘଲ, ଭାଜପା ଜିଲା କମିଟି ସଦସ୍ୟ ଶିତଲା ପାଣ୍ଡେ, ମିନା ବୈଷ୍ଣବ, ହିମାଂଶୁ ପଣ୍ଡା, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ଧଜ ମାଝି, ମଣ୍ଡଳ ସଭାପତି କୋକସରା ଦୁର୍ଗା ପ୍ରଧାନୀ, ମଣ୍ଡଳ ସମ୍ପାଦକ କୋକସରା ତ୍ରିନାଥ ଶବର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଜମନ ନାଏକ, ଉପସଭାପତି ଗୋପାଳ ଅଗ୍ରୱାଲଙ୍କ ସମେତ ଶତାଧିକ କର୍ମକର୍ତ୍ତା ଘର ଘର ବୁଲି ଭୋଟ ପ୍ରଚାର କରିଛନ୍ତି।



ପ୍ରଚାରରେ ସାମିଲ ଭାଜପା ବିଧାୟକ ପ୍ରାର୍ଥୀ ଓ ସମର୍ଥକ।

## ଧମକ ଦେଇ ଲୁଟିନେଲେ ୧ଲକ୍ଷ

ଲାଞ୍ଜିଗଡ,୧୦।୫(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ବିଜେପୁର ଶିବ ମନ୍ଦିର ଛକ ନିକଟରେ ଜଣେ ବ୍ୟକ୍ତିଙ୍କଠାରୁ ଲୁଟ୍ ହୋଇଛି। ନାତୁଣି ବାହାଘର ପାଇଁ ଟଙ୍କା ନେଇ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ଧମକ ଦେଇ ତାଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ଶୁକ୍ରବାର ବିଜେପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାନୁସାରେ ବିଜେପୁର ଥାନା ସାହାଜପଡା ଗ୍ରାମର ଗୋପବନ୍ଧୁ ସାହୁ ନିଜ ନାତୁଣି ବାହାଘର ପାଇଁ କଲ୍ୟାଣ ସିଂପୁର କପା ମାଲିକ ଗୌରୀଶଙ୍କର ରାଓଙ୍କଠାରୁ ନିଜ କପା ବିକ୍ରି ୧ଲକ୍ଷ ଟଙ୍କା ନେଇ ଫେରୁଥିଲେ। ବିଜେପୁର ଶିବ ମନ୍ଦିର ଛକ ନିକଟରେ ଦୁଇ ଯୁବକ ତାଙ୍କ ବାଇକ୍ ଅଟକାଇ ପ୍ୟାଣ୍ଟ ପକେଟରୁ ୧ ଲକ୍ଷ ଟଙ୍କା ନେଇଯାଇଥିଲେ। ପାଟିକଲେ ଛୁରିରେ ଭୁସି ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିବା ଗୋପବନ୍ଧୁ ପ୍ରକାଶ କରିଛନ୍ତି। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ସେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ରଘୁନାଥ ମାଝିଙ୍କୁ ପଚାରିବାରୁ ୧ ଲକ୍ଷ ଟଙ୍କା ଲୁଟ୍ ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୭/୨୦୨୪) ରୁଜୁ କରି ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି।

## ମା' ଦ୍ୱାରସନୀ ମନ୍ଦିରରେ ରତ୍ନମୁଦ ଉତ୍ସବ

ବୋଡ଼େନ,୧୦।୫(ଟିକେଶ୍ୱର ନାଗ)

ବୋଡ଼େନ ସଦର ମହକୁମାସ୍ଥିତ ମା' ଦ୍ୱାରସନୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ଗାଁର ଝାଙ୍କର ମନ ମାଝି ଓ ଲଛମନ ମାଝି ସସ୍ତ୍ରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱର ପାଣିଗ୍ରାହୀ ପୌରୋହିତ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଥମେ ମା' ଦ୍ୱାରଶନିଙ୍କୁ ବୋଡ଼େନ ବସ୍ତି ପରିକ୍ରମା କରାଇ ମନ୍ଦିର ରତ୍ନମୁଦ ଶୁଭାରମ୍ଭ କରାଯାଇଥିଲା। ଉତ୍ସବରେ ୨୪ ଟିକିରୀ ଓ ପାର୍ଶବର୍ତ୍ତୀ ଗ୍ରାମର ଶ୍ରଦ୍ଧାଳୁ ଉପସ୍ଥିତ ରହି ମାତୃଆଶିଷ ଲାଭ କରିଥିଲେ। କୁମ୍ଭରେ ଧଳାଧାନ, ସୁନା, ଚାନ୍ଦୀ, ଅଷ୍ଟଧାତୁ, ସିକା ଟଙ୍କା ଇତ୍ୟାଦି ଭରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବୋଡ଼େନ ଗ୍ରାମବାସୀ ସହଯୋଗ କରିଥିଲେ।



ରତ୍ନମୁଦ ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା ।

## ମୋଦିଙ୍କ ବିକଶିତ ଭାରତରେ ସାମିଲହେବାକୁ ଆହ୍ୱାନ

ଧର୍ମଗଡ଼,୧୦।୫ (ହିମାଂଶୁ ଶେଖର ପଣ୍ଡା)

**ଧର୍ମଗଡ଼ରେ ଭାଜପାର ବିଜୟ ସଂକଳ୍ପ ସମାବେଶ**

କଳାହାଣ୍ଡି ଜିଲା ଧର୍ମଗଡ଼ର ଏକ ହୋଟେଲ ସଭାଗୃହରେ ଶୁକ୍ରବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ ଯୋଗଦେଇ ଭାଜପାକୁ ଭୋଟ ଦେଇ ମୋଦିଙ୍କ ବିକଶିତ ଭାରତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ଓଡ଼ିଶାରେ ଭାଜପା ସରକାର ଆସିଲେ ଓଡ଼ିଆ ଲୋକ ମୁଖ୍ୟମନ୍ତ୍ରୀ ହେବା ସହ ନିର୍ବାଚନୀ ଇସ୍ତାହାର ଉପରେ ମଧ୍ୟ କହିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ପୂର୍ବତନ ଜିଲା ସଭାପତି ଧନଞ୍ଜୟ ପାତ୍ର, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସତ୍ୟ ନାରାୟଣ ବେହେରା, ସଂଯୋଜକ ମନିନ୍ଦ୍ର ଭୂଷଣ ପାତ୍ର, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ନଗର ସଭାପତି ହରେକୃଷ୍ଣ ପଣ୍ଡା, ଖଇରପଦର ମଣ୍ଡଳ ପ୍ରଭାରୀ ଟିକେ ମଣି ସା, ଟିପିଗୁଡା ମଣ୍ଡଳ ପ୍ରଭାରୀ ଜନ୍ମେଜୟ ନାଏକ, ଜଗନ୍ନାଥ ପାଣିଗ୍ରାହୀ (ଛତିଶଗଡ଼) ପ୍ରମୁଖ ମଞ୍ଚାସୀନ ଥିଲେ।



ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ।

## ବିଜେଡି ପ୍ରାର୍ଥୀଙ୍କ ପାଇଁ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁଙ୍କ ପ୍ରଚାର

କୋକସରା,୧୦।୫(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ନିର୍ବାଚନ ପାଇଁ ଆଉ ଦିନକେଇଟା ବାକି ଥିବାବେଳେ ପ୍ରଚାର ପାଇଁ ଦିନରାତି ଏକ କରି ଦେଇଛନ୍ତି ପ୍ରାର୍ଥୀ ଓ ସମର୍ଥକ। ଗୁରୁବାର ଧର୍ମଗଡ଼ ନିର୍ବାଚନମଣ୍ଡଳୀର କଳାହାଣ୍ଡି ଜିଲା କୋକସରା ବ୍ଲକ୍‌ର ମାଝିଗୁଡ଼ା ଓ ଲଦୁଗାଁ ପଞ୍ଚାୟତରେ ବିଜେଡି ପକ୍ଷରୁ ମାରାଥନ ପ୍ରଚାର କରାଯାଇଛି। ପ୍ରଚାରରେ ନବରଙ୍ଗପୁର ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ଧର୍ମଗଡ଼ ନିର୍ବାଚନମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ଓମ୍‌ଫେଡ଼୍‌ର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ସାମିଲ ହୋଇ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ମାଝିଗୁଡ଼ା ଓ ଲଦୁଗାଁରେ ରୋଡ୍ ଶୋ ଅନୁଷ୍ଠିତ ହୋଇଥିଲା।



ପ୍ରଚାରରେ ସାମିଲ ଭାଜପା ବିଧାୟକ ପ୍ରାର୍ଥୀ ଓ ସମର୍ଥକ।

## ଷୋହଳ ପ୍ରହର ନାମଯଜ୍ଞ ନିମିତ୍ତ ଶୁଭଖମ୍ବ ସ୍ଥାପନ

ବେହେରା,୧୦।୫(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ ଶୁକ୍ରବାର ଶୁଭଖମ୍ବ ସ୍ଥାପନ କରାଯାଇଛି। ସକାଳୁ ଗ୍ରାମବାସୀ ଆରାଧ୍ୟ ଦେବୀ ମା' ଦନ୍ତେଶ୍ୱରୀଙ୍କଠାରୁ ଆଜ୍ଞାମାଳ ନେଇ ନିକଟସ୍ଥ ଜଙ୍ଗଲରୁ ଆଣିଥିବା ଶାଳ ଖମ୍ବକୁ ପୂଜାର୍ଚ୍ଚନା କରିଥିଲେ। ପରେ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ଗ୍ରାମ ପରିକ୍ରମାକରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ମୋହନ ତିୱାରୀ ପୂଜାର୍ଚ୍ଚନା କରିଥିବାବେଳେ ତ୍ରିନାଥ ଗୋପାଳ ଓ ସ୍ତ୍ରୀ ସୁତୟା ଗୋପାଳ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ନାମଯଜ୍ଞ କମିଟି ସଭାପତି ମଣ୍ଟୁ ଅଗ୍ରୱାଲ, ସମ୍ପାଦକ ମୁନା ନାଏକ ଓ କୋଷାଧ୍ୟକ୍ଷ ହେମାଳ ନାଏକ, ଉପଦେଷ୍ଟା ଲଳିତ ଅଗ୍ରୱାଲ, ବଳରାମ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

## ଭବାନୀପାଟଣାରେ ପ୍ରଦୀପ୍ତ, ମାଳବିକାଙ୍କ ଶକ୍ତି ପ୍ରଦର୍ଶନ

ଭବାନୀପାଟଣା,୧୦।୫(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଶକ୍ତି ପ୍ରଦର୍ଶନ କରିଛନ୍ତି ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ ଓ ଏମ୍‌ପି ପ୍ରାର୍ଥିନୀ ମାଳବିକା କେଶରୀ ଦେଓ। ଶୁକ୍ରବାର ଅପରାହ୍ନରେ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ଆଶୀର୍ବାଦ ନେଇ ଦୁଇ ପ୍ରାର୍ଥୀ ବିଭିନ୍ନ ୱାର୍ଡରେ ରୋଡ ଶୋ ମାଧ୍ୟମରେ ହାଇଭୋଲଟେଜ୍ ପ୍ରଚାର କରିଥିଲେ। ପ୍ରବଳ ଜନସମାଗମ ଯୋଗୁ ସହରରେ ବିଭିନ୍ନ ଛକରେ ଟ୍ରାଫିକ ଜାମ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। କେନ୍ଦ୍ର ଓ ରାଜ୍ୟର ବିକାଶ ପାଇଁ ଭାଜପାକୁ ଭୋଟ ଦେବାପାଇଁ ଜନସାଧାରଣଙ୍କୁ ଉଭୟ ନିବେଦନ କରିଥିଲେ। ଏହି ସମୟରେ ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ, ପୂର୍ବତନ ବିଧାୟକ ଅନାମ ନାଏକ, ଛତିଶଗଡ ରାଜ୍ୟର ପୂର୍ବତନ ବିଧାୟକ ଡମ୍ବରୁଧର ପୂଜାରୀ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ବରିଷ୍ଠ ନେତା ରୂପେଶ ଜୈନ, ଚିନ୍ମୟ ବେହେରା, ଭଣ୍ଡେଶ୍ୱର ମହାପାତ୍ର, ନାରିନେତ୍ରୀ ବିନୀତା ଦାଶ, ଶର୍ମିଷ୍ଠା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଭବାନୀପାଟଣାରେ ପ୍ରଦୀପ୍ତ ଓ ମାଳବିକା ରୋଡ ଶୋ କରୁଛନ୍ତି।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା,୧୦।୫ (ଉତ୍ତମ କୁମାର ଦାଶ)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ଶୁକ୍ରବାର କଳାହାଣ୍ଡି ଜିଲା ଗସ୍ତରେ ଆସି ଭବାନୀପାଟଣାସ୍ଥିତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ ସହ ନିରୀକ୍ଷଣ କରିଛନ୍ତି। କାର୍ଯ୍ୟାଳୟର ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟା ୧୭ ଥିବାବେଳେ ବର୍ତ୍ତମାନ ଜିଲାରେ ମାତ୍ର ୮ଜଣ କାର୍ଯ୍ୟ କରୁଛନ୍ତି। ଅବସର ଓ ସ୍ଥାନାନ୍ତର ପରେ ଅନେକ ପଦବୀ ପୂରଣ ହୋଇନାହିଁ। କାର୍ଯ୍ୟାଳୟରେ ପ୍ରକ୍ଷେପକ, ସଞ୍ଚାଳକ, କିରାଣି, ଗ୍ରନ୍ଥାଗାରିକ, ଚତୁର୍ଥଶ୍ରେଣୀ କର୍ମଚାରୀ ପଦବୀ ପୂରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଅତି ଶୀଘ୍ର ପଦକ୍ଷେପ ନେବେ ବୋଲି ଉପନିର୍ଦ୍ଦେଶକ କହିଥିଲେ। କାର୍ଯ୍ୟାଳୟର ବିଭିନ୍ନ ଫାଇଲ, ରେଜିଷ୍ଟର, ଆକାଉଣ୍ଟ, କ୍ୟାଶ୍‌ବୁକ୍, ଷ୍ଟୋର, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ବିକ୍ରି, ଅନୁଦାନ ଓ ଖର୍ଚ୍ଚ ହିସାବ, ଅଡିଟ, ମିଡିଆ ପରିଚାଳନା, ପ୍ରେସ୍ କ୍ଲିପ୍, ସୂଚନା ଅଧିକାର ଆଇନ, ଦୃଶ୍ୟ ଶ୍ରାବ୍ୟ ଶାଖା ସହ ସୂଚନା କେନ୍ଦ୍ରର ପାସ୍‌ବୁକ୍, କସନ ମନି, ବୁକ୍ ରେଜିଷ୍ଟର ନିରୀକ୍ଷଣ କରିଥିଲେ। କାର୍ଯ୍ୟାଳୟରେ ଅବ୍ୟବହୃତ ଜିନିଷ ଏବଂ ଦୃଶ୍ୟ ଶ୍ରାବ୍ୟ ଶାଖାର ନଷ୍ଟ ହୋଇଥିବା ଯନ୍ତ୍ରପାତିକୁ କମିଟି ଗଠନ ସହ ନିଲାମ ପ୍ରକ୍ରିୟା କରିବାକୁ ପରାମର୍ଶ ଦେଇଥିଲେ।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କୁ ସ୍ୱାଗତ କରାଯାଉଛି।

## ଖବର ପ୍ରକାଶ ପରେ ଦୃଷ୍ଟିହୀନ ବୃଦ୍ଧାଙ୍କୁ ମିଳିଲା ୩ ମାସର ଭତ୍ତା

ନୂଆପଡ଼ା,୧୦।୫ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ସିଆଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ଦୃଷ୍ଟିହୀନ ବୃଦ୍ଧା ପଦ୍ମିନୀ ଦୁରିଆଙ୍କ ୮ ମାସର ଭତ୍ତା ଟଙ୍କା ମିଳି ନ ଥିଲା। ପଞ୍ଚାୟତ ଭତ୍ତା ତାଲିକାରୁ ତାଙ୍କ ନାମ ଉଭାନ ହୋଇଯାଇଥିବା ନେଇ ଏକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହା ପରେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ତାଙ୍କ ଆକାଉଣ୍ଟ ଓ ଭତ୍ତା ପାଉଥିବା ଖାତା ଟିକିନିଖି ଯାଞ୍ଚ କରିଥିଲେ। ଏଥିରେ ବୃଦ୍ଧା ଜଣକ ୮ମାସର ଭତ୍ତା ପାଇ ନ ଥିବା ଜଣାପଡିଥିଲା । ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ୩ ମାସର ଭତ୍ତା ୩ ହଜାର ଟଙ୍କା ଦିଆଯାଇଛି। ଆସନ୍ତା ମାସ ୧୫ରେ ବକେୟା ଟଙ୍କା ଦିଆଯିବ ବୋଲି କୁହାଯାଇଥିବା ବୃଦ୍ଧା ଜଣକ କହିଛନ୍ତି। ପଦ୍ମିନୀଙ୍କ ଏହି ସମସ୍ୟା ନେଇ ଗ୍ରାମବାସୀ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ଆକାଉଣ୍ଟରେ ଭତ୍ତାଟଙ୍କା ପଡୁଛି, ଭଲ ଭାବେ ଯାଞ୍ଚ କର ବୋଲି କହିଥିଲେ। ଗାଁ ଲୋକେ ବୃଦ୍ଧାଙ୍କ ଇଣ୍ଡିଆନ ବ୍ୟାଙ୍କ ଖାତା ଓ ପୋଷ୍ଟ ଅଫିସରେ ଥିବା ଖାତା ଯାଞ୍ଚ କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଖାତାରେ ୩୦ ଟଙ୍କା ଓ ପୋଷ୍ଟ ଅଫିସ ଖାତାରେ ୨୫ ଟଙ୍କା ରହିଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ବୃଦ୍ଧାଙ୍କ ବକେୟା ରହିଥିବା ସବୁ ମାସର ଭତ୍ତାଟଙ୍କା ଦିଆଯାଇଥିବା କହିଥିଲେ। ହେଲେ ପ୍ରକୃତରେ ତାଙ୍କୁ ୩ ମାସର ୩ ହଜାର ଟଙ୍କା ଦିଆଯାଇଥିବାବେଳେ ବାକି ୫ ମାସ ବାକି ରହିଛି । ଏ ଦିଗରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ରଘୁନାଥପାଲିରେ ଭାଜପାର ମିଶ୍ରଣ ପର୍ବ

ଝାରସୁଗୁଡ଼ା,୧୦ା୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକସ୍ଥିତ ରଘୁନାଥପାଲି ଗ୍ରାମରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଆୟୋଜିତ ମିଶ୍ରଣ ପର୍ବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ଓ ମୋଦି ଗ୍ୟାରେଣ୍ଟି ଉପରେ ଆସ୍ଥା ପ୍ରକଟ କରି ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ପୀତାମ୍ବର କଉଡି, ଦେବାନନ୍ଦ କଉଡି, କୃଷ୍ଣ ଚନ୍ଦ୍ର କଉଡି, ନିତ୍ୟାନନ୍ଦ ମକାର, ଦିନେଶ କଉଡି, ଲକ୍ଷ୍ମିନ୍ଦ୍ର କିସାନ, ରାମ କିସାନ, ଚନ୍ଦ୍ର ଶେଖର କଉଡି, ଖେତ୍ରୀ ହାତି, ଅଜିତ କଉଡି, ମହେନ୍ଦ୍ର କଉଡି, ରମେଶ କିଷାନ, ରଞ୍ଜିତ କିଷାନ, ଅମିତ କିଷାନ, ମିଲନ କିଷାନ, ଭଗବାନ କିଷାନ, ମିଥୁନ କିଷାନ, ମିତ୍ର କିଷାନ, ଲକ୍ଷ୍ମଣ କିଷାନଙ୍କ ସହିତ ଶତାଧିକ କର୍ମକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଓ ରାଜେଶ ହାସଦା ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ବିକାଶ ଦିଲ୍ଲୀରେ କରୁଛନ୍ତି, ତାହା ଓ ମଧ କରିବେ। ମୋଦିଙ୍କ ରାଜନୀତିରେ ଭାରତ ବଦଳିଛି। ପରିବର୍ତ୍ତିତ ଭାରତରେ ଉତ୍ସାହ ଦେଖାଯାଉଛି। ମିଶ୍ରଣ ପର୍ବରେ ନୂତନ ଭାବେ ଯୋଗ ଦେଇଥିବା କର୍ମକର୍ତ୍ତା ତଥା ଉପସ୍ଥିତ ଜନତାଙ୍କୁ ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଉଦ୍‌ବୋଧନ ଦେଇ କହିଥିଲେ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନା ଓ ଲାଗୁ କରୁ ନାହାନ୍ତି। ଭାଜପା ସରକାର ଆସିଲେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବ। ଝାରସୁଗୁଡା ଜିଲାରେ ଅନେକ କଳକାରଖାନା ଅଛି ହେଲେ ଝାରସୁଗୁଡା ବାହାର ଲୋକଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଝାରସୁଗୁଡ଼ାରେ ବାବୁ ରାଜ ଚାଲିଛି। ଏଠାରେ ନେତା, ଅଫିସରଙ୍କ ଦୁର୍ନୀତି ଚାଲିଛି। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ଝାରସୁଗୁଡାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯିବା ମୋର ମୁଖ୍ୟ ଲକ୍ଷ୍ୟ ହେବ ବୋଲି ଟଙ୍କଧର କହିଛନ୍ତି।

# ରାଜପୁରରେ ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ବ୍ରଜରାଜନଗର,୧୦ା୫(ବିଜୟ ବରାଡ଼)



ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ବ୍ଲକର ୫ଟି ଗ୍ରାମପଞ୍ଚାୟତ ରାଜପୁର, ଲୋଇସିଂହ, ଚାନ୍ଦନୀମାଲ, ଗଉଡମାଲ ଏବଂ କୁଦୋପାଲି ପାଇଁ ରାଜପୁର ଗ୍ରାମଠାରେ ବିଜୁ ଜନତା ଦଳର ନିର୍ବାଚନୀ କାର୍ଯ୍ୟାଳୟ ଶୁଭାରମ୍ଭ କରାଗଲା। ଏହି ଅବସରରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ନିର୍ବାଚନ ପାଇଁ ଏକ ସ୍ୱତନ୍ତ୍ର ରଣ ନିତି ପ୍ରସ୍ତୁତ କରିବା ସହ ଉପରୋକ୍ତ ୫ଟି ଗ୍ରାମପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ସହ ବିଜେଡି ସପକ୍ଷରେ ବିପୁଳ ପରିମାଣରେ ଆଶୀର୍ବାଦ ସକାଶେ ଉପଯୁକ୍ତ କାର୍ଯ୍ୟ ପନ୍ଥା ପ୍ରସ୍ତୁତ କରି ଲୋକଙ୍କ ନିକଟକୁ ପହଞ୍ଚିବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏହା ସହିତ ଗଣତନ୍ତ୍ରର ଏହି ମହାନ ପର୍ବରେ ସମସ୍ତେ ସାମିଲ ହୋଇ ନିଜର ଗଣତାନ୍ତ୍ରିକ ଅଧିକାର୍ ଭୋଟ ମାଧ୍ୟମରେ ସାବ୍ୟସ୍ତ କରିବା ପାଇଁ ଅନୁରୋଧ କରିଥିଲେ। ପର୍ଯ୍ୟବେକ୍ଷ ହରେକୃଷ୍ଣ ଷଡ଼ଙ୍ଗୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ମିତ୍ରଭାନୁ ସାହୁ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌଡମାଲ ସରପଞ୍ଚ ରାଜକୁମାର ସାଏ, ଗୌଡମାଲ ସମିତି ସଭ୍ୟା ପୁଷ୍ପା ଖଡିଆ, ରାଜପୁର ଗ୍ରାମପଞ୍ଚାୟତ ବିଜେଡି ସଭାପତି ଗଣେଶରାମ ବାଗ, ରାଜପୁର ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ହୃଦାନନ୍ଦ ବାରିକ, ବୈଜୟନ୍ତି ପଟେଲ, କୋଣାର୍କ ପଟ୍ଟନାୟକ, ତପସିନୀ ମେହେର, ବେଦମତୀ ତନ୍ତୀ, ରାଜିବ ପାଙ୍ଗଯୋଶୀ, ଦିବ୍ୟ କିସାନ, ପ୍ରତାପ ବିଶ୍ୱାଳ, ରାଜା ପାଙ୍ଗଯୋଶୀ, ଗଦାଧର ରାଏ, ହରି ଶଙ୍କର କଣ୍ଡା, ମନୋଜ ନାଏକ, ଦିଲୀପ ରାଉତ, ବିଜୟ ଭୋଇ, ପ୍ରଫୁଲ୍ଲ କଟାର୍, ଶୁଶିଲ ବଡାଇ, ବିମଳ ପଟେଲ ଏବଂ ଜିତୁ ରାଏ ପ୍ରମୁଖ ଉପସ୍ଥିତ ଥିଲେ।


## କେନରା ବୈଂକ Canara Bank — ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତାଙ୍କ ଠାରୁ **କାନାରା ବ୍ୟାଙ୍କର,ସଂପୃକ୍ତ ଶାଖାଗୁଡିକର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୨.୦୬.୨୦୨୪ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ.** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେପ୍ରଦତ୍ତ। ଅମାନତ ରାଶି **ତା.୧୦.୦୬.୨୦୨୪ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ | ଅମାନତ ଜମା ରାଶି |
|---|---|---|---|---|
| **କଟକ, ସାଲେପୁର ଶାଖା, ଫୋନ୍: ୭୦୦୮୬୬୪୨୧୦/** **ଋଣଗ୍ରହୀତା: ଶ୍ରୀ ଅଭିରାମ ବେହେରା,** ପିତା: ବାସୁଦେବ ବେହେରା, ସା: ଜଗନ୍ନାଥପୁର, ପୋ: କୁଡ୍, ଥାନା: ସାଲେପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ବାସୁଦେବ ବେହେରା,** ପିତା: ୰ ଧଡି ବେହେରା, ସା: ଜଗନ୍ନାଥପୁର, ପୋ: କୁଡ୍, ଥାନା: ସାଲେପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୨, **୨) ଶ୍ରୀ ସନ୍ତୋଷ ବେହେରା,** ପିତା: ଗୟାଧର ବେହେରା, ସା: ଦହପଡା, ପୋ: କୁଡ୍, ଥାନା: ସାଲେପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୨ | **ଶ୍ରୀ ବାସୁଦେବ ବେହେରାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜଗନ୍ନାଥପୁର, ତହସିଲ: ନିଶ୍ଚିନ୍ତକୋଇଲି, ଖାତା ନଂ.: ୧୨୬, ପ୍ଲଟ୍ ନଂ.: ୩୯, କ୍ଷେତ୍ର: ଏକର ୦.୦୬୩୦ ଡିସିମିଲି, ପ୍ଲଟ୍ ନଂ.: ୪୧, କ୍ଷେତ୍ର: ଏକର ୦.୨୩୪ ଡିସିମିଲି, ପ୍ଲଟ୍ ନଂ.: ୫୧, କ୍ଷେତ୍ର: ଏକର ୦.୧୫୦ ଡିସିମିଲି, ପ୍ଲଟ୍ ନଂ.: ୫୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ପରିମିତ **ସମୁଦାୟ କ୍ଷେତ୍ର: ଏକର ୦.୫୪୭ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ସୟଦଫିଦା ଅହମ୍ମଦ, ଦକ୍ଷିଣ: ବାସୁଦେବ ବେହେରା, ପୂର୍ବ: ମଧୁସୂଦନ ବେହେରା, ପଶ୍ଚିମ: ବିକ୍ରେତା | ୦୭.୦୫.୨୦୨୪ ସୁଦ୍ଧା ଟ.୨୨,୭୯,୫୪୩/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୩୩,୫୩,୦୦୦/- | ଟ.୩,୩୬,୦୦୦/- |
| **ହରିରାଜପୁର ଶାଖା, ଫୋନ୍: ୭୭୩୮୯୯୮୪୨୨/** **ଋଣଗ୍ରହୀତା/ବନ୍ଧକଦାତା: ପ୍ରମିଳା କୁମାରୀ ତ୍ରିପାଠୀ,** ସ୍ୱାମୀ: ରମେଶ ଚନ୍ଦ୍ର ତ୍ରିପାଠୀ / **ଗ୍ୟାରେଣ୍ଟିଦାତା: ଅଭୟ କୁମାର ତ୍ରିପାଠୀ,** ଉଭୟଙ୍କ ଠିକଣା- ସା: ଜମରା, ପୋ: ବାଘୁଣୀ, ହରିରାଜପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୯ | ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ଜମରା, ତହସିଲ: ନିଶ୍ଚିନ୍ତକୋଇଲି, ଥାନା: ନେମାଳ, ଜିଲ୍ଲା: କଟକ, ପିନ୍-୭୫୪୨୦୯, ଖାତା ନଂ.: ୨୦୨, ପ୍ଲଟ୍ ନଂ.: ୨୧୬୩, କ୍ଷେତ୍ର: ଏକର୦.୧୫୦ ଡିସିମିଲି, କିସମ: ଘରବାରୀ, ଖାତା ନଂ.: ୨୦୨, ପ୍ଲଟ୍ ନଂ.: ୨୧୬୬, କ୍ଷେତ୍ର: ଏକର୦.୦୩୦ ଡିସିମିଲି, କିସମ: ବଗାୟତ, ଖାତା ନଂ.: ୨୦୨, ପ୍ଲଟ୍ ନଂ.: ୨୧୬୯, କ୍ଷେତ୍ର: ଏକର୦.୧୪୦ ଡିସିମିଲି, କିସମ: ବଗାୟତ, **ସମୁଦାୟ କ୍ଷେତ୍ର: ଏକର୦.୩୨୦ ଡିସିମିଲି** | ୦୭.୦୫.୨୦୨୪ ସୁଦ୍ଧା ଟ.୩,୭୨,୮୭୩/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୦,୫୧,୦୦୦/- | ଟ.୧,୦୬,୦୦୦/- |
| **ହରିରାଜପୁର ଶାଖା, ଫୋନ୍: ୭୭୩୮୯୯୮୪୨୨/** **୰ ରାଜକିଶୋର ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ବଳରାମ ସାହୁ,** ପିତା: ୰ ରାଜକିଶୋର ସାହୁ, **୨) ଅମ୍ବିକା ସାହୁ,** ସ୍ୱାମୀ: ୰ ରାଜକିଶୋର ସାହୁ / **ଗ୍ୟାରେଣ୍ଟିଦାତା: ସୁବାଷ କୁମାର ସାହୁ,** ସମସ୍ତଙ୍କ ଠିକଣା- ସା: ଜମରା, ପୋ: ବାଘୁଣୀ, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୯ | **ଶ୍ରୀ ପହଲି ସାହୁ,** ପିତା: ୰ ଗୋପାଳ ସାହୁଙ୍କ ନାମରେ ଥିବା (ଜମି ଏବଂ ଗୃହ) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୪୬, ଖାତା ନଂ.: ୪୯୯/୬୯, ସା/ମୌଜା: ଜମରା, ପୋ: ବାଘୁଣୀ, ଥାନା: ନେମାଳ, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ହାଡିବନ୍ଧୁ ସାହୁ, ଦକ୍ଷିଣ: ରଘୁନାଥ ସାହୁ, ସୁରେନ୍ଦ୍ରନାଥ ସାହୁ, ପୂର୍ବ: ସରକାରୀ ଜମି, ପଶ୍ଚିମ: ୧୫ ଫୁଟିଆ ଚଉଡା କଂକ୍ରିଟ୍ ରାସ୍ତା | ୦୭.୦୫.୨୦୨୪ ସୁଦ୍ଧା ଟ.୧୩,୬୮,୬୪୨/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୪,୫୫,୦୦୦/- | ଟ.୧,୪୬,୦୦୦/- |
| **ହରିରାଜପୁର ଶାଖା, ଫୋନ୍: ୭୭୩୮୯୯୮୪୨୨/** **ଋଣଗ୍ରହୀତା: ଅପୂର୍ବ କୁମାର ବିଶ୍ୱାଳ,** ପିତା: କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସା: ଖଣ୍ଡାୟତପଟକିରା, ପୋ: ବାଘୁଣୀ, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୯ / **ବନ୍ଧକଦାତା: ଅମୁଲ୍ୟ କୁମାର ବିଶ୍ୱାଳ,** ପିତା: କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସା: ଖଣ୍ଡାୟତପଟକିରା, ପୋ: ବାଘୁଣୀ, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୯ / **ଗ୍ୟାରେଣ୍ଟିଦାତା: ଅଭୟ କୁମାର ତ୍ରିପାଠୀ,** ସା: ଜମରା, ପୋ: ବାଘୁଣୀ, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୨୦୯ | **ଅମୁଲ୍ୟ କୁମାର ବିଶ୍ୱାଳ ଏବଂ କେଦାରନାଥ ବିଶ୍ୱାଳଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୩୯, ଖାତା ନଂ.: ୭୪, ସା/ମୌଜା: ଓରତି, ତହସିଲ: ନିଶ୍ଚିନ୍ତକୋଇଲି, ଥାନା: ନେମାଳ, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୨୫୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜାଗୁ ଖଣ୍ଟିଆ, ଦକ୍ଷିଣ: ଅମୁଲ୍ୟ କୁମାର ବିଶ୍ୱାଳ, ପୂର୍ବ: ରାସ୍ତା, ପଶ୍ଚିମ: ରାଧୁ ବିଶ୍ୱାଳ | ୦୭.୦୫.୨୦୨୪ ସୁଦ୍ଧା ଟ.୪୦,୬୯,୪୭୮/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୯,୭୯,୦୦୦/- | ଟ.୧,୯୮,୦୦୦/- |
| **ନନ୍ଦିସାହି ରୋଡ୍ ଶାଖା, ଫୋନ୍: ୯୪୩୭୫୬୭୯୫୨୯/** **ଋଣଗ୍ରହୀତା/ବନ୍ଧକଦାତା: ସୁଷମା ଗଦବା,** ସ୍ୱାମୀ: ଅଭିଷେକ ଲିଙ୍କା, ସା: ମନ୍ଦପଡା, ପୋ: ଦଉଲତାବାଦ, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୨୬ / **ଗ୍ୟାରେଣ୍ଟିଦାତା: ଇତିସ୍ମିତା ଲିଙ୍କା,** ମାର୍ଫତ: ରାଜେଶ ଦାସ, ସା: ମନ୍ଦପଡା, ପୋ: ଦଉଲତାବାଦ, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୨୬ | **୧) ସୁଷମା ଗଦବା,** ସ୍ୱାମୀ: ଅଭିଷେକ ଲିଙ୍କାଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଜିଲ୍ଲା: କଟକ, ଏସ୍‌ଆରଓ: ଜଗତ୍‌ପୁର, ତହସଲ: ଟାଙ୍ଗିଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ.: ୩୭, ମୌଜା: ଜେଜିପୁର ନରସିଂହପୁର, ମ୍ୟୁଟେସନ ଖାତା ନଂ.: ୩୮, ପ୍ଲଟ୍ ନଂ.: ୧୪୭୦, କ୍ଷେତ୍ର: ଏକର୦.୦୭୫୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୭୧, କ୍ଷେତ୍ର: ଏକର ୦.୦୦୫୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୮୦୦ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୪୬୯, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୪୭୨, ପଶ୍ଚିମ: ପ୍ଲଟ୍ ନଂ.: ୧୪୬୮, **୨) ସୁଷମା ଗଦବା,** ସ୍ୱାମୀ: ଅଭିଷେକ ଲିଙ୍କାଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଜିଲ୍ଲା: କଟକ, ଏସ୍‌ଆରଓ/ତହସିଲ: ଆଠଗଡ଼, ଥାନା: ଗୁରୁଡିଝାଟିଆ, ଥାନା ନଂ.: ୪୩, ମୌଜା: ଖମାର ନୂଆଗାଁ, ମ୍ୟୁଟେସନ ଖାତା ନଂ.: ୨୦୪/୫୩୨, ପ୍ଲଟ୍ ନଂ.: ୧/୧୧୨୯, କ୍ଷେତ୍ର: ଏକର୦.୪୦୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୨୦୪/୫୪୪, ପ୍ଲଟ୍ ନଂ.: ୧/୧୧୪୯, କ୍ଷେତ୍ର: ଏକର୧.୦୦୦ ଡିସିମିଲି, **ସମୁଦାୟ ପରିମିତ କ୍ଷେତ୍ର: ଏକର୧.୪୦୦୦ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧/୧୧୩୧, ଦକ୍ଷିଣ: ଗ୍ରାମ ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧, ପଶ୍ଚିମ: ରାସ୍ତା | ୦୭.୦୫.୨୦୨୪ ସୁଦ୍ଧା ଟ.୩୮,୨୮,୨୪୩/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | (୧) ଟ.୩୫,୪୦,୦୦୦/- (୨) ଟ.୪୮,୩୨,୦୦୦/- | ଟ.୩,୫୪,୦୦୦/- ଟ.୪,୮୪,୦୦୦/- |
| **ପାଟପୁର ଶାଖା, ଫୋନ୍: ୯୪୩୭୫୬୭୯୫୬୩ /** **ଋଣଗ୍ରହୀତାମାନେ: ୧) ମେସର୍ସ ଲତା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସ୍ୱାଇଁ,** ମେନ୍ ରୋଡ୍, ବସ୍ ଷ୍ଟାଣ୍ଡ ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୧୨, **୨) ଶ୍ରୀ ପ୍ରସନ୍ନ କୁମାର ସ୍ୱାଇଁ,** ପିତା: ୰ ପଞ୍ଚାନନ ସ୍ୱାଇଁ, ସା: ମଝି ସାହି, ସଦାବର୍ତ୍ତୀନୂଆଗାଁ, ପୋ/ଥାନା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୪ / **ଗ୍ୟାରେଣ୍ଟିଦାତା: ଭି ଧର୍ମା ରାଜୁ,** ପିତା: ୰ ଭି ବାଲାଜୀ ରାଜୁ, ସା/ପୋ: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୧୨ | **ଶ୍ରୀ ପ୍ରସନ୍ନ କୁମାର ସ୍ୱାଇଁ,** ପିତା: ୰ ପଞ୍ଚାନନ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ନୂତନ ଖାତା ନଂ.: ୧୯୨/୨୩୯, ପ୍ଲଟ୍ ନଂ.: ୧୧୧୨, କ୍ଷେତ୍ର: ଏକର୦.୦୧୭୦ ଡ଼ିସିମିଲି, ମୌଜା: ସଦାବର୍ତ୍ତୀ ନୂଆଗାଁ, ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ଅନୁରୂପ ପୁରୁଣା ଖାତା ନଂ.: ୨୫୮, ପ୍ଲଟ୍ ନଂ.: ୧୧୧୨, ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ, କବିସୂର୍ଯ୍ୟନଗରର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୯୦୬, ତା.୦୨.୦୯.୨୦୦୮ ଅନୁଯାୟୀ ସମ୍ପତ୍ତି ଶ୍ରୀ ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଶ୍ରୀ ନିଳକଣ୍ଠ ସ୍ୱାଇଁ, ଉଭୟଙ୍କ ପିତା: ୰ ପଞ୍ଚାନନ ସ୍ୱାଇଁଙ୍କ ନାମରେ ଅଛି, ଏହାର ଚାରିପାର୍ଶ୍ୱରେ ଉତ୍ତର: ହରିବନ୍ଧୁ ସ୍ୱାଇଁଙ୍କ ଗୃହ, ଦକ୍ଷିଣ: ଗଙ୍ଗାଧର ସ୍ୱାଇଁଙ୍କ ଗୃହ, ପୂର୍ବ: ଶ୍ରୀ ପିତବାସ ମଲ୍ଲିକଙ୍କ ଗୃହ, ପଶ୍ଚିମ: ଗ୍ରାମ ରାସ୍ତା | ୨୫.୦୭.୨୦୨୩ ସୁଦ୍ଧା ଟ.୪୨,୭୪,୮୭୦.୪୨ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୫,୪୧,୦୦୦/- | ଟ.୫୪,୧୦୦/- |
| **ଏଆର୍‌ଏମ୍ ଶାଖା, ଫୋନ୍: ୭୦୭୭୭୨୦୫୩୦/** **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ଯାଦବେନ୍ଦ୍ର ପ୍ରଧାନ,** ପିତା: ଲକ୍ଷ୍ମୀକାନ୍ତ ପ୍ରଧାନ, **୨) ଶ୍ରୀମତୀ ମଧୁସ୍ମିତା ପ୍ରଧାନ,** ସ୍ୱାମୀ: ଯାଦବେନ୍ଦ୍ର ପ୍ରଧାନ, ସମସ୍ତଙ୍କ **ଠିକଣା- ୧)** ସା: ବେଣୁଦା, ପୋ: ଭୋଗରାଇ, ବାଲେଶ୍ୱର, ପିନ୍-୭୫୬୦୩୫, **ଠିକଣା-୨)** ସା: ପ୍ଲଟ୍ ନଂ.: ୪୦୫ ଏବଂ ୪୦୬, ଚତୁର୍ଥ ମହଲା, ବ୍ଲକ-ବି, ସାଇ ଚନ୍ଦନ ଏନ୍‌କ୍ଲେଭ୍, ମୌଜା: ଭାସ୍କରଗଞ୍ଜ, ଥାନା: ବାଲେଶ୍ୱର ଟାଉନ୍, ୟୁନିଟ୍ ନଂ.: ୧୦, ଜିଲ୍ଲା: ବାଲେଶ୍ୱର, ପିନ୍ - ୭୫୬୦୦୧ | **ଶ୍ରୀ ଯାଦବେନ୍ଦ୍ର ପ୍ରଧାନଙ୍କ** ନାମରେ "ସାଇ ଚନ୍ଦନ ଏନ୍‌କ୍ଲେଭ୍"ର ବ୍ଲକ୍-ବିର ୪ର୍ଥ ମହଲାରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୪୦୫ ଏବଂ ୪୦୬, ସୁପର ବିଲ୍ଟ ଅପ୍ ଏରିଆ: ୨୩୬୦ ବର୍ଗଫୁଟ (ଅଧିକ ବିସ୍ତୃତ ବିବରଣୀ: ବିଲ୍ଟ ଅପ୍ ଏରିଆ: ୧୭୩୦ ବର୍ଗଫୁଟ + ୭୨୮ ବର୍ଗଫୁଟ ସର୍ବସାଧାରଣ ବ୍ୟବହୃତ ସ୍ଥାନ ଆଡକୁ ସହିତ ତଳମହଲାରେ ଥିବା ୨ଟି କାର ପାର୍କିଂ ସ୍ଥାନ), ଖାତା ନଂ.: ୨୭୪/୪୩୯, ପ୍ଲଟ୍ ନଂ.: ୨୧୧, କ୍ଷେତ୍ର: ଏକର୦.୦୭୪ ଡ଼ିସିମିଲିରୁ ଏକର୦.୦୦୦୧ ଡ଼ିସିମିଲି, ପ୍ଲଟ୍ ନଂ.: ୨୩୩, କ୍ଷେତ୍ର: ଏକର୦.୦୩୧ ଡ଼ିସିମିଲିରୁ ଏକର୦.୦୦୦୧ ଡ଼ିସିମିଲି, ପ୍ଲଟ୍ ନଂ.: ୨୩୪, କ୍ଷେତ୍ର: ଏକର୦.୧୪୨ ଡ଼ିସିମିଲିରୁ ଏକର୦.୦୦୪୧ ଡ଼ିସିମିଲି, ପ୍ଲଟ୍ ନଂ.: ୨୩୫, କ୍ଷେତ୍ର: ଏକର୦.୦୧୫ ଡ଼ିସିମିଲିରୁ ଏକର୦.୦୦୦୧ ଡ଼ିସିମିଲି, ପ୍ଲଟ୍ ନଂ.: ୨୩୬/୧୭୫୯, କ୍ଷେତ୍ର: ଏକର୦.୧୮୮ ଡ଼ିସିମିଲିରୁ ଏକର୦.୦୧୬୦ ଡ଼ିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୪୫୦ ଡ଼ିସିମିଲିରୁ ଏକର୦.୦୨୦୪ ଡ଼ିସିମିଲି,** ମୌଜା: ଭାସ୍କରଗଞ୍ଜ, ଥାନା: ବାଲେଶ୍ୱର ଟାଉନ୍, ୟୁନିଟ୍ ନଂ.: ୧୦, ଜିଲ୍ଲା: ବାଲେଶ୍ୱର, ପିନ୍ - ୭୫୬୦୦୧ | ୦୯.୦୫.୨୦୨୪ ସୁଦ୍ଧା ଟ.୫୧,୯୫,୨୭୮.୦୮ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୮୭,୩୦,୦୦୦/- | ଟ.୯,୦୦,୦୦୦/- |
| **ଡୁବୁରୀ ଶାଖା, ଫୋନ୍: ୯୪୩୭୧୦୨୭୫୬/** **ଋଣଗ୍ରହୀତା: ମେସର୍ସ ଜୟଶ୍ରୀ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଜୟଶ୍ରୀ ଓଝା,** ସ୍ୱାମୀ: ଲକ୍ଷ୍ମୀଧର ମହାରଣା, ସା: ବାରଗାଡିଆ, ପୋ.: ଡୁବୁରୀ, ଥାନା: କଳିଙ୍ଗ ନଗର, ଜିଲ୍ଲା: ଯାଜପୁର-୭୫୫୦୨୬, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀଧର ମହାରଣା,** ପିତା: ରମେଶ ମହାରଣା, ସା: ମହାଖଳା, ୧୩୭୦, ଦୁର୍ଗା ମନ୍ଦିର ନିକଟ, ଚଣ୍ଡିଖୋଲ, ଯାଜପୁର-୭୫୫୦୪୪ | **ଲକ୍ଷ୍ମୀଧର ମହାରଣା,** ପିତା: ରମେଶ ମହାରଣା ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୩୭୦, କ୍ଷେତ୍ର: ଏକର୦.୨୬ଡିସିମିଲିରୁ ଏକର୦.୨୨୭୫୦ଡିସିମିଲି, ଖାତା ନଂ.: ୪୪୫୬, ମୌଜା: ମହାଖଳା, ତହସିଲ: ଦର୍ପଣ, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ ଜମି, ଦକ୍ଷିଣ: ଗୋଚର, ପୂର୍ବ: ଭୀଭସେନ ବେହେରା, ପଶ୍ଚିମ: କ୍ରେତା | ୧୦.୦୫.୨୦୨୪ ସୁଦ୍ଧା ଟ.୬୧,୯୭,୮୫୮.୮୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୪,୩୬,୮୦୦/- | ଟ.୨,୪୩,୬୮୦/- |
| **ବେତନଟି ଶାଖା, ଫୋନ୍: ୭୬୦୫୦୦୯୧୧୧/** **ଋଣଗ୍ରହୀତା: ମେସର୍ସ ସତ୍ୟମ ବ୍ରିକ୍ସ,** ଗ୍ରାମ: ଏସ୍ ଏସ୍ ମହୁଲିଆ, ବେତନଟି, ମୟୂରଭଞ୍ଜ, ଓଡ଼ିଶା - ୭୫୭୦୨୫, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ପିତା: ତ୍ରିଲୋଚନ ସାହୁ, ଗ୍ରାମ: ଏସ୍ ଏସ୍ ମହୁଲିଆ, ସା: ସର୍ବେଶ୍ୱରପୁର, ପୋ.: ବେତନଟି, ଥାନା: ବଡସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ପର୍ଶୁରାମ ମହାପାତ୍ର,** ପିତା: ସରୋଜ କୁମାର ମହାପାତ୍ର, ସା: ସର୍ବେଶ୍ୱରପୁର, ପୋ.: ଚନ୍ଦନପୁର, ବଡସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୧୭ | **ଲକ୍ଷ୍ମୀନାରାୟଣ ସାହୁ,** ପିତା: ତ୍ରିଲୋଚନ ସାହୁ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୮/୩୨, ପ୍ଲଟ୍ ନଂ.: ୨୨ ଏବଂ ୨୫, କ୍ଷେତ୍ର: ଏକର୦.୬୭ଡିସିମିଲି, ଗ୍ରାମ: ସର୍ବେଶ୍ୱରପୁର, ଥାନା: ବଡସାହି-୧୭୧, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୨୬, ଏହାର ଚାରିପାର୍ଶ୍ୱରେ ଉତ୍ତର: ହଳଦି ଗୁଣ୍ଡି ଠାକୁରାଣି ଟେମ୍ପୁଲ, ଦକ୍ଷିଣ: ଖାଲିଥିବା ଜମି, ପୂର୍ବ: ଲକ୍ଷ୍ମୀନାରାୟଣ ସାହୁ, ପଶ୍ଚିମ: ରାସ୍ତା (ରାସ୍ତା ପାଇଁ ବ୍ୟବହୃତ ସରକାରୀ ଜମି) | ୧୦.୦୫.୨୦୨୪ ସୁଦ୍ଧା ଟ.୪୮,୮୨,୨୪୩.୩୭ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୩,୦୨,୦୦୦/- | ଟ.୧,୩୦,୨୦୦/- |
| **ବରି ଶାଖା, ଫୋନ୍: ୭୬୦୫୦୦୯୧୦୭/** **ଋଣଗ୍ରହୀତା: ମେସର୍ସ ମା ସନ୍ତୋଷୀ ରେଣ୍ଟ ହାଉସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦେବାଶିଷ ମଲ୍ଲିକ,** ପିତା: ଶ୍ରୀ ମାନଗୋବିନ୍ଦ ମଲ୍ଲିକ, ଉଭୟଙ୍କ ଠିକଣା- ସା: ଚନ୍ଦନପୁର, ରାମଚନ୍ଦ୍ରପୁର, ଯାଜପୁର, ଓଡ଼ିଶା-୭୫୫୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶିଶିର କୁମାର ଦାଶ,** ପିତା: ଶ୍ରୀ କାହ୍ନୁଚରଣ ଦାଶ, ସା: ମେଦୁଆକୁଳ,ସୁକଳ, ଯାଜପୁର, ଓଡ଼ିଶା-୭୫୫୦୦୩ | **ଶ୍ରୀ ଦେବାଶିଷ ମଲ୍ଲିକଙ୍କ**ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୨୧, ଖାତା ନଂ.: ୬୧୪, କ୍ଷେତ୍ର: ଏକର୦.୦୩୦ଡିସିମିଲି, ମୌଜା: ଚନ୍ଦନପୁର, ଥାନା: ବିଦ୍ଧାରପୁର, ତହସିଲ: ବରି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ରାସ୍ତା ଏବଂ ଶତ୍ରୁଘନ ମଲ୍ଲିକ, ପୂର୍ବ: ଶତ୍ରୁଘନ ମଲ୍ଲିକ, ପଶ୍ଚିମ: ନିଜସ୍ୱ ପ୍ଲଟ୍ | ୧୦.୦୫.୨୦୨୪ ସୁଦ୍ଧା ଟ.୧୫,୫୧,୧୧୩.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୬,୫୨,୦୦୦/- | ଟ.୬୫,୨୦୦/- |
| **ବାସୁଦେବପୁର ଶାଖା, ଫୋନ୍: ୭୬୦୫୦୦୯୧୧୦/** **ଋଣଗ୍ରହୀତା: ମେସର୍ସ ଅନନ୍ତ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଅନିତା ଦାସ,** ସା/ପୋ.: ଗୁଡ, ଭାୟା: ଅନନ୍ତପୁର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୬, **୨) ଅନିତା ଦାସ,** ସ୍ୱାମୀ: କମଳେନ୍ଦୁ ବିକାଶ ଦାଶ ଶର୍ମା, ମେସର୍ସ ଅନନ୍ତ ଏଣ୍ଟରପ୍ରାଇଜେସର ସ୍ୱତ୍ତ୍ୱାଧିକାରୀ, ସା/ପୋ.: ଗୁଡ, ଥାନା: ସୋରୋ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୬ / **ଗ୍ୟାରେଣ୍ଟିଦାତା ତଥା ବନ୍ଧକଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାଶ,** ସ୍ୱାମୀ: ଶ୍ରୀ ଭାଗିରଥି ଦାଶ ଶର୍ମା, **୨) ଶ୍ରୀ କମଳେନ୍ଦୁ ବିକାଶ ଦାଶ ଶର୍ମା,** ପିତା: ୰ ଭାଗିରଥି ଦାଶ ଶର୍ମା, **୩) ଶ୍ରୀ ଶଶି ଭୂଷଣ ଦାଶ ଶର୍ମା,** ପିତା: ୰ ଭାଗିରଥି ଦାଶ ଶର୍ମା, **୪) ଶ୍ରୀମତୀ ଶଶିକଳା ପଣ୍ଡା,** ପିତା: ଭାଗିରଥି ଦାଶ ଶର୍ମା, ସମସ୍ତଙ୍କ ଠିକଣା- ସା/ପୋ.: ଗୁଡ, ଭାୟା: ଅନନ୍ତପୁର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୬ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ, ଶ୍ରୀ କମଳେନ୍ଦ ବିକାଶ ଦାଶ ଶର୍ମା, ଶ୍ରୀ ଶଶି ଭୂଷଣ ଦାଶ ଶର୍ମା ଏବଂ ଶଶିକଳା ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୦୯୪, ଖାତା ନଂ.: ୧୫୩୭/୫୯୦, କ୍ଷେତ୍ର: ଏକର୦.୩୨ଡିସିମିଲି, ମୌଜା: ଗୁଡ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର ପ୍ଲଟ୍ ନଂ.: ୩୦୮୭, ଦକ୍ଷିଣ: ପ୍ଲଟ୍ ନଂ.: ୩୬୯୫ ଏବଂ ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୩୦୯୫, ପଶ୍ଚିମ: ସର୍ବସାଧାରଣ ରାସ୍ତା | ୧୦.୦୫.୨୦୨୪ ସୁଦ୍ଧା ଟ.୩୧,୧୮,୩୬୩.୨୭ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୫୨,୭୪,୦୦୦/- | ଟ.୫,୨୭,୪୦୦/- |
| **ରାଇରଙ୍ଗପୁର-୧ ଶାଖା, ଫୋନ୍: ୭୬୦୫୦୦୯୧୪୦/** **ଋଣଗ୍ରହୀତା: ପାର୍ଥ ସାରଥି ମେଡିକାଲ ହଲ, ଏନ ଏ ସି ମାର୍କେଟ, ରାଇରଙ୍ଗପୁର, ଓଡ଼ିଶା, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗଗନ ବିହାରୀ ପଲେଇ,** ପିତା: ଭାଗିରଥି ପଲେଇ, ସା: ଖେଜୁରିଆ, ପୋ.: ଆହାରବନ୍ଧ, ଥାନା: ରାଇରଙ୍ଗପୁର, ଓଡ଼ିଶା-୭୫୭୦୫୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ହେମନ୍ତ କୁମାର ବାରିକ,** ପିତା: ନବିନ ବାରି, ସା: ଖେଜୁରିଆ, ପୋ.: ଆହାରବନ୍ଧ, ଆହାରବନ୍ଧ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୫୦ | **ଗଗନ ବିହାରୀ ପଲେଇ,** ପିତା: ଭାଗିରଥି ପଲେଇଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୯୭, ଖାତା ନଂ.: ୪୭, ମୌଜା: ଖେଜୁରିଆ, ତହସିଲ: କୁସୁମି, ସା: ଖେଜୁରିଆ, ପୋ.: ଆହରବନ୍ଧ, ଥାନା: ରାଇରଙ୍ଗପୁର, ଓଡ଼ିଶା-୭୫୭୦୫୦ | ୧୦.୦୫.୨୦୨୪ ସୁଦ୍ଧା ଟ.୭୪,୫୪,୦୩୪/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭୦,୦୦୦/- | ଟ.୭,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ (www.canarabank.com) ରେ ପ୍ରଦତ୍ତ ଲିଙ୍କ୍ "https://canarabank.com/pages/orissa" କିମ୍ବା ସମ୍ପୃକ୍ତ ଶାଖା ଭାରପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୦.୦୫.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ


# କୋଲାବିରା ଅଞ୍ଚଳରେ ଅକ୍ଷୟ ତୃତୀୟା, ହଳକରି ଅଖିମୁଠି ଅନୁକୂଳ

କୋଲାବିରା,୧୦ା୫(ବିଜୟ କୁମାର ବହିଦାର): ବୈଶାଖ ଶୁକ୍ଳ ଅକ୍ଷୟ ତୃତୀୟା କୃଷିଭିତ୍ତିକ ପର୍ବ କୋଲାବିରା ଅଞ୍ଚଳରେ ପାଳିତ ହୋଇଯାଇଛି। କୃଷିଜୀବୀମାନେ ଅକ୍ଷୟ ତୃତୀୟା ଉତ୍ସବ ସହ ଅଖିମୁଠ କ୍ଷେତରେ ହଳକରି ଅନୁକୂଳ କରିଛନ୍ତି। କୃଷିଜୀବୀମାନେ ଭୂମି ଓ ଶସ୍ୟ ପୂଜନ କରି ଅଖିମୁଠ ବଢାଇଛନ୍ତି। ଅକ୍ଷୟ ତୃତୀୟା ଚାଷୀମାନଙ୍କ ଚାଷ ଅନୁକୂଳର ପର୍ବ। ଆଜି ଏହି ପବିତ୍ର ଦିବସରେ ଚାଷୀମାନେ ପରମ୍ପରା ଅନୁଯାୟୀ ଭୂମିପୂଜା ଓ ଶସ୍ୟପୂଜା ଉଦ୍ଦେଶ୍ୟରେ ପ୍ରାତଃ ମୁହୂର୍ତ୍ତରେ ନୂତନ ବସ୍ତ୍ର ପରିଧାନ କରି ଅଖିମୁଠ ଧରି କ୍ଷେତକୁ ଯାଇ ଆଗାମୀ ଖରିଫ ଋତୁ ପାଇଁ ଚାଷ ଅନୁକୂଳ କରିଥିଲେ। ବୈଶାଖୀ ପର୍ବ ଅକ୍ଷୟ ତୃତୀୟା ଓଡିଆଙ୍କ ଏକ ବିଶିଷ୍ଟ ପର୍ବ। ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ହିଁ ଓଡିଆଙ୍କ ଜୀବନ ଧାରଣର ମୁଖ୍ୟ ଅବଲମ୍ବନ। ଅକ୍ଷୟ ତୃତୀୟା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଓଡିଶାର ପରମ୍ପରାରେ ଏହି ପର୍ବଟିର ଗୁରୁତ୍ୱ ବେଶ ଉପଲବ୍ଧ ହୋଇଥାଏ। ମାଟିମା'ଙ୍କୁ ପୂଜା ଆରାଧନା କରି କୃଷିଜୀବୀ ଓଡିଆମାନେ କୃଷିକାର୍ଯ୍ୟ ପାଇଁ ପ୍ରସ୍ତୁତ ହୁଅନ୍ତି। ଜନନୀ ସ୍ୱରୂପା ମାଟି ଆମକୁ ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗାଇଥାଏ। ତେଣୁ କରି ଏହି ଦିନଟି କୃଷକଙ୍କ ପାଇଁ ବେଶ ଗୁରୁତ୍ୱ ବହନ କରିଥାଏ। ଚଳିତବର୍ଷ ଅଖିମୁଠ ଅନୁକୂଳ ପ୍ରତି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କ ଉତ୍ସାହ ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ଚାଷୀମାନେ ନିଜସ୍ୱରରେ ବିଧିରକ୍ଷା ପୂର୍ବକ ଅଖିମୁଠ ଅନୁକୂଳ କରିଛନ୍ତି।


## ପୂର୍ବ ତଟ ରେଳପଥ

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-06-24
କାର୍ଯ୍ୟର ବିବରଣୀ : ବ୍ରହ୍ମପୁରର ପରିଚଳନ କ୍ଷେତ୍ରର ଉନ୍ନତି ସାଧନରେ ବିଦ୍ୟୁତିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 48,38,573.69, EMD(ଟଙ୍କାରେ):96,800.00

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-07-24
କାର୍ଯ୍ୟର ବିବରଣୀ : 03 ବର୍ଷ ସମୟାବଧି ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ କୋଚିଂ ଡିପୋରେ LHB/ SGAC କୋଚ ଏସି କୋଚ୍, ପାୱାର କାର୍, ପାଣ୍ଟ୍ରି କାର୍, ହାଇବ୍ରିଡ୍ କୋଚ LHB ଏସି କୋଚ୍ ଟ୍ରେନ୍-18 (ବନ୍ଦେ ଭାରତ) କୋଚ୍ ସହିତ RA/ ଅବଜର୍ଭେସନ୍ କାର୍/ WCD/ LOMS ରେ ଫିଟ୍ ହୋଇଥିବା RMPUs ପାଇଁ ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 14,28,30,733.45,EMD(₹):8,64,200.00

3) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-08-24
କାର୍ଯ୍ୟର ବିବରଣୀ : 03 ବର୍ଷ ସମୟାବଧି ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଭୁବନେଶ୍ୱର କୋଚିଂ ଡିପୋରେ LHB/ SGAC କୋଚ ଏସି କୋଚ୍, ପାୱାର କାର୍, ପାଣ୍ଟ୍ରି କାର୍, ହାଇବ୍ରିଡ୍ କୋଚ LHB ଏସି କୋଚ୍ ଟ୍ରେନ୍-18(ବନ୍ଦେ ଭାରତ) କୋଚ୍ ସହିତ RA/ ଅବଜର୍ଭେସନ୍ କାର୍/ WCD/ LOMS ରେ ଫିଟ୍ ହୋଇଥିବା RMPUs ପାଇଁ ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 11,06,21,484.39,EMD(₹):7,03,100.00

କାର୍ଯ୍ୟ ଶେଷ କେବେ ଅବଧି: 06 ମାସ (କ୍ରମ ସଂ. 01 ପାଇଁ) ଏବଂ 36 ମାସ (କ୍ରମ ସଂ. 02 ଏବଂ 03 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.27.05.2024ରିଖ 1500 ଘଣ୍ଟିକା (କ୍ରମ ସଂ. 01 ପାଇଁ) ଏବଂ ତା.31.05.2024ରିଖ 1500 ଘଣ୍ଟିକା (କ୍ରମ ସଂ. 02 ଏବଂ 03 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ପାଇଁ ଟେଣ୍ଡର ଫର୍ମ, ସବିଶେଷ ତଥ୍ୟ ଓ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ କୌଣସି ମାନୁଆଲ ଅଫର ଗ୍ରହଣ କରାଯିବ ନାହିଁ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍
PR-101/P/24-25



## ODISHA PUBLIC SERVICE COMMISSION, CUTTACK

**NOTICE**

No.2681/ P.S.C., Dt.10.5.24
1E-12-2024/25 (DR-III)

No.D-39:The Commission have decided to conduct a written examination for recruitment to the post of Assistant Conservator of Forests (Group-A) (JB) and Forest Rangers (Group-B), pursuant to Advt. No.08 of 2023-24 will be held from 25.06.2024 to 04.07.2024 in five zones viz. Balasore, Berhampur, Bhubaneswar, Cuttack & Sambalpur as per the following time table.

| Date | Forenoon Session (9.00 A.M. to 12.00 Noon) | Afternoon Session (2.00 P.M. to 5.00 P.M.) |
|---|---|---|
| 25.06.2024 | General English | General Knowledge |
| 26.06.2024 | Agriculture Paper-I, Veterinary Science & Animal Husbandry Paper -I | Physics Paper-I |
| 27.06.2024 | Chemistry Paper-I | Geology Paper-I |
| 28.06.2024 | Botany Paper-I | Agriculture Engineering Paper-I, Chemical Engineering Paper-I, Civil Engineering Paper-I, Mechanical Engineering Paper -I |
| 29.06.2024 | Forestry Paper-I | Mathematics Paper-I, Statistic Paper-I |
| 30.06.2024 | Zoology Paper-I | Agriculture Paper-II, Veterinary Science & Animal Husbandry Paper-II |
| 01.07.2024 | Physics Paper-II | Chemistry Paper-II |
| 02.07.2024 | Geology Paper-II | Botany Paper-II |
| 03.07.2024 | Agricultural Engineering Paper-II, Chemical Engineering Paper-II, Civil Engineering Paper-II, Mechanical Engineering Paper-II | Forestry Paper-II |
| 04.07.2024 | Mathematics Paper-II, Statistic Paper-II | Zoology Paper-II |

The List of candidates alongwith their Roll Nos. will be available in the website of Commission. The candidates are required to download their "Admission Certificate" & "Instruction to Candidates" from the website of the Commission at http://opsc.gov.in. 19.06.2024 onwards.

Sd./- Secretary
OIPR-12002/11/0021/2425



## CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
10th/12th pass **CARETAKERS** of Disabled Children in School Hostel. Salary Rs.12000/-.
**Autism Ashram**
**Hyderabad, Amruta**
**7798017027**

Diploma Mechanical Engineers required, For a factory in Hyderabad, we are Looking for DME in Our Production Deptt. Candidates from Cement/ sponge Iron/ Ferro Alloys, having working experience of 5 year or more, in production and maintenance dept. can apply Accommodation, food and medical insurance will be provided by company. Pl apply :- info@rdipurification.com

**ଇଲେକ୍ଟ୍ରିସିଆନ ଆବଶ୍ୟକ**
ଭୁବନେଶ୍ୱର ଫରେଷ୍ଟପାର୍କସ୍ଥିତ ଏକ ଆପାର୍ଟମେଣ୍ଟ ପାଇଁ ଅତି କମ୍‌ରେ ୫ ବର୍ଷ ଅଭିଜ୍ଞତା ଥିବା **ଇଲେକ୍ଟ୍ରିସିଆନ** ଆବଶ୍ୟକତା ଅଛି। ମାସିକ ବେତନ ସହ ରହିବା ପାଇଁ ବାସଗୃହ ଦିଆଯିବ। ଇଚ୍ଛୁକ ପ୍ରାର୍ଥୀ **8349343554** ରେ ଯୋଗାଯୋଗ କରନ୍ତୁ।

**WANTED**
One **WORKER STAFF** for our Distributor godown at Khordha.
**Contact:**
**9556070670**

See Career Appointment on every Wednesday & Saturday

आईआरईएल (इंडिया) लिमिटेड
**IREL (India) Limited**
ऑसकॉम / OSCOM, माटिखालो / Matikhalo
Unleashing Values
आज़ादी का अमृत महोत्सव
NOTIFICATION NO.: IREL/OS/AA/2024
DATE OF NOTIFICATION: 26/04/2024
LAST DATE FOR RECEIPT OF APPLICATION:16/05/2024
**NOTIFICATION FOR ENGAGEMENT OF APPRENTICES FOR THE YEAR 2024-25 UNDER THE APPRENTICES ACT, 1961**
IREL (India) Limited, OSCOM, Matikhalo, Dist.: Ganjam, Odisha, a Central Public Sector Undertaking under the administrative control of Department of Atomic Energy, Government of India is engaged in mining, mineral separation and value addition of Atomic Minerals. The Minerals and Rare Earth compounds produced by IREL (India) Limited are used in various industries as well as Strategic Sectors.
2.0 Applications are invited from eligible candidates for engagement of **30** nos. of Apprentices in Trade, Technician and Graduate Apprentices disciplines under the Apprentices Act,1961(as amended from time to time).
3.0 Application should be sent by post preferably through **speed post** in closed envelop super-scribing the cover:-
'APPLICATION FOR ENGAGEMENT OF APPRENTICES AGAINST NOTIFICATION NO.IREL/OS/AA/2024
Discipline:____________________
4.0 Applications should be addressed to The HoD, HRM Department, OSCOM Unit, IREL(India) Limited, At/P.O.-Matikhalo, Dist.-Ganjam,Odisha-761 045. It should reach us on or before the last date **16/05/2024**. For more details, please visit Company's website **http://www.irel.co.in**, by clicking **'careers'** option for downloading detailed notification & application blank format.
Manager-HRM (L & E), IREL (India) Limited

**WALK-IN-INTERVIEW**
**On 18.05.2024 & 19.05.2024**
**Sai Krishna Homes Pvt. Ltd. is a seasoned leader for 25 years in real-estate Industry in Odisha.**
**"Join Our Growing Team"**
We are currently looking for dynamic individuals for our New Office at Patia, Bhubaneswar:
- **TELE-CALLER** : 4 Nos. (Females), Salary - 15k.
- **MARKETING EXECUTIVE** : 8 Nos. (Both Male/Female), Salary - 50k, Exp. 5 - Yrs.
- **PEON** : 4 Nos. (Both Male/Female), Salary - 8k
- **RECEPTIONIST** : 2 Nos. (Females), Salary - 10k
- **DATA ENTRY OPERATOR** : 2 Nos. (Both Male/Female), Salary - 15k
- **ACCOUNTANT** : 2 Nos. (Both Male/Female), Salary - 30k, Exp. - 5 Yrs.
- **CIVIL ENGINEER** : 3 Nos. (Males), Salary - 30k, Exp. - 5 Yrs.

**REQUIREMENTS:**
- Excellent Communication skills
- Relevant Experience Leaderships.
- Pleasing personality & ambitious

Interested candidates can send their resume to **saikrishnahomes@gmail.com** & Call us for appointment: **9090030068**.
**Join us and be a part of our Success Story**
**Corporate Office Address:**
**SAI KRISHNA HOMES PVT. LTD.**
**Rath Road, Old Town, Bhubaneswar - 751002**

**BHIMA BHOI MEDICAL COLLEGE & HOSPITAL (BBMCH)**
BALANGIR, ODISHA
**WALK-IN INTERVIEW FOR THE POST OF ASSOCIATE PROFESSOR / ASSISTANT PROFESSOR**
Advertisement No. 3132/Estt. BBMCH / Dt. 10.05.2024
No.E-15: Applications are invited from Eligible Doctors for engagement in the Post of **Associate Professor and Assistant Professor** to serve at BBMCH, Balangir shall be purely temporary and on year-to-year tenure basis and may be for a period of maximum four years subject to satisfactory performance, if required. The Application From and detail instructions are available in our website **www.bbmchbalangir.nic.in** The Walk-in Interview is scheduled to be held on **16.05.2024 at 10.00 A.M** in the Office of Dean & Principal, BBMCH, Balangir (First Floor, College Building).
OIPR-10141/11/0002/2425 Sd./- Dean & Principal, BBMCH, Balangir

**ODISHA STATE LEGAL SERVICES AUTHORITY**
"Aain Seva Bhawan", Section - 1, CDA, Cuttack
**Advertisement No. 03/2024 Dated: 09.05.2024**
**For the Post of Chairperson of Permanent Lok Adalat (Public Utility Services)**
No. W-03: Applictions are hereby invited from the retired Judicial Officers (on Superannuation) in the rank of District Judge/Addl. District Judge below the age of 65 years and the Judicial Officers in the rank of District Judge/Addl. District Judge, who have already retired from the service on superannuation by **30.04.2024** for being appointed as the Chairperson of Permanent Lok Adalat (PUS) in the cluster of PLAs (PUS).
Last date for submission of the application is **31.05.2024**.
For further details, please visit our official website: **www.oslsa.nic.in**.
**Sd./- Member Secretary**
**Odisha State Legal Services Authority, Cuttack**
OIPR-18008/11/0004/2425

## ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଭୂମିପୂଜନ

ଲୋଇସିଂହା,(ସୁଶାନ୍ତ ବାରିକ) ଅକ୍ଷୟ ତୃତୀୟା ତିଥିରେ ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ବାବାମଠ ପରିସରରେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଲାଗି ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଲକ୍ଷ୍ମୀନାରାୟଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂଜକ ଅଶ୍ୱିନୀ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ଅଜୟ ମଳିକ, ବଂଶୀଧର କାଲସାଏ ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ମଠ କାର୍ଯ୍ୟକର୍ତ୍ତା, ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କ ଦ୍ୱାରସ୍ଥ

ଲୋଇସିଂହା,୧୦।୫(ସୁଶାନ୍ତ ବାରିକ)



ବିଡିଓଙ୍କ ନିକଟକୁ ଫେରାଦ ପାଇଁ ଆସିଥିବା ଭାଲୁପାଲିର ମହିଳା ଗୋଷ୍ଠୀ।

ଗାଁରେ ପାନୀୟ ଜଳ ଉପଯୋଗୀ ନଳକୂପ ନାହିଁ । ନଳକୂପର କ୍ଷାର ଓ ପୋଖରୀର ଦୂଷିତ ପାଣି ପିଇ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହେଉଛୁ। କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ୩ ଜଣଙ୍କ ଜୀବନ ଗଲାଣି। ବ୍ୟବହାର ଉପଯୋଗୀ ଏକ ନଳକୂପ ଖନନ ପାଇଁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଫଳରେ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଏନେଇ ଗ୍ରାମକୁ ପାଇପ ଜଳ ଯୋଗାଣ ଏବଂ ବ୍ୟବହାର ଉପଯୋଗୀ ପାଣି ପାଇଁ ପୋଖରୀ ହୁଡାରେ ଏକ ନୂତନ ନଳକୂପ ଖନନ ଦିଗରେ ବିହିତ ପଦକ୍ଷେପ ନେବାକୁ ଭାଲୁପାଲି ଗ୍ରାମର ମହିଳା ଗୋଷ୍ଠୀ ଶୁକ୍ରବାର ବିଡିଓ ଅକ୍ଷୟପାଣି ଉଡୁଙ୍କୁ ଭେଟି ଦାବି କରିଛନ୍ତି। ଅଭିଯୋଗ ପାଇ ବିଡିଓ ଉଡୁ ଶୁକ୍ରବାର ଗାଁକୁ ଟ୍ୟାଙ୍କରରେ ପାଣି ଯୋଗାଣ କରାଯିବ ଏବଂ କ୍ଷେତ୍ର ପରିଦର୍ଶନ କରି ନୂତନ ନଳକୂପ ଖନନ ଦିଗରେ ପଦକ୍ଷେପ ନିଆଯିବ ବୋଲି ମହିଳା ଗୋଷ୍ଠୀଙ୍କୁ କହିଛନ୍ତି। ବାଦବାହାଲ ପଞ୍ଚାୟତ ଅନ୍ତର୍ଗତ ୩ ୱାର୍ଡ ବିଶିଷ୍ଟ ଭାଲୁପାଲି ଗାଁର ଜନସଂଖ୍ୟା ୧୨ ଶହ । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅଦ୍ୟାବଧି ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ। ଅପରପକ୍ଷେ ଗ୍ରାମବାସୀଙ୍କ ପାନୀୟ ପାଇଁ ଉପଯୁକ୍ତ ନଳକୂପର ଅଭାବ ରହିଛି। ନଳକୂପର କ୍ଷାରଯୁକ୍ତ ପାଣିକୁ ଗ୍ରାମବାସୀ ବ୍ୟବହାର କରି କିଡ୍‌ନୀ ରୋଗରେ ପୀଡ଼ିତ ହୋଇଥିଲେ। ପ୍ରଶାସନ ତରଫରୁ ସେହି ନଳକୂପ ପାଣିକୁ ପରୀକ୍ଷଣ କଲା ପରେ ବନ୍ଦ କରି ଦିଆଯାଇଛି। ଏବେ ଗ୍ରାମରେ ମାତ୍ର ୨ଟି ନଳକୂପ ପାଣି ବ୍ୟବହାର ହେଉଛି। ବିକଳ୍ପ ନ ଥିବାରୁ ନଳକୂପ ପାଣି ବ୍ୟବହାର କରିବାକୁ ପଡୁଛି। ଏବେ ଖରାଦିନ ହୋଇଥିବା ବେଳେ ଅଧିକ ସଂଖ୍ୟକ ଲୋକ ବ୍ୟବହାର କରୁଥିବାରୁ ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ଗ୍ରାମରେ ପିଇବା ଓ ବ୍ୟବହାର ଉପଯୋଗୀ ପାଣି ସଙ୍କଟ ଦେଖାଦେଇଛି। ବାଧ୍ୟ ହୋଇ ପୋଖରୀର ଦୂଷିତ ପାଣିକୁ ରୋଷେଇ ପାଇଁ ବ୍ୟବହାର କରୁଥିବାରୁ ଗ୍ରାମବାସୀ ସଂକ୍ରାମକ ରୋଗରେ ପୀଡ଼ିତ ହେଉଥିବା ନେଇ ମହିଳାମାନେ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କୁ ପଚାରିବାରେ ଏନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଗ୍ରାମର ଯୁବଗୋଷ୍ଠୀଙ୍କ ଅନୁରୋଧ କ୍ରମେ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ପୋଖରୀ ପରିସରରେ ଏକ ରିଂ କୂଅ ରବିବାର ଖୋଲାଯିବ ବୋଲି ସେ କହିଛନ୍ତି।

# ଭାଜପାର ସଂକଳ୍ପ ପତ୍ର ଉନ୍ମୋଚିତ

ବଲାଙ୍ଗୀର,୧୦।୫(ବୀରେନ୍ଦ୍ର କୁମାର ଝାଙ୍କର)



ପାଟଣାଗଡ ରାଜଖମାରଠାରେ ଭାଜପା ସଂକଳ୍ପ ପତ୍ରକୁ ଉନ୍ମୋଚନ କରାଯାଉଛି।

ବଲାଙ୍ଗୀର ଜିଲାର ପାଟଣାଗଡ ରାଜଖମାରଠାରେ ଶୁକ୍ରବାର ପୂର୍ବାହ୍ଣ ୧୦ଟାରେ ବଲାଙ୍ଗୀର ଲୋକସଭା ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଏବଂ ପାଟଣାଗଡ ଭାଜପା ବିଧାୟକ ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓ ଏକ ସଭା କରି ସଂକଳ୍ପ ପତ୍ର ଉନ୍ମୋଚନ କରିଥିଲେ। ଏହି ସଭାରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଭାଜପା ଲୋକସଭା ସଂଯୋଜକ ଦୀନେଶ ଶର୍ମା, ନିଭ୍ରିତି କୁମାରୀ ସିଂଦେଓ ମଞ୍ଚାସୀନ ଥିଲେ। ଲୋକସଭା ଏମ୍‌ପି ପ୍ରାର୍ଥୀ ସଙ୍ଗୀତା ଦେବୀ ଏହି ସଭାରେ ଗତ ୫ ବର୍ଷର ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ୨୦୧୯ ମସିହାରେ ଏମପି ଭାବେ ନିର୍ବାଚିତ ହେବା ପରେ ସେ କିଭଳି ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଉନ୍ନତିକଳ୍ପେ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ସଭାରେ ସୂଚନା ଦେଇଥିଲେ। ଗତ ୫ ବର୍ଷ ମଧ୍ୟରେ ସେ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଜିଲାକୁ ଆଣିବାରେ ସଫଳ ହୋଇଥିବା ସୂଚନା ଦେବା ସହ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଜିଲାରେ କିଭଳି ରେଲୱେ ପ୍ରକଳ୍ପର ବିକାଶ ହୋଇଛି କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଦିଗରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବଲାଙ୍ଗୀର ଜିଲାରେ କୃଷି ବିଶ୍ୱବିଦ୍ୟାଳୟ, ସୋନପୁର ଜିଲାରେ ଟେକ୍ସଟାଇଲ ମିଲ, ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଉପରେ ସେ ଉଦ୍ୟମ କରିବେ ବୋଲି କହିଥିଲେ। ଏହାସହିତ କୃଷିଭିତ୍ତିକ ଶିଳ୍ପ କାରଖାନା ପ୍ରତିଷ୍ଠା ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ କରାଯିବ ବୋଲି କହିଥିଲେ। ପାଟଣାଗଡ ବିଧାୟକ ପ୍ରାର୍ଥୀ କନକ ବର୍ଦ୍ଧନ ତାଙ୍କ ସଂକଳ୍ପପତ୍ର ସମ୍ପର୍କରେ ସୂଚନା ଦେଇ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ସୁରକ୍ଷା, ଶାନ୍ତି, ସମୃଦ୍ଧି ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ।

# ଭାଜପା ପ୍ରଚାରର ମଙ୍ଗ ଧରିଲେ ଘିନୁ

ଟିଟିଲାଗଡ଼,୧୦।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଯାଦବ ମହାସଭା ସଭାପତି ତଥା ଟିଟିଲାଗଡ଼ ନଗର କଂଗ୍ରେସ ସଭାପତି ଘିନୁ ଆଡ଼ୁଆଡ଼ ଦଳରୁ ଇସ୍ତଫା ପ୍ରଦାନ କରି ଭାଜପାରେ ଯୋଗଦାନ କରିଛନ୍ତି। ଘିନୁ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ଗସ୍ତ କରି ଭାଜପାର ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସଙ୍ଗୀତା ସିଂଦେଓ ଏବଂ ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ନବୀନ ଜୈନଙ୍କ ପାଇଁ ପ୍ରଚାର କରୁଥିବା ଦେଖାଯାଇଛି । ଦଳର ବରିଷ୍ଠ ନେତା ଗତିକୃଷ୍ଣ ବରର୍ତ୍ତି, କୁନା ଭାଟି, ବିନୋଦ ବରର୍ତ୍ତି, ଧନେଶ୍ୱର ଛତର, କେଶବ ଆଡ଼ୁଆଡ଼ଙ୍କ ସହ ଘିନୁ ଟିଟିଲାଗଡ଼ ବ୍ଲକର ସିହିନୀ, ଉଦେପୁର, ମାର୍ଲାଡ଼, ବିନେକେଲା, ସିଲୁଆଁ ଆଦି ଯାଦବ ବହୁଳ ଅଞ୍ଚଳରେ ବୈଠକ କରି ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ଭାଜପାରେ ମିଶ୍ରଣ ପର୍ବ ଜୋରଦାର ହେବାରେ ଲାଗିଛି ଶୁକ୍ରବାର ବ୍ଲକ ଅନ୍ତର୍ଗତ ଦରଲୋ ଗ୍ରାମର ଜାଗୃତି ଏବଂ ବୀର ହନୁମାନ କ୍ଲବ ସଦସ୍ୟ ଜ୍ୟୋତି ପ୍ରକାଶ ଦାଶ, ନରେଶ ସାଗର, ନିଲୁ ସାଗର, ଦିବାର ବାଗ, ନିରନ କୁମ୍ଭାର, କୁନା ସାଗର, ଅନିଲ ସୁନା, ଅନଙ୍ଗ ନାଗ, ସଞ୍ଜୟ ନାଗ, ନିତ୍ୟ ନାଗ, ଯୁବରାଜ ବନଛୋର, କରଣ ସାଗର ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି । ଦଳ ପକ୍ଷରୁ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ଅଶୋକ ଭୋଇ, ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ସହ ସ୍ୱାଗତ କରିଥିଲେ।

# ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ



ବଲାଙ୍ଗୀର ଲର୍କିପାଲିଠାରେ ଅଘରିଆ ସମାଜ ସଦସ୍ୟା ସଦସ୍ୟ ଅଖିମୁଠି ଅନୁକୂଳ କରିବା ପାଇଁ ଯାଉଛନ୍ତି।

ବଲାଙ୍ଗୀର,୧୦।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲର୍କିପାଲି କୃଷି ଫାର୍ମରେ ଜିଲା କୃଷି ବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦାନ କରି ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ, ଉଠାଜଳସେଚନ ବିଭାଗର ସଚ୍ଚିଦାନନ୍ଦ ଦଳେଇ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ଲାସା ମୁର୍ମୁ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ସତ୍ୟମୟ ଶତପଥୀ, କୃଷି ଅଧିକାରୀ ସୁଧାକର ନନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଲର୍କିପାଲି କୃଷିଫାର୍ମ ନିକଟରେ ବଲାଙ୍ଗୀର ଜିଲା ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ପକ୍ଷରୁ ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା। ଅଘରିଆ ସମାଜ କୃଷକ ମଞ୍ଚ ସଭାପତି ଉଦୟ ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଅଘରିଆ ସମାଜ ଜିଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନାରେ ହଳ ଚଳାଇବା ସହ ଅଖିମୁଠି ଅନୁକୂଳ କରିଥିଲେ। ବଲାଙ୍ଗୀର ମଣ୍ଡଳ ସଭାପତି ଗୋବିନ୍ଦ ପଟେଲ ଓ ସଦାଇପାଲି ଗୁଡ଼ି ସଭାପତି ରାମେଶ୍ୱର ନାଏକ ଅତିଥି ଭାବେ ଯୋଗଦେଇ ଚାଷ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଲର୍କିପାଲିର ସଫଳ ଚାଷୀ ନରହରି ରାଉତ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି, ଗୁଡ଼ି ସଭାପତି, କେନ୍ଦ୍ର କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ, କୃଷକ ମଞ୍ଚ, ମହିଳା ମଞ୍ଚ, ଯୁବା ମଞ୍ଚ, ପୁସ୍ତକ କମିଟି, ନିର୍ମାଣ କମିଟି, ଶିକ୍ଷା କମିଟି ଓ ସମାଜର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତବର୍ଷ ଖରିଫ ଚାଷ କିଭଳି ସୁରୁଖୁରୁରେ ସରିବ, ଚାଷୀର ଉପାର୍ଜନ କିଭଳି ଅଧିକ ହେବ ଏବଂ ସାମାଜିକ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ହେବ ସେନେଇ ସମାଜ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଲର୍କିପାଲି ଗ୍ରାମ୍ୟ କମିଟି ସଦସ୍ୟାସଦସ୍ୟ ସହଯୋଗ କରିଥିଲେ। ଶେଷରେ କେନ୍ଦ୍ର ସମ୍ପାଦକ ଦିଗାମ୍ବର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବୃଦ୍ଧ ମୃତ: ରାଜପଥ ଅବରୋଧ

ଦେଓଗାଁ,୧୦।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଲେଜ ଛକଠାରେ ଏକ ଚିପ୍ସ ବୋଝେଇ ହାଇୱା ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି ଗାଁର ମହେଶ୍ୱର ରଣା (୬୨) । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ପରିବାର ଲୋକେ ତଥା ଅଞ୍ଚଳର ଜନସାଧାରଣ ବରଗଡ -ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥ ଦେଢ଼ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ହାଇୱାକୁ ଜବତ କରିଥିଲା। ଏହାଛଡା ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି। ସ୍ଥାନୀୟ ତହସିଲଦାର ବିକ୍ରମ କେଶରୀ ନାୟକ ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡି ମାଲିକ ମଧ୍ୟ କିଛି ଆର୍ଥିକ ସହାୟତା ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ,ମହେଶ୍ୱର କୌଣସି କାମ ପାଇଁ ଦେଓଗାଁକୁ ଆସି ସାଇକେଲରେ ଘରକୁ ଫେରୁଥିବା ବେଳେ ବହଲି ନିକଟସ୍ଥ ଏକ କ୍ରଶରରୁ ଚିପ୍ସ ବୋଝେଇ ହୋଇ ଆସୁଥିବା ହାଇୱା (ନଂ ଓଡି ୦୩ ଏନ ୧୪୨୦) ଧକ୍କା ଦେଇ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ବେପରୁଆ ଗାଡି ଚାଳନା ଯୋଗୁ ଉକ୍ତ ଛକରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନଜୀବନ ଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# କଣ୍ଟାବାଞ୍ଜିରେ ବିଜେଡିର ମାରାଥନ୍ ପ୍ରଚାର

କଣ୍ଟାବାଞ୍ଜି,୧୦।୫(ଗୁରୁ ଦୟାଲ ହଂସ)



କଣ୍ଟାବାଞ୍ଜି ସହରରେ ପ୍ରଚାର କରାଯାଉଛି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ପାଇଁ କଣ୍ଟାବାଞ୍ଜି ସହରରେ ଗୁରୁବାର ଠାରୁ ବିଜେଡିର ମାରାଥନ ପ୍ରଚାର ଆରମ୍ଭ ହୋଇଛି। କଣ୍ଟାବାଞ୍ଜି ପୌର ପରିଷଦର ୱାର୍ଡ ନଂ ୯,୧୦ ରେ ଗୁରୁବାର ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝିଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ପୌର ପରିଷଦ ନିର୍ବାଚନ ସଂଯୋଜକ ମଣ୍ଟୁ ନାଏକ ଘରକୁ ଘର ଯାଇ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ରାଜ୍ୟ ଯୁବ ସମ୍ପାଦକ ଅଜିତ ଯୋଶୀ, ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରା, ସମ୍ପାଦିକା ପିଙ୍କି ଖର୍ସେଲ, ବିଜୁ ଜନତା ଦଳ କଣ୍ଟାବାଞ୍ଜି ନଗର ସଭାପତି ଜଗୁ ରାଓ, ଯୁବ ସଭାପତି ବିଷ୍ଣୁ ଯୁଏଡ, ଦୈତାରୀ ଭୋଇଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ଶୁକ୍ରବାର ମଧ୍ୟ ବିଭିନ୍ନ ସ୍ଥାନରେ ପ୍ରଚାର କରାଯାଇଛି।

# ମାଟିଆଭଟାରେ ଅଖିମୁଠି ଅନୁକୂଳ




ଅଖିମୁଠି ଅନୁକୂଳ କରାଯାଉଛି।

ଖପ୍ରାଖୋଲ,୧୦।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟାଠାରେ ଜୟ କିଷାନ କୃଷକ ସୁରକ୍ଷା ସଂଗଠନ ତରଫରୁ ଅକ୍ଷୟ ତୃତୀୟାରେ ଅଖି ମୁଠି ଅନୁକୂଳ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଟି ମା’ ଓ ଗୋମାତାର ପୂଜା କରାଯାଇଥିଲା। ସେହିପରି ଇନ୍ଦ୍ରଦେବତା, ଲକ୍ଷ୍ମୀ ନାରାୟଣଙ୍କ ପୂଜା ସହ ଅଖି ମୁଠି ଅନୁକୂଳ କରାଯାଇଥିଲା। ଏହି ଅବସରରେ କୃଷକ ସଂଗଠନ ସମ୍ପାଦକ ସରୋଜ ସାହୁ , ପରମାନନ୍ଦ ସାହୁ, କୋଦଣ୍ଡ ବରିହା,ମଧୁସୂଦନ ସାହୁ, ଶତ୍ରୁଘ୍ନ ବରିହା, ବଳଦେବ ସାହୁ, ଗିରିଶ ସାହୁ, ଦୁର୍ଯ୍ୟୋଧନ ସାହୁ, ପାଣ୍ଡବ ବରିହାଙ୍କ ସମେତ ସଂଗଠନର କର୍ମକର୍ତ୍ତା, ଚାଷୀ ଉପସ୍ଥିତ ଥିଲେ।

# ଲୋକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଲକ୍ଷ୍ୟ: ସମରେନ୍ଦ୍ର

ବଲାଙ୍ଗୀର,୧୦।୫(ବୀରେନ୍ଦ୍ର କୁମାର ଝାଙ୍କର)

ଦୀର୍ଘ ସମୟ ଧରି ରାଜ୍ୟରେ ଗୋଟିଏ ଦଳ ସରକାରରେ ରହିଥିବାରୁ ଲୋକଙ୍କ ମତକୁ ନେଇ ବିକାଶର ରୂପରେଖ ପ୍ରସ୍ତୁତ ହେବା ବଦଳରେ କେତେଜଣ ମୁଷ୍ଟିମେୟ ଅଧିକାରୀ ଶାସନତନ୍ତ୍ରକୁ ଜାବୁଡି ଧରିଛନ୍ତି। ଫଳରେ ଲୋକତନ୍ତ୍ର ଦୁର୍ବଳ ହୋଇ ସମାଜର ନିମ୍ନବର୍ଗର ଲୋକଙ୍କ ସାମାଜିକ ଏବଂ ଆର୍ଥିକ ବ୍ୟବସ୍ଥା ଅସୁରକ୍ଷିତ ହୋଇପଡିଛି । କଂଗ୍ରେସ ସରକାର ଅମଳରେ ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପରି ଗରିବ ଜନ କଲ୍ୟାଣକାରୀ ଯୋଜନା ହୋଇଛି । ଆଜି ବି କଂଗ୍ରେସ ଲୋକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷାକୁ ପ୍ରାଥମିକତା ଦେଇଆସିଛି। ତେଣୁ କଂଗ୍ରେସର ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେଇ ବିଜୟୀ କରାନ୍ତୁ ବୋଲି ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଶୁକ୍ରବାର ଦେଓଗାଁ ବ୍ଲକ ଅନ୍ତର୍ଗତ ସିକୁଆଁ, କୁତୁର୍ଲା ଏବଂ ଅର୍ଡାଠାରେ ଆୟୋଜିତ ଜନ ଆଶୀର୍ବାଦ ସଭାରେ ଲୋକଙ୍କୁ ନିବେଦନ କରିଥିଲେ। ସରପଞ୍ଚ ରାଜକୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମରେନ୍ଦ୍ର ପ୍ରତିପକ୍ଷ ବିଜେଡି ପ୍ରତିଦ୍ୱନ୍ଦ୍ୱୀ ଯେଉଁମାନେ ଏଠାରେ ନ ରହି କେବଳ ନିର୍ବାଚନ ବେଳେ ଆସନ୍ତି ଏବଂ ନିବାଚନ ଜିତି ସାରିଲା ପରେ ଲୋକଙ୍କ ସମସ୍ୟା ନ ବୁଝି ପଳାଇ ଯାଆନ୍ତି ସେଭଳି ନେତାଙ୍କୁ ଆଗାମୀ ନିର୍ବାଚନରେ ବରଖାସ୍ତ କରିବାକୁ ସେ ଅନୁରୋଧ କରିଥିଲେ। ସଭାରେ ଉପସ୍ଥିତ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ସରକାର କଲେ ଲୋକଙ୍କୁ କ’ଣ ସବୁ ସୁବିଧା ଯୋଗାଇବ ସୂଚନା ଦେଇଥିଲେ।

# ବାଲ୍ୟବିବାହ ଝିଅ ପାଇଁ ଅଭିଶାପ ସଦୃଶ

ଲାଠୋର,୧୦।୫(ଭୁବନେଶ୍ୱର ବାରିକ)



ବାଲ୍ୟବିବାହକୁ ନା କାର୍ଯ୍ୟକ୍ରମରେ ବାଳିକାମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମରେ ଶୁକ୍ରବାର ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣୀ ଗିରିଙ୍କ ନେତୃତ୍ୱରେ ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମର ୧୦ ବର୍ଷରୁ ୧୯ ବର୍ଷର ପ୍ରାୟ ୫୦ ଜଣ କିଶୋରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ବାଳିକାମାନଙ୍କୁ ତାଙ୍କର ଅଧିକାର, ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ସଚେତନ କରିବା ସହ ଏକ ଝିଅର ବିବାହ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ ରହିଛି ବୋଲି କହିଥିଲେ। ଏହାକୁ ବ୍ୟତିକ୍ରମ କରି ଯଦି କୌଣସି ଝିଅ ୧୮ ବର୍ଷରୁ କମ୍ ବୟସରେ ବାହା ହୁଅନ୍ତି ତେବେ ବିବାହ ତାଙ୍କ ପାଇଁ ଅଭିଶାପ ସଦୃଶ ହୋଇଥାଏ ବୋଲି ବୁଝାଇଥିଲେ। ପରେ ବାଳିକାମାନେ ହାତରେ ପ୍ଲା କାର୍ଡ଼ ଧରି ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ସମସ୍ତ ବାଳିକା ଗ୍ରାମରେ ବାଲ୍ୟବିବାହକୁ କେବେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମ ଅଞ୍ଚଳର କରୁଆଁଝର, ଝଲିଆଲିଟି, ମସିଣା, ଚାଉଲଡ଼ିଆ, ଟଙ୍କପାଣି, ଚୋରମୁଣ୍ଡା, କଲୋନୀପଡ଼ା, ସରେଇବାହାଲ, ପତ୍ରାପାଲି, କୋଲପଡ଼ା, ସୁନାମୁଦି, ବୁଢାଛାପର, ଧରନିମାଳ ଆଦି ଗ୍ରାମରେ ମଧ୍ୟ ଅଙ୍ଗନୱାଡ଼ି କର୍ମୀମାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଗ୍ରାମର କାର୍ଯ୍ୟକ୍ରମରେ ବାଳିକା ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଆଜି ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର,୧୦।୫(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ପଥରଚେପା ପଡିଆରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ଓ ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମ ସମୀକ୍ଷା କରୁଛନ୍ତି।

- ପଥରଚେପାଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବେ
- ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କଲେ ସୁରକ୍ଷା ବ୍ୟବସ୍ଥା ତଦାରଖ
- ୫୦ ପ୍ଲାଟୁନ୍ ଫୋର୍ସ, ୨ଶହ ପୋଲିସ ଅଧିକାରୀ ମୁତୟନ
- ନିର୍ବାଚନୀ ସମାବେଶ ଉପରେ ବିରୋଧୀଙ୍କ ନଜର

ଶନିବାର ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାଠାରେ ଆୟୋଜିତ ବିଜୟ ସଂକଳ୍ପସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ। ଏନେଇ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଭାଜପା ପକ୍ଷରୁ ବଡଧରଣର ସମାବେଶ ଆୟୋଜନ କରାଯାଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ଶୁକ୍ରବାର ବଲାଙ୍ଗୀରରେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଅପରାହ୍ଣରେ ପଥରଚେପା ପଡିଆରେ ଉତ୍ତରାଞ୍ଚଳ ପୋଲିସ ଆଇଜି ଲାଲଙ୍କ ଉପସ୍ଥିତିରେ ବଲାଙ୍ଗୀର ଏସପି ଋଷିକେଶ ଦ୍ୟାନଦେଓ ଖିଲାରୀ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ ଯେ, ଆସନ୍ତାକାଲିର ପ୍ରଧାନମନ୍ତ୍ରୀଙ୍କ ସମାବେଶ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ଟ୍ରାଫିକ୍ ସୁପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମାବେଶ ପାଇଁ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ, ୨୦୦ ପୋଲିସ ଅଧିକାରୀ, ୩୦୦ ହୋମଗାର୍ଡ ମୁତୟନ କରାଯାଇଛି। ଲୋକଙ୍କ ସୁବିଧା ପାଇଁ ବଲାଙ୍ଗୀର-ପାଟଣାଗଡ ରାସ୍ତାରେ ଟ୍ରାଫିକ ସୁପରିଚାଳନା ବ୍ୟବସ୍ଥା କରାଯାଇଛି। ଏହାସହିତ ଜରୁରୀକାଳୀନ ଆମ୍ବୁଲାନ୍ସ ଓ ଅନ୍ୟ ସେବା ପାଇଁ ମଧ୍ୟ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି ବୋଲି ଏସପି ଖିଲାରୀ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ, ପାଟଣାଗଡ ବିଧାୟକ ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ପ୍ରାର୍ଥୀ ଡ. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ପ୍ରାର୍ଥୀ ନବୀନ ଜୈନ, ସୋନପୁର ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଳା, ଜିଲା ସଭାପତି ଶିବାଜୀ ମହାନ୍ତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱର ଜନପଥରେ ଶୁକ୍ରବାର ରାତିରେ ରୋଡ୍ ଶୋ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନବନ୍ଦରରୁ କଡ଼ା ସୁରକ୍ଷାରେ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଦଳର ନେତାମାନେ ସ୍ୱାଗତ କରୁଛନ୍ତି।




ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ'କୁ ଦେଖିବା ଲାଗି ରାମ ମନ୍ଦିର ସମ୍ମୁଖରେ ଲୋକଙ୍କ ସମାଗମ।





ରୁପାଲି ଛକ ବ୍ୟାରିକେଡ୍ ଭିତରେ ଭିଡ଼ ଏବଂ ମୋଦି ମୁଖା ପିନ୍ଧିଥିବା ଉତ୍ସାହିତ କର୍ମୀ।



ମୋଦିଙ୍କ ରୋଡ୍ ଶୋ ଗାଡ଼ି ସମ୍ମୁଖରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଯାଉଥିବା ଭାଜପା ନେତ୍ରୀ ଓ କର୍ମୀ।





ଜନପଥର ବିଭିନ୍ନ ସ୍ଥାନରେ କଳାକାରମାନେ କଳା ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରୁଛନ୍ତି।

# ଓଡ଼ିଶାରେ ଭାଜପା ସରକାର ଆସିଲେ ରାମ ରାଜ୍ୟ ହେବ: ରାଜନାଥ




ରଣପୁର ପଞ୍ଚୁଦୋଳ ପଡିଆଠାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ରାଜ୍ୟ ଦଳୀୟ ନେତୃବୃନ୍ଦ ଏବଂ ଜନସାଧାରଣ।

**ରଣପୁର,୧୦।୫ (ସୁକାନ୍ତ କିଶୋର ଡାକୁଆ)**

- **ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରତିଶ୍ରୁତି**
- **ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା**

ନୟାଗଡ଼ ଜିଲା ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଓଡ଼ିଶାରେ ଭାଜପା ସରକାର ଆସିଲେ ରାମ ରାଜ୍ୟ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଅବସରରେ ସେ ଏହା କହିଛନ୍ତି। ରାଜନାଥ ଅପରାହ୍ଣ ୫ଟାରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ରଣପୁରସ୍ଥିତ ଜେଲ ଛକରେ ଥିବା ପଡିଆରେ ପହଞ୍ଚିଥିଲେ। ସେଠାରୁ ସଡ଼କ ପଥରେ ଆସି ରଣପୁର ପଞ୍ଚୁଦୋଳ ପଡିଆଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। ଏହି ସମୟରେ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀଜଗନ୍ନାଥ ଓ ମା'ମଣିନାଗଙ୍କୁ ପ୍ରଣାମ କରି ରାଜନାଥ ତାଙ୍କର ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, ପ୍ରଥମ ଥର ରଣପୁର ଆସିଛି ମୁଁ। ଯାହା ଦେଖୁଛି ଲୋକଙ୍କ ସମାଗମ କହୁଛି ଏଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବ। ଆମେ କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବାକୁ କହିଥିଲୁ ହଟାଇଲୁ, ରାମ ମନ୍ଦିର ନିର୍ମାଣ କରିବାକୁ କହିଥିଲୁ ତାହା କରିକି ଦେଖାଇଲୁ। ସବୁ ଧର୍ମର ମା' ଭଉଣୀ ସହ ରହିଛୁ, ସେଥିପାଇଁ ଆମେ ୩ ତଲାକକୁ ଉଠାଇ ଦେଲୁ। ଓଡ଼ିଶାବାସୀ ୫୦ବର୍ଷ କଂଗ୍ରେସ ସରକାର ଓ ୨୫ବର୍ଷ ବିଜେଡି ସରକାର ଦେଖିଲେ। ଏଥର ଭାଜପାକୁ କ୍ଷମତାକୁ ଆଣନ୍ତୁ। କଂଗ୍ରେସ ଗରିବ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ଏହା ସମ୍ଭବ ହେଲାନି, ହେଲେ ମୋଦି କରି ଦେଖାଇଲେ। ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ସିଂ ଭାଜପା ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଓ ରଣପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥିନୀ ସୁରମା ପାଢ଼ୀଙ୍କୁ ସମର୍ଥନ କରିବାକୁ ଉପସ୍ଥିତ ଲୋକମାନଙ୍କୁ ନିବେଦନ କରିଥିଲେ। ସମାବେଶରେ ପୁରୀ ଲୋକ ସଭା ସଂଯୋଜକ ଶଙ୍କର ପରିଡା, ନୟାଗଡ଼ ଜିଲା ଭାଜପା ସଭାପତି ତାପସ ମାର୍ଥା, ଭାଜପା ବରିଷ୍ଠ ନେତା ପ୍ରିୟବ୍ରତ ପ୍ରହରାଜ, ଗୋପାଳପୁର ଜୋନ୍‌ର ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଧନ୍ୟବାଦ ଦେଇଥିଲେ।

# ବିଜେଡି ଇସ୍ତାହାରର ଅସ୍ତିତ୍ୱ ନାହିଁ: କଂଗ୍ରେସ

**ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଉ ମାତ୍ର ୨ ଦିନ ପରେ ହେବାକୁ ଥିବାବେଳେ ବିଜେଡି ତା'ର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ଏହି ଇସ୍ତାହାରରେ କିଛି ନୂତନତ୍ୱ ନାହିଁ, ଏହା କେବଳ ନିର୍ବାଚନ ଭେଳିକି। ଗତ ୨୪ ବର୍ଷର ଶାସନ କାଳରେ ୫ ନିର୍ବାଚନ ସରିଲାଣି। ଏହା ଭିତରେ ବିଜେଡି ସରକାର ଯାହା ସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ଅଦ୍ୟାବଧି ପୂରଣ କରିନାହାନ୍ତି। ତେଣୁ ଏବେ ପୁଣି ନିର୍ବାଚନ ପାଇଁ ଯେଉଁସବୁ ପ୍ରତିଶ୍ରୁତି ଦେଇଛନ୍ତି ତାକୁ ରାଜ୍ୟବାସୀ ଗ୍ରହଣ କରିବେ ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ମୁଖ୍ୟ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଶ୍ୱରଞ୍ଜନ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଆମ ରାଜ୍ୟର କୃଷକଙ୍କ ଆୟ ସବୁଠୁ କମ୍ ହୋଇଛି। ମାତ୍ର ମାସିକ ୫ ହଜାର ୨୦୦ ଟଙ୍କା ରହିଛି। ବର୍ତ୍ତମାନ ସମୟରେ ପରିବାର ଚଳିବା ପାଇଁ ୨୦ ହଜାର ଟଙ୍କା ଖର୍ଚ୍ଚ ଆବଶ୍ୟକ ହେଉଥିବାବେଳେ କୃଷକଙ୍କ ଆୟ କମ୍ ଥିବାରୁ ସେମାନଙ୍କ ସ୍ଥିତି ଦୟନୀୟ ରହିଛି। ସରକାର ନିର୍ବାଚନ ସମୟରେ କାଳିଆ ଯୋଜନାରେ ୫ ହଜାର ଟଙ୍କା ଦେବାକୁ ଘୋଷଣା କରୁଛନ୍ତି, ଅଥଚ ପରବର୍ତ୍ତୀ ସମୟରେ ୨ ହଜାର ଲେଖାଏ ଦେଉଛନ୍ତି। ରାଜ୍ୟରେ ସାଢ଼େ ୫ ଲକ୍ଷ ସରକାରୀ ପଦ ମଧ୍ୟରୁ ୨ ଲକ୍ଷ ପଦବୀ ଖାଲି ପଡ଼ିଛି। ତେଲଙ୍ଗାନା ଓ କର୍ଣ୍ଣାଟକରେ କଂଗ୍ରେସ ତା'ର ପ୍ରତିଶ୍ରୁତି ରକ୍ଷା କରିବା ପରେ ଓଡ଼ିଶାରେ ଯେଉଁ ପ୍ରତିଶ୍ରୁତି ସବୁ ଦେଇଛି ତାହା ଘରେ ଘରେ ପହଞ୍ଚିଛି ବୋଲି ବିଶ୍ୱରଞ୍ଜନ କହିଛନ୍ତି।

# ସୁନ୍ଦରଗଡକୁ ନୂଆ ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ

- **ସବ୍‌ଡେଗା, ରାଜଗାଙ୍ଗପୁରରେ ନିର୍ବାଚନୀ ସଭାରେ ଯୋଗଦେଲେ ପାଣ୍ଡିଆନ**
- **ରାଉରକେଲାର ରୋଡ୍ ଶୋ'ରେ ହେଲେ ସାମିଲ**

**ସୁନ୍ଦରଗଡ, ରାଜଗାଙ୍ଗପୁର, ରାଉରକେଲା୧୦।୫(ଜୟ ନାରାୟଣ ମେଣ୍ଢୁଲି/ ଅଶୋକ ପାଣି/ ଦିନେଶ ମିଶ୍ର)**



ରାଉରକେଲାଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀଙ୍କୁ ଭଲ ପାଆନ୍ତି। ରାଜ୍ୟର ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଆପଣମାନଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ। ଏଥିରେ ବିଶେଷକରି ଗ୍ରାମାଞ୍ଚଳର ଲୋକେ ଉପକୃତ ହେବେ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନମଣ୍ଡଳୀର ସବ୍‌ଡେଗା ମିନି ଷ୍ଟାଡିୟମରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଏହା କହିଛନ୍ତି।

ପାଣ୍ଡିଆନ କହିଥିଲେ, ଆପଣମାନେ ଯାହାକୁ ଏମ୍‌ପି ଓ ଏଠାକାର ବିଧାୟକ ଭାବେ ନିର୍ବାଚିତ କରି ପଠାଇଥିଲେ, ସେମାନେ କେବେ ଆପଣଙ୍କ ସମସ୍ୟା କଥା ଉଠାଇ ନାହାନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଞ୍ଚଳର ରାସ୍ତା ଘାଟ ଓ ଅନ୍ୟାନ୍ୟ ଉନ୍ନତି ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ଅଞ୍ଚଳର ଆହୁରି ଉନ୍ନତି ପାଇଁ ଲୋକ ସଭା ପ୍ରାର୍ଥୀ ଦିଲୀପ ତିର୍କୀ ଓ ତଳସରା ବିଧାୟକ ପ୍ରାର୍ଥୀ ବିନୟ ଟପ୍ପୋଙ୍କୁ ବିଜୟୀ କରି ୬ଷ୍ଠଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ସେ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମହିଳା, ଯୁବ ଓ ଛାତ୍ରଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଋଣ ଓ କଲେଜ ଛାତ୍ରୀଙ୍କୁ ୧୪ହଜାର ଓ ଛାତ୍ରଙ୍କୁ ୧୨ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ ପାଇଁ ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିବା କହିଥିଲେ। ଏହି ସଭାରେ ଦିଲୀପ, ବିନୟ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ତଳସରା ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝିଙ୍କ ନେତୃତ୍ୱରେ ପାଣ୍ଡିଆନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ବହୁସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।

ଏହା ପରେ ପାଣ୍ଡିଆନ ରାଜଗାଙ୍ଗପୁର ଗସ୍ତ କରି ଜାମପାଲି ଖେଳପଡିଆରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସୁନ୍ଦରଗଡକୁ ଏକ ନୂଆ ପରିଚୟ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଅଞ୍ଚଳର ଯାହାସବୁ କାମ ରହିଯାଇଛି ସେସବୁ ପୂରଣ ହେବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି କର୍ମୀଙ୍କୁ ବହୁ ପରିଶ୍ରମ କରିବା ପାଇଁ ପାଣ୍ଡିଆନ କହିଥିଲେ। ଏହି ଅବସରରେ ମଞ୍ଚରେ ତାଙ୍କ ସହ ଦିଲୀପ ତିର୍କୀ, ଅନିଲ ବରୁଆ, ମଙ୍ଗଳା କିଷାନ ଉପସ୍ଥିତ ଥିଲେ। ଶେଷରେ ରାଉରକେଲା ଗସ୍ତ କରି ବିଜେଡି ପକ୍ଷରୁ ଆୟୋଜିତ ରୋଡ୍ ଶୋ'ରେ ଯୋଗଦେଇଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ ପାଣ୍ଡିଆନ ରାଉରକେଲା ବିଶ୍ରାଛକରୁ ଶୋଭାଯାତ୍ରାରେ ବାହାରି ମେନରୋଡ୍ ଦେଇ ଟ୍ୟାକ୍ସିଷ୍ଟାଣ୍ଡ, ନାଲାରୋଡ୍, ଡେଲିମାର୍କେଟ, ମଙ୍ଗଳ ଭବନ ହୋଇ ଉଦିତନଗର ଆମ୍ବେଡ୍‌କର ଛକରେ ପହଞ୍ଚିଥିଲେ। ସେଠାରୁ ପୁଣି ବାସନ୍ତୀ କଲୋନୀ ଦେଇ ଲେବର ଟୁର୍ନାମେଣ୍ଟ ହୋଇ ଜୈନ ମନ୍ଦିର ଓ ଶେଷରେ ପାନପୋଷ ସ୍ଥିତ ଗାନ୍ଧୀଛକରେ ପହଞ୍ଚିଥିଲେ। ଏଥିରେ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ଏହି ରୋଡ୍ ଶୋ'ରେ ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକ, ଦିଲୀପ ତିର୍କୀଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଅକ୍ଷୟତୃତୀୟା କାରବାର ଉତ୍ସାହଜନକ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୧୦।୫**

ଗତ କିଛି ସପ୍ତାହ ହେବ କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୬୦(୨୬୦.୩୦) ପଏଣ୍ଟ ବଢି ୭୨,୬୬୪(୭୨,୬୬୪.୪୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୬(୯୬.୫୦) ପଏଣ୍ଟ ବୃଦ୍ଧି ଘଟି ୨୨,୦୫୪(୨୨,୦୫୪.୦୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ମାର୍ଚ୍ଚରେ ଖସିଲା ଆଇଆଇପି ଅଭିବୃଦ୍ଧି



**ଭୁବନେଶ୍ୱର,୧୦।୫ (ଅନୁରାଧା ମହାରଣା)**

ଦେଶରେ ଶିଳ୍ପ ଉତ୍ପାଦନର ଗତି ମନ୍ଥର ହୋଇଯାଇଛି। ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ (ଆଇଆଇପି)ର ତଥ୍ୟ ଅନୁଯାୟୀ, ୨୦୨୪ ମାର୍ଚ୍ଚରେ ଶିଳ୍ପ ଉତ୍ପାଦନର ଅଭିବୃଦ୍ଧି ହାର ୪.୯ ପ୍ରତିଶତ ହୋଇଛି। ଫେବୃଆରୀରେ ଏହି ଅଭିବୃଦ୍ଧି ହାର ୫.୭ ପ୍ରତିଶତ ରହିଥିଲା। ସେହିପରି ୨୦୨୩ ମାର୍ଚ୍ଚରେ ଆଇଆଇପି ଅଭିବୃଦ୍ଧି ହାର ୧.୯ ପ୍ରତିଶତ ଥିଲା। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଶିଳ୍ପ ଉତ୍ପାଦନର ଅଭିବୃଦ୍ଧି ହାର ତଥ୍ୟ ଅନୁସାରେ ୨୦୨୪ ମାର୍ଚ୍ଚରେ ଖଣି କ୍ଷେତ୍ରରେ ଅଭିବୃଦ୍ଧି ହାର ୧.୨ ପ୍ରତିଶତ ଦେଖାଇଥିବାବେଳେ ଫେବୃଆରୀରେ ଏହି କ୍ଷେତ୍ର ୮ ପ୍ରତିଶତ ଅଭିବୃଦ୍ଧି ହୋଇଥିଲା। ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୫.୨ ପ୍ରତିଶତ ହୋଇଛି, ଯାହାକି ପୂର୍ବ ମାସରେ ୫ ପ୍ରତିଶତ ଥିଲା। ସେହିପରି ବିଦ୍ୟୁତ୍ କ୍ଷେତ୍ରର ଅଭିବୃଦ୍ଧି ହାର ୮.୬ ପ୍ରତିଶତ ରହିଛି। ଯାହା ଫେବୃଆରୀରେ ୭.୫ ପ୍ରତିଶତ ଥିଲା। ଖଣି କ୍ଷେତ୍ରରେ ଉତ୍ପାଦନରେ ହ୍ରାସ ହେତୁ ମାର୍ଚ୍ଚ ମାସରେ ଆଇଆଇପି ଅଭିବୃଦ୍ଧି ହାର ହ୍ରାସ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଇଆଇପି ଅଭିବୃଦ୍ଧି ହାର ୫.୮ ପ୍ରତିଶତ ରହିଛି। ପୂର୍ବ ଆର୍ଥିକ ବର୍ଷରେ ଏହା ୫.୨ ପ୍ରତିଶତ ଥିଲା। ମନ୍ତ୍ରଣାଳୟ କହିଛି, ସମଗ୍ର ବର୍ଷରେ ଖଣିରେ ୭.୫ ପ୍ରତିଶତ ଅଭିବୃଦ୍ଧି, ଉତ୍ପାଦନ କ୍ଷେତ୍ରରେ ୫.୫ ପ୍ରତିଶତ ଅଭିବୃଦ୍ଧି ଏବଂ ବିଦ୍ୟୁତ୍ କ୍ଷେତ୍ରରେ ୭.୧ ପ୍ରତିଶତ ଅଭିବୃଦ୍ଧି ଦେଖାଯାଇଛି। ଆଇଆଇପି ତଥ୍ୟ ନେଇ ଅର୍ଥନୀତି ବିଶେଷଜ୍ଞ କହିଛନ୍ତି, ୨୦୨୩-୨୪ର ଶେଷ ମାସରେ ଆଇଆଇପି ଅଭିବୃଦ୍ଧି ହାର ଆନୁମାନିକ ୫.୬ ପ୍ରତିଶତରୁ ୪.୯ ପ୍ରତିଶତକୁ ଖସି ଆସିଛି। ଉତ୍ପାଦନ ଏବଂ ବିଦ୍ୟୁତ୍ କ୍ଷେତ୍ରର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଥିବାବେଳେ ଖଣି ଉତ୍ପାଦନର ଗତି ମନ୍ଥର ହୋଇଯାଇଛି। ଗ୍ରାହକ ସ୍ଥାୟୀ ସାମଗ୍ରୀର ଉତ୍ପାଦନ ୯.୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ୨ ମାସ ହ୍ରାସ ପରେ ଅଣ ଗ୍ରାହକ ସ୍ଥାୟୀ ସାମଗ୍ରୀର ଉତ୍ପାଦନ ୪.୯ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଦିନରେ ଏହା ଉପରେ ନଜର ରଖିବାର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଛି।



**ଭୁବନେଶ୍ୱର,୧୦।୫ (ଅଭୟ ଦାଶ)**

- ଦେଶରେ ୧୫ରୁ ୨୦% କାରବାର ବୃଦ୍ଧି
- ରାଜ୍ୟରେ ୧୦୦ କୋଟିରୁ ଅଧିକ ବ୍ୟବସାୟ

ପ୍ରତିବର୍ଷ ଭଳି ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ମଧ୍ୟ ବେଶ୍ ଉତ୍ସାହଜନକ ରହିଥିଲାବେଳେ ସର୍ବଭାରତୀୟ ସ୍ତରରେ ସୁନା କାରବାର ୧୫ରୁ ୨୦% ବୃଦ୍ଧି ପାଇଛି ବୋଲି ଇଣ୍ଡିଆନ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଓଡ଼ିଶା ବଜାରରେ ମଧ୍ୟ ୧୦୦ କୋଟିରୁ ଅଧିକ ଟଙ୍କାରେ ସୁନା କାରବାର ହୋଇଥିବା ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଉଭୟ ରାଜ୍ୟ ଓ ଜାତୀୟସ୍ତର(ଘରୋଇ ବଜାର)ର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଲକି ଡ୍ର ଏବଂ ଉପହାରର ବ୍ୟବସ୍ଥା କରାଯାଇଥିଲାବେଳେ ଅକ୍ଷୟ ତୃତୀୟା ପାଇଁ ସବୁବର୍ଗର ଗ୍ରାହକ ଅଳ୍ପ ବହୁତ (ସକ୍ଷମ ଅନୁଯାୟୀ) ସୁନା, ରୁପା, ହୀରା ଓ ମୂଲ୍ୟବାନ୍ ଅଳଙ୍କାର ଏବଂ ରତ୍ନପଥର କ୍ରୟ କରିଛନ୍ତି।

ଅପରପକ୍ଷରେ ଶୁକ୍ରବାର ସୁନା ଦର ୫୦୦ରୁ ୮୫୦ ଟଙ୍କା ବଢ଼ିଥିବା ସତ୍ତ୍ୱେ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଅଳଙ୍କାର ପ୍ରତିଷ୍ଠାନଗୁଡିକରେ ଜମି ରହିଥିବା ଭିଡରୁ ସୁନା କ୍ରୟ ବୃଦ୍ଧି ହୋଇଥିବା ସ୍ପଷ୍ଟ ଜଣାପଡୁଥିଲା।

ସେହିଭଳି ଅକ୍ଷୟ ତୃତୀୟା କାରବାର ଆଶାନୁଯାୟୀ ହୋଇଥିବାବେଳେ ଭୁବନେଶ୍ୱରର ସୁନା ଦର ୨୪କ୍ୟାରେଟ ପ୍ରତି ଗ୍ରାମ ପିଛା ୭୩,୦୯୦ ଟଙ୍କା ଏବଂ ୨୨କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୬୭,୦୦୦ ଟଙ୍କାରେ ବିକ୍ରି ହେଉଥିଲା। ସେହିପରି ରୁପା ଦର କି.ଗ୍ରା. ପ୍ରତି ୮୬,୦୦୦ଟଙ୍କା ରହିଥିଲାବେଳେ ହୀରା ଓ ରତ୍ନପଥରର ମୂଲ୍ୟ ମଧ୍ୟ ଉଚ୍ଚା ଥିଲା। ବିଶେଷକରି ଅକ୍ଷୟ ତୃତୀୟା ଓ ବିବାହ ପାଇଁ ଗ୍ରାହକ ଉଭୟ ୨୨ ଓ ୧୮ କ୍ୟାରେଟ (୧୮କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୫୫,୧୭୦ଟଙ୍କା)ର ସୁନାକୁ ଅଧିକ ପରିମାଣରେ କ୍ରୟ କରୁଥିବା ଅଳଙ୍କାର ପ୍ରତିଷ୍ଠାନ ଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଯଥା ଖିମ୍‌ଜୀ ଜୁଏଲର୍ସ, ଲାଲ୍‌ଚାନ୍ଦ ଜୁଏଲର୍ସ, ଅରୁନ୍ଧତୀ ଜୁଏଲର୍ସ, ମାଲାବାର ଜୁଏଲର୍ସ, ଜୟଆଲୁକ୍କାସ ଜୁଏଲର୍ସ, କଲ୍ୟାଣ ଜୁଏଲର୍ସ, ତନିସ୍କ ଜୁଏଲର୍ସ, ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସ, ଜାଭେରୀ ଜୁଏଲର୍ସ, ପି.ସି. ଚନ୍ଦ୍ର ଜୁଏଲର୍ସ, କନକ ଜୁଏଲର୍ସ, ଲୋକନାଥ ଜୁଏଲର୍ସ, ଡିପିଜେପି ଜୁଏଲର୍ସ, ମା' ଗୌରୀ ଜୁଏଲର୍ସ, ବିଷମ ଜୁଏଲର୍ସ,ନାରାୟଣୀ ଜୁଏଲର୍ସ, ଧରିତ୍ରୀ ଜୁଏଲର୍ସ ଏବଂ ଗିଲାଏନ୍ସ ଜୁଏଲର୍ସ ଭଳି ଶୋ'ରୁମ୍‌ରେ ଅକ୍ଷୟ ତୃତୀୟା ଭିଡ଼ ଲାଗିରହିଥିଲା ବେଳେ ଉପରୋକ୍ତ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକର ଆକର୍ଷଣୀୟ ଅଫର ଓ ରିହାତି ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

### ନିବେଶ ଉପରେ ଆକର୍ଷଣୀୟ ରିଟର୍ନ



ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ, ମିତେଶ ଖିମ୍‌ଜୀ

ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ବେଶ୍ ଉତ୍ସାହଜନକ ରହିଥିଲା ବେଳେ ଗତ ବର୍ଷ ତୁଳନାରେ ଆମେ ୧୦ରୁ ୧୪% ଅଧିକ ବିକ୍ରି ଆକଳନ କରୁଛୁ। ଏପରିକି ଓଡ଼ିଶାରେ ଆମର ସମସ୍ତ ୮ ଷ୍ଟୋରରେ ଗ୍ରାହକଙ୍କ ଭିଡ଼ ଲାଗି ରହିଥିଲା। ସେହିଭଳି ଚଳିତ ବର୍ଷ ହୀରା ଗହଣା ପାଇଁ ଗ୍ରାହକଙ୍କ ମଧ୍ୟରେ ଅଧିକ ଆଗ୍ରହ ପରିଲକ୍ଷିତ ହୋଇଥିବାବେଳେ ଅଧିକ ଓଜନ ବିଶିଷ୍ଟ ସୁନାଗହଣାକୁ ଗ୍ରାହକ ପସନ୍ଦ କରନ୍ତି,ଯାହାକୁ ସେମାନେ ନିବେଶ ଉପରେ ଆକର୍ଷଣୀୟ ରିଟର୍ନ ଭାବେ ଗ୍ରହଣ କରୁଛନ୍ତି। ସେହିପରି ଗତ ବର୍ଷ ଯେଉଁମାନେ ସୁନାରେ ନିବେଶ କରିଥିଲେ,ସେମାନେ ୨୦ରୁ୨୫% ରିଟର୍ନ ପାଇଛନ୍ତି। ଗତ କିଛିଦିନ ମଧ୍ୟରେ ସୁନା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ସୁନା ଦର ବୃଦ୍ଧି ସତ୍ତ୍ୱେ ଗ୍ରାହକମାନେ ସୁନା, ରୁପା ଓ ହୀରା ଗହଣା ଅଧିକ ସଂଖ୍ୟାରେ କ୍ରୟ କରୁଛନ୍ତି। ଏପରିକି ସୁନା ସବୁ ସମୟରେ ଏକ ଦମ୍‌ଦାର ନିବେଶ ଭାବେ ପ୍ରମାଣିତ ହୋଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ୨୦୨୪ ମେ ୧ରୁ ଆରମ୍ଭ ହୋଇଯାଇଥିବାବେଳେ ଏହା ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲୁରହିବ।

## ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

**ଭୁବନେଶ୍ୱର,୧୦।୫**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ନୂତନ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏପରିକି ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ଼ ଜିଲା ଅଧୀନ ଜାମକାନି, ଗିରିସମା, ମୁଣ୍ଡେରଖେଟ, ଝାରପଲମ ଏବଂ ହେମଗିର ଭଳି ପ୍ରାୟ ୬ କି.ମି. ବ୍ୟାପୀ ଦୂରାନ୍ତ ଗ୍ରାମାଞ୍ଚଳରେ କମ୍ପାନୀ ପ୍ରାୟ ୧୦୦ ସୋଲାର ପାୱାରଡ୍ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ବିଶେଷକରି କମ୍ପାନୀର ଏହି ପଦକ୍ଷେପ ଗୋଷ୍ଠୀର ସଶକ୍ତୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସହ ସମ୍ପୃକ୍ତ ଅଞ୍ଚଳ ଲାଗି ଏହା ଏକ ନିର୍ଭରଯୋଗ୍ୟ ଓ ପରିବେଶ ଅନୁକୂଳ ସମାଧାନ ପ୍ରଦାନ କରୁଛି। ସେହିଭଳି ଉପରୋକ୍ତ ଗ୍ରାମଗୁଡ଼ିକ ମଧ୍ୟରେ ଏହି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାକୁ ସବୁବର୍ଗର ଲୋକ ପସନ୍ଦ କରୁଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ପରାମର୍ଶରେ ଉକ୍ତ ଲାଇଟଗୁଡିକ ଲଗାଯାଇଥିଲା। ଏପରିକି ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳର ବିଦ୍ୟାଳୟ, ପାନୀୟ ଜଳ ପଏଣ୍ଟ, ନଳକୂପ(କୂଅ), ଛକ ଓ ଗୋଷ୍ଠୀ କେନ୍ଦ୍ର ଭଳି ସ୍ଥାନ ଚିହ୍ନଟ କରାଯାଇ ସୋଲାର ଲାଇଟ ସ୍ଥାପନ କରାଯାଇଥିଲାବେଳେ ଆଲୋକର ସ୍ଥାପନା ଗୋଷ୍ଠୀର ଆବଶ୍ୟକତା ପୂରଣ ହେବା ସହ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବ ବୋଲି କୁହାଯାଇଛି। ସେହିପରି ବେଦାନ୍ତ ଗ୍ରୁପ୍‌ର ମାଇନ୍ସ ଟିମ୍ ଏହାର ସ୍ଥାୟୀ ସାମାଜିକ ପ୍ରଭାବ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀକୁ ସହାୟତାକରି ଏକ ସବୁଜ ତଥା ଅଧିକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଆଲୋକିତ କରିବାରେ ଲାଗିଛି। ଏପରିକି ଜାତିସଂଘ ସହ ସମାନ୍ତରାଳ ଭାବେ ୨୦୩୦ ସୁଦ୍ଧା ସୁଲଭ, ନିର୍ଭରଯୋଗ୍ୟ ଓ ସ୍ଥାୟୀ ତଥା ଆଧୁନିକ ଶକ୍ତି ନିଶ୍ଚିତ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ କହିଛନ୍ତି, ଆମେ କାର୍ଯ୍ୟ କରୁଥିବା ଅଞ୍ଚଳରେ ଲୋକମାନଙ୍କ ଆବଶ୍ୟକତା ଉପରେ ବିଶେଷ ଧ୍ୟାନ ଦେଇ ଆସୁଛୁ। ଏପରିକି ସେମାନଙ୍କ କଲ୍ୟାଣ ପାଇଁ ଆମେ ବହୁବିଧ ପଦକ୍ଷେପ ମଧ୍ୟ ନେଉଛୁ। ସେହିଭଳି ଆମର ସୌର ଆଲୋକୀକରଣ ପଦକ୍ଷେପ ହେଉଛି, ପରିବେଶ ପରିଚାଳନା ଓ ଗୋଷ୍ଠୀର କଲ୍ୟାଣକୁ ଅଗ୍ରାଧିକାର ଦେବା। ଏହି ପଦକ୍ଷେପ ଏକ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ହୋଇଥିବାରୁ ଏହାର ସ୍ଥାୟିତ୍ୱ ଓ ପରିବେଶ ସଚେତନତା ଉପରେ ମହତ ଯୋଗଦାନ ରହିଛି।

## ସମନ୍ୱୟ-ସହଯୋଗିତାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୦।୫**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଆନୁଆଲ ବିଜନେସ୍ ଆସୋସିଏଟ୍ ମିଟ୍ ଭୁବନେଶ୍ୱରର ଏମ୍‌ଡିସି ବରମୁଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ୯୦ଜଣ ବିଜନେସ୍ ଆସୋସିଏଟ୍ ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍ ସହିତ ସହଭାଗିତା ପଦକ୍ଷେପ ବିଷୟରେ ସେମାନେ ନିଜ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ଗଠନ ମୂଳକ ଆଲୋଚନା ହୋଇଥିଲା ବେଳେ ଅଂଶଗ୍ରହଣକାରୀମାନେ ମିଳିତ ଅଭିବୃଦ୍ଧି ପାଇଁ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଯେଉଁଥିରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀଙ୍କ ସମେତ ନେତୃତ୍ୱ ଟିମ୍ ମଧ୍ୟ ଯୋଗ ଦେଇଥିଲେ। ଏହି ଅଧିବେଶନରେ ବିଜନେସ୍ ଆସୋସିଏଟ୍‌ମାନେ ପ୍ରାସଙ୍ଗିକ ପ୍ରଶ୍ନ କରି ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କଠାରୁ ପ୍ରତିକ୍ରିୟା ହାସଲ କରିବାର ସୁଯୋଗ ପାଇଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଆନୁଆଲ ବିଜନେସ୍ ଆସୋସିଏଟ୍ ମିଟ୍ ଆମ ସହଯୋଗିତାର ଦୃଢ଼ତା ଏବଂ ଶକ୍ତି କ୍ଷେତ୍ରରେ ନବସୃଜନ ଓ ଉତ୍କର୍ଷକୁ ବଢ଼ାଇବା ପାଇଁ ଆମର ମିଳିତ ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଏପରିକି ବିଜନେସ୍ ଆସୋସିଏଟ୍‌ମାନେ ପ୍ରଦାନ କରିଥିବା ମୂଲ୍ୟବାନ ପରାମର୍ଶକୁ ଆମେ ପ୍ରଶଂସା କରୁଛୁ, ଯାହା ଆମ ସେବାରେ ଉନ୍ନତି ଆଣିବା ଏବଂ ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟ ପ୍ରଦାନ କରିବା ଲାଗି ଆମ ସଙ୍କଳ୍ପକୁ ଦୋହରାଉଛି। ଟିପିସିଓଡିଏଲ୍ ପକ୍ଷରୁ ସହଯୋଗିତା, ନବସୃଜନ ଓ ସାମାଜିକ ଦାୟିତ୍ୱବୋଧକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି, କାରଣ ଏହା ସମାଜକୁ ସଶକ୍ତ କରୁଥିବା ବେଳେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଓଡ଼ିଶାବାସୀଙ୍କ ଜୀବନର ଗୁଣାତ୍ମକମାନରେ ଉନ୍ନତି ଆଣିବାକୁ ଉଦ୍ୟମ କରୁଛି।

ଆଲୋଚନା ସମୟରେ ବହୁ ସଂଖ୍ୟାରେ ବିଜନେସ୍ ଆସୋସିଏଟ୍ ଟାଟା ପାୱାର ସହ ସହଯୋଗିତା ପରଠାରୁ ଟିପିସିଓଡିଏଲ୍‌ରୁ ମିଳୁଥିବା ଲାଭଗୁଡ଼ିକୁ ପ୍ରଶଂସା କରିଥିଲେ।


# Classified Everyday
0674-2580101, 2549949



REAL ESTATE

SALE

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ 30ft. ରୋଡ୍, ଘରବାଡ଼ି boundary ଇଲେକ୍ଟ୍ରିସିଟି ସୁବିଧା ଥାଇ Govt. Roadକୁ ଲାଗି SC ପ୍ଲଟ୍ ବିକ୍ରିହେବ। 9777617151, 9090142564. D-75951

54000sqft. plot available on Sisolo near Balakati, Nimapada highway for commercial/institutional purpose. Contact- 7978097047. D-279

Duplex sale at Bhubaneswar @ 57 Lakhs only. Contact: 9777433701. D-75954

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-272

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



FOR RENT

Tolet 1BHK 539, Sahid Nagar, Bhubaneswar infront of Sahid Sporting Club. M- 9437010641, 8908901973. D-230

AFFIDAVIT

I, NARAYANA PANDA S/o- SATYABADI PANDA, resident of Jamuniani Street, Panigrahi Pentha, Berhampur, Ganjam-760006, previously known as NARAYAN PANDA. By virtue of this affidavit dated 08.05.2024, I shall be known as NARAYANA PANDA for all purposes. D-63237



Healthcare

Monalisa massage Club:All types Body massage with hiprofile smart lady rooms service available. 9708545108. D-276

Relax, refresh your body, mind by expert therapist. Contact- 9938843929. D-76118

Kerala body Massage best Therapist, Bhubaneswar. 9337672475. D-210

Newly open Jyoti Spa positively health benefits (Expert Therapist). 8458067955. D-76119

Newly open health benefits Spa special offer @999, Bapujinagar. 8018429809. D-76120

Newly open full body massage all types massage available. 7749034655. D-76121

Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦଶରଥ ସାହୁ

ଗ୍ରା/ପୋ- ବାଇଁଶିରିଆ, ବରୀ, ଯାଜପୁର

ଆବିର୍ଭାବ: ୨୩।୦୨।୧୯୪୨
ତିରୋଧାନ: ୦୧।୦୫।୨୦୨୪

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ରଙ୍ଗଲତା ସାହୁ (ଧର୍ମପତ୍ନୀ), ଦେବୀପ୍ରସାଦ, ସୁକାନ୍ତିଲତା, ହରପ୍ରସାଦ, ରଶ୍ମିରାଣୀ, ଜଗନ୍ନାଥ ପ୍ରସାଦ, ପ୍ରତିମା, ପୁଷ୍ପଶ୍ରୀ, ଶରତ, ରାଜଶ୍ରୀ, ରବୀନ୍ଦ୍ର, ଶୁଭଶ୍ରୀ, ଶଶାଙ୍କ, ମହିମା, କରୁଣା, ସତ୍ୟସ୍ୱରୂପ, ନୀଳାଦ୍ରୀଶ, ଆଦିତ୍ୟ, ସୌମ୍ୟ, ବର୍ଷା, ଆଦ୍ୟାଶା, ଦିବ୍ୟାଶା, ଅଭିଶିକ୍ତା, ଅନିନ୍ଦିତା, ଅଭିଲିପ୍ସା, ମୋକ୍ଷିତା

ଧ-୨୭୪

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**

ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ନେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓଭ୍ରେ ବ୍ରିଜ୍ ପାଖ



ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ

Election Materials Available

କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, ଜିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।

ଦିଲ୍ଲୀ-୬୧ ଶିବପୁରୀ

ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା

9810432170
7606841840

BINET SCIENCE ACADEMY

Best Coaching Centre in Bhubaneswar since 2010

CBSE Class - XI & XII (Physics, Chemistry, Mathematics & Biology) (NEET, JEE, IIT-Foundation, BOARDS, NISER, KVPY, NDA)

FREE ADMISSION & DEMO CLASSES

SAILASHREE VIHAR PHASE-II / BOMIKHAL, BHUBANESWAR

Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନବୀନ ଷଷ୍ଠଥର ମୁଖ୍ୟମନ୍ତ୍ରୀ ନ ହେଲେ ରାଜନୀତିରୁ ସନ୍ନ୍ୟାସ ନେବି



ବ୍ରଜରାଜନଗରଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି, ବରଗଡ଼ ଏମ୍‌ପି ପ୍ରାର୍ଥୀ ପରିଣୀତା ମିଶ୍ର।

ଭୁବନେଶ୍ୱର/ଝାରସୁଗୁଡ଼ା,୧୦।୫
(ଅନିଲ ଦାସ/ସଞ୍ଜୟ ମାଳି)

**■ଧର୍ମେନ୍ଦ୍ରଙ୍କୁ ପାଣ୍ଡିଆନ୍‌ଙ୍କ କଡ଼ା ଚ୍ୟାଲେଞ୍ଜ**

**■ଭାଜପା ସରକାର ନ କଲେ ଧର୍ମେନ୍ଦ୍ର ରାଜନୀତିରୁ ସନ୍ନ୍ୟାସ ନେବେ କି**

ଭାଜପା ନେତାମାନେ କହୁଛନ୍ତି ଯେ ଓଡ଼ିଶାରେ ପରିବର୍ତ୍ତନର ହାୱା ବହୁଛି। ଯଦି ନବୀନ ପଟ୍ଟନାୟକ ତିନି-ଚତୁର୍ଥାଂଶ ବହୁମତରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ଜୁନ୍ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନ ନିଅନ୍ତି, ତା'ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଏମିତି ଚ୍ୟାଲେଞ୍ଜ ଦେଇପାରିବେ କି ? ତାଙ୍କ ଦଳ ସରକାର ନ କଲେ ସେ ରାଜନୀତିରୁ ସନ୍ନ୍ୟାସ ନେବେ କି ବୋଲି କହି ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଛନ୍ତି। ପାଣ୍ଡିଆନ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ଜୋରଦାର ପ୍ରଚାର କରିଦଳୀୟପ୍ରାର୍ଥୀଙ୍କପାଇଁଭୋଟମାଗିଛନ୍ତି।

ବ୍ରଜରାଜନଗରରେ ଧର୍ମେନ୍ଦ୍ରଙ୍କୁ କଡ଼ା ଚ୍ୟାଲେଞ୍ଜ କରି ପାଣ୍ଡିଆନ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ବହୁତ ବଡ଼ ବଡ଼ କଥା କହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି । ସାମାନ୍ୟ ଜାତୀୟ ରାଜପଥକୁ ୧୦ ବର୍ଷରେ ଠିକ୍ କରିପାରିଲେ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରିବାକୁ ତାଙ୍କର ସାହସ ଆସିଲା କେଉଁଠୁ। ମୋତେ ଚାମଚା, ଗୁମାସ୍ତା ବୋଲି କହୁଛନ୍ତି। ମୋତେ ଯାହା ବି କହିଲେ କିଛି ଅସୁବିଧା ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କଲେ ମୁଁ ସହିବି ନାହିଁ ବୋଲି ପାଣ୍ଡିଆନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଢେଙ୍କାନାଳରୁ ପ୍ରାର୍ଥୀ ହେବା ପାଇଁ ୧୦ ବର୍ଷ କାଳ ଉଦ୍ୟମ କଲେ, କିନ୍ତୁ ନାମାଙ୍କନ ବେଳକୁ ଡର ପଶିଲା। ସେ ସମ୍ବଲପୁରରୁ ଛିଡ଼ା ହେଲେ। ଏବେ ନିର୍ବାଚନ ଆସିଲା। ବିରୋଧୀ ନେତାମାନେ ମିଛକଥା କହି ଭୋଟ ନେଇଯିବେ, ତା'ପରେ ଖୋଜିଲେ ମିଳିବେନି। ସେମାନେ କେବେ ଆପଣମାନଙ୍କୁ ହିସାବ ଦେବେନାହିଁ। ପୂର୍ବ ନିର୍ବାଚନରେ ଦରଦାମ୍ କମିବ ବୋଲି ସେମାନେ କହିଥିଲେ। ଏଲ୍‌ପିଜି, ପେଟ୍ରୋଲ, ଡିଜେଲ ଦାମ୍ କମିଲା କି? ମୁଁ ଆପଣମାନଙ୍କୁ କାମର ହିସାବ ଦେବ। ମୁଖ୍ୟମନ୍ତ୍ରୀ ଆମକୁ କାମର ହିସାବ ଦେବା ପାଇଁ ସବୁବେଳେ ନିର୍ଦ୍ଦେଶ ଦେଇଥାନ୍ତି। ମୁଖ୍ୟମନ୍ତ୍ରୀ ହୀରାକୁଦ ବିସ୍ଥାପିତମାନଙ୍କର ୫୦-୬୦ ବର୍ଷର ସମସ୍ୟା ଦୂର କରିଛନ୍ତି । ବ୍ରଜରାଜନଗରର ୧୮ଟି ଗାଁର ୨,୧୦୦ ବିସ୍ଥାପିତଙ୍କୁ ପଟ୍ଟା ଦିଆଯାଇଛି। ବ୍ରଜରାଜନଗର ମା' ରାମଚଣ୍ଡୀ ମନ୍ଦିର ପାଇଁ ୪ କୋଟି ୫୦ ଲକ୍ଷ, କୋଇଲି ଘୁଗର ଇକୋ ଟୁରିଜମ୍ ପାଇଁ ୩ କୋଟି, ଲଖନପୁର ଆଇଟିଆଇ ପାଇଁ ୩୦ କୋଟି, ବ୍ରଜରାଜନଗରରେ ଅଡିଟୋରିୟମ ପାଇଁ ୧୦ କୋଟି, ଲଖନପୁରର ୧୬ ପଞ୍ଚାୟତରେ ପାଇପ୍ ପାଣି ପାଇଁ ୧୨୪ କୋଟି, ହାଇସ୍କୁଲ ଓ କଲେଜ ରୂପାନ୍ତର ପାଇଁ ୩୦ କୋଟି ଟଙ୍କା ଦିଆଯାଇଛି। କାଳିଆ ଯୋଜନାରେ ଏହି ନିର୍ବାଚନମଣ୍ଡଳୀର ୩୦,୬୦୦ ଚାଷୀ ଉପକାର ପାଉଛନ୍ତି। ବିଏସ୍‌କେୱାଇରେ ୬୦,୫୦୦ ଲୋକ ଉପକାର ପାଉଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି।

ଝାରସୁଗୁଡ଼ାରେ ସ୍ୱର୍ଗତ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଛନ୍ତି, ଝାରସୁଗୁଡ଼ାର ବିକାଶରେ ସ୍ୱର୍ଗତ ନବବାବୁଙ୍କର ବହୁତ ଅବଦାନ ରହିଛି। ତାଙ୍କ ପ୍ରଚେଷ୍ଟାରେ ଝାରସୁଗୁଡ଼ାରେ କ୍ୟାନ୍‌ସର ହସ୍ପିଟାଲ, ହାର୍ଟ କେୟାର ହସ୍ପିଟାଲ ହୋଇଛ । ଦୀପାଳି ଆପଣମାନଙ୍କ ଝିଅ, ନବବାବୁଙ୍କର ଝାରସୁଗୁଡ଼ା ପାଇଁ ଯେଉଁ ସ୍ୱପ୍ନ ଥିଲା ତାକୁ ସେ ସାକାର କରିବେ ବୋଲି ପାଣ୍ଡିଆନ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏସ୍‌ଏଚ୍‌ଜି ପାଇଁ ପେନ୍‌ସନ ଓ ଗରିବ ଲୋକଙ୍କ ପାଇଁ ମାଗଣାରେ ବିଜୁଳି ଘୋଷଣା କରିଛନ୍ତି। ମା'ମାନେ ହେଉଛନ୍ତି ନବୀନବାବୁଙ୍କ ସେନାପତ। ଜଣେ ସାଧାରଣ ମହିଳାଙ୍କୁ ଏଠାରେ ସେ ଲୋକ ସଭା ପ୍ରାର୍ଥୀ କରିଛନ୍ତି। ଏହି ଦୁଇ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଝାରସୁଗୁଡ଼ା ବିକାଶ ଯାତ୍ରାକୁ ଆହୁରି ମଜଭୁତ କରିବା ପାଇଁ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି।

# ବିଜେଡି ଇସ୍ତାହାର କେବଳ ଏକ ଫମ୍ପା ପ୍ରତିଶ୍ରୁତି: ଧର୍ମେନ୍ଦ୍ର

ସମ୍ବଲପୁର,୧୦।୫(ବି.ଶଙ୍କର)

ବିଜୁ ଜନତା ଦଳ (ବିଜେଡି) ଜାରି କରିଥିବା ନିର୍ବାଚନୀ ଇସ୍ତାହାରରେ କୌଣସି ନୂତନତ୍ୱ ନାହିଁ। ଗୁଡ଼ାଏ ଜିନିଷରେ ଭାଜପାର ଇସ୍ତାହାରକୁ କପି କରିବାର ଚେଷ୍ଟା କରାଯାଇଛି। ବିଜେଡି ଇସ୍ତାହାର କେବଳ ଏକ ପ୍ରହସନ, ଫମ୍ପା ପ୍ରତିଶ୍ରୁତି ବୋଲି ଶୁକ୍ରବାର ସମ୍ବଲପୁରରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ।

ଗଣମାଧ୍ୟମ ପ୍ରତିନିଧିଙ୍କ ବିଜେଡି ଇସ୍ତାହାର ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବିଜେଡିର ଇସ୍ତାହାରରେ ଅନେକ ବିଷୟରେ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଛି। ଇସ୍ତାହାରରେ କୌଣସି ନୂଆ କଥା ନାହିଁ । ୨ ଲକ୍ଷ ଚାକିରି ଦେବା କଥା ଇସ୍ତାହାରରେ କହିଛନ୍ତି। ୨୪ ବର୍ଷ ସରକାରରେ ରହିବା ପରେ ଏଯାଏଁ କାହିଁକି ରୋଜଗାର ଦେଲେ ନାହିଁ। ରାଜ୍ୟରେ ୧ ଲକ୍ଷ ସରକାରୀ ପଦବୀ ଖାଲିଥିବା କଥା ବିଧାନସଭାରେ ସରକାରଙ୍କ ମନ୍ତ୍ରୀ ଉତ୍ତର ରଖିଛନ୍ତି। ଏ ସମସ୍ତ ପଦବୀ ପୂରଣ କରିବାକୁ କିଏ ମନା କରିଥିଲା। ସରକାରୀ ପଦବୀ ପୂରଣ ନ କରି ଏବେ ଚାକିରି ଦେବି ବୋଲି କହିବା ପ୍ରହସନ ବ୍ୟତୀତ ଅନ୍ୟ କିଛି ନୁହେଁ। ସେହିପରି ଯୁବକମାନଙ୍କ ପାଇଁ ବଜେଟ ଆଣିବା କଥା ଇସ୍ତାହାରରେ କୁହାଯାଇଛି। ଏହା ପୂର୍ବରୁ ମହିଳା ଓ କୃଷି ବଜେଟ ଆଣିଥିଲେ। ଏନ୍‌ସିଆର୍‌ବିର ତଥ୍ୟ ଦେଖିଲେ ଓଡ଼ିଶାରେ ହିଁ ମହିଳାମାନେ ଅସୁରକ୍ଷିତ ଓ ଅତ୍ୟଧିକ ଅତ୍ୟାଚାରର ଶିକାର ହେଉଛନ୍ତି। ରାଜ୍ୟରେ ଜଳସେଚନର ସୁବିଧା ନ ଥିବାବେଳେ ଶୀତଳଭଣ୍ଡାର ନାହିଁ। ଚାଷୀଙ୍କୁ ସାମାନ୍ୟତମ ସୁବିଧା ମିଳିପାରୁନାହିଁ। ବିଜେଡିର ଘୋଷଣାଗୁଡ଼ିକ କେବଳ ଲୋକଦେଖାଣିଆ, ଓଡ଼ିଶାର ବିକାଶ ସହ କିଛି ସମ୍ପର୍କ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଓଡ଼ିଶାର ଅଧିକାଂଶ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଭାଜପା ସରକାର ଓଡ଼ିଶାରେ ହେଲେ କଟ୍‌ନିଛଟ୍‌ନି ବନ୍ଦ କରାଯିବ । ଏପରିକି ଧାନର ଏମ୍‌ଏସ୍‌ପି ୨୧୮୩ ଟଙ୍କାରୁ ୩୧୦୦ ଟଙ୍କା ବୃଦ୍ଧି କରିବା ନେଇ ଘୋଷଣା କରିଛି। ଅଥଚ ବିଜେଡି ସରକାରର ନିର୍ବାଚନୀ ଇସ୍ତାହାରରେ ଚାଷୀଙ୍କ ପାଇଁ କିଛି ଯୋଜନା ନାହିଁ। ବିଜେଡିର ପ୍ରତିଶ୍ରୁତି କେବଳ ଘୋଷଣାରେ ସୀମିତ। ଆଜି ଓଡ଼ିଶାରେ ଜଳସେଚନର ବ୍ୟବସ୍ଥା ନାହିଁ, ଶୀତଳଭଣ୍ଡାର ନାହିଁ, ଚାଷୀମାନେ ଅତ୍ୟନ୍ତ ଖରାପ ଅବସ୍ଥାରେ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

# ରାଜନୀତି, ଇତିହାସରେ ଅଜ୍ଞ ଲୋକମାନେ ବାଚାଳାମି କରୁଛନ୍ତି: ଜୟନାରାୟଣ

ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)

ନିର୍ବାଚନରେ ହାରଜିତ୍‌କୁ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜନୀତିରୁ ସନ୍ନ୍ୟାସ ଚ୍ୟାଲେଞ୍ଜ ଦେଇଥିବାବେଳେ ଏହି ପ୍ରସଙ୍ଗରେ ଜବାବ ଦେଇଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ଓଡ଼ିଶା ରାଜନୀତି ଓ ଇତିହାସ ଉପରେ ଅଜ୍ଞ ଥିବା ଲୋକମାନେ ଏବେ ବାଚାଳାମି ଆରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ପାଣ୍ଡିଆନ ପ୍ରଶ୍ନ କରିବା ପୂର୍ବରୁ ଓଡ଼ିଶାର ରାଜନୀତି ଓ ଇତିହାସ ଉପରେ ଜ୍ଞାନ ଆହରଣ କରିଥିଲେ ଭଲ ହୋଇଥାନ୍ତା ବୋଲି ଜୟନାରାୟଣ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜୟନାରାୟଣ କହିଛନ୍ତି, ଗଣତନ୍ତ୍ରରେ ସର୍ବଦା ଲୋକଙ୍କ ମତକୁ ସମ୍ମାନ ଦେବା ଉଚିତ, ଅହଂକାର କରିବା ଠିକ୍ ନୁହେଁ। ଯାହାଙ୍କ ନାମରେ ବିଜେଡି ଗଠନ ହୋଇଛି ସେ ୧୯୭୧ରେ ଏକାସାଙ୍ଗେ ୫ଟି ଆସନରୁ ନିର୍ବାଚନ ଲଢ଼ିଥିଲେ। ବିଜୁବାବୁ ଚୌଦ୍ୱାର, ଭୁବନେଶ୍ୱର, ଖୋର୍ଦ୍ଧା ଓ ଭଞ୍ଜନଗର ବିଧାନସଭା ପାଇଁ ଲଢ଼ିବା ସହ ଭଞ୍ଜନଗର ଲୋକ ସଭା (ଏବେକାର ଆସିକା) ପାଇଁ ମଧ୍ୟ ନିର୍ବାଚନ ଲଢ଼ିଥିଲେ, ହେଲେ ସବୁଠି ହାରିଥିଲେ। ଏତେ ଆସନରୁ ହାରିବା ପରେ ମଧ୍ୟ ସେ ରାଜନୀତି ଛାଡ଼ି ନ ଥିଲେ। ହାରିଗଲେ ରାଜନୀତି ଛଡ଼ାଯାଏ ନାହିଁ। ଭାଜପା ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଆଦର୍ଶରେ ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳରେ ପରିଣତ ହୋଇପାରିଛି। ପାଣ୍ଡିଆନ୍ କେବଳ ନିଜେ ନିଜ ଭାଷଣ ଶୁଣି ଆତ୍ମସନ୍ତୋଷ ପାଉଛନ୍ତି। କିନ୍ତୁ ଜନସାଧାରଣ କିମ୍ବା ତାଙ୍କ ଦଳର ନେତା କେହି ତାଙ୍କ ଉପରେ ସନ୍ତୁଷ୍ଟ ନାହାନ୍ତି। ପାଣ୍ଡିଆନ୍‌ଙ୍କ ରାଜନୈତିକ ପରିପକ୍ୱତା କେବେ ଆସିବ ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ପାଣ୍ଡିଆନ୍ ଓଡ଼ିଶାରେ ଚାକିରି ନ କରିବା ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ ଛାତ୍ର ରାଜନୀତିରୁ ସକ୍ରିୟ ଅଛନ୍ତି। ରାଜନୈତିକ ଜୀବନରେ ସେ ଯାହା ହୋଇଛନ୍ତି ଏବଂ ଓଡ଼ିଶା ପାଇଁ କରିଛନ୍ତି ତାହାକୁ ବର୍ଣ୍ଣନା କରିହେବ ନାହିଁ ବୋଲି ଜୟନାରାୟଣ କହିଛନ୍ତି। ସୂଚନାଯୋଗ୍ୟ, ପାଣ୍ଡିଆନ୍ ଶୁକ୍ରବାର ଝାରସୁଗୁଡା ଏବଂ ବ୍ରଜରାଜନଗରରେ ପ୍ରଚାର କରିବା ଅବସରରେ ଧର୍ମେନ୍ଦ୍ରଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ବହୁ ବଡ଼ କଥା କହୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନି-ଚତୁର୍ଥାଂଶ ବହୁମତରେ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଯଦି ଏହା ନ ହୁଏ ତେବେ ସେ ରାଜନୀତିରୁ ସନ୍ନ୍ୟାସ ନେବେ। ଧର୍ମେନ୍ଦ୍ର ଚ୍ୟାଲେଞ୍ଜ କରନ୍ତୁ, ଭାଜପା ସରକାର ଓଡ଼ିଶାରେ ନ ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେବେ କି?

# ଧର୍ମେନ୍ଦ୍ର ଔଷଧ ବିକଳରେ ତାଟିଆ କାମୁଡ଼ୁଛନ୍ତି: ଲେନିନ୍

ସମ୍ବଲପୁର,୧୦।୫(ପ୍ରମୋଦ ବହିଦାର)



ଲେନିନ୍ ମହାନ୍ତି

**ବିଜେଡି ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରିଥିବା ଧର୍ମେନ୍ଦ୍ରଙ୍କୁ ବିଜେଡିର କଡ଼ା ଜବାବ**

ଆଗାମୀ ୧୨ ବର୍ଷ ମଧ୍ୟରେ ଓଡ଼ିଶାକୁ ସମଗ୍ର ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାକୁ ଦୃଷ୍ଟିରେ ରଖି ବିଜେଡିର ନିର୍ବାଚନୀ ଇସ୍ତାହାରରେ ବିକଶିତ ଓଡ଼ିଶାର ଚିତ୍ର ପ୍ରତିଫଳିତ ହେଉଛି। ଏହାକୁ ଦେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାରିବା ଭୟ ଘାରିଛି। ନିଜ ଦୋଷ ଦୁର୍ବଳତାରେ ସୁଧାର କରିବା ପରିବର୍ତ୍ତେ ବିଜେଡିର ନିର୍ବାଚନୀ ଇସ୍ତାହାରରେ ତ୍ରୁଟି ଖୋଜିବାରୁ ନିବୃତ୍ତ ରୁହନ୍ତୁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତି ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି।

ଲେନିନ୍ କହିଛନ୍ତି, ବିଜେଡିର ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ନିର୍ବାଚନ ପରେ କେନ୍ଦ୍ରରେ ସରକାର ଗଢ଼ିବା ସମୟରେ ଭାଜପାର ୨ ଲକ୍ଷ ଚାକିରି ଓ ପ୍ରତ୍ୟେକ ପରିବାରଙ୍କ ବ୍ୟାଙ୍କ ଜମାଖାତାରେ ୧୫ ଲକ୍ଷ ଟଙ୍କା ଜମାହେବ ବୋଲି ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇଛନ୍ତି। ଓଡ଼ିଆ ଅସ୍ମିତାକୁ ଆକ୍ରମଣ କରୁଥିବା ଧର୍ମେନ୍ଦ୍ର ପ୍ରଧାନ ବିଜେଡିର ନିର୍ବାଚନୀ ଇସ୍ତାହାରକୁ ମନଦେଇ ପଢ଼ିବା ଉଚିତ। ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ଗମନାଗମନ, ପରିବହନ, ପର୍ଯ୍ୟଟନ, ମହିଳା ସଶକ୍ତୀକରଣ, ଯୁବ ଦକ୍ଷତା ବିକାଶ, ଓଡ଼ିଶାର ଐତିହ୍ୟ, ସଂସ୍କୃତିର ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ପାଇଁ ଅନେକ ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତାହା କରନ୍ତି। ତେଣୁ ଏହା କେବଳ ଏକ ନିର୍ବାଚନୀ ଇସ୍ତାହାର ନୁହେଁ, ଓଡ଼ିଶାବାସୀଙ୍କ ପାଇଁ ଭରସାର ପତ୍ର ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବିଜେଡିର ନିର୍ବାଚନୀ ଇସ୍ତାହାର ବିରୋଧୀଙ୍କ ନିଦ ହଜାଇ ଦେଇଥିବା ବେଳେ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ତେଣୁ ଧର୍ମେନ୍ଦ୍ର ଅଯଥା ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବୋଲି ଲେନିନ୍ କହିଛନ୍ତି।

# ଇନ୍‌ଷ୍ଟାଗ୍ରାମ୍‌ରେ ପାଣ୍ଡିଆନ୍




ଭୁବନେଶ୍ୱର, ୧୦।୫(ଅନିଲ ଦାସ)

**ଯୁବପିଢ଼ିଙ୍କୁ ଭୋଟ ଦେବାକୁ ଅପିଲ କରୁଛନ୍ତି**

ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଦଳର ନିର୍ବାଚନ ଇସ୍ତାହାର ସମ୍ପର୍କରେ ଯୁବପିଢ଼ିଙ୍କୁ ସୂଚନା ଦେଇ ଭୋଟ ଭିକ୍ଷା କରୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ସେ ଏକ ମୋଟରସାଇକେଲରେ ଆସି ହେଲ୍‌ମେଟ ଖୋଲି କହୁଛନ୍ତି ଯେ ନବୀନବାବୁଙ୍କ ସରକାର ଯୁବପିଢ଼ିଙ୍କ ସରକାର, ଛାତ୍ରୀଛାତ୍ରମାନଙ୍କର ସରକାର। ଆପଣମାନେ ଦେଖିବେ ମାନିଫେଷ୍ଟୋରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ କ'ଣ କ'ଣ ଆପଣମାନଙ୍କ ପାଇଁ ରଖିଛନ୍ତି। ନୂଆ-ଓ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଝିଅପିଲାମାନଙ୍କ ପାଇଁ ୧୪ ହଜାର ଓ ପୁଅପିଲାମାନଙ୍କ ପାଇଁ ୧୨ ହଜାର ଟଙ୍କା ରଖିଛନ୍ତି। ପ୍ରତିବର୍ଷ ହଜାରେ କୋଟି ଟଙ୍କା ରଖିବେ ବଜେଟରେ। ଆପଣମାନଙ୍କର ମତାମତ ଅନୁସାରେ ନିଷ୍ପତ୍ତି ନିଆଯିବ। ଆସନ୍ତା ୧୦ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଆପଣମାନଙ୍କର ରୋଜଗାର, ପାଠପଢ଼ା, ଦକ୍ଷତା ବୃଦ୍ଧି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏସବୁ ଖର୍ଚ୍ଚ କରାଯିବ। ଆପଣମାନଙ୍କ ସରକାର। ଯୁବ, ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଆସି ଭୋଟ ଦେବେ। ଭୋଟ କରେଇବେ। ନବୀନବାବୁଙ୍କୁ ଜିତାଇବେ। ଜୟ ଜଗନ୍ନାଥ ବୋଲି କହୁଛନ୍ତି।

# ହଳ କଲେ ପ୍ରଣବ

ରେଙ୍ଗାଲି, ୧୦।୫(ଦେବବ୍ରତ ପଣ୍ଡା)

ବିଜୁ ଜନତା ଦଳ (ବିଜେଡି) ଲୋକଙ୍କର। ଗରିବ, ଚାଷୀ, ମୂଲିଆଙ୍କ ସହିତ ମୁଖ୍ୟମନ୍ତ୍ରୀ ସବୁବେଳେ ଅଛନ୍ତି, ଆଉ ରହିଥିବେ। ତେଣୁକରି ବିଜୁ ଜନତା ଦଳ ପ୍ରତି ଲୋକଙ୍କ ବିଶ୍ୱାସ, ଭରସା ସୁଦୃଢ଼ ହେଉଛି। ପ୍ରତିଦିନ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି ଲୋକେ। ଏପରି କହିଛନ୍ତି, ବିଜେଡିର ସମ୍ବଲପୁର ଲୋକସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଶୁକ୍ରବାର ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଡରୋପାଣିରେ ଅକ୍ଷୟତୃତୀୟା ଅବସରରେ ପାରମ୍ପରିକ ପଦ୍ଧତିରେ ଧୋତି ପିନ୍ଧି ପୂଜା କରିବା ପରେ ବିଲରେ ହଳ କରି ଅଖି ମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ନାରାୟଣ ଶର୍ମା, ସନ୍ତୋଷ ବର୍ମା, ଶେଷଦେବ ପଧାନଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଅଖିମୁଠି ଅନୁକୂଳ କରୁଛନ୍ତି।

# ଅଖିମୁଠି ଅନୁକୂଳ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର,୧୦।୫(ବି.ଶଙ୍କର)



ସମ୍ବଲପୁର ଭାଜପା ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦର ସାପଲହରା ଗାଁରେ ଅଖିମୁଠି ଅନୁକୂଳ କରୁଛନ୍ତି।

**ଓଡ଼ିଶା ସମେତ ଭାରତର ଚାଷୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇଲେ**

ପବିତ୍ର ଅକ୍ଷୟତୃତୀୟାରେ ଶୁକ୍ରବାର ଚାଷୀମାନେ ଅଖିମୁଠି ଅନୁକୂଳ କରିବା ସହ ଧାନ ବୁଣିଛନ୍ତି। ଏହି କ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଆସନ ପାଇଁ ଭାଜପା ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦର ସାପଲହରା ଗାଁରେ ଅଖିମୁଠି ଅନୁକୂଳ କରିଛନ୍ତି। ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ଯୋଗଦେଇ ଓଡ଼ିଶା ସମେତ ଦେଶର ଚାଷୀମାନଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଓଡ଼ିଆ ପରମ୍ପରାରେ ଓଡ଼ିଆ ଏବଂ ଚାଷୀଭାଇଙ୍କ ପାଇଁ ଏହା ଏକ ଶୁଭ ଦିନ। ଆଜିର ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ତିଆରି କାମ ଆରମ୍ଭ ହେଉଛି। ଶୀତଳଷଷ୍ଠୀର କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଛି। ଏହି ପବିତ୍ର ଦିନରେ ଅଖିମୁଠି ଅନୁକୂଳ କରିବାର ସୌଭାଗ୍ୟ ପାଇଥିବାରୁ ସେ ଖୁସି ବୋଲି କହିଛନ୍ତି । ସେ କହିଛନ୍ତି, ଓଡ଼ିଶା ଏକ କୃଷି ଆଧାରିତ ରାଜ୍ୟ। ଆଗାମୀ ଦିନରେ ଆମ ରାଜ୍ୟ ଓଡ଼ିଶା ଦେଶରେ ଏକ ନମ୍ବର ହେଉ, ପ୍ରଗତି ପଥରେ ଯାଉ। ଚାଷୀଭାଇଙ୍କ ଜମିରେ ଭଲ ଫସଲ ହେଉ ଏବଂ ଓଡ଼ିଆ ଲୋକଙ୍କ ଜୀବନ ସୁଖମୟ ହେଉ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କ ପାଖରେ ତାଙ୍କର ପ୍ରାର୍ଥନା ବୋଲି ସେ କହିଛନ୍ତି। ଦେଶ ଅର୍ଥନୀତିର ମେରୁଦଣ୍ଡ ତଥା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ କୃଷକଙ୍କ ଗୁରୁଦାୟିତ୍ୱ ରହିଥିବାରୁ ସେ ସେମାନଙ୍କର କଲ୍ୟାଣ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

ଏହି ଅବସରରରେ କେନ୍ଦ୍ରମନ୍ତ୍ରୀ ଶରଧାପାଲିଠାରେ ପଦଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ମାତୃଶକ୍ତି, ଗୁରୁଜନ ଓ ଯୁବକଙ୍କୁ ଭେଟିଥିଲେ। ଦେଶରେ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ଓଡ଼ିଶାରେ ଭାଜପା ସରକାର କରିବା ପାଇଁ ପଦ୍ମଫୁଲରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେହିପରି ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରରେ ହରି ଓମ୍ ବାବାଙ୍କ ଗୋଶାଳା ପରିସରରେ ଗୋମାତାଙ୍କ ସେବା କରିବା ସହ ସେ ପ୍ରଭୁ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରିଥିଲେ। ଗୋମାତାଙ୍କ ସେବା କଲେ ଆମକୁ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପର୍ଶୁରାମ ଜୟନ୍ତୀ ଶୋଭାଯାତ୍ରାରେ ସେ ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାନସଭା ଆସନ ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ନାଉରୀ ନାଏକ, ଜିଲା ଭାଜପା ସଭାପତି ଗିରିଶ ପଟେଲଙ୍କ ସମେତ ଜିଲାସ୍ତରୀୟ ନେତୃବୃନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ଓଡ଼ିଶାରୁ ଭାଗନେବେ ୧୮ ଆଥ୍‌ଲେଟ

## କଳିଙ୍ଗରେ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୧୨ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୧୮ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ୫ ମହିଳା ପ୍ରତିଯୋଗୀ ସାମିଲ। ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଶାର ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା କିଷାନ ୮୦୦ ଓ ୧୫୦୦ମି., ଶ୍ରାବଣୀ ନନ୍ଦ ୧୦୦ ଓ ୨୦୦ମି., ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ଓ ୧୦୦ମି. ହର୍ଡଲ୍ସ, ସୁଖୀ ବାସ୍କେ ୧୦୦ମି. ଓ ସୁସ୍ମିତା ଟିଗା ୩୦୦୦ମି. ଷ୍ଟିପଲଚେଜ୍‌ରେ ଭାଗନେବେ। ସେହିପରି ପୁରୁଷ ବିଭାଗରେ ଅଶୋକ ଦଣ୍ଡସେନା: ୧୫୦୦ ଓ ୩୦୦୦ମି. ଷ୍ଟିପଲଚେଜ୍, ନିଖିଲ ଦାସ ହାଇଜମ୍ପ, ଅନିମେଶ କୁଜୁର ୧୦୦ ଓ ୨୦୦ମି., କିଶୋର କୁମାର ଜେନା: ଜାଭେଲିନ୍ ଥ୍ରୋ, ସ୍ୱାଧୀନ କୁମାର ମାଝି ହାଇଜମ୍ପ, ଆଶିଷ କୁମାର ପାତ୍ର ଲଙ୍ଗ ଜମ୍ପ, ଦଣ୍ଡପତି ମୃତ୍ୟମ ଜୟରାମ ୧୦୦ ଓ ୨୦୦ମି., ଦୟାନିଧି ମୁଣ୍ଡା ୮୦୦ ଓ ୧୫୦୦ମି., ଦେବାଶିଷ ପଟ୍ଟନାୟକ ୮୦୦ମି., ସରୁନ ପାୟାସିଂ ଲଙ୍ଗ ଜମ୍ପ, ପ୍ରିୟବ୍ରତ ପ୍ରଧାନ ଜାଭେଲିନ୍ ଥ୍ରୋ, ଲାଲୁ ପ୍ରସାଦ ଭୋଇ ୧୦୦ମି. ଓ ଅବିନାଶ ସାହୁ ୧୦୦ମି. ରେସ୍‌ରେ ଅଂଶଗ୍ରହଣ କରିବେ। ଅର୍ଥାତ୍ ଓଡ଼ିଶାର ୧୮ ଆଥ୍‌ଲେଟ ମୋଟ ୧୫ଟି ଇଭେଣ୍ଟରେ ଭାଗନେବେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏବଂ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସହଯୋଗରେ ୪ ଦିନ ବିଶିଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୧୮ଟି ଇଭେଣ୍ଟରେ ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ। ଏହା ବ୍ୟତୀତ ଡେକାଥଲନରେ ପୁରୁଷ ଓ ହେପ୍ଟାଥଲନରେ ମହିଳା ପ୍ରତିଯୋଗୀ ଭାଗ୍ୟ ନିର୍ଣ୍ଣୟ କରିବେ। ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଯେଉଁ ୧୮ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ହେଲା ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ୧୫୦୦ମି, ୫୦୦୦ମି, ୧୦୦୦୦ମି. ରେସ୍, ୧୧୦ ମି. ହର୍ଡଲ୍ସ (ମହିଳାଙ୍କର ୧୦୦ମି.), ୪୦୦ ମି. ହର୍ଡଲ୍ସ, ୩୦୦୦ମି. ଷ୍ଟିପଲଚେଜ୍, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍, ଡିସ୍କସ୍ ଥ୍ରୋ, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଏଏଫ୍‌ଆଇ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଏଣ୍ଟ୍ରି ଷ୍ଟାଣ୍ଡାର୍ଡକୁ ଜାତୀୟ କିମ୍ବା ରାଜ୍ୟ ଚାମ୍ପିୟନଶିପ୍‌ରେ ସ୍ପର୍ଶ କରିଥିବା ଆଥ୍‌ଲେଟମାନେ ହିଁ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ୱେବସାଇଟ୍‌ରେ ପ୍ରଦତ୍ତ ସୂଚନା ଅନୁସାରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୧୩୪ ପ୍ରତିଯୋଗୀ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ସେହିପରି ହରିୟାଣାରୁ ୭୭, ତାମିଲନାଡୁରୁ ୬୬, ଦିଲ୍ଲୀରୁ ୫୨, ରାଜସ୍ଥାନରୁ ୫୦, ମଧ୍ୟ ପ୍ରଦେଶରୁ ୪୯, କେରଳରୁ ୪୮ , ପଞ୍ଜାବ ୪୫ ଓ କର୍ଣ୍ଣାଟକରୁ ୪୨ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ। ଆସାମ, ଚଣ୍ଡିଗଡ଼, ଗୋଆ, ମାଲଡିଭ୍ସରୁ ସର୍ବନିମ୍ନ ଜଣେ ଲେଖାଏ ଆଥ୍‌ଲେଟଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ର ପ୍ରଦେଶରୁ ୧୯, ବିହାରରୁ ୭, ଛତିଶଗଡ଼ରୁ ୧୧, ଗୁଜରାଟରୁ ୯, ହିମାଚଳ ପ୍ରଦେଶରୁ ୫, ଝାଡ଼ଖଣ୍ଡରୁ ୩, ମହାରାଷ୍ଟ୍ରରୁ ୩୬, ମଣିପୁରରୁ ୨, ସିକ୍କିମରୁ ୨, ତେଲଙ୍ଗାନାରୁ ୫, ଉତ୍ତରାଞ୍ଚଳରୁ ୭ ଓ ପଶ୍ଚିମବଙ୍ଗରୁ ୧୨ ଆଥଲେଟ୍ ଅଂଶଗ୍ରହଣ କରିବେ।



ଶ୍ରାବଣୀ ନନ୍ଦ



କିଶୋର ଜେନା

### ଓଡ଼ିଶା ଆଥ୍‌ଲେଟ ଓ ଇଭେଣ୍ଟ

**ମହିଳା**
ସୁଖି ବାସ୍କେ: ୧୦୦ମି.
ଲକ୍ଷ୍ମୀପ୍ରିୟା କିଷାନ: ୮୦୦ମି., ୧୫୦୦ମି.
ଶ୍ରାବଣୀ ନନ୍ଦ: ୧୦୦ମି., ୨୦୦ମି.
ପ୍ରଜ୍ଞା ପ୍ରଶାନ୍ତି ସାହୁ: ୧୦୦ମି., ୧୦୦ମି. ହର୍ଡଲ୍ସ
ସୁସ୍ମିତା ଟିଗା: ୩୦୦୦ମି. ଷ୍ଟିପଲଚେଜ୍

**ପୁରୁଷ**
ଅଶୋକ ଦଣ୍ଡସେନା: ୧୫୦୦ମି., ୩୦୦୦ମି. ଷ୍ଟିପଲଚେଜ୍
ନିଖିଲ ଦାସ: ହାଇ ଜମ୍ପ
ଅନିମେଶ କୁଜୁର: ୧୦୦ ମି., ୨୦୦ମି.
କିଶୋର କୁମାର ଜେନା: ଜାଭେଲିନ୍ ଥ୍ରୋ
ସ୍ୱାଧୀନ କୁମାର ମାଝି: ହାଇ ଜମ୍ପ
ଆଶିଷ କୁମାର ପାତ୍ର: ଲଙ୍ଗ ଜମ୍ପ
ଦଣ୍ଡପତି ମୃତ୍ୟମ ଜୟରାମ: ୧୦୦ମି., ୨୦୦ମି.
ଦୟାନିଧି ମୁଣ୍ଡା: ୮୦୦ମି., ୧୫୦୦ମି.
ଦେବାଶିଷ ପଟ୍ଟନାୟକ: ୮୦୦ମି.
ସରୁନ ପାୟାସିଂ: ଲଙ୍ଗ ଜମ୍ପ
ପ୍ରିୟବ୍ରତ ପ୍ରଧାନ: ଜାଭେଲିନ୍ ଥ୍ରୋ
ଲାଲୁ ପ୍ରସାଦ ଭୋଇ: ୧୦୦ମି.
ଅବିନାଶ ସାହୁ: ୧୦୦ମି.

## କ୍ୱାର୍ଟରରେ ବିବିସିଏ


ପୁରସ୍କାର ନେବା ଅବସରରେ ରାଜେଶ ବିଶ୍ୱାଳ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ପ୍ରି-କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଲ୍‌ଏଲ୍‌ସିସିକୁ ହରାଇ ବିବିସିଏ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଏଲ୍‌ଏଲ୍‌ସିସି ୩୦ ଓଭରରେ ୬ ଉଇକେଟ ହରାଇ ୧୨୭ ରନ କରିଥିଲା। ଦଳ ପକ୍ଷରୁ ଈଶାନ ମହାପାତ୍ର ସର୍ବାଧିକ ୪୩ ରନ କରିଥିବାବେଳେ ବିପକ୍ଷ ଦଳର ରାଜେଶ ବିଶ୍ୱାଳ ୨ଟି ଉଇକେଟ ନେଇଥିଲେ। ୧୨୮ ରନର ବିଜୟ ଲକ୍ଷ୍ୟକୁ ବିବିସିଏ ୨୮.୨ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ହିମାଂଶୁ ସାହୁ ୩୩ ଓ ସାଇ ଶଙ୍କର ସେଠୀ ୨୩ ରନକରି ଦଳକୁ ଜିତାଇଥିଲେ। ଏଲ୍‌ଏଲ୍‌ସିସିର ଅମିତେଶ ସାହୁ ୩ଟି ଉଇକେଟ ନେଇଥିଲେ। ୧୬ ରନ କରିବା ସହ ୨ଟି ଉଇକେଟ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ବିବିସିଏର ରାଜେଶ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ସଦସ୍ୟ ସୁଧୀର ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ।

## ମୁନ୍‌ରୋଙ୍କ ଅବସର

**ଖ୍ରିଷ୍ଟଚର୍ଚ୍ଚ, ୧୦।୫(ପି.ଟି.):** ନ୍ୟୁଜିଲାଣ୍ଡର ଅନ୍ୟତମ ଟପ୍ ଅର୍ଡର ବ୍ୟାଟର କଲିନ୍ ମୁନ୍‌ରୋ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ଜାତୀୟ ଦଳରେ ସ୍ଥାନ ନ ମିଳିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୭ ବର୍ଷୀୟ ମୁନ୍‌ରୋ ନ୍ୟୁଜିଲାଣ୍ଡ ତରଫରୁ ଗୋଟିଏ ଟେଷ୍ଟ, ୫୭ ଅନ୍ତର୍ଜାତୀୟ ଦିନିକିଆ ଏବଂ ୬୫ ଟି୨୦ ମ୍ୟାଚ ଖେଳିଛନ୍ତି। ସେ ମୋଟ ୩୦୧୦ ରନ ସଂଗ୍ରହ କରିଛନ୍ତି। କିନ୍ତୁ ଏହି ବାମହାତୀ ବ୍ୟାଟର ଖେଳର କ୍ଷୁଦ୍ରତମ ଫର୍ମାଟରେ ମୋଟ ୩୦୧୦ ରନ ସଂଗ୍ରହ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ରେ ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୫୬.୪୪ ରହିଛି। ସମସ୍ତ ପ୍ରକାର ଟି୨୦ ପ୍ରତିଯୋଗିତାରେ ତାଙ୍କର ମୋଟ ରନ ସଂଖ୍ୟା ୧୦,୦୦୦ରନରୁ ଊର୍ଦ୍ଧ୍ୱ ରହିଛି। କ୍ୱଚିତ ଖେଳାଳି ଏହି ସଫଳତା ହାସଲ କରିପାରିଛନ୍ତି। ଡର୍ବାନରେ ଜନ୍ମିତ ଏହି ଖେଳାଳି ମୋଟ ୪୨୮ ଟି୨୦ ଖେଳି ୩୦.୪୪ ଆଭରେଜରେ ୧୪୧.୨୫ ଷ୍ଟ୍ରାଇକ ରେଟ୍‌ରେ ୧୦,୯୬୧ ରନ ସଂଗ୍ରହ କରିଛନ୍ତି। ମୁନ୍‌ରୋ ନ୍ୟୁଜିଲାଣ୍ଡ ପାଇଁ ତାଙ୍କ ଅନ୍ତିମ ଗେମ୍ ୨୦୨୦ରେ ମାଉଣ୍ଟ ମଙ୍ଗାନୁଇଠାରେ ଭାରତ ବିପକ୍ଷରେ ଖେଳିଥିଲେ। ନ୍ୟୁଜିଲାଣ୍ଡ କୋଚ୍ ଗ୍ୟାରି ଷ୍ଟେଡ୍ କହିଛନ୍ତି ଦଳ ମନୋନୟନ ବେଳେ ମୁନ୍‌ରୋଙ୍କ ନାମ ଆଲୋଚନା ହୋଇଥିଲା। ହେଲେ ଦଳରେ ତାଙ୍କୁ ସ୍ଥାନ ମିଳି ନ ଥିଲା। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡର ଏହି ବ୍ୟାଟର ବିଶ୍ୱବ୍ୟାପୀ ବିଭିନ୍ନ ଟି୨୦ ଲିଗ୍‌ରେ ତାଙ୍କ ଖେଳ ଜାରି ରଖିବେ। ମୁନ୍‌ରୋ ତାଙ୍କ କ୍ୟାରିୟରରେ କେତୋଟି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ୨୦୧୬ରେ ଇଡେନପାର୍କଠାରେ ସେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମାତ୍ର ୧୪ଟି ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଜଣେ ନ୍ୟୁଜିଲାଣ୍ଡ ବ୍ୟାଟର ହିସାବରେ ଏହା ହେଉଛି ସବୁଠାରୁ ଦ୍ରୁତତମ ଅନ୍ତର୍ଜାତୀୟ ଟି୨୦ ଅର୍ଦ୍ଧଶତକ। ସେ ଆହୁରି ମଧ୍ୟ ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ମାତ୍ର ୪୭ ବଲ୍‌ରେ ଶତକ ଅର୍ଜନ କରିଥିଲେ। ନ୍ୟୁଜିଲାଣ୍ଡର ଜଣେ ଖେଳାଳି ହିସାବରେ ଅନ୍ତର୍ଜାତୀୟ ଟି୨୦ରେ ଏହା ହେଉଛି ସବୁଠାରୁ ଦ୍ରୁତତମ। ଅନ୍ତର୍ଜାତୀୟ ଟି୨୦ରେ ଦ୍ରୁତ ଶତକ ହାସଲରେ ସେ ବିଶ୍ୱର ତୃତୀୟ ଖେଳାଳି।



## ଶୁଭକାନ୍ତଙ୍କୁ ଫାଇଟ୍‌ରେ ସ୍ୱର୍ଣ୍ଣ ପଦକ

### ଜାତୀୟ କରାଟେ ପ୍ରତିଯୋଗିତା

**ଭୁବନେଶ୍ୱର, ୧୦।୫ (ବିଜୟ ରଣା)**

ଡେରାଡୁନ୍‌ରେ ଚାଲିଥିବା ଜାତୀୟ ଜୁନିୟର କ୍ୟାଡେଟ୍, ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ଶୁଭକାନ୍ତ ବିଶ୍ୱାଳ (୮୪ କି.ଗ୍ରାରୁ ଊର୍ଦ୍ଧ୍ୱ) ୨୧ବର୍ଷରୁ କମ୍ ଫାଇଟ୍ କାଟେଗୋରିରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିନିୟର ମହିଳା ୫୦ କି.ଗ୍ରା. କାଟେଗୋରିରେ ଲୋମା ସ୍ୱାଇଁ, ୨୧ ବର୍ଷରୁ କମ୍ ମହିଳା ବ୍ୟକ୍ତିଗତ କାଟାରେ ସୁରୋମିତା ସ୍ୱାଇଁ ଓ ୨୧ ବର୍ଷରୁ କମ୍ ମହିଳା ୬୮କେଜି ଶ୍ରେଣୀରେ ମୋନାଲି ସାହୁ ଗୋଟିଏ ଲେଖାଏ ରୌପ୍ୟ ପାଇଛନ୍ତି। ସେହିପରି ୨୧ ବର୍ଷରୁ କମ୍ ପୁରୁଷ ୫୫ କି.ଗ୍ରା. ବିଭାଗରେ ଦିବେଶ କୁମାର ବରଦା ଏବଂ ୨୧ବର୍ଷରୁ କମ୍ ମହିଳା ୫୫ କି.ଗ୍ରା. ମହିଳା ବିଭାଗରେ ପ୍ରିୟଦର୍ଶିନୀ ଦାସ ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିଛନ୍ତି। ଫଳରେ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ସୁଦ୍ଧା ଓଡ଼ିଶା ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ଜିତିବାରେ ସମର୍ଥ ହୋଇଛି। ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘ ତରଫରୁ ବିଜୟୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଡେରାଡୁନ୍‌ରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ପଦକ ବିଜେତା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

## ଲୋତକ ବିନ୍ଦୁ ଭାରତୀୟ ମହିଳା ଦଳର କୋଚ୍

### ଏସିଆନ ମହିଳା ଭଲିବଲ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

ଓଡ଼ିଶାର ଲୋତକ ବିନ୍ଦୁ ଦାଶ ଭାରତୀୟ ସିନିୟର ମହିଳା ଭଲିବଲ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ଖେଳିବ। ଏହି ସମ୍ମାନଜନକ ପ୍ରତିଯୋଗିତା ଚଳିତ ମାସ ୨୫ରୁ ଜୁନ୍ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଓଡ଼ିଶାର ଲିପିକା ଖେସ୍ (ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ) ୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ହୋଇଛନ୍ତି।

ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଆଡ୍‌ହକ କମିଟି ପକ୍ଷରୁ ଆଗାମୀ ଟୁର୍ଣ୍ଣାମେଣ୍ଟ ପାଇଁ ଚୟନ ଟ୍ରାଏଲ୍ସ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପରିସରରେ ଗତ ୫ ଓ ୬ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରୁ ମନୋନୀତ ସିନିୟର ଭାରତୀୟ ଦଳ ଫିଲିପାଇନ୍ସ ଯାତ୍ରା କରିବ। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ତଥା ଏଫ୍‌ଆଇଭିବି ଲେଭଲ-୨ କୋଚ୍ ଲୋତକ ବିନ୍ଦୁ ପୂର୍ବରୁ ସାଫ୍ ଗେମ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପାଇଁ ଏହା ଦ୍ୱିତୀୟ ଜାତୀୟ ଦାୟିତ୍ୱ। ସେ ସମ୍ପ୍ରତି ଭୁବନେଶ୍ୱର ଇଷ୍ଟକୋଷ୍ଟ ରେଲୱେରେ ସ୍ପୋର୍ଟ୍ସ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ। ଇଷ୍ଟକୋଷ୍ଟ ରେଲୱେ ପୁରୁଷ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ମଧ୍ୟ ସେ ନିର୍ବାହ କରୁଛନ୍ତି। ସେ ଅନେକଥର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳର ନେତୃତ୍ୱ ନେଇଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ୩୪ତମ ଫେଡେରେଶନ କପ୍ ଭଲିବଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଥିଲା। ଲୋତକ ବିନ୍ଦୁଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।


ଲୋତକ ବିନ୍ଦୁ ଦାଶ

## ଟେନିସ ଛାଡ଼ିବେ ଥିମ୍

**ଲଣ୍ଡନ, ୧୦।୫ (ଏପି):** ରିଷ୍ଟ ଇଞ୍ଜୁରିରୁ ଆରୋଗ୍ୟ ପରେ ଫର୍ମ ଫେରିପାଇବା ପାଇଁ ସଂଘର୍ଷ ଚଳାଇଥିବା ଅଷ୍ଟ୍ରିଆ ଟେନିସ ଖେଳାଳି ଡୋମିନିକ୍ ଥିମ୍ ଚଳିତ ସିଜନ ପରେ ଖେଳରୁ ଅବସର ନେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ଏକ ଭିଡିଓ ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏହି ୩୦ ବର୍ଷୀୟ ଟେନିସ ଖେଳାଳି ୨୦୨୦ରେ ତାଙ୍କର ଏକମାତ୍ର ଗ୍ରାଣ୍ଡସ୍ଲାମ ଟାଇଟଲ ୨୦୨୦ରେ ଜିତିଥିଲେ। ଫାଇନାଲରେ ସେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ହରାଇ ଦେଇଥିଲେ। ୭୧ ବର୍ଷ ମଧ୍ୟରେ ଏହାଥିଲା ପ୍ରଥମ ୫ ସେଟ୍ ବିଶିଷ୍ଟ ୟୁଏସ୍ ଓପନ ଫାଇନାଲ। ସେ ୩ ଗ୍ରାଣ୍ଡସ୍ଲାମରେ ରନରଅପ୍ ହୋଇଛନ୍ତି। ସେଗୁଡ଼ିକ ହେଲା ୨୦୧୮ ଓ ୨୦୧୯ରେ ଫ୍ରେଞ୍ଚ ଓପନ ଏବଂ ୨୦୨୦ରେ ଅଷ୍ଟ୍ରେଲିଆନ ଓପନ।

## କିଟ୍ ମହିଳା ଦଳ ରନରଅପ୍

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସିପକ୍‌ଟାକ୍ରୋ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କେରଳର କାଲିକଟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସିପକ୍‌ଟାକ୍ରୋ (ମହିଳା) ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ରନରଅପ୍ ହୋଇଛି। କିଟ୍ ଦଳ ନକ୍‌ଆଉଟରେ ଗୋଣ୍ଡୱାନା, ଆର୍‌ଟିଏମ୍ ନାଗପୁର ଏବଂ ଆସାମ ବିଶ୍ୱବିଦ୍ୟାଳୟକୁ ସିଧାସଳଖ ସେଟ୍‌ରେ ହରାଇ ପୁଲ୍ ଟପ୍ପର ଭାବେ ଲିଗ୍ ପର୍ଯ୍ୟାୟ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଶୀର୍ଷ ୪ ଦଳ ମଧ୍ୟରେ ହୋଇଥିବା ଲିଗ୍ ପର୍ଯ୍ୟାୟରେ କିଟ୍ ଦଳ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ୨-୧ ଏବଂ ବରେଲିର ଏମ୍.ଜେ.ପି. ରୋହିଲଖଣ୍ଡ ବିଶ୍ୱବିଦ୍ୟାଳୟକୁ ୨-୦ରେ ହରାଇବା ପରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟଠାରୁ ୦-୨ରେ ହାରି ଯାଇଛି। ଫଳରେ ରନରଅପ୍‌ରେ ଦଳ ସନ୍ତୁଷ୍ଟ ହୋଇଛି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ରନରଅପ୍ କିଟ୍ ବିଶ୍ୱବିଦ୍ୟାଳୟ ଦଳ ।

## ଦେବାଶିଷ ସିଙ୍ଗଲ୍ସ, ସୋହିନୀ ଡବଲ୍ସ ରନରଅପ୍

### ଜେ୩୦ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଉଦ୍‌ଯାପିତ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଦେବାଶିଷ ସାହୁ ପୂରା ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ବାଳକ ସିଙ୍ଗଲ୍ସରେ ରନରଅପ୍ ହୋଇଛନ୍ତି। ସେ ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ପ୍ରନିଲ ଶର୍ମାଙ୍କଠାରୁ ୪-୬, ୫-୭ ସେଟ୍‌ରେ ପରାଜିତ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ପ୍ରିୟଙ୍କା ରାଣା ୬-୩, ୬-୦ ସେଟ୍‌ରେ ପ୍ରିଶା ନିଖିଲ ଶିନ୍ଦେଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକା ଡବଲ୍ସ ଫାଇନାଲରେ ସୋହିନୀ ସଞ୍ଜୟ ମହାନ୍ତି ଓ ଆକୃତି ସୋଙ୍କୁସାରେ ନାରାୟନ ପ୍ରତିପକ୍ଷ ଲକ୍ଷ୍ମୀଶ୍ରୀ ଦଣ୍ଡୁ ଓ ପ୍ରିୟଙ୍କା ରାଣାଙ୍କଠାରୁ ୭-୬ (୪), ୪-୬ (୩-୧୦)ରେ ହାରି ଯାଇଛନ୍ତି। ବାଳକ ଡବଲ୍ସ ଫାଇନାଲରେ ଓଜାସ ମେହଲାୱତ ଓ ଅଧିରାଜ ଠାକୁର ୬-୩, ୬-୨ରେ ରୋହିତ ହରି ବାଲାଜି ଗୋବିନା ଗୋବିନାଥ ଓ ଥିରୁମୁରୁଗାନ ବିଶ୍ୱନାଥନ୍‌ଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ଓ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଆଇଟିଏଫ୍ ସୁପରଭାଇଜର ପ୍ରବୀଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଓ ସମ୍ବିତ ପଟ୍ଟନାୟକଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଥିଲା।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜେ୩୦ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ବାସନ୍ଦ ହେଲେ ଆଉ ଦୁଇ ଖେଳାଳି

### ମ୍ୟାଚ ଫିକ୍ସିଂ ସିଣ୍ଡିକେଟ୍

**ଲଣ୍ଡନ, ୧୦।୫ (ଏପି)**

ବେଲିଜିୟମସ୍ଥିତ ଏକ ମ୍ୟାଚ ଫିକ୍ସିଂ ସିଣ୍ଡିକେଟ୍ ସହିତ ସମ୍ପୃକ୍ତିକୁ ନେଇ ଆଉ ଦୁଇ ଜଣ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ଖେଳରୁ ସସ୍‌ପେଣ୍ଡ ହୋଇଛନ୍ତି। ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି ତରଫରୁ ଶୁକ୍ରବାର ଏ ବିଷୟରେ ସୂଚନା ଦିଆଯାଇଛି। ବାରମ୍ବାର ଦୁର୍ନୀତି କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ବଲିଭିଆର ଜଣେ ୩୪ ବର୍ଷୀୟ ଆଲେଜାଣ୍ଡ୍ରୋ କ୍ରେସ୍ପୋଙ୍କୁ ଆଜୀବନ ବାସନ୍ଦ ବ୍ୟତୀତ ୨୫୦,୦୦୦ ଆମେରିକୀୟ ଡଲାର ଜରିମାନା କରାଯାଇଛି। ସେହିପରି ଦୁଇଟି ମ୍ୟାଚ ଫଳାଫଳକୁ ଫିକ୍ସିଂ କରିବାରେ ସମ୍ପୃକ୍ତିକୁ ନେଇ ପେରୁର ୨୮ ବର୍ଷୀୟ ଜର୍ଜ ପାଣ୍ଡୋ ହେରେରସଙ୍କୁ ୩ ବର୍ଷ ବାସନ୍ଦ ବ୍ୟତୀତ ୧୦,୦୦୦ ଆମେରିକୀୟ ଡଲାର ଜରିମାନା କରାଯାଇଛି। ୨୦୧୬ରେ କ୍ରେସ୍‌ପୋ ୭୪୧ତମ ର୍‍ୟାଙ୍କିଂରେ ପହଞ୍ଚିପାରିଥିବା ବେଳେ ପାଣ୍ଡୋ ହେରେରସ ୨୦୨୨ରେ ର୍‍ୟାଙ୍କିଂ ତାଲିକାର ୪୪୭ତମ ସ୍ଥାନରେ ରହିଥିଲେ। ଗ୍ରିଗୋର ସର୍ଗସ୍ୟାନଙ୍କ ଦ୍ୱାରା ପରିଚାଳିତ ମ୍ୟାଚ ଫିକ୍ସିଂ ସିଣ୍ଡିକେଟ୍ ସହ ଜଡ଼ିତ ଥିବା ଅନ୍ୟ ୧୫ ଖେଳାଳିଙ୍କ ସହ ଏହି ଦୁଇଜଣ ଯୋଗ ଦେଇଛନ୍ତି। ଗ୍ରିଗୋରଙ୍କୁ ଗତବର୍ଷ ୫ ବର୍ଷ ଜେଲ ଦଣ୍ଡ ହୋଇଛି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକ ମୃତ

ରାଉରକେଲା,୧୦।୫(ସଙ୍ଗୀତା ଜେନା): ଶୁକ୍ରବାର ଭୋର ସମୟରେ ଏକ ଏକ୍ସପ୍ରେସ୍ ଟ୍ରେନ ଧକ୍କାରେ ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ଘଟଣା ସ୍ଥଳରେ ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନାରେ ରଖିଛି। ଏ ନେଇ ମାମଲା ନଂ. ୩୨/୨୪ ରୁଜୁ ହୋଇଛି। ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ଜଣାପଡିଛି।

### ବିଳମ୍ବିତ ରାତିରେ ଘରୁ ଲୁଟ୍

ରାଉରକେଲା,୧୦।୫(ଦିନେଶ ମିଶ୍ର): ଉଦିତନଗର ସ୍ଥିତ ମାଲଗୋଦାମ ଅଞ୍ଚଳରୁ ଗୁରୁବାର ବିଳମ୍ବିତ ରାତିରେ ଜଣଙ୍କ ଘରୁ ଚୋରି ହୋଇଛି। ପ୍ରଫୁଲ ବାଗ(୪୩) ପରିବାର ସହିତ ଉକ୍ତ ଅଞ୍ଚଳରେ ବାସ କରନ୍ତି। ପ୍ରଫୁଲଙ୍କ ଝିଅ ବାହାଘର ଥିବାରୁ ସେ ଗତ ୩ ତାରିଖରେ ଗାଁକୁ ଯାଇଥିଲେ। ଘରେ କେହି ନ ଥିବାରୁ ସୁଯୋଗ ନେଇ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପଛ ପଟ ସ୍କାଏ ଲାଇଟ୍ ଭାଙ୍ଗି ଘରେ ପଶି ବିଭିନ୍ନ ଆସବାବପତ୍ର ଚୋରି କରି ଫେରାର ହୋଇ ଯାଇଥିଲେ। ସକାଳେ ପଡୋଶୀ ଏହା ଦେଖି ପ୍ରଫୁଲଙ୍କୁ ଫୋନ ଯୋଗେ ଅବଗତ କରିଥିଲେ। ପ୍ରଫୁଲ ଗାଁରୁ ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଅକ୍ଷୟ ତୃତୀୟାରେ ପଣା ବଣ୍ଟନ

ରାଉରକେଲା,୧୦।୫(ଦିନେଶ ମିଶ୍ର): ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଆମ୍ବାଗାନ ଛକ ଠାରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜ ପକ୍ଷରୁ ବିଭିନ୍ନ ପଥଚାରୀଙ୍କୁ ପଣା ବିତରଣ କରାଯାଇଛି। କୈବର୍ତ୍ତ ସମାଜର ଉପଦେଷ୍ଟା ଜଗବନ୍ଧୁ ବେହେରା ଓ ସାଧାରଣ ସମ୍ପାଦକ ଭ୍ରମରବର ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପୁଲି ଅଧିକାରୀ ସୁମନ ଦତ୍ତ, କବି କୁଞ୍ଜବିହାରୀ ରାଉତ, ସାମାଜିକକର୍ମୀ ସରୋଜ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଏଥିରେ କୁମୁଦ ବେହେରା, ସୁଧାକର ସାହୁ, ପବିତ୍ର ମୋହନ ବେହେରା, ପ୍ରସନ୍ନ ସାମଲ, ବାବୁଲି ମୁର୍ମୁ, ବିକାଶ ମାଝି, କବିତା ବେହେରା, ସଂଯୁକ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିଶ୍ରୁତି ପରେ ବିକ୍ଷୋଭରୁ ଓହରିଲେ ବସ୍ତିବାସୀ

ରାଉରକେଲା,୧୦।୫(ଦିନେଶ ମିଶ୍ର): ଉଦିତନଗର ସ୍ଥିତ ଶୀତଳପଡା ବସ୍ତିବାସୀ ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବାରୁ ଭୋଟ ବର୍ଜନକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ଶତାଧିକ ବସ୍ତିବାସୀ ଉପସ୍ଥିତ ରହି ପାନୀୟ ଜଳ ସମସ୍ୟା, ବିଦ୍ୟୁତ୍, ରାସ୍ତାଘାଟ, ଶୌଚାଳୟ ଭଳି ବିଭିନ୍ନ ମୌଳିକ ସୁବିଧା ତୁରନ୍ତ ପ୍ରଦାନ କରିବା ଲାଗି ଦାବି କରିଥିଲେ। ଯଦି ନିର୍ବାଚନ ପୂର୍ବରୁ ଏହିସବୁ ଦାବି ପୂରଣ କରା ନ ଯାଏ ତେବେ ଶୀତଳପଡା ବସ୍ତିବାସୀ ଭୋଟ ଦେବେ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ଏହି ବସ୍ତି ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ଯାଉଥିବାରୁ ଏଠାରେ ବିଧାୟକ ସୁବ୍ରତ ତରାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ନିର୍ବାଚନ ପୂର୍ବରୁ ବସ୍ତି ଭିତରେ ପ୍ରଥମେ ପାନୀୟ ଜଳ ଯୋଗାଣ ଓ ୨ଟି ଶୌଚାଳୟ ନିର୍ମାଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ବସ୍ତିବାସୀ ବିକ୍ଷୋଭରୁ ଉଠିଥିଲେ। ଏହି ବିକ୍ଷୋଭରେ ବସ୍ତିର ସାମାଜିକ କର୍ମୀ ସୋନୁ ସାହୁ, ମିତା ବାଇ, ଫୁଲମଣି ମୁଣ୍ଡା, ଗୋକୁଳ ବଡାଇକ, ନିରୋଜ ଖେସ୍‌ଙ୍କ ସହ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଉଦ୍ୟାନ ପ୍ରକଳ୍ପ

ରାଉରକେଲା,୧୦।୫(ବିପ୍ଳବ ରଞ୍ଜନ ଦାଶ)

ବର୍ତ୍ତମାନ ଉଦ୍ୟାନ ଜନିତ ଚାଷର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଗାଁରେ ଲୋକମାନେ ବାଡ଼ିବଗିଚାରେ ଉଦ୍ୟାନ ଚାଷ କରୁଥିବା ବେଳେ ସହରାଞ୍ଚଳରେ ଜାଗା ଅଭାବରୁ ଘର ଛାତରେ ଚାଷ ହେଉଛି। ଫଳରେ ଉଦ୍ୟାନ ଚାରାର ଚାହିଦା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାର ଉଦ୍ୟାନ ବିଭାଗ ମାଧ୍ୟମରେ ପରିବା ଜାତୀୟ, ଶାଗ ଜାତୀୟ, ଫଳଫୁଲ ଜାତୀୟ ଫସଲ ଅଭିବୃଦ୍ଧି ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରି ଟଙ୍କା ବ୍ୟୟବରାଦ କରୁଛନ୍ତି। ମାତ୍ର ରାଉରକେଲା ଉଦ୍ୟାନ ବିଭାଗ ଅଞ୍ଚଳରେ ଏହାର ବ୍ୟତିକ୍ରମ ହେଉଥିବା ବିଭାଗ ପକ୍ଷରୁ ଜଣାପଡିଛି। ରାଉରକେଲା ପାନପୋଷ ମଣିକଲୋନିରେ ପ୍ରାୟ ୩୦ ଏକର ଜମି ପରିମିତ ସରକାରୀ ଉଦ୍ୟାନ ଫାର୍ମ ରହିଛି। ଫାର୍ମ ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ଅନ୍ତର୍ଭୁକ୍ତ। ଏହି ଫାର୍ମରେ ଆମ୍ବ, ଲେମ୍ବୁ, ଅମୃତଭଣ୍ଡା, ସଜନା, ପିଜୁଳି ଆଦି ବୃକ୍ଷ ଚାରାଦି ସରକାରଙ୍କ ନିର୍ଦ୍ଦେଶରେ ରୋପିତ ଓ ଅମଳ କରାଯାଏ। ମାତ୍ର ସହକାରୀ ଉଦ୍ୟାନ ବିଭାଗରେ ଥିବା ପଲିହାଉସ, ୱାର୍କିଂ ସେଡ୍ ଓ ସେଡ୍‌ନେଟ ଆଦି ଆବଶ୍ୟକ ପ୍ରକଳ୍ପ ପାଖାପାଖି ୩ ବର୍ଷ ହେଲା ଅନୁଦାନ ଅଭାବରୁ ଉନ୍ନତୀକରଣ



ପଲିହାଉସ୍, ୱାର୍କିଂ ଶେଡ୍ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି।

### ମିଳୁନି ଆର୍ଥିକ ଅନୁଦାନ

ହେଉନାହିଁ। ଫଳରେ ସରକାରଙ୍କ ଧାର୍ଯ୍ୟ ମୁତାବକ ଚାରା ଉତ୍ପାଦନ ହୋଇପାରୁନି। ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ଅଧିନରେ ରାଉରକେଲା, ନୂଆଗାଁ, କୁଆଁରମୁଣ୍ଡା, ବିଶ୍ରା ଓ ଲାଠିକଟା ରହିଛି। ଏହି ସମସ୍ତ ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀଙ୍କ ଦ୍ୱାରା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଉଦ୍ୟାନ ଚାଷ ଭିତ୍ତିକ ସବ୍‌ସିଡି ସ୍କିମ୍‌ରେ ରାଉରକେଲା ଉଦ୍ୟାନ ମଣ୍ଡଳ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି କରାଇବା ନ୍ୟସ୍ତ। ସ୍ଥାନୀୟ ଉଦ୍ୟାନ ଚାଷୀଙ୍କୁ ଠିକ୍ ସମୟରେ ବିଭିନ୍ନ ଚାରା ପ୍ରଦାନ କରି ଉଦ୍ୟାନ ଚାଷୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦୦ଦିନ ମାଟି କାମ ଦେବା, ଏମ୍‌ଆଇଡିଏଚ୍ ସ୍କିମ୍‌ରେ ଉଦ୍ୟାନ ଚାଷୀଙ୍କୁ ସାମିଲ କରିବା, ଇନ୍‌ପୁଟ ସବ୍‌ସିଡି ଷ୍ଟେଟପ୍ଲାନ୍ ସ୍କିମରେ ଉଦ୍ୟାନ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା, କ୍ରପ୍ ସ୍ପେସିଫିକ୍‌ରେ ଋତୁକାଳୀନ ଉଦ୍ୟାନ ଚାଷର ଅଭିବୃଦ୍ଧି କରାଇବା ଓ ନ୍ୟୁଟ୍ରାଇଡ ଆଦି ସରକାରୀ ଯୋଜନାରେ ଉତ୍କୃଷ୍ଟ ବିହନ ଏବଂ ଚାରା ସହ ଔଷଧ ଯୋଗାଇବା ଆଦି ବ୍ୟବସ୍ଥା ଯୋଜନାରେ ନିର୍ଦ୍ଧାରିତ କରିଛନ୍ତି ସରକାର। ମାତ୍ର ୩ବର୍ଷ ହେଲାଣି ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ଉଦ୍ୟାନ ଫାର୍ମ ପଲିହାଉସ, ୱାର୍କିଂ ସେଡ୍ ଏବଂ ସେଡ୍‌ନେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ଉଦ୍ୟାନ ଚାଷଭିତ୍ତିକ ପ୍ରକଳ୍ପ ପୁନରୁଦ୍ଧାର ପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ନ ମିଳିବା କାରଣରୁ ଉଦ୍ୟାନ ପ୍ରକଳ୍ପ ସମୟକ୍ରମେ ଜରାଜୀର୍ଣ୍ଣ ହେବାକୁ ବସିଲାଣି। ଫଳରେ ଚାରା ପ୍ରସ୍ତୁତ ଓ ଚାରା ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେଉଛି। ଏଥିସହ ଉଦ୍ୟାନ ବିଭାଗରେ ପ୍ରକୃତ ଉଦ୍ୟାନ ଚାଷୀମାନେ ଆବଶ୍ୟକ ଚାରା ପାଇ ପାରୁନାହାନ୍ତି। ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ସୂଚନା ମୁତାବକ ଏଯାଏଁ ସରକାରୀ ଉଦ୍ୟାନ ଫାର୍ମରେ ଆମ୍ବ,ପିଜୁଳିଲ, ଲିଚୁ ଲଗାଯାଇଥିବା ବେଳେ ରାଉରକେଲା ସହକାରୀ ଉଦ୍ୟାନ ବିଭାଗକୁ ସରକାର ଦେଇଥିବା ଟାର୍ଗେଟ ପ୍ରକଳ୍ପଗୁଡିକର ପୁନରୁଦ୍ଧାର ନ ହେବା ବିଭାଗର ପାଇଁ କଷ୍ଟକର ବ୍ୟାପର ସାଜିଛି। ତେଣୁ ଉଦ୍ୟାନ ପ୍ରକଳ୍ପଗୁଡିକର ତୁରନ୍ତ ପୁନରୁଦ୍ଧାର ହେଲେ ଠିକ୍ ସମୟରେ ସରକାରଙ୍କର ଧାର୍ଯ୍ୟ ମୁତାବକ ଚାରା ପ୍ରସ୍ତୁତୀକରଣ ଓ ସଂରକ୍ଷଣ ହୋଇ ଉଦ୍ୟାନ ଚାଷୀଙ୍କ ଚାହିଦା ମୁତାବକ ଚାରା ପ୍ରଦାନ କରା ଯାଇପାରନ୍ତା ବୋଲି ଉଦ୍ୟାନ ଚାଷୀ ମହଲରେ ଦାବି ହେଉଛି। ଏନେଇ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରାଙ୍କୁ ପଚାରିବାରୁ ,ପ୍ରକଳ୍ପ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଚାଲିଛି। ବିଭାଗ ତରଫରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବ୍ୟୟବରାଦ ରାଶି ଅନୁମୋଦନ ନିମନ୍ତେ ଦୃଷ୍ଟି ଆକର୍ଷଣ ମଧ୍ୟ ହୋଇଛି। ଆଗାମୀ ଦିନରେ ପ୍ରକଳ୍ପ ନିଶ୍ଚିତଭାବେ ପୁନରୁଦ୍ଧାର କରାଯିବ ବୋଲି ସେ କହିଥିଲେ।

# ସେକ୍ଟର-୩ ଜଗନ୍ନାଥ ମନ୍ଦିରରେ ରଥକାଠ ପୂଜା



ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ପୂଜା କରାଯାଉଛି।

ରାଉରକେଲା,୧୦।୫(ସଙ୍ଗୀତା ଜେନା)

ଅକ୍ଷୟ ତୃତୀୟ ଅବସରରେ ଶ୍ରୀଜୀଉଙ୍କ ରଥକାଠ ଅନୁକୂଳ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ସେକ୍ଟର -୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ୩ଟି ରଥର କାଠ ପୂଜା କରାଯାଇଛି। ଭୋର ସମୟରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ ଓ ଉପଚାର ବିଧି ପରେ ଆଜ୍ଞାମାଳ ସଂଗ୍ରହ କରାଯାଇଥିଲା। ବଡ଼ପଣ୍ଡା ତ୍ରିନାଥ ପାଢ଼ୀଙ୍କ ନିର୍ଦ୍ଦେଶରେ ଆଜ୍ଞାମାଳ ରଥଖଳାକୁ ଯାଇ ସେଠାରେ ବିଧି ପୂର୍ବକ ରଥକାଠ କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀ, ରଜତ ଚୌଧୁରୀ, ସୁଶାନ୍ତ ତ୍ରିପାଠୀ, ବିଜୟ ପତ୍ରୀ, ସେବାୟତ ନିଯୋଗର ପ୍ରକାଶ ଦାସ, କିଶୋର ନାୟକ ସମେତ ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଦେଉଳିକରଣ ପୂଜକ ଏହି ରଥକାଠ ପୂଜା କରିବା ପରେ ବିଶ୍ୱକର୍ମାଙ୍କୁ ହସ୍ତାନ୍ତର କରିଥିଲେ। ସେହିପରି ସନ୍ଧ୍ୟାରେ ଶ୍ରୀଜୀଉଙ୍କ ପ୍ରତିନିଧି ମଦନମୋହନଙ୍କୁ ଚାପ ଖେଳିବା ପାଇଁ ମନ୍ଦିର ପରିସରରେ ଥିବା ଚନ୍ଦନପୋଖରୀକୁ ନିଆଯାଇଥିଲା। ଆସନ୍ତା ୨୧ ଦିନ ପର୍ଯ୍ୟନ୍ତ ଏହି ଚନ୍ଦନ ପୋଖରୀରେ ଚାପ ଖେଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ସିଜିଏମ୍ ପ୍ରତାପ ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଝିରପାଣି ସ୍ଥିତ ନିଳାଦ୍ରୀବିହାରୀ ଜଗନ୍ନାଥ ମନ୍ଦିର, ଛେଣ୍ଡ ସ୍ଥିତ ଦେବବିହାର ଜଗନ୍ନାଥ ମନ୍ଦିର, ସେକ୍ଟର-୬ ଜଗନ୍ନାଥ ମନ୍ଦିର, କୋଏଲନଗର 'ଏ' ଏବଂ 'ସି ବ୍ଲକ ସ୍ଥିତ ଜଗନ୍ନାଥମନ୍ଦିର, ଉଦିତନଗର ସମେତ ଅନ୍ୟ ଜଗନ୍ନାଥମନ୍ଦିର ଗୁଡିକରେ ରଥକାଠ ପୂଜା ଅନୁଷ୍ଠିତ ହୋଇଥିଲା।

# ଆର୍‌ଏସ୍‌ପିର କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ରାଉରକେଲା,୧୦।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ଗ୍ରାମୀଣ ଯୁବ କ୍ରୀଡା ପ୍ରତିଭାଙ୍କ ପାଇଁ ଆଗାମୀ ସମୟରେ ରାଜ୍ୟ ଓ ଦେଶ ପାଇଁ କ୍ରୀଡ଼ା କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବାର ବାଟ ଉନ୍ମୁକ୍ତ କରୁଛି। ସେକ୍ଟର-୨୦ ସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ଶିବିର ପାଳନ ନେଇ କବାଡି ତାଲିମ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଶିବିରରେ ଲେଫ୍ରିପଡ଼ା ବ୍ଲକ ବାଣ୍ଡେଗା ଗାଁର ୧୬ବର୍ଷ ବୟସ୍କା କ୍ରୀଡ଼ା ପ୍ରତିଭା ସୁନୀତା ମହାକୁଡ ୩ୟ ଥରପାଇଁ ଭାଗ ନେଇଛନ୍ତି। କ୍ରୀଡାରେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିବିର ସୁନୀତାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ରହିଛି ଓ ଶିବିର ମାଧ୍ୟମରେ ହାସଲ କରିଥିବା ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସେ ଏଥିପାଇଁ ଆର୍‌ଏସ୍‌ପିକୁ କୃତଜ୍ଞତା ଜଣାଇବା ସହ ଶିବିର ତାଙ୍କ ସ୍ୱପ୍ନକୁ ସାକାର କରିଥିବା କହିଛନ୍ତି। ସେହିଭଳି ବାଲିଶଙ୍କରା ବ୍ଲକ ଅଧୀନ ସୁଦୂର ଗାଁର ମିଲିୟା କୃଷକ ପରିବାରରୁ ଆସି କବାଡ଼ିରେ ଉତ୍କର୍ଷ ହାସଲ କରିବା ଲକ୍ଷ୍ୟ ରଖିବା ସହ ପୋଲିସ ହେବା ପାଇଁ ମଧ୍ୟ ଇଚ୍ଛୁକ ରହିଛନ୍ତି। ସୁନୀତା ଓ ମିଲିୟା ଯୋଡ଼ି ଆନ୍ତଃ ଜିଲା କବାଡି ଚମ୍ପିୟନଶିପ ସମେତ ବହୁ ସମ୍ମାନଜନକ ଟୁର୍ନାମେଣ୍ଟ ଆଦିରେ ଆର୍‌ଏସ୍‌ପି କବାଡି



ମିଲିୟା



ସୁମିତ୍ରା



ସୁନିତା

ଦଳର ପ୍ରତିନିଧିତ୍ୱ ବି କରିଛନ୍ତି ;ଯେଉଁଥିରେ ଆର୍‌ଏସ୍‌ପି କବାଡି ଦଳ ରାଜ୍ୟର ୩୦ଟି ଟିମ୍ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରିବାର ଗୌରବ ହାସଲ ମଧ୍ୟ କରିଛନ୍ତି। ଏହିଭଳି ସେକ୍ଟର-୨୦ ଇନ୍‌ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ଅଧିବେଶନରୁ ବିରତି ନେଇ ୨୦ବର୍ଷୀୟ କବାଡି ପ୍ରତିଭା ସୁମିତ୍ରା ମୁଣ୍ଡାରୀ କୁହନ୍ତି, ଯଦି ମୁଁ କେବେ ଦେଶ ପାଇଁ ପ୍ରତିନିଧିତ୍ୱ କରେ ତା'ର ଶ୍ରେୟ ଆର୍‌ଏସପିକୁ ଯିବା ନିଶ୍ଚିତ। ଆଦିବାସୀ ଝିଅ ସୁମିତ୍ରା ଚାଷୀ ପରିବାରରୁ ଆସିଛନ୍ତି। ସର୍ବପ୍ରଥମେ ୨୦୧୯ରେ ଏହି ଶିବିରରେ ସୁମିତ୍ରାଙ୍କ ପ୍ରତିଭା ଚିହ୍ନଟ ହୋଇଥିଲା। ପରେ ଆର୍‌ଏସ୍‌ପି ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ସୁମିତ୍ରାଙ୍କ ଦକ୍ଷତା ଶାଣିତ ହୋଇଥିଲା ଓ ସୁମିତ୍ରା ପାବଠାରେ ଆୟୋଜିତ ସିନିୟର ନ୍ୟାଶନାଲ କବାଡି ଚାମ୍ପିୟନଶିପ-୨୦୨୩ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ସୁଯୋଗ ବି ହାସଲ କରିଥିଲେ। ଆର୍‌ଏସ୍‌ପି ଷ୍ଟ୍ରକ୍‌ଚରାଲ ଆଣ୍ଡ ଫ୍ୟାବ୍ରିକେଶନ ଶପ୍ ବିଭାଗରେ କାର୍ଯ୍ୟରତ ଆର୍‌ଏସ୍‌ପିର କବାଡ଼ି କୋଚ ଶୁକ୍ରୁ ତନ୍ତୀ କୁହନ୍ତି,ଆର୍‌ଏସ୍‌ପି ପ୍ରାୟୋଜିତ ଶିବିର କ୍ରୀଡା ପ୍ରତିଭାଙ୍କୁ ସଫଳତାର ଶିଡ଼ିକୁ ପହଁଚାଇବାକୁ ପ୍ରଚେଷ୍ଟା କରେ। ଏଥିପାଇଁ ପ୍ରତିଭାବାନ ଖେଳାଳିଙ୍କ ଧୈର୍ଯ୍ୟ ଓ ଘାତ ପ୍ରତିଘାତ ସହିତ ମୁକାବିଲା କରି ସ୍ୱପ୍ନ ସାକାର କରିବା ବାଟ ପ୍ରଶସ୍ତ କରେ। ଗ୍ରାମୀଣ ଲୁକ୍କାୟିତ ପ୍ରତିଭା ଚିହ୍ନଟକରି ସେମାନଙ୍କୁ କ୍ରୀଡା କ୍ଷେତ୍ରରେ ବିକଶିତ କରିବା ପାଇଁ ଏହି ପୂର୍ବତନ ଜାତୀୟ କବାଡି ଖେଳାଳିଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିଛି। ତେବେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରୀଡା ଶିବିରର କବାଡି କ୍ୟାମ୍ପରେ ୭୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ଅଂଶଗ୍ରହଣ କରୁଥିବା ବେଳେ ଏହା ଆସନ୍ତା ୨୭ତାରିଖ ଯାଏଁ ଚାଲିବ। ଏହି ଶିବିରରେ ନାମ ପଞ୍ଜୀକୃତ କରିଥିବା ୧୫ଶହରୁ ଅଧିକ ଅଂଶଗ୍ରହଣକାରୀ ୧୪ଟି ବିଭିନ୍ନ କ୍ରୀଡ଼ା ବର୍ଗରେ ପ୍ରଶିକ୍ଷଣ ନେଉଛନ୍ତି।

### ଭୁପେନ ମହାପାତ୍ରଙ୍କ ଚେନାଏ ଗଳ୍ପ,ପୁସ୍ତକ ଉନ୍ମୋଚନ

ରାଉରକେଲା,୧୦।୫(ଦିନେଶ ମିଶ୍ର)

ସୁନ୍ଦରଗଡ ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ସଭାପତି ଭୂପେନ ମହାପାତ୍ରଙ୍କ ଚେନାଏ ଗଳ୍ପ ପୁସ୍ତକର ଅନାବରଣ ଉତ୍ସବ ଶିଶୁ ସାହିତ୍ୟର ବର୍ତ୍ତମାନ ଓ ଭବଷ୍ୟତ ଉପରେ ଆଲୋଚନା ଚକ୍ର, ଗଳ୍ପ ପଠନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ମୁଖ୍ୟ ସଭାପତି ଭୁପେନ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ସଭାପତି ତ୍ରିଲୋଚନ ମଥାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏନ୍‌ଆଇଟିର ଡିନ୍ ପ୍ରଫେସର ସିଦ୍ଧାର୍ଥ ଜେନା, ଶଙ୍କର ପ୍ରସାଦ ତ୍ରିପାଠୀ, ମଞ୍ଜୁଳା କୁମାରୀ ରଥ, ସମ୍ପାଦିକା ରଶ୍ମିବାଳା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସିଆଇଏସ୍‌ଏଫର ବରିଷ୍ଠ କମାଣ୍ଡାଣ୍ଟ ଅଶୋକ ଜଲଓନିଆ ଓ ଆଇନଜୀବୀ ଗିରିଶ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଏହି ଉତ୍ସବକୁ ସ୍ତ୍ରୀରୋଗ ବିଶେଷଜ୍ଞା ଗୀତାଞ୍ଜଳି ପତ୍ରୀ ଉଦ୍‌ଘାଟନ କରିଥିଲେ। ଶିଶୁ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ ତଥା ସାମାଜିକ ବାସ୍ତବବାଦ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ କବି ନିରୁପମା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ଚିତ୍ତରଞ୍ଜନ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବିକ୍ରମ ଆଚାର୍ଯ୍ୟ, ସୁପ୍ତି କର ତଥା ଗୀତାରାଣୀ ବେହେରା କବିତା ଗୁଡିକୁ ସଂଯୋଜନା କରିଥିଲେ। ଏଥିରେ ସହରର ବହୁ କବି ଓ କବିୟିତ୍ରୀ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ଶେଷରେ ମଧୁସୂଦନ ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଦିକ ବିଶାରଦ ହେବାକୁ ହେଲେ ଭାରତୀୟ ବେଦ ଶାସ୍ତ୍ରରେ ପାରଙ୍ଗମତା ହାସଲ ଜରୁରୀ



ସମାରୋହରେ କୃତୀ ବାଳ ବ୍ରହ୍ମଚାରୀଙ୍କ ସହିତ ଅତିଥିମାନେ।

ରାଉରକେଲା,୧୦।୫(ବିପ୍ଳବ ରନ ଦାଶ)

ବେଦବ୍ୟାସ ଗୁରୁକୁଳ ଆଶ୍ରମ ସଭାଗୃହରେ ଶୁକ୍ରବାର ଗୁରୁକୁଳ ଆଶ୍ରମ ପ୍ରତିଷ୍ଠାତା ତଥା ଆର୍ଯ୍ୟ ସମାଜର ପ୍ରବକ୍ତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୧୦୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଉପାଧ୍ୟାୟଙ୍କ ସଭାପତିତ୍ୱରେ ବୈଦିକ ପ୍ରବଚନ ଏବଂ ସଂଗୀତ ସମାରୋହ ସଭା ଆୟୋଜିତ ହୋଇଥିଲା। ସମାରୋହରେ ମୁଖ୍ୟଅତିଥି ଭାବେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଯୋଗଦେଇ ସ୍ୱାମୀଜିଙ୍କ ଉତ୍ସର୍ଗୀକୃତ ଜୀବନୀ ପୃଷ୍ଠଭୂମି ଉପରେ ବିଶେଷ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ପ୍ରସନ୍ନ କୁମାର ଶାସ୍ତ୍ରୀ ,ସନ୍ତୋଷ କୁମାର ଲେଙ୍କା ଓ ପ୍ରକାଶ କୁମାର ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ଅନୁଷ୍ଠିତ ବୈଦିକ ଭଜନ ସମାରୋହରେ ସୂର୍ଯ୍ୟକୁମାର ତଥା ଗୁରୁକୁଳ ଆଶ୍ରମର ବାଳ ବ୍ରହ୍ମଚାରୀଙ୍କ ଦ୍ୱାରା ବୈଦିକ ସଂଗୀତ ପରିବେଷଣ ହୋଇଥିଲା। ପରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହିଅବସରରେ ମୁଖ୍ୟଅତିଥି ନିଜ ଅଭିଭାଷଣରେ କହିଥିଲେ,ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବୈଦିକ ଶାସ୍ତ୍ର ଅଧ୍ୟୟନ କରିବାକୁ ଯୋଗ୍ୟ। ମାତ୍ର ବୈଦିକ ବିଶାରଦ ହେବାକୁ ହେଲେ ଭାରତୀୟ ବେଦ ଶାସ୍ତ୍ରରେ ପାରଙ୍ଗମତା ହାସଲ କରିବା ବି ଜରୁରୀ ବୋଲି ସମ୍ମିଳିତ ବାଳ ବ୍ରହ୍ମଚାରୀଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ସ୍ୱାମୀ ନକୁଳ ଦେବ ଶାସ୍ତ୍ରୀଙ୍କ ଦ୍ୱାରା ଭଜନ ସମାରୋହ ଆରମ୍ଭ ହୋଇଥିଲା। ପରେ କାର୍ଯ୍ୟକ୍ରମରେ କୃତୀତ୍ୱ ହାସଲ କରିଥିବା ଗୁରୁକୁଳ ଆଶ୍ରମର କୃତୀ ବାଳ ବ୍ରହ୍ମଚାରୀ ପ୍ରତିଯୋଗୀ ଆକାଶ ସମାସୀ, ରୋନକ ଦାସ, ଦିନେଶ ପାଢୀ, ଦୀପକ ଓରାମ, ପ୍ରୀୟା ଯୋଶୀ, ରୋସନ ଓରାମ, ମହେଶ ଚନ୍ଦ୍ର ସାହୁ ଏବଂ ବୈଷ୍ଣବି ସାହୁ ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରାମଚନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ପୃଷ୍ଟୀ ପ୍ରମୁଖ ଧଧନ୍ୟବାଦ ଅର୍ପଣ କରିଥିଲେ।

# ଏଣିକି ଆର୍‌ଏସ୍‌ପି କର୍ମଚାରୀ କାରଖାନା ଭିତରକୁ ନେଇ ପାରିବେ ୩ୟ ଗାଡ଼ି

ରାଉରକେଲା, ୧୦।୫(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କର୍ମଚାରୀମାନେ କାରଖାନାକୁ ୨ଟି ଗାଡି ନେଇ ପାରିବେ ଓ ଉକ୍ତ ଗାଡି ନମ୍ବର ତାଙ୍କର ଆର୍‌ଏଫ୍‌ଆଇଡି ଗେଟ୍ ପାସରେ ଏଣ୍ଟ୍ରି କରାଯିବ ବୋଲି ଆର୍‌ଏସ୍‌ପି କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହିପରି କ୍ଷେତ୍ରରେ କର୍ମଚାରୀମାନେ ୩ୟ ଗାଡି ଭିତରକୁ ନେଇ ପାରୁ ନ ଥିଲେ। ଫଳରେ ବିଭିନ୍ନ ସମସ୍ୟା ହେଉଥିଲା। ଏ ସମ୍ପର୍କରେ ରାଉରକେଲା ଶ୍ରମିକ ସଂଘ( ଆର୍‌ଏସ୍‌ଏସ୍)ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ଦୃଷ୍ଟିକୁ ଆଣିବା ପରେ ଏକ ପ୍ରତିନିଧି ଦଳ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଦାବି କରିଥିଲେ । ତେବେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ୩ୟ ଗାଡି କାରଖାନା ଭିତରକୁ ଏକ ସର୍କୁଲାର ଜାରି କରି ଏହାର ଅନୁମତି ଦେଇଥିବା ଶୁକ୍ରବାର ଆରଏସ୍‌ଏସ୍ ପକ୍ଷରୁ ପ୍ରଦତ୍ତ ପ୍ରେସବିବୃତ୍ତିରେ ସୂଚନା ପ୍ରଦାନ କରାଯାଇଛି।

# ରାଉରକେଲା, ରଘୁନାଥପାଲିରେ ନିର୍ବାଚନୀ ପ୍ରଚାର ଜୋରଦାର

ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବିଧାନସଭା ପ୍ରାର୍ଥୀ ଦିଲୀପ ରାୟ ଶୁକ୍ରବାର ନିର୍ବାଚନୀ ପ୍ରଚାରକୁ ଯୋରଦାର କରିଛନ୍ତି। ଶୁକ୍ରବାର ଦିଲୀପ ସକାଳ ୬ଟାରେ ନିଜ ସମର୍ଥକଙ୍କ ସହିତ ରାଉରକେଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛେଣ୍ଡ କଲୋନୀ, କଳିଙ୍ଗ ବିହାର,ବନ୍ଧମୁଣ୍ଡା ସି ବ୍ଲକ, ଛେଣ୍ଡ ରିମ୍ବ ଛକ,ହନୁମାନ ବାଟିକା,ନାରାୟଣୀ ମନ୍ଦିର ପ୍ରମୁଖ ଅଞ୍ଚଳରେ ପ୍ରଚାର କରିଥିଲେ। ଏହି ଅବସରରେ ଦିଲୀପ ନିଜ ମୋବାଇଲ ନମ୍ବର ସର୍ବସାଧାରଣରେ ଜାରି କରି ସୁବିଧା ଅସୁବିଧା ଜଣାଇବାକୁ ମତଦାତାଙ୍କୁ ଜଣାଇଥିଲେ। ସେହିଭଳି ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ମଧ୍ୟ ଭାଜପା ଏମପି ପ୍ରାର୍ଥୀ ଜୁଏଲ ଓରାମ ଓ ବିଧାୟକ ପ୍ରାର୍ଥି ଦୁର୍ଗା ତନ୍ତୀ ନିର୍ବାଚନୀ ପ୍ରଚାରକୁ ଯୋରଦାର କରିଛନ୍ତି। ସେକ୍ଟର-୧୬ ଜଗନ୍ନାଥ ପଲ୍ଲୀରୁ ପଦଯାତ୍ରା ଆରମ୍ଭ କରି ପି.ଏଚ



କଲୋନୀ ଯାଏଁ ପ୍ରତି ମତଦାତାଙ୍କ ଘରକୁ ଘର ଯାଇ ଭୋଟଭିକ୍ଷା କରିଥିଲେ। ଉଭୟ ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିକଶିତ ଭାରତ ଓ ବିବିଧ ଜନ ହିତକାରୀ ଯୋଜନା ଉପରେ ସାଧାରଣ ଭୋଟରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଲୋକସଭା ମିଡିଆ ସଂଯୋଜକ ଗଙ୍ଗାଧର ଦାଶ, ରଘୁନାଥପାଲି ବିଧାନସଭା କ୍ଷେତ୍ରୀୟ ପ୍ରଭାରୀ ଶଶାଙ୍କ ଜେନା,ସଂଯୋଜକ ଅଶୋକ ଲେଙ୍କା,ଜିଲା ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ,ଜିଲା ଉପସଭାପତି ମଳୟ ମହାପାତ୍ର,ମନରନ ମୁନୀ,ଅଜୟ କଂସାରୀ ପ୍ରମୁଖ ଭାଜପା ନେତାଙ୍କ ସମେତ ଶତାଧିକ ଭାଜପା କର୍ମୀ ଓ ସମର୍ଥକ ସାମିଲ ରହିଥିଲେ।

# ସହରରେ ଅଚଳ ୱାଟର ସିଷ୍ଟମ ବ୍ୟବସ୍ଥା

ରାଉରକେଲା,୧୦।୫(ଦିନେଶ ମିଶ୍ର)

ରାଉରକେଲା ସହରରେ ବାଟୋଇଙ୍କୁ ପାନୀୟ ଜଳ ଯୋଗାଇ ଦେବାପାଇଁ ଆର୍‌ଏମ୍‌ସି ପକ୍ଷରୁ ପ୍ରମୁଖ ଛକ ଗୁଡିକରେ ୱାଟର ସିଷ୍ଟମ ବ୍ୟବସ୍ଥା କରାଗଲା। ଆର୍‌ଏମ୍‌ସିର ଏଭଳି ପଦକ୍ଷେପକୁ ସହରବାସୀ ପ୍ରଶଂସା କଲେ। ହେଲେ ବର୍ତ୍ତମାନ ଏହା ଏକାଧିକ ସ୍ଥାନରେ ଅଚଳ ଅବସ୍ଥାରେ ପଡି ରହିଛି। ଏହିଭଳି ଦୃଶ୍ୟ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଛକ ଓ ପରିବହନ କାର୍ଯ୍ୟାଳୟ ନିକଟରେ ଥିବା ୱାଟର ସିଷ୍ଟମ ପଏଣ୍ଟରେ ଦେଖିବାକୁ ମିଳିଛି। ବାସନ୍ତୀ କଲୋନୀ ଡିଏଭି ଛକ ସହରର ଏକ ପ୍ରମୁଖ ଛକ ହୋଇଥିବାବେଳେ ରାତି ପାହିଲେ ଏହି ଛକ ଦେଇ ହଜାର ହଜାର ଲୋକେ ଯାତାୟତ କରନ୍ତି। ଏହି ଛକରେ ୨୦୨୧ରେ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ପାନୀୟ ଜଳ ୱାଟର ସିଷ୍ଟମ ବ୍ୟବସ୍ଥା କରାଯାଇଥିଲା। ଏହି ୱାଟରସିଷ୍ଟମ ବ୍ୟବସ୍ଥା ଯୋଗୁ ଉକ୍ତ ଅଞ୍ଚଳାବାସୀଙ୍କ ସହ ଡିଏଭି ଛକରେ ମୁତୟନ ଥିବା ଟ୍ରାଫିକ ପୋଲିସ ଓ କଲେଜ ଛାତ୍ରୀଛାତ୍ରମାନେ ପାନୀୟ ଜଳ ପାଇ ବେଶ ଉପକୃତ ହେଉଥିଲେ। ହେଲେ ବର୍ତ୍ତମାନ ଏହି ୱାଟର ସିଷ୍ଟମଟି ଉକ୍ତ ଛକରେ ଦୀର୍ଘ ଦିନ ଧରି ଅଚଳ ଅବସ୍ଥାରେ ପଡି ରହିଛି। ହେଲେ ଏଥିପ୍ରତି ଆରଏମ୍‌ସି କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଇନାହିଁ। ଫଳରେ ପ୍ରଚଣ୍ଡ ଖରାରେ ଲୋକେ ପାଣି ପିଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଉଦିତନଗର ସ୍ଥିତ ପରିବହନ କାର୍ଯ୍ୟାଳୟ ନିକଟରେ ଥିବା ଆରଏମ୍‌ସି ପକ୍ଷରୁ ଏକ ୱାଟରସିଷ୍ଟମର ଅଚଳ ଅବସ୍ଥାରେ ପଡି ରହିଛି। ଫଳରେ ସ୍ଥାନୀୟ କିଛି ଦୁର୍ବୃତ୍ତ ଏଥିରେ ଲାଗିଥିବା ଟ୍ୟାପକୁ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ସେହିଭଳି ପାନପୋଷ




ଛକରେ ଥିବା ପାନୀୟ ୱାଟର ସିଷ୍ଟମ ଆଜିକୁ ୩-୫ ମାସ ଧରି ଅଚଳ ଅବସ୍ଥାରେ ପଡି ରହିଛି। ଏହି ୱାଟର ସିଷ୍ଟମରେ ଆର୍‌ଏମ୍‌ସିକୁ ଆସୁଥିବା ବହୁ ଜନସାଧାରଣ ପାନୀୟ ଜଳ ପାଇଁ ବ୍ୟବହାର କରନ୍ତି। ଏହା ବର୍ତ୍ତମାନ ଅଚଳ ହୋଇ ପଡି ରହଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସହରରେ ଏଭଳି ବିଭିନ୍ନ ଛକରେ ଲକ୍ଷାଧିକ ଟଙ୍କା ବିନିଯୋଗରେ ତିଆରି ହୋଇଥିବା ୱାଟର ସିଷ୍ଟମ ଗୁଡିକ ଖରାଦିନେ ଅଚଳ ହୋଇ ପଡିଥିବାରୁ ବିଭିନ୍ନ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଏହାକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆରଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ, ସହରର ପ୍ରମୁଖ ଛକ ଗୁଡିକରେ ଯେଉଁ ୱାଟର ସିଷ୍ଟମ ବ୍ୟବସ୍ଥା ରହିଛି ତାହାକୁ ଆମେ ଆସନ୍ତା ୭ଦିନ ମଧ୍ୟରେ ଠିକ୍ କରିବୁ। ଖରାଦିନ ହୋଇଥିବାରୁ ବର୍ତ୍ତମାନ ୱାଟକୋ ବିଭାଗକୁ ଆମେ ଏକ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରି ସହରରେ ପାନୀୟ ଜଳପାଇଁ ଆଉ କ'ଣ ବ୍ୟବସ୍ଥା ହୋଇପାରିବ ସେ ନେଇ ଅବଗତ କରାଯାଇଛି ବୋଲି ନାୟକ କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ Bhubaneswar, Saturday, May 11/ 2024

# ‘ମହିଳା କୁସ୍ତିଯୋଦ୍ଧାଙ୍କର ବଡ଼ ବିଜୟ’


ବଜରଙ୍ଗ ପୁନିଆ


ସାକ୍ଷୀ ମଲିକ

### ଯୌନ ଶୋଷଣ ମାମଲା

■ ବ୍ରିଜ ଭୂଷଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୦।୫ (ପି.ଟି.)**

ଯୌନ ନିର୍ଯାତନା ଅଭିଯୋଗରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍ଆଇ)ର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶାରଙ୍କ ବିରୋଧ ଚାର୍ଜଶିଟ୍ ଦାଖଲ ପାଇଁ ଦିଲ୍ଲୀ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି ଷ୍ଟାର କୁସ୍ତି ଯୋଦ୍ଧା ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ। ଦେଶର ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ ବୋଲି ସେମାନେ କହିଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୩୫୪, ୩୫୪ ଏ ଏବଂ ୫୦୬ ଅନୁସାରେ ବ୍ରିଜଭୂଷଣଙ୍କ ବିରୋଧରେ ଚାର୍ଯଶିଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ରିଜଭୂଷଣଙ୍କ ବିରୋଧରେ କାର୍ଯ୍ୟଆନୁଷ୍ଠାନ ଦାବି କରି ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବଜରଙ୍ଗ ସୋସିଆଲ ମିଡିଆ ପ୍ଲାଟ୍ଫର୍ମ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି ଯେ, ନିର୍ଯାତନାର ଶିକାର ହୋଇଥିବା ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ। କୋର୍ଟଙ୍କ ନିଷ୍ପତ୍ତି ସେମାନଙ୍କୁ ଅଶ୍ୱସ୍ତି ଆଣିଦେଇଛି। ଯେଉଁମାନେ ମହିଳା ରେସଲରମାନଙ୍କୁ ଟ୍ରୋଲ କରୁଥିଲେ ସେମାନେ ଲଜ୍ଜିତ ମନେ କରିବା ଉଚିତ। ବ୍ରିଜଭୂଷଣଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ସଞ୍ଜୟ ସିଂଙ୍କ ଗୋଷ୍ଠୀ ଡବ୍ଲ୍ୟୁଏଫ୍ଆଇର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରତିବାଦ ସ୍ୱରୂପ ଖେଳରୁ ଅବସର ନେଇଥିବା ରିଓ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ମଲିକ କହିଛନ୍ତି ଦାବି ପୁରଣ କରିବା ଲାଗି ଆମକୁ ରାସ୍ତା କଡ଼ରେ ବର୍ଷା ଓ ଖରାରେ ବହୁ ରାତି ବିତାଇବାକୁ ପଡ଼ିଛି। ନ୍ୟାୟ ପାଇବା ପାଇଁ ଆମେ ଯେଉଁ ଲଢେଇ ଚଳାଇଛୁ ସେ ଦିଗରେ ଆମେ କିଛି ବାଟ ଆଗେଇ ପାରିଛୁ ବୋଲି ସେ କହିଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୫ | ୧୨ | +୦.୭୦୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |
| ଗୁଜରାଟ ଟାଇଟନ୍ସ | ୧୧ | ୪ | ୭ | ୮ | -୧.୩୨୦ |

# ସାଇ, ଗିଲ୍‌ଙ୍କ ଶତକ

**ଅହମଦାବାଦ, ୧୦।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଓ ଶୁବମନ ଗିଲ୍। ଓପନିଂ ଯୋଡ଼ିରେ ଦ୍ୱିଶତକୀୟ ଭାଗୀଦାରି ବଳରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୩ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଚେନ୍ନାଇ ସୁପର କିଙ୍ଗ୍ସ ୯ ଓଭରରେ ୩ ଉଇକେଟ ହରାଇ ୭୭ ରନ ସଂଗ୍ରହ କରିଛି। ଓପନର ରାଚିନ ରବୀନ୍ଦ୍ର ୧ ରନକରି ରନ୍‌ଆଉଟ ହୋଇଥିବାବେଳେ ଅଜିଙ୍କ୍ୟ ରାହାନେ ମଧ୍ୟ ୧ ରନକରି ପ୍ୟାଭିଲିୟନ ଫେରିଛନ୍ତି। ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ମଧ୍ୟ ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଛନ୍ତି।

### ଚଳିତ ସିଜନରେ ରେକର୍ଡ ଭାଗୀଦାରି

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଗୁଜରାଟ ଟାଇଟନ୍ସ। ଘରୋଇ ନରେନ୍ଦ୍ର ମୋଦି ଷ୍ଟାଡିୟମ ପିଚ୍‌ରୁ ଭରପୂର ଫାଇଦା ଉଠାଇଥିଲେ ଦୁଇ ଓପନର ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍। ଦୁଇ ବ୍ୟାଟର ବିପକ୍ଷ ଦଳର ବୋଲରଙ୍କୁ ଧୂଳେଇ କରି ବ୍ୟକ୍ତିଗତ ଶତକ ହାସଲ କରିବା ସହ ଓପନିଂ ଯୋଡ଼ିରେ ଗଢ଼ିଥିଲେ ଦ୍ୱିଶତକୀୟ ଭାଗୀଦାରି। ଫଳରେ ଗୁଜରାଟ ଏକ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ୧୮ତମ ଓଭରରେ ଯାଇ ଯୋଡ଼ି ଭାଙ୍ଗିଥିଲା। ଦ୍ରୁତ ବୋଲର ତୁଷାର ଦେଶପାଣ୍ଡେ ଏହି ଓଭରରେ କେବଳ ଯୋଡ଼ି ଭାଙ୍ଗି ନ ଥିଲେ ୪ ବଲ୍ ବ୍ୟବଧାନରେ ଦୁଇ ସେଟ୍ ବ୍ୟାଟରଙ୍କୁ ଆଉଟ କରି ଚେନ୍ନାଇକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଓପନିଂ ଯୋଡ଼ିରେ ୧୦୪ ବଲ୍‌ରୁ ୨୧୦ ରନ ସଂଗ୍ରହ କରିଥିଲେ ଗିଲ୍ ଓ ସୁଦର୍ଶନ। ସୁଦର୍ଶନ ୫୧ ବଲ୍‌ରୁ ୫ ଚୌକା ଓ ୭ ଛକା ସହାୟତାରେ ୧୦୩ ଓ ଗିଲ୍ ୫୫ ବଲ୍‌ରୁ ୯ ଚୌକା ଓ ୬ ଛକା ସହ ୧୦୪ ରନ କରିଥିଲେ। ଏହି ଦୁଇ ଖେଳାଳି ଆଉଟ ହେବାରୁ ୧୯ତମ ଓଭରରେ ମାତ୍ର ୬ ରନ ସଂଗ୍ରହ ହୋଇ ପାରିଥିଲା। ୨୧୦ ରନ ଚଳିତ ଆଇପିଏଲ୍ ସିଜନରେ ଯେ କୌଣସି ଉଇକେଟ ପାଇଁ ଶ୍ରେଷ୍ଠ ଭାଗୀଦାରି। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଇପିଏଲ୍‌ରେ ଏହା ୪ର୍ଥ ଶ୍ରେଷ୍ଠ ପାର୍ଟନରଶିପ୍। ୨୦୧୬ରେ ବେଙ୍ଗାଲୁରୁଠାରେ ଗୁଜରାଟ ଲାୟନ୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଏବି ଡିଭିଲର୍ସ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ୨୨୯ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୩୧/୩ (ଶୁବମନ ଗିଲ୍-୧୦୪, ସାଇ ସୁଦର୍ଶନ-୧୦୩, ତୁଷାର ଦେଷପାଣ୍ଡେ-୨/୩୩)।


ଦ୍ୱିଶତକୀୟ ଭାଗୀଦାରି ଅବସରରେ ସାଇ ସୁଦର୍ଶନ ଓ ଶୁବମନ ଗିଲ୍।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**କୋଲକାତା ବନାମ ମୁମ୍ବାଇ**

ସ୍ଥାନ: କୋଲକାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# କୋଚ୍ ପାଇଁ ଆବେଦନ କରିପାରିବେ ଦ୍ରାଭିଡ


ରାହୁଲ ଦ୍ରାଭିଡ ଓ ଜୟ ଶାହା।

**ମୁମ୍ବାଇ, ୧୦।୫(ପି.ଟି.):** ଆସନ୍ତା ମାସରେ ହେବାକୁଥିବା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡଙ୍କ କାର୍ଯ୍ୟକାଳ ଶେଷ ହେବ। କିନ୍ତୁ ସେ ଏହି ପଦବୀରେ ପୁଣି ରହିବାକୁ ଚାହିଁଲେ ଆବେଦନ କରିବାକୁ ପଡ଼ିବ ବୋଲି କହିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାଧାରଣ ସମ୍ପାଦକ ଜୟ ଶାହା। ବିସିସିଆଇ ପ୍ରକୃତରେ ଦ୍ରାଭିଡ ଏବଂ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ୨ ବର୍ଷ ପାଇଁ ଚୁକ୍ତି କରିଥିଲା। ଗତବର୍ଷ ନଭେମ୍ବରରେ ୫୦ଓଭର ବିଶିଷ୍ଟ ବିଶ୍ୱକପ୍ ଶେଷ ହେବା ପରେ ଏହି ମିଆଦକୁ ବୃଦ୍ଧି କରାଯାଇଥିଲା। ଗୁରୁବାର ସ୍ଥାନୀୟ ବିସିସିଆଇ କାର୍ଯ୍ୟାଳୟରେ ଖବରଦାତାମାନଙ୍କ ସହ ଏକ ବାର୍ତ୍ତାଳାପ ବେଳେ ଶାହା କହିଛନ୍ତି, ରାହୁଲ ଦ୍ରାଭିଡଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଆମେ ଜଣେ ଦୀର୍ଘମିଆଦୀ ଅର୍ଥାତ୍ ୩ ବର୍ଷ ପାଇଁ ଜଣେ କୋଚ୍‌ଙ୍କ ସନ୍ଧାନରେ ଅଛୁ। ଦ୍ରାଭିଡ ତାଙ୍କ ପଦବୀରେ ରହିବାକୁ ଚାହିଁଲେ ତାଙ୍କୁ ଆଉଥରେ ଆବେଦନ କରିବାକୁ ପଡ଼ିବ। ବିସିସିଆଇ ସମ୍ପାଦକ କହିଛନ୍ତି, ବର୍ତ୍ତମାନ ପୃଥକ୍ ପୃଥକ୍ ଫର୍ମାଟ ପାଇଁ ଅଲଗା ଅଲଗା କୋଚ୍ ଯୋଜନା ନାହିଁ। ତେବେ ଯତୀନ ପରଞ୍ଜପେ, ଅଶୋକ ମାଲହୋତ୍ରା ଓ ସୁଲକ୍ଷଣା ନାଏକଙ୍କୁ ନେଇ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରେ। ଶାହା କହିଛନ୍ତି, ଜଣେ ବିଦେଶୀ କୋଚ୍‌ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇପାରିବ, ତେବେ ଏହା ସିଏସିର ସୁପାରିସ ଉପରେ ସବୁକିଛି ନିର୍ଭର କରେ।

# କିଶନ, ଆୟରଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍ ଦେଇଛନ୍ତି ଅଗରକର

**ମୁମ୍ବାଇ, ୧୦।୫ (ପି.ଟି.)**

ଇଶାନ କିଶନ ଓ ଶ୍ରେୟଶ ଆୟରଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ସମ୍ପୂର୍ଣ୍ଣ ବାଦ୍ ଦେବା ନିଷ୍ପତ୍ତି ସିଲେକ୍ସନ କମିଟି ଚେୟାରମ୍ୟାନ ଅଜିତ ଅଗରକର ଏକାକୀ ନେଇଛନ୍ତି। ଏଥିପାଇଁ ଅନ୍ୟ କାହାରିକୁ ଦାୟୀ କରାଯାଇ ନ ପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶୁକ୍ରବାର ଏକଥା ପ୍ରକାଶ କରିଛନ୍ତି। ବିସିସିଆଇର ନିର୍ଦ୍ଦେଶ ସତ୍ତ୍ୱେ କିଶନ ଓ ଆୟର ଘରୋଇ କ୍ରିକେଟ ଖେଳି ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରି ନ ଥିଲେ। ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପରେ କିଶନ ଲମ୍ବା ଛୁଟିରେ ଯାଇଥିଲେ। ଆଇପିଏଲ୍ ପର୍ଯ୍ୟନ୍ତ ସେ ଆଦୌ ଉପଲବ୍ଧ ହୋଇ ନ ଥିଲେ। ଅନ୍ୟପକ୍ଷରେ ଆୟର ରଣଜୀ ଟ୍ରଫିରେ ମୁମ୍ବାଇ ତରଫରୁ ସେମିଫାଇନାଲ ଓ ଫାଇନାଲ ସମେତ ୫ଟି ମ୍ୟାଚ ଖେଳିଥିଲେ। ତେବେ ଆୟର ମୁମ୍ବାଇରେ କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ଏକ କ୍ୟାମ୍ପରେ ଅଭ୍ୟାସ ଚଳାଇଥିବା ବେଳେ ତାଙ୍କ ଘରୋଇ ଦଳ ସେତେବେଳେ ରଣଜୀ ଟ୍ରଫି ମ୍ୟାଚ ଖେଳିବାରେ ବ୍ୟସ୍ତ ଥିଲା। ଯାହାକିଛି ନିଷ୍ପତ୍ତି ସମ୍ବିଧାନ ଅନୁଯାୟୀ ନିଆଯାଇଛି। ସେ କେବଳ ସିଲେକ୍ସନ କମିଟି ବୈଠକର ଜଣେ ଆବାହକ ମାତ୍ର। ନିୟମକୁ କାର୍ଯ୍ୟକାରୀ କରିବା ହେଉଛି ତାଙ୍କ କାର୍ଯ୍ୟ। ସେମାନଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କ ଭଳି ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 50 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ Bhubaneswar, Saturday, May 11/ 2024

# ‘ମହିଳା କୁସ୍ତିଯୋଦ୍ଧାଙ୍କର ବଡ଼ ବିଜୟ’


ବଜରଙ୍ଗ ପୁନିଆ


ସାକ୍ଷୀ ମଲିକ

**ନୂଆଦିଲ୍ଲୀ, ୧୦।୫ (ପି.ଟି.)**

### ଯୌନ ଶୋଷଣ ମାମଲା
■ ବ୍ରିଜ ଭୂଷଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ଯୌନ ନିର୍ଯାତନା ଅଭିଯୋଗରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍ଆଇ)ର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶାରଙ୍କ ବିରୋଧ ଚାର୍ଜଶିଟ୍ ଦାଖଲ ପାଇଁ ଦିଲ୍ଲୀ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି ଷ୍ଟାର କୁସ୍ତି ଯୋଦ୍ଧା ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ। ଦେଶର ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ ବୋଲି ସେମାନେ କହିଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୩୫୪, ୩୫୪ ଏ ଏବଂ ୫୦୬ ଅନୁସାରେ ବ୍ରିଜଭୂଷଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ରିଜଭୂଷଣଙ୍କ ବିରୋଧରେ କାର୍ଯ୍ୟଆନୁଷ୍ଠାନ ଦାବି କରି ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବଜରଙ୍ଗ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି ଯେ, ନିର୍ଯାତନାର ଶିକାର ହୋଇଥିବା ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ। କୋର୍ଟଙ୍କ ନିଷ୍ପତ୍ତି ସେମାନଙ୍କୁ ଅଶ୍ୱସ୍ତି ଆଣିଦେଇଛି। ଯେଉଁମାନେ ମହିଳା ରେସଲରମାନଙ୍କୁ ଟ୍ରୋଲ କରୁଥିଲେ ସେମାନେ ଲଜ୍ଜିତ ମନେ କରିବା ଉଚିତ। ବ୍ରିଜଭୂଷଣଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ସଞ୍ଜୟ ସିଂଙ୍କ ଗୋଷ୍ଠୀ ଡବ୍ଲୁଏଫ୍ଆଇର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରତିବାଦ ସ୍ୱରୂପ ଖେଳରୁ ଅବସର ନେଇଥିବା ରିଓ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ମଲିକ କହିଛନ୍ତି ଦାବି ପୂରଣ କରିବା ଲାଗି ଆମକୁ ରାସ୍ତା କଡ଼ରେ ବର୍ଷା ଓ ଖରାରେ ବହୁ ରାତି ବିତାଇବାକୁ ପଡ଼ିଛି। ନ୍ୟାୟ ପାଇବା ପାଇଁ ଆମେ ଯେଉଁ ଲଢେଇ ଚଳାଇଛୁ ସେ ଦିଗରେ ଆମେ କିଛି ବାଟ ଆଗେଇ ପାରିଛୁ ବୋଲି ସେ କହିଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୫ | ୧୨ | +୦.୭୦୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |
| ଗୁଜରାଟ ଟାଇଟନ୍ସ | ୧୧ | ୪ | ୭ | ୮ | -୧.୩୨୦ |

# ସାଇ, ଗିଲ୍‌ଙ୍କ ଶତକ

**ଅହମଦାବାଦ, ୧୦।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଓ ଶୁବମନ ଗିଲ୍। ଓପନିଂ ଯୋଡ଼ିରେ ଦ୍ୱିଶତକୀୟ ଭାଗୀଦାରି ବଳରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୩ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଚେନ୍ନାଇ ସୁପର କିଙ୍ଗ୍ସ ୯ ଓଭରରେ ୩ ଉଇକେଟ ହରାଇ ୭୭ ରନ ସଂଗ୍ରହ କରିଛି। ଓପନର ରାଚିନ ରବୀନ୍ଦ୍ର ୧ ରନକରି ରନ୍‌ଆଉଟ ହୋଇଥିବାବେଳେ ଅଜିଙ୍କ୍ୟ ରାହାନେ ମଧ୍ୟ

### ଚଳିତ ସିଜନରେ ରେକର୍ଡ ଭାଗୀଦାରି

୧ ରନକରି ପ୍ୟାଭିଲିୟନ ଫେରିଛନ୍ତି। ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ମଧ୍ୟ ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଗୁଜରାଟ ଟାଇଟନ୍ସ। ଘରୋଇ ନରେନ୍ଦ୍ର ମୋଦି ଷ୍ଟାଡିୟମ ପିଚ୍‌ରୁ ଭରପୂର ଫାଇଦା ଉଠାଇଥିଲେ ଦୁଇ ଓପନର ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍। ଦୁଇ ବ୍ୟାଟର ବିପକ୍ଷ ଦଳର ବୋଲରଙ୍କୁ ଧୂଳେଇ କରି ବ୍ୟକ୍ତିଗତ ଶତକ ହାସଲ କରିବା ସହ ଓପନିଂ ଯୋଡ଼ିରେ ଗଢ଼ିଥିଲେ ଦ୍ୱିଶତକୀୟ ଭାଗୀଦାରି। ଫଳରେ ଗୁଜରାଟ ଏକ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ୧୮ତମ ଓଭରରେ ଯାଇ ଯୋଡ଼ି ଭାଙ୍ଗିଥିଲା। ଦ୍ରୁତ ବୋଲର ତୁଷାର ଦେଶପାଣ୍ଡେ ଏହି ଓଭରରେ କେବଳ ଯୋଡ଼ି ଭାଙ୍ଗି ନ ଥିଲେ ୪ ବଲ୍ ବ୍ୟବଧାନରେ ଦୁଇ ସେଟ୍ ବ୍ୟାଟରଙ୍କୁ ଆଉଟ କରି ଚେନ୍ନାଇକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଓପନିଂ ଯୋଡ଼ିରେ ୧୦୪ ବଲ୍‌ରୁ ୨୧୦ ରନ ସଂଗ୍ରହ କରିଥିଲେ ଗିଲ୍ ଓ ସୁଦର୍ଶନ। ସୁଦର୍ଶନ ୫୧ ବଲ୍‌ରୁ ୫ ଚୌକା ଓ ୭ ଛକା ସହାୟତାରେ ୧୦୩ ଓ ଗିଲ୍ ୫୫ ବଲ୍‌ରୁ ୯ ଚୌକା ଓ ୬ ଛକା ସହ ୧୦୪ ରନ କରିଥିଲେ। ଏହି ଦୁଇ ଖେଳାଳି ଆଉଟ ହେବାରୁ ୧୯ତମ ଓଭରରେ ମାତ୍ର ୬ ରନ ସଂଗ୍ରହ ହୋଇ ପାରିଥିଲା। ୨୧୦ ରନ ଚଳିତ ଆଇପିଏଲ୍ ସିଜନରେ ଯେ କୌଣସି ଉଇକେଟ ପାଇଁ ଶ୍ରେଷ୍ଠ ଭାଗୀଦାରି। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଇପିଏଲ୍‌ରେ ଏହା ୪ର୍ଥ ଶ୍ରେଷ୍ଠ ପାର୍ଟନରଶିପ୍। ୨୦୧୬ରେ ବେଙ୍ଗାଲୁରୁଠାରେ ଗୁଜରାଟ ଲାୟନ୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଏବି ଡିଭିଲର୍ସ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ୨୨୯ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଅଛନ୍ତି।


ଦ୍ୱିଶତକୀୟ ଭାଗୀଦାରି ଅବସରରେ ସାଇ ସୁଦର୍ଶନ ଓ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୩୧/୩ (ଶୁବମନ ଗିଲ୍–୧୦୪, ସାଇ ସୁଦର୍ଶନ–୧୦୩, ତୁଷାର ଦେଶପାଣ୍ଡେ–୨/୩୩)।

### ଆଇପିଏଲ୍ କାର୍ଯ୍ୟସୂଚୀ
(ଆଜିର ମ୍ୟାଚ)
କୋଲକାତା
ବନାମ ମୁମ୍ବାଇ
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# କୋଚ୍ ପାଇଁ ଆବେଦନ କରିପାରିବେ ଦ୍ରାବିଡ


ରାହୁଲ ଦ୍ରାବିଡ ଓ ଜୟ ଶାହା।

**ମୁମ୍ବାଇ, ୧୦।୫(ପି.ଟି.):** ଆସନ୍ତା ମାସରେ ହେବାକୁଥିବା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବ। କିନ୍ତୁ ସେ ଏହି ପଦବୀରେ ପୁଣି ରହିବାକୁ ଚାହିଁଲେ ଆବେଦନ କରିବାକୁ ପଡ଼ିବ ବୋଲି କହିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାଧାରଣ ସମ୍ପାଦକ ଜୟ ଶାହା। ବିସିସିଆଇ ପ୍ରକୃତରେ ଦ୍ରାବିଡ ଏବଂ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ୨ ବର୍ଷ ପାଇଁ ଚୁକ୍ତି କରିଥିଲା। ଗତବର୍ଷ ନଭେମ୍ବରରେ ୫୦ଓଭର ବିଶିଷ୍ଟ ବିଶ୍ୱକପ୍ ଶେଷ ହେବା ପରେ ଏହି ମିଆଦକୁ ବୃଦ୍ଧି କରାଯାଇଥିଲା। ଗୁରୁବାର ସ୍ଥାନୀୟ ବିସିସିଆଇ କାର୍ଯ୍ୟାଳୟରେ ଖବରଦାତାମାନଙ୍କ ସହ ଏକ ବାର୍ତ୍ତାଳାପ ବେଳେ ଶାହା କହିଛନ୍ତି, ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଆମେ ଜଣେ ଦୀର୍ଘମିଆଦୀ ଅର୍ଥାତ୍ ୩ ବର୍ଷ ପାଇଁ ଜଣେ କୋଚ୍‌ଙ୍କ ସନ୍ଧାନରେ ଅଛୁ। ଦ୍ରାବିଡ ତାଙ୍କ ପଦବୀରେ ରହିବାକୁ ଚାହିଁଲେ ତାଙ୍କୁ ଆଉଥରେ ଆବେଦନ କରିବାକୁ ପଡ଼ିବ। ବିସିସିଆଇ ସମ୍ପାଦକ କହିଛନ୍ତି, ବର୍ତ୍ତମାନ ପୃଥକ୍ ପୃଥକ୍ ଫର୍ମାଟ ପାଇଁ ଅଲଗା ଅଲଗା କୋଚ୍ ଯୋଜନା ନାହିଁ। ତେବେ ଯତୀନ ପରଞ୍ଜପେ, ଅଶୋକ ମାଲହୋତ୍ରା ଓ ସୁଲକ୍ଷଣା ନାଏକଙ୍କୁ ନେଇ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରେ। ଶାହା କହିଛନ୍ତି, ଜଣେ ବିଦେଶୀ କୋଚ୍‌ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇପାରିବ, ତେବେ ଏହା ସିଏସିର ସୁପାରିସ ଉପରେ ସବୁକିଛି ନିର୍ଭର କରେ।

# କିଶନ, ଆୟରଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍ ଦେଇଛନ୍ତି ଅଗରକର

**ମୁମ୍ବାଇ, ୧୦।୫ (ପି.ଟି.)**

ଇଶାନ କିଶନ ଓ ଶ୍ରେୟଶ ଆୟରଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ସମ୍ପୂର୍ଣ୍ଣ ବାଦ୍ ଦେବା ନିଷ୍ପତ୍ତି ସିଲେକ୍ସନ କମିଟି ଚେୟାରମ୍ୟାନ ଅଜିତ ଅଗରକର ଏକାକୀ ନେଇଛନ୍ତି। ଏଥିପାଇଁ ଅନ୍ୟ କାହାରିକୁ ଦାୟୀ କରାଯାଇ ନ ପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶୁକ୍ରବାର ଏକଥା ପ୍ରକାଶ କରିଛନ୍ତି। ବିସିସିଆଇର ନିର୍ଦ୍ଦେଶ ସତ୍ତ୍ୱେ କିଶନ ଓ ଆୟର ଘରୋଇ କ୍ରିକେଟ ଖେଳି ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରି ନ ଥିଲେ। ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପରେ କିଶନ ଲମ୍ବା ଛୁଟିରେ ଯାଇଥିଲେ। ଆଇପିଏଲ୍ ପର୍ଯ୍ୟନ୍ତ ସେ ଆଦୌ ଉପଲବ୍ଧ ହୋଇ ନ ଥିଲେ। ଅନ୍ୟପକ୍ଷରେ ଆୟର ରଣଜୀ ଟ୍ରଫିରେ ମୁମ୍ବାଇ ତରଫରୁ ସେମିଫାଇନାଲ ଓ ଫାଇନାଲ ସମେତ ୫ଟି ମ୍ୟାଚ ଖେଳିଥିଲେ। ତେବେ ଆୟର ମୁମ୍ବାଇରେ କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ଏକ କ୍ୟାମ୍ପରେ ଅଭ୍ୟାସ ଚଳାଇଥିବା ବେଳେ ତାଙ୍କ ଘରୋଇ ଦଳ ସେତେବେଳେ ରଣଜୀ ଟ୍ରଫି ମ୍ୟାଚ ଖେଳିବାରେ ବ୍ୟସ୍ତ ଥିଲା। ଯାହାକିଛି ନିଷ୍ପତ୍ତି ସମ୍ବିଧାନ ଅନୁଯାୟୀ ନିଆଯାଇଛି। ସେ କେବଳ ସିଲେକ୍ସନ କମିଟି ବୈଠକର ଜଣେ ଆବାହକ ମାତ୍ର। ନିୟମକୁ କାର୍ଯ୍ୟକାରୀ କରିବା ହେଉଛି ତାଙ୍କ କାର୍ଯ୍ୟ। ସେମାନଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କ ଭଳି ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ 50 Years
(ପୃଷ୍ଠା-୧୬+୪)
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ (୧୬+୪=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 11/2024 Page 20 ₹ 7.00 SAMBALPUR

# ୨ ବସ୍ ମୁହାଁମୁହିଁ ଧକ୍କା, ଡ୍ରାଇଭର ମୃତ

## ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

ସୋନପୁର, ୧୦।୫
(ମୃତ୍ୟୁଞ୍ଜୟ ଶତପଥୀ)



ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍।

ସୁବର୍ଣ୍ଣପୁର-ସମ୍ବଲପୁର ରାସ୍ତାର ଉଲୁଣ୍ଡା ବ୍ଲକସ୍ଥିତ ଡୁଡୁପାଲି ଛକରେ ଶୁକ୍ରବାର ରାତିରେ ସଡକ ଦୁର୍ଘଟଣା ଘଟିଛି। ବୁଲାଣି ରାସ୍ତାରେ ୨ ଯାତ୍ରୀବାହୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭରଙ୍କ ନାମ ପ୍ରଦୀପ ପ୍ରଧାନ(୫୩)। ତାଙ୍କ ଘର ସମ୍ବଲପୁର ସହର ମୋଦିପଡାରେ। ଦୁର୍ଘଟଣା ଯୋଗୁଁ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି।

ସୂଚନା ଅନୁଯାୟୀ କରିଶ୍ମା ନାମକ ଯାତ୍ରୀବାହୀ ବସ ନଂ. ଓଡି୦୫ଟି ୮୭୮୮ ସୁବର୍ଣ୍ଣପୁର ବସଷ୍ଟାଣ୍ଡରୁ ବାହାରି ସମ୍ବଲପୁର ଅଭିମୁଖେ ଯାଉଥିଲା। ବସ୍‌ରେ ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ବସଟି ଡୁଡୁପାଲି ବୁଲାଣି ରାସ୍ତାରେ ଯାଉଥିବାବେଳେ ସମ୍ବଲପୁର ପଟୁ ସୁବର୍ଣ୍ଣପୁର ଅଭିମୁଖେ ଆସୁଥିବା ଚକାଡୋଲା ନାମକ ଯାତ୍ରୀବାହୀ ବସ ନଂ. ଓଡି୨୩ଡି ୨୮୮୩ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଅତି ଭୟଙ୍କର ଥିଲା। ଚକାଡୋଲା ବସ୍‌ର ଡ୍ରାଇଭର ପ୍ରଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା

- ପାର୍ବତୀଙ୍କୁ କନ୍ୟାଭାବେ ଗ୍ରହଣ କରିବାକୁ ସଂକଳ୍ପ ନେଲେ ମାତାପିତା
- ଶୀତଳଷଷ୍ଠୀ ପାଇଁ ଆରମ୍ଭ ହେଲା ଅର୍ଥ ସଂଗ୍ରହ ପରମ୍ପରା

ସମ୍ବଲପୁର, ୧୦।୫ (ଭବାନୀ ଶଙ୍କର ଭୋଇ)


ମୁଦିପଡାର ଜାଗେଶ୍ୱର ବାବାଙ୍କ ମନ୍ଦିରରେ ଥାଳଉଠା କାର୍ଯ୍ୟକ୍ରମ ଅବସରରେ କନ୍ୟା ମାତାପିତାଙ୍କ ସହ ଅତିଥିବୃନ୍ଦ।

ପରମ୍ପରା ଅନୁସାରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ବିଭିନ୍ନ ଶୈବପୀଠରେ ଶୁକ୍ରବାର ଅକ୍ଷୟ ତୃତୀୟା ତିଥିର ଗୋଧୂଳି ଲଗ୍ନରେ ଥାଳଉଠା ପର୍ବ ସମ୍ପନ୍ନ ହୋଇଛି। ଶଙ୍ଖ, ଘଣ୍ଟ ଓ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ଥାଳ ଉଠିଥିଲା। ସର୍ବପୁରାତନ ବାଲିବନ୍ଧା ସୋମନାଥ ବାବାଙ୍କ ମନ୍ଦିର ସମେତ ତିନି ପ୍ରମୁଖ ଶୀତଳଷଷ୍ଠୀ ଯାତ୍ରା କମିଟି ନନ୍ଦପଡ଼ା ବମବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଶ୍ରୀଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ପୀଠରେ ସାମାଜିକ ପରମ୍ପରା ଅନୁସାରେ ଥାଳଉଠା ପର୍ବ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ ଯେ, ପ୍ରାୟ ୪ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସମ୍ବଲପୁରରେ ଥାଳଉଠା ପରମ୍ପରା ପବିତ୍ର ଅକ୍ଷୟତୃତୀୟା ତିଥିରେ ହୋଇଆସୁଛି। ପିତଳ ଓ ରୌପ୍ୟ ଥାଳିରେ ବେଲପତ୍ର, ପଦ୍ମଫୁଲ ରଖାଯାଇ ହଳଦିଆ, ଲାଲ ରଙ୍ଗର ପାଟବସ୍ତ୍ରରେ ସଜ୍ଜିତ ଥାଳକୁ ଧରି ଚଳିତବର୍ଷ ଜଗତଜନନୀ ମାତା ପାର୍ବତୀ ମାତାପିତା ଦାୟୀତ୍ୱ ଗ୍ରହଣ କରିବା ପାଇଁ ସଙ୍କଳ୍ପ କରି ଜଗଜ୍ଜନନୀ ମାତା ପାର୍ବତୀ ଓ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ। ଏହି ସମୟରେ ବାଜା, ଘଣ୍ଟ, ଶଙ୍ଖନାଦ ସହିତ ଭକ୍ତଙ୍କ ହରିବୋଲ ଧ୍ୱନିରେ ସମଗ୍ର ଶୈବପୀଠ ଦୁଲୁକି ଉଠିଥିଲା।

ଏହି କ୍ରମରେ ଶୁକ୍ରବାର ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ମାତା ପାର୍ବତୀଙ୍କ କନ୍ୟା ରୂପେ ଗ୍ରହଣ କରିଛନ୍ତି ଚାରଭାଟିର ସୁମନ୍ତ ପଣ୍ଡ(ବାବୁଲି) ଓ ତାଙ୍କ ସ୍ତ୍ରୀ ନୀତିପ୍ରୀୟା ଦେବୀ, ବରପିତା ଭୂମିକାରେ ରହିଛନ୍ତି ରାମପ୍ରସାଦ ମିଶ୍ର। ପୂଜକ ଦାୟିତ୍ୱରେ ଥିଲେ ବିଭୂତି ଭୂଷଣ ମିଶ୍ର। ଏହି ପବିତ୍ର ଥାଳଉଠା ପର୍ବରେ ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର। ଠିକ ସେହିପରି ଝାଡୁଆପଡାର ଲୋକନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାପାଇଁ ଥାଳଉଠା କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ରୀତିମୁକ୍ତା ମହାନ୍ତି ପାର୍ବତୀ ପିତାମାତା ଭାବେ ସଙ୍କଳ୍ପ କରିଥିଲେ। ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ ମହେନ୍ଦ୍ର ପୂଜାରୀ। ବର ମାତାପିତା ଭାବେ ଅମୟ ସୂପକାର ଏବଂ ଅମରନାଥ ସୂପକାର ଦାୟିତ୍ୱ ଗ୍ରହଣ କରିଥିବା ବେଳେ ମନ୍ଦିର ପୂଜକ ରାମନାଥ ମହାପାତ୍ର ଥାଳଉଠା ପର୍ବରେ ଉପସ୍ଥିତ ରହିଥିଲେ। ସେହିପରି ମୁଦିପଡା ଜାଗେଶ୍ୱର ବାବାଙ୍କ ମନ୍ଦିରରେ ଅନୁଷ୍ଠିତ ଥାଳଉଠା କାର୍ଯ୍ୟକ୍ରମରେ ଡା. ସଂଯୁକ୍ତା ପଣ୍ଡା ଏବଂ ଡା. ସୁଧାଂଶୁ ଶେଖର ପଣ୍ଡା ପାର୍ବତୀଙ୍କ ମାତାପିତା ହେବା ପାଇଁ ସଙ୍କଳ୍ପ କରିଛନ୍ତି। ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା ଥାଳଉଠା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମନ୍ଦିର ପୂଜକ ଗୋବିନ୍ଦ ପଣ୍ଡା ଉପସ୍ଥିତ ରହିଥିଲେ। ମନ୍ଦିର ଗୁଡ଼ିକରେ ଥାଳଉଠା ପର୍ବ ସମ୍ପନ୍ନ ହେବା ପରେ ପଡାର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଥାଳ ଧରି ଶୀତଳଷଷ୍ଠୀ ଯାତ୍ରା ପାଇଁ ପଡାର ଘରକୁ ଘର ବୁଲି ଅର୍ଥ ସଂଗ୍ରହ ଆରମ୍ଭ କରିଥିଲେ।

# ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

ଅତାବିରା, ୧୦।୫ (ହୃଷୀକେଶ ଖମାରୀ)


ଅତାବିରା ଆର୍‌ଏମ୍‌ସି ଅଧୀନ ଅତାବିରା ମଣ୍ଡିରେ ବରଗଡ଼ ଉପଜିଲାପାଳ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରୁଛନ୍ତି।

ବରଗଡ଼ ଜିଲାରେ ଶୁକ୍ରବାରରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଅତାବିରା ମଣ୍ଡିକୁ ଯାଇ ଆର୍‌ଏମ୍‌ସି ଅଧ୍ୟକ୍ଷ ତଥା ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆରମ୍ଭ କରିଥିଲେ। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ (ଏସିଏସ୍‌ଓ) ବି. ମାଝି, ଆର୍‌ଏମ୍‌ସି ସମ୍ପାଦକ ଡୋଲାମଣି ପୁରୋହିତ, ସହକାରୀ ସମବାୟ ନିବନ୍ଧକ (ଏଆର୍‌ସିଏସ୍) ନିରଞ୍ଜନ ସେଟ, ଯୋଗାଣ ବିଭାଗ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣ, ନିରୀକ୍ଷକ ଗୀତାଞ୍ଜଳି ଢ଼ାଲି, ସମବାୟ ଅଧିକାରୀ ସରୋଜ ମେହେର, ମଣ୍ଡି ଇନଚାର୍ଜ ଅଜୟ ବେହେରା, ଗୋପୀନାଥ ନାୟାର, ସୁଦାମ ପାଣିଗ୍ରାହୀ, ଭଗବାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅତାବିରା ଆର୍‌ଏମ୍‌ସି ଅଧୀନ ବିଭିନ୍ନ ମଣ୍ଡିରେ ୧୦ହଜାର ୮୬୨ପ୍ୟାକେଟ୍ ଧାନ ସଂଗ୍ରହ ହୋଇଛି। ସେଥିମଧ୍ୟରୁ ୭୫୩ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ଆର୍‌ଏମ୍‌ସି ସୂତ୍ରରୁ ସୂଚନା ମିଳିଛି। ଅନୁରୂପ ଭାବେ ଗୋଡ଼ଭଗା ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା। ସେଠାରେ ଚାଷୀନେତା ବୀରେନ୍ଦ୍ର କରଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ଉପସ୍ଥିତ ରହି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ପର୍ଯ୍ୟାୟକ୍ରମେ ବରଗଡ଼ ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

# ପ୍ରଣବ-ଧର୍ମେନ୍ଦ୍ର କୋଳାକୋଳି

## ଏକାଠି ବସିଲେ ଜୟନାରାୟଣ, ରୋହିତ

ସମ୍ବଲପୁର, ୧୦।୫ (ଭବାନୀଶଙ୍କର ଭୋଇ)


ଥାଳଉଠା କାର୍ଯ୍ୟକ୍ରମରେ ଭାଜପା ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡି ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କୋଳାକୋଳି ହେଉଛନ୍ତି।


ମନ୍ଦିର ପ୍ରାଙ୍ଗଣରେ ବିଜେଡି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଏବଂ ଭାଜପା ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର।

ପବିତ୍ର ଅକ୍ଷୟତୃତୀୟା ଅବସରରେ ସମ୍ବଲପୁରର ଗଣପର୍ବ ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠାପର୍ବ ସମ୍ପନ୍ନ ହୋଇଛି। ତେବେ ଥାଳଉଠା ପର୍ବ ଅବସରରେ ସମ୍ବଲପୁରର ରାଜନୈତିକ ମାହୋଲରେ ଭିନ୍ନ ଏକ ଚିତ୍ର ଦେଖିବାକୁ ମିଳିଥିଲା। ପ୍ରତିଦିନ ବିଜେଡି ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଥିବାବେଳେ ପରସ୍ପରର ଦୋଷ ଦୁର୍ବଳତାକୁ ପଦାରେ ପକାଇ ଅପଦସ୍ଥ କରିବାକୁ ପଛାଉ ନାହାନ୍ତି। ତେବେ ରାଜନୀତିରେ ଏଭଳି ବିଚିତ୍ର ଦୃଶ୍ୟଠାରୁ ଥାଳଉଠା ପର୍ବରେ ଉଭୟ ଦଳର ନେତାଙ୍କର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି, ରାଜ୍ୟବାସୀଙ୍କୁ ବେଶ୍ ଉତ୍ସାହିତ କରିପାରିଛି। ଭାଜପାର ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିରରେ ଥାଳ ଉଠାପର୍ବରେ ଯୋଗ ଦେବାକୁ ପହଞ୍ଚିଥିଲେ। ଏହି ସମୟରେ ବିଜେଡିର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି) ଏବଂ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ସମାନ କାର୍ଯ୍ୟକ୍ରମରେ ମନ୍ଦିରରେ ପହଞ୍ଚିଥିଲେ। ହଠାତ ଧର୍ମେନ୍ଦ୍ରଙ୍କୁ ଦେଖି ବବି ଦାସ ତାଙ୍କ ପାଖକୁ ପହଞ୍ଚିବା ପରେ ପରସ୍ପରକୁ ଆଲିଙ୍ଗନ କରିଥିଲେ। ହଠାତ୍ ଏହି ଦୃଶ୍ୟ ଦେଖି ଉଭୟଙ୍କ ସମର୍ଥକ ଏବଂ ଭକ୍ତମାନେ ବିସ୍ମିତ ହୋଇଯାଇଥିଲେ। ପରସ୍ପର ପ୍ରତି କଟୁକ୍ତି ଏବଂ ଆକ୍ଷେପଭରା ବାର୍ତ୍ତା ଶୁଣି ଆସୁଥିବା ଜନସାଧାରଣ ରାଜନୀତିର ଏହି ଦୃଶ୍ୟକୁ ନିଜ ଢଙ୍ଗରେ ବ୍ୟାଖ୍ୟା କରିଥିଲେ। ଉଭୟେ କ'ଣ କଥା ହେଲେ ତାହା ଭିଡ଼ ଭିତରେ ଶୁଣିବା ସମ୍ଭବ ନ ଥିଲା। ତେବେ ଉଭୟଙ୍କ ଭାବଭଙ୍ଗୀରୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭୟେ ଛିଡା ହୋଇଥିବା ଭଳି ଅନୁମାନ କରିବା କଷ୍ଟକର ହୋଇପଡିଥିଲା। ସମାନ ଭାବରେ ଭାଜପା ପ୍ରାର୍ଥୀ ଜୟନାରାୟଣ ଏବଂ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ପାଖରେ ବସି କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ଚାରିଜଣଯାକ ଝାଡୁଆପଡ଼ାର ଲୋକନାଥ ବାବାଙ୍କ ମନ୍ଦିରରେ ଥାଳଉଠା ପର୍ବରେ ଏକାଠି ବସି ପୂଜାରେ ସାମିଲ ହୋଇଥିଲେ। ପରେ ଥାଳଉଠା ସମୟରେ ଚାରିଜଣ ଯାକ ଏକାସାଙ୍ଗରେ ଥାଳ ଧରିବା ସହ ଶୀତଳଷଷ୍ଠୀ ପାଇଁ ଦାନ ଅର୍ଥ ପ୍ରଦାନ କରିଥିଲେ। ଲଗାତାର ଆରୋପ ପ୍ରତ୍ୟାରୋପ ଭିତରେ ଥାଳଉଠା ସମୟର ଦୃଶ୍ୟ ପୂରା ସମ୍ବଲପୁରବାସୀଙ୍କୁ ଭିନ୍ନ ଏକ ଚର୍ଚ୍ଚାର ଖୋରାକ ଯୋଗାଇଥିଲା।

# ସଂଖ୍ୟାଲଘୁ ସରକାରକୁ ବରଖାସ୍ତ କର

## ହରିୟାଣା ରାଜ୍ୟପାଳଙ୍କୁ ଦାବି ଜଣାଇଲା କଂଗ୍ରେସ

ଚଣ୍ଡିଗଡ଼, ୧୦।୫ (ପି.ଟି.)

ହରିୟାଣାର ସଂଖ୍ୟାଲଘୁ ଭାଜପା ସରକାରକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଅଧୀନରେ ସାନି ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେବାକୁ କଂଗ୍ରେସ ଦାବି କରିଛି। କଂଗ୍ରେସ ବିଧାୟକ ଦଳର ମୁଖ୍ୟ ହ୍ୱିଇପ୍ ତଥା ବରିଷ୍ଠ ନେତା ବି.ବି. ବାତ୍ରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ପରେ ସୃଷ୍ଟ ରାଜନୈତିକ ସଙ୍କଟ ଦୂର ପାଇଁ ସେମାନେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଦୁଇବର୍ଷ ପୂର୍ବରୁ ଅନ୍ୟତମ ସ୍ୱାଧୀନ ବିଧାୟକ ବଲରାଜ କୁଣ୍ଡୁ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲେ। ସ୍ମାରକପତ୍ରରେ କୁହାଯାଇଛି, ବିଧାନସଭାରେ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା ସ୍ପଷ୍ଟ ହୋଇଛି। ୯୦ ଆସନ ବିଶିଷ୍ଟ ବିଧାନସଭାରେ ୨ ଆସନ ଖାଲି ପଡ଼ିଥିବାରୁ ବର୍ତ୍ତମାନ ୮୮ ସଦସ୍ୟ ରହିଥିବାବେଳେ ମ୍ୟାଜିକ୍ ନମ୍ବର ୪୫। ସରକାରଙ୍କ ପାଖରେ ଏବେ ୪୩ ବିଧାୟକଙ୍କ ସମର୍ଥନ ରହିଥିବାବେଳେ କଂଗ୍ରେସର ୩୦ ବିଧାୟକଙ୍କ ସହ ଜେଜେପିର ୧୦, ଆଇଏନ୍‌ଏଲ୍‌ଡିର ଜଣେ, ସମର୍ଥନ ପ୍ରତ୍ୟାହାର କରିଥିବା ୩ ସ୍ୱାଧୀନ ବିଧାୟକ ଏବଂ ବଲରାଜ କୁଣ୍ଡୁଙ୍କୁ ମିଶାଇ ୪୫ ବିଧାୟକ ସରକାରଙ୍କୁ ବିରୋଧ କରୁଛନ୍ତି। ତେଣୁ ନାଏବ ସିଂ ସରକାର ସଂଖ୍ୟାଗରିଷ୍ଠ ବିଧାୟକଙ୍କ ଆସ୍ଥା ହରାଇଥିବା ସ୍ପଷ୍ଟ। ବର୍ତ୍ତମାନ ସ୍ଥିତିରେ କଂଗ୍ରେସ ସରକାର ଗଢ଼ିବାକୁ ଚାହେଁ ନାହିଁ ବୋଲି ବାତ୍ରା ଖବରଦାତାମାନଙ୍କୁ କହିଛନ୍ତି। ତେଣୁ ସଂଖ୍ୟାଲଘୁ ସରକାରକୁ ଭାଙ୍ଗି ସାନି ନିର୍ବାଚନ ଘୋଷଣା କରାଯାଉ ବୋଲି ସେ ଦାବି କରିଛନ୍ତି।

# ୯,୦୧୮ ପ୍ଲଟ୍‌ରେ ମିଛ ଧାନଚାଷ

## ସାଟେଲାଇଟ୍ ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହେଲା

ସୋନପୁର, ୧୦।୫ (ମୃତ୍ୟୁଞ୍ଜୟ ଶତପଥୀ)

ଧାନଚାଷ ନାହିଁ, ହେଲେ ଜମିରେ ରବି ଚାଷ ହୋଇଛି ଦର୍ଶାଇ ଶତାଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ହୋଇଥିବା ସାଟେଲାଇଟ୍ ସର୍ଭେ(ଉପଗ୍ରହ ସର୍ବେକ୍ଷଣ) କିନ୍ତୁ ଏହି ଜାଲିଆତି ଧରା ପକାଇଛି। ପଞ୍ଜୀକରଣ

**ସୁବର୍ଣ୍ଣପୁର ଜିଲା**


ବିନିକା ବ୍ଲକରେ ଏକ ଜଙ୍ଗଲିଆ ପଡ଼ିଆ ଜମିକୁ ଧାନଚାଷ ହୋଇଥିବା ଦର୍ଶାଇ ପଞ୍ଜୀକରଣ କରାଯାଇଥିଲା।


ସୋନପୁର ବ୍ଲକରେ ଏକ ରାସ୍ତାରେ ଧାନଚାଷ ହୋଇଥିବା ଦର୍ଶାଇ ପଞ୍ଜୀକରଣ କରାଯାଇଥିଲା।

ହୋଇଥିବା ଜମି କେଉଁଠି ଘାସବଣ ତ ଆଉ କେଉଁଠି ରାସ୍ତା, ଆଉ ପୁଣି କେଉଁଠି ପଡ଼ିଆ ଓ ଜଳାଶୟ ରହିଛି। ଗୋଟିଏ କି ଦୁଇଟି ନୁହେଁ, ସୁବର୍ଣ୍ଣପୁର ଜିଲାରେ ୧୦ ହଜାର ୨୦୮ଟି ପ୍ଲଟରେ ରବି ଧାନ ଚାଷ ହୋଇଛି ବୋଲି ଦର୍ଶାଯାଇଥିଲା। ହେଲେ ସାଟେଲାଇଟ୍ ସର୍ଭେରୁ ଏହି ପ୍ଲଟଗୁଡିକରେ ଧାନଚାଷ ହୋଇ ନ ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ସାଟେଲାଇଟ୍ ସର୍ଭେ ରିପୋର୍ଟ ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ସର୍ଭେ ଚାଲିଛି। ଆଉ କ୍ଷେତ୍ରୀୟ ସର୍ଭେ ପରେ ସତକଥା ସାମ୍ନାକୁ ଆସିଛି। ୨୦୨୩-୨୪ ରବିଋତୁରେ ସୁବର୍ଣ୍ଣପୁର ଜିଲାର ପ୍ରାୟ ୩୪ ହଜାର ହେକ୍ଟର ଜଳସେଚିତ ଜମିରେ ଧାନଚାଷ ହୋଇଛି। ଜିଲାର ୩୫ ହଜାର ୫୮୦ ଚାଷୀ ଧାନ ବିକ୍ରି କରିବାକୁ ଧାନକିଣାରେ ସାମିଲ ହୋଇଥିବା ୬୦ ପାକ୍ସ ଓ ୩୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଥିଲେ। ହେଲେ ପୂର୍ବ ବର୍ଷଗୁଡିକ ଭଳି ବହୁ ଜମିରେ ଧାନଚାଷ ହୋଇ ନ ଥିବା ଓ ଅସାଧୁ ବ୍ୟକ୍ତି ସରକାରୀ ଦରରେ ଧାନ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ରାଜସ୍ୱ ନିରୀକ୍ଷକ, ଗ୍ରାମ କୃଷି କର୍ମଚାରୀ, ପାକ୍ସ ସମ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଜଳସମ୍ପଦ ବିଭାଗର କର୍ମଚାରୀଙ୍କ କ୍ଷେତ୍ରୀୟ ସର୍ଭେ ପରେ ୧୯୧ ଚାଷୀଙ୍କ ଧାନଚାଷ ହୋଇ ନ ଥିବା ଶତାଧିକ ଏକର ଜମିର ପଞ୍ଜୀକରଣକୁ ବାତିଲ କରିଥିଲେ। ତେବେ ସ୍ୱଳ୍ପସଂଖ୍ୟକ କର୍ମଚାରୀ ଏତେ ପରିମାଣର ଚାଷଜମିକୁ ଠିକ୍ ଭାବେ ଅନୁଧ୍ୟାନ କରିପାରି ନ ଥିଲେ। ଠିକ୍ ତଥ୍ୟ ପାଇବା ପାଇଁ ସରକାର ପୁଣି ଥରେ ସାଟେଲାଇଟ୍ ସର୍ଭେ ମାଧ୍ୟମରେ ଧାନ ଚାଷର ସର୍ଭେ କରିଥିଲେ। ଜିଲାର ୬ଟି ତହସିଲର ଧାନଚାଷ ହୋଇଥିବା ଗ୍ରାମଗୁଡିକୁ ସର୍ଭେ ପରେ ୧୦୨୦୮ ପ୍ଲଟରେ ଧାନଚାଷ ହୋଇ ନ ଥିବା ଜଣାପଡିଥିଲା। ସାଟେଲାଇଟ୍ ସର୍ଭେକୁ ଆହୁରି ନିର୍ଭୁଲ କରିବା ପାଇଁ ପାକ୍ସ ସମ୍ପାଦକ, ଡିଇଓ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଡିଇଓ କ୍ଷେତ୍ର ପରିଦର୍ଶନ କରି ମୋବାଇଲ୍ ଆପ୍ ଜରିଆରେ ସର୍ଭେ କରିବାକୁ ରାଜ୍ୟ ସରକାର ଜିଲାପାଳଙ୍କ ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ଏହି କାମରେ ଜିଲାର ୨୩୨ ଜଣ ନିୟୋଜିତ ହୋଇ ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ପ୍ଲଟଗୁଡିକୁ ପୁନଃ ସର୍ଭେ କରୁଛନ୍ତି। ଆଉ ଚାଷ ହୋଇ ନ ଥିବା ଜମିର ଫଟୋ ଉଠାଇ ବିଭାଗୀୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରୁଛନ୍ତି। ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ମୋଟ ୧୦୨୦୮ ପ୍ଲଟ୍‌ରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୧୦୦୭୨ ପ୍ଲଟରେ ସର୍ଭେ ସରିଛି। ସେଥିମଧ୍ୟରୁ ୯୦୧୮ ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ବାକି ୧୩୬ ପ୍ଲଟର କ୍ଷେତ୍ରୀୟ ସର୍ଭେ ବାକି ଅଛି। ସର୍ଭେ ସରି ନ ଥିଲେ ସମ୍ପୃକ୍ତ ପ୍ଲଟ୍‌ଗୁଡିକ ସକାଶେ ଧାନ ବିକ୍ରି ପାଇଁ ଟୋକନ ମିଳିବ ନାହିଁ ବୋଲି ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି। ତେବେ ସର୍ଭେ ଅନୁସାରେ ଧାନଚାଷ ହୋଇ ନ ଥିବାବେଳେ ଧାନ ବିକ୍ରି କରିବା ପାଇଁ ଚାଷୀ ମିଥ୍ୟା ତଥ୍ୟ ଦେଇ ପଞ୍ଜୀକରଣ ପାଇଁ ଆବେଦନ କରିଥିବା ସ୍ପଷ୍ଟ ହୋଇଛି। କ୍ଷେତ୍ର ସର୍ଭେ ସମୟରେ ସେ ସବୁ ଜମି ଘାସବଣ, ରାସ୍ତା, ପଡିଆ, ମତ୍ସ୍ୟ ପୋଖରୀ, ଘରବାଡି, ଅନାବାଦୀ ଓ ଟାଙ୍ଗରା ଭୂଇଁ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଜିଲାର କେତେଜଣ ଅସାଧୁ ବ୍ୟବସାୟୀ ବାହାର ଜିଲାରୁ ଧାନ ଆଣି ଚଞ୍ଚକତା କରି ମଣ୍ଡିରେ ସରକାରୀ ଦରରେ ଧାନ ବିକ୍ରି କରି କୋଟିପତି ହେଉଛନ୍ତି। କିନ୍ତୁ ପ୍ରକୃତ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ନ ପାରି କ୍ଷତି ସହୁଛି। ଆସନ୍ତା ୨୨ ତାରିଖରୁ ଧାନ କ୍ରୟ ଆରମ୍ଭ କରିବାକୁ ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆସରିଛି। ତଦନୁଯାୟୀ ଧାର୍ଯ୍ୟ ତାରିଖ ପୂର୍ବରୁ ସନ୍ଦିଗ୍ଧ ପ୍ଲଟ୍ ଗୁଡିକର କ୍ଷେତ୍ରୀୟ ସର୍ଭେ ସାରିବାକୁ ଚାଷୀ ସଙ୍ଗଠନଗୁଡିକ ପକ୍ଷରୁ ଦାବି ହେଉଛି। ପ୍ରକାଶ ଯେ, ପୂର୍ବରୁ ଧାନକିଣାରେ ବ୍ୟାପକ ଦୁର୍ନୀତି ହେଉଥିଲା। ଚାଷ ହୋଇ ନ ଥିବା ଜମି ଗୁଡିକୁ ପଞ୍ଜିକରଣ କରି କିଛି ବ୍ୟବସାୟୀ ସରକାରୀ ଦରରେ ଧାନ ବିକ୍ରି ନାମରେ ମାଲେମାଲ ହେଉଥିଲେ। ଏହି ଜାଲିଆତି ରୋକିବା ପାଇଁ ୨୦୨୨ ରବି ଋତୁଠାରୁ ସରକାର ସାଟେଲାଇଟ୍ ସର୍ଭେ କରୁଛନ୍ତି।

## ସଂକ୍ଷେପରେ

### ୪ ଡକାୟତ ଗିରଫ: ମାରଣାସ୍ତ୍ର, ବାଇକ୍ ଜବତ

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ଥାନା ଅନ୍ତର୍ଗତ ପଦ୍ମପୁର-ସୋହେଲା ରାସ୍ତା ଚଣ୍ଡିପାଲି ଛକ ନିକଟବର୍ତ୍ତୀ ରାଇସମିଲ ନିକଟରେ ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ ଟିମ୍ ଡକାୟତି ପାଇଁ ଉଦ୍ୟମ କରୁଥିବା ୪ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଇସିଲେଟ ଥାନା ଖୁଣ୍ଟପାଲି ଗାଁର ଦେବାର୍ଚ୍ଚନ ଏଲିଆସ ଦିନ ବାରିକ, ପଦ୍ମପୁର ଥାନା ଖଇରପାଲି ଗାଁର ହରି ପୁଟେଲ ଓ ବଲ୍ଲଭ ମଟାରୀ, ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଜ୍ଞାନ ଗାଁର ମଟୁ ଏଲିଆସ ବିନୟ ଭୋଇ। ଏମାନେ ଏକ ନିଛାଟିଆ ଅନ୍ଧାର ଯାଗାରେ ରହି ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢାଉ କରିଥିଲା। ପୋଲିସ ତାଙ୍କ ନିକଟରୁ କଳା ରଙ୍ଗର ପଲସର ବାଇକ (ନଂ.ଓଡି୧୭ଏବି ୪୯୦୮), ଦେଶୀ ବନ୍ଧୁକ ସହ ଟର୍ଚ୍ଚ ଲାଇଟ, ଚାକୁ, ରହି, ମରିଚଗୁଣ୍ଡ, ଲୁହାରଡ ଓ ମାରଣାସ୍ତ୍ର ଜବତ ହୋଇଛି। ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୭୩/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଭଗବାନ ପର୍ଶୁରାମ ଜୟନ୍ତୀ

**ଗାଇସିଲେଟ,୧୦।୫(ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟାରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜନ୍ମୋତ୍ସବ ସକାଶେ ସକାଳ ୭ଟାରୁ ପୂଜାର୍ଚ୍ଚନା କରି ମନ୍ଦିର ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡା, ପଣ୍ଡିତ ସଦାନନ୍ଦ ପାଢ଼ୀ ଓ ପଣ୍ଡିତ ନବିନ ତ୍ରିପାଠୀ ହୋମଯଜ୍ଞ କରିଥିଲେ। ପରେ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ସମାଜ ପକ୍ଷରୁ ଶତାଧିକ ବ୍ରାହ୍ମଣ ସମାଜ ସଭ୍ୟମାନେ ବାଇକରେ ଗୈରିକ ଧ୍ୱଜାବାନ୍ଧି ବିଭିନ୍ନ ସ୍ଲୋଗାନ ଦେଇ ବରଗାଙ୍ଗଲି ମନ୍ଦିର ଦେଇ ଶହୀଦ ଛକ, କଲଙ୍ଗାପାଲିବସ୍ତି କଲେଜ ଛକ ଦେଇ ପର୍ଶୁରାମ ଛକକୁ ଆସିଥିଲେ। ସେଠାରେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ରରେ ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରି ବ୍ଲକ, ବଜାର, ବସଷ୍ଟାଣ୍ଡ ଦେଇ ବସ୍ତି ପରିକ୍ରମା କରିଥିଲେ।

### ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଅକ୍ଷୟ ତୃତୀୟା ପାଳିତ

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ):** ପଦ୍ମପୁରଠାରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଅକ୍ଷୟ ତୃତୀୟା ଡ଼ଙ୍ଗାଘାଟଠାରେ ଗ୍ରାମବାସୀଙ୍କ ସହଯୋଗରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମ କାର୍ତ୍ତିକ ରାଣଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ଏବଂ ସଙ୍ଗଠନ ଅଶୋକ ସାହୁ, ରୋହିତ ପଧାନ, ସୁବାସ ସାମନ୍ତରାୟ, ଲିଙ୍ଗରାଜ ପଧାନ, ଅଜୀତ ଶତପଥୀ ଯୋଗଦେଇ ପର୍ବର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ନିରାକାର ସାହୁ, ମୀନକେତନ ବିଶ୍ୱାଳ, ବିଜୟ ସାହୁ ସହିତ ଗ୍ରାମବାସୀ ଗୌର ଚନ୍ଦ୍ର ସାହୁ, ଭଗରଥୀ ବାରିକ, ଭୋପାଲ ବାଘ ଯୋଗ ଦେଇଥିଲେ।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ରାହ୍ମଣ ପଡାରେ ରହୁଥିବା ଧର୍ମପରାୟଣା ମହିଳା ବିନୋଦିନୀ ତ୍ରିପାଠୀ(୮୬)ଙ୍କ ପରଲୋକ ହୋଇଛି। ତାଙ୍କ ନିଜ ଗ୍ରାମ ସୋନପୁର ଭାଲିଆମୁଣ୍ଡା ଅଟେ। ସେ ଦୀର୍ଘ ବର୍ଷ ହେବ ପଦ୍ମପୁରରେ ନିଜ ଝିଅଜ୍ୱାଇଁ ନିକଟରେ ରହୁଥିଲେ। ତାଙ୍କ ପଛରେ ଏକମାତ୍ର ପୁତ୍ର ପ୍ରମୋଦ ଝିଅ ବିଲାସିନି, ସୁଷମା, ଜ୍ୱାଇଁ ମହେଶ, ଗୋପୀନାଥ ଓ ପରିବାର ବର୍ଗ ରହିଛନ୍ତି। ପଦ୍ମପୁର ସ୍ୱର୍ଗ ଦ୍ୱାରରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ଜ୍ୱାଇଁ ଗୋପିନାଥ ବେହେରା ମୁଖାଗ୍ନି ଦେଇଥିଲେ। ସେ ଜଣେ ଧର୍ମପାରାୟଣା ମହିଳା ଓ ପରୋପକାରୀ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିଜେଡିର ମିଶ୍ରଣ ପର୍ବ

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣ ପର୍ବଅନୁଷ୍ଠିତ ହୋଇଯାଇଛି। ଯୁବନେତା ଭୋଜରାଜ ସିଂ ବରିହାଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଖାରବନ୍ଧ ବ୍ଲକ ଗୁଠୁଗୁଡା ଭାଜପାର ପଞ୍ଚାୟତ ସଭାପତି ମହେନ୍ଦ୍ର ବାରିକ, ପୂର୍ବତନ ସଭାପତି ଧନୁର୍ଜ୍ଜୟ ସାହୁଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ବିଜେଡିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବିଶନାଥ ନାୟକ, କୋଅର୍ଡିନେଟର ରାଜୁ ଘିଭେଲା ସମସ୍ତଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ।

# ସଂଗ୍ରାମୀ ଗ୍ରାମକୁ ସ୍ୱାସ୍ଥ୍ୟସେବା ଅପହଞ୍ଚ

**ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)**

- ନିୟମିତ ଆସୁ ନାହାନ୍ତି ଡାକ୍ତର, ଫାର୍ମାସିଷ୍ଟ
- ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଗ୍ରାମବାସୀଙ୍କ ଭରସା
- ଗ୍ରାମବାସୀ ସିଡିଏମ୍‌ଓଙ୍କୁ ଫେରାଦ

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପାଣିମୋରା ସଂଗ୍ରାମୀ ଗ୍ରାମ ବୋଲି ପରିଚିତ। ଉକ୍ତ ଗ୍ରାମରେ ୩୨ଜଣ ସ୍ୱାଧୀନତା ସଂଗ୍ରାମୀ ଜନ୍ମ ନେଇଥିଲେ। ମାତ୍ର ଏହି ସଂଗ୍ରାମୀ ଗ୍ରାମକୁ ସ୍ୱାଧୀନତାର ୭୨ପରେ ମଧ୍ୟ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଗ୍ରାମରେ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ସୁଦ୍ଧା ନିୟମିତ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ନ ଥିବା ଯୋଗୁ ଗ୍ରାମବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇ ନ ପାରି ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏଭଳି ଅଭିଯୋଗ ନେଇ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ଦାବିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଚାରୁବାଳା ରଥଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ପ୍ରାୟ ୮ରୁ ୧୦ବର୍ଷ ହେଲା ଗ୍ରାମରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ପଦବୀ ଖାଲି ପଡ଼ିଛି। ଏଠାରେ ନିଯୁକ୍ତ ଡାକ୍ତର ମାସକୁ ୫ରୁ ୭ଦିନ କେବଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଗ୍ରାମବାସୀ କହିଛନ୍ତି। ସେହିପରି ଫାର୍ମାସିଷ୍ଟ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ପ୍ରାଥମିକ ଚିକିତ୍ସା ପାଇଁ ମଧ୍ୟ ସୋହେଲା କିମ୍ବା ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ଏଏନ୍‌ଏମ ପଦବୀ ମଧ୍ୟ ଗ୍ରାମର ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଯୋଗୁ ଟୀକାକରଣ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହେଉଛି। ସେହିପରି ଯେଉଁଦିନ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି, କେବଳ ଅଧାଦିନ ରହୁଥିବା ଅଭିଯୋଗ ହୋଇଛି। ଏହା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷାକର୍ମୀ ନିୟୋଜିତ ନ ଥିବାବେଳେ ପର୍ଯ୍ୟାପ୍ତ ଔଷଧ ମଧ୍ୟ ମହଜୁଦ ରହୁ ନ ଥିବା ଯୋଗୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଉପରୋକ୍ତ ସମସ୍ୟା ସମୂହର ତୁରନ୍ତ ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ସ୍ଥାନୀୟ ସରପଞ୍ଚ ମହରଗୀ ସାହୁ, ସମିତିସଭ୍ୟା ରେଣୁକା ପରଡ଼ିଆ, ବୃନ୍ଦାବନ ନାୟକଙ୍କ ସମେତ ଅନେକ ଗ୍ରାମବାସୀଙ୍କ ସ୍ୱାକ୍ଷର ରହିଛି।



ସିଡିଏମ୍‌ଓଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

# ବିଷମୁକ୍ତ ଚାଷ, ରୋଗମୁକ୍ତ ଖାଦ୍ୟ ପାଇଁ ଆହ୍ୱାନ

**ପାଇକମାଲ,୧୦।୫(ବଡ ଶତପଥୀ)**

**ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଅକ୍ଷୟ ତୃତୀୟା ପାଳନ**

ବରଗଡ ଜିଲା ପାଇକମାଲ ବ୍ଲକ ଜୟ କିଷାନ ଆନ୍ଦୋଳନ କୃଷକ ସଂଘ ପକ୍ଷରୁ ପଳସଦା ଗ୍ରାମପଞ୍ଚାୟତ କୁଆପାଲି ଗ୍ରାମରେ ଅକ୍ଷୟ ତୃତୀୟା ଶୁକ୍ରବାର ପାଳିତ ହୋଇଛି। ଗ୍ରାମର ଗୋପାଳ ପଟେଲଙ୍କ ଘରୁ ମହାଆଡମ୍ବରରେ ମହିଳା ସଙ୍କୀର୍ତ୍ତନ ଦ୍ୱାରା ଅକ୍ଷୀମୁଠୀ ଭାର ବାହାର କରି ତାଙ୍କ ଚାଷ ଜମିରେ ମାଟି ମାତା, ପ୍ରଭୁ ବଳରାମଙ୍କୁ, ହଳଙ୍କ ରୀତିନୀତି ଅନୁସାରେ ପୂଜା କରାଯାଇଥିଲା। ବନ୍ଦେମାନଙ୍କୁ ଧାନ ବୁଣିଆ ଅକ୍ଷିମୁଠୀ ଅନୁକୂଳ କରାଯାଇଥିଲା। ଏଥିରେ ବ୍ଲକ ସଭାପତି ବିଶନାଥ ରଣା, ରାହାସ ବିହାରୀ ସାହୁ, ବାଲକୃଷ୍ଣ ବଗ୍ରୋର, ପିତାମ୍ବର ସାହୁ, ରୂପଧର ସାହୁ, ଶ୍ରୀରାମ ସାହୁ, ଧାନ ବୁଣି ହଳକାମ କରିଥିଲେ। ପରେ ଭଜନ କୀର୍ତ୍ତନ ଦ୍ୱାରା ଗାଁ ପରିକ୍ରମାକରି ଗାଁ ଯଜ୍ଞମଣ୍ଡପଠାରେ ସଭାପତି ବିଶ୍ୱନାଥ ରଣାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରଣା ମାଟିମାତାର ସୁରକ୍ଷା ଉପରେ ଆଲୋକପାତ କରି ବିଷମୁକ୍ତ ଚାଷ ଓ ରୋଗମୁକ୍ତ ଖାଦ୍ୟ ପାଇଁ ଆହ୍ୱାନ ଦେଇ ସମସ୍ତେ ଖାଇବା ପାଇଁ ଜୈବିକ ଉପାୟରେ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଗୋକୁଳ ବରିହା, ଅଞ୍ଜଳୀ ସାହୁ, ରିନା ପଟେଲ ଓ ସାଥିମାନେ ସଙ୍କୀର୍ତ୍ତନ ପରିବେଷଣ କରି କାର୍ଯ୍ୟକ୍ରମ ଉତ୍ସବ ମୁଖରିତ କରିଥିଲେ।


ଅକ୍ଷିମୁଠି ଅନୁକୂଳ କରାଯାଉଛି।


ଶୀତଳଷଷ୍ଠୀ ଥାଳଉଠା କାର୍ଯ୍ୟକ୍ରମରେ କନ୍ୟା ମାତାପିତା ଓ ବର ମାତା ପିତା।

# ପଦ୍ମପୁର ଶୀତଳଷଷ୍ଠୀର ଥାଳ ଉଠିଲା

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଶୀତଳଷଷ୍ଠୀ କମିଟି ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ହେବାକୁ ଥିବା ଶୀତଳଷଷ୍ଠୀ ପାଇଁ ଶୁକ୍ରବାର ଆନୁଷ୍ଠାନିକ ଭାବେ ଶୀତଳଷଷ୍ଠୀର ଥାଳ ଉଠିଛି। ରାମେଶର ବାବାଙ୍କ ମାତାପିତା ରୁପେ ପଦ୍ମପୁର ମେହେର ପଡା ନିବାସୀ ସେବକ ମେହେର ଓ ମାଧବୀ ମେହେରଙ୍କୁ ପରମ ସୌଭାଗ୍ୟ ପ୍ରାପ୍ତି ହୋଇଥିବା ବେଳେ ଜଗତଜନନୀ ମାତା ପାର୍ବତୀଙ୍କ ମାତାପିତା ହେବା ପରମ ସୌଭାଗ୍ୟ ପଦ୍ମପୁର କେନାଲ ପଡା ନିବାସୀ ପ୍ରଶାନ୍ତ ପଟ୍ଟନାୟକ ଓ ଶାନ୍ତିପ୍ରିୟା ପଟ୍ଟନାୟକଙ୍କୁ ହୋଇଛି। ସକାଳ ୯.୩୦ରେ ଥାଳ ଉଠିବା ପରେ ପଦ୍ମପୁର ସହରବାସୀ ତଥା ଶୀତଳଷଷ୍ଠୀ ମହୋତ୍ସବ କମିଟି ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ରାମେଶ୍ୱର ବାବା ମନ୍ଦିରରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ କମିଟି ସମସ୍ତ ସଦସ୍ୟ ସକ୍ରିୟ ରୁପେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ।

# ସ୍ୱାମୀଙ୍କ ପାଇଁ ସ୍ତ୍ରୀଙ୍କ ପ୍ରଚାର

**ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କ ସ୍ତ୍ରୀ ମହାଶ୍ୱେତା ସ୍ୱାମୀଙ୍କ ପାଇଁ ନିର୍ବାଚନୀ ପ୍ରଚାରରେ ବାହାରିଛନ୍ତି। ସେ ବରଗଡ଼ ବ୍ଲକ ଅନ୍ତର୍ଗତ ଗୁଡ଼େଶିରା ଗ୍ରାମକୁ ପ୍ରଚାରରେ ଯାଇଥିଲେ। ଗ୍ରାମର ସମଲେଶ୍ୱରୀ ଦେବୀ ଏବଂ ମହାପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ପାଇଁ ଆଶୀର୍ବାଦ କାମନା କରିଥିଲେ। ଏହା ସହିତ ଗ୍ରାମର ଘରକୁ ଘର ବୁଲି ସ୍ୱାମୀ ଦେବେଶ ଏବଂ ଏମ୍‌ପି ପ୍ରାର୍ଥିନୀ ପରିଣିତା ମିଶ୍ରଙ୍କୁ ଭୋଟ୍ ଦେବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ତାଙ୍କ ସହିତ ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ନାରୀନେତ୍ରୀ ମିନାକ୍ଷୀ ମିଶ୍ର, ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ସୁଜାତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗ୍ରାମର ବରିଷ୍ଠ ବିଜେଡ଼ି ନେତା କୁଳମଣି ଦାଶ, ଲଳିତ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ମହିଳା, ପୁରୁଷ ସେମାନଙ୍କ ସହିତ ଘରକୁଘର ବୁଲିଥିଲେ।

# ପଦ୍ମପୁରରେ ଭାଜପାର ନିର୍ବାଚନ ପ୍ରଚାର

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏଙ୍କ ପ୍ରଚାର ପାଇଁ ପୂର୍ବତନ ରାଜ୍ୟ ସଭପତି ସମୀର ମହାନ୍ତି ଚାରପାଲି, ସାଁଙ୍ଗନପୁର ଗ୍ରାମରେ ପ୍ରଚାର କରିଥିଲେ। ଦୀର୍ଘ ୨୫ବର୍ଷ ଶାସନ ପରେ ମଧ ଲୋକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି, ତେଣୁ ଓଡ଼ିଶା ସରକାରଙ୍କୁ ବଦଳାଇ ପୁଣି ଥରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ପାଇଁ ଲୋକ ସଭା ପ୍ରାର୍ଥୀ ପ୍ରଦିପ ପୁରୋହିତ ଏବଂ ବିଧାନସଭା ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏଙ୍କୁ ବିପୁଳ ସଂଖ୍ୟାରେ ପଦ୍ମ ଫୁଲରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଭୋଟ ମାଗିଥିଲେ। ପ୍ରଚାରରେ ସରୋଜ ସାମଲ, ପ୍ରିତେଶ ବହିଦାର, ଚିନ୍ମୟ ପଣ୍ଡା, ଅଶୋକ ମିଶ୍ର, ଗୋବର୍ଦ୍ଧନ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ମକରଧ୍ୱଜ ବଗାର, ସରସ୍ୱତୀ ସାହୁ ସାମିଲ ଥିଲେ।

# ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ

**ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତାସ୍ଥିତ ଜନତା ହାଇସ୍କୁଲରେ ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଜନ୍ମଦିନ ଅବସରରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ମୋହନ ଚରଣ ମହାନ୍ତ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ରେଡ଼କ୍ରସର ମାର୍ଗଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀ ବିଶ୍ୱ ରେଡ଼କ୍ରସ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଏବଂ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ରେଡ଼କ୍ରସର ସଦସ୍ୟ, ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ବୋଧରାମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭଙ୍ଗରାଜପୁର ଗ୍ରାମପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ପାଇକମାଲ ବ୍ଲକ ଅନ୍ତର୍ଗତ ଭେଙ୍ଗରାଜପୁର ଗ୍ରାମପଞ୍ଚାୟତରେ ବିଜେଡି ଯୁବ ନେତା ଭୋଜରାଜ ସିଂ ବରିହାଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଗାମୀ ନିର୍ବାଚନରେ ପଦ୍ମପୁର ବିଧାନସଭା ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଓ ବରଗଡ ଲୋକ ସଭା ଏମ୍‌ପି ପ୍ରାର୍ଥିନୀ ପରିଣୀତା ମିଶ୍ର କିପରି ପୂର୍ବ ଅପେକ୍ଷା ଅଧିକ ଭୋଟରେ ବିଜୟୀ ହେବେ, ତା ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଧବଳେଶର ସାହୁ, ରାଜେଶର ମାଝି, ପଞ୍ଚାୟତ ସଭାପତି ଭୀଷ୍ମଦେବ ସାହୁ ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଜୁନ ବରିହା, ହୁତାସନ ପାଣ୍ଡେ, ଫଗୁଲାଲ ସାହୁ, ଲିଙ୍ଗରାଜ ସାହୁ, ଲକ୍ଷ୍ମୀକାନ୍ତ ପଧାନ, ଅମର ବରିହା, ୱାର୍ଡ ମେମ୍ବର ଯୁଧିଷ୍ଠିର ସୁନା, ଜଗନ୍ନାଥ ବାରିକ, ଡିଲେଶର ବରିହା, ମନୋରଞ୍ଜନ ଉନସନାଙ୍କ ସମେତ ପଞ୍ଚାୟତର ୧୦ଟି ଗ୍ରାମ ସମେତ ସକ୍ରିୟ କର୍ମୀ ଯୋଗଦେବା ସହ ନିଜ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ।

### ଆମ୍ ଆଦ୍‌ମୀ ପାର୍ଟିର ମିଶ୍ରଣ ପର୍ବ

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ):** ବରଗଡ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ଦର୍ଲିଗୁଡାଠାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଆମ ଆଦମୀ ପାର୍ଟି ପଦ୍ମପୁର ବିଧାୟକ ପ୍ରାର୍ଥୀ ବାଲ୍ମୀକି ନଏକଙ୍କ ନୀତି ଆଦର୍ଶ ଓ ବିକାଶଧାରାରେ ଅନୁପ୍ରାଣିତ ହୋଇ ଦହିଁଗା ପଞ୍ଚାୟତ ସରପଞ୍ଚଙ୍କ ପୁଅ ମାଣିକ ଦାଶଙ୍କ ସମେତ ୪୦୦ରୁ ଉର୍ଦ୍ଧ୍ୱ ବିଜେଡି, ଭାଜପା କର୍ମୀ ବିଧିବଦ୍ଧ ଭାବରେ ଆମ ଆଦମୀ ପାର୍ଟିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଧାୟକ ପ୍ରାର୍ଥୀ ବାଲ୍ମୀକି ନାଏକ, ଜିଲା ସଭାପତି ଭବାନୀ ସାହୁ, ପୌଲସ୍ତ୍ୟ ସାହା, ଭଗବାନ ବେହେରା ଉପସ୍ଥିତ ରହି ନୂତନ ଆପ କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ କରିଥିଲେ।

# ପଦ୍ମପୁରକୁ ଜିଲା କରାଇ ନ ଦେବା ବିରୋଧୀ ଦଳର ଚକ୍ରାନ୍ତ

**ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ)**

ନବୀନ ବାବୁଙ୍କ ନେତୃତ୍ୱରେ ସମୃଦ୍ଧ ଓ ସଶକ୍ତ ଓଡିଶା ଗଠନ ନିମନ୍ତେ ବିଜେଡି ସଂକଳ୍ପ ନେଇଛି ବୋଲି ଶୁକ୍ରବାର ପଦ୍ମପୁର ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ରାଜୁ ଘିବେଲା କହିଛନ୍ତି। ସେ ବିଜେଡିର ଇସ୍ତାହାର ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଲୋକଙ୍କ ମତ ଅନୁସାରେ ଦଳ ନିର୍ବାଚନ ଇସ୍ତାହାର ପ୍ରକାଶ କରିଛି। ଲୋକଙ୍କୁ ୧୦୦ ୟୁନିଟ ମାଗଣା ବିଜୁଳି, ୧୦ବର୍ଷ ପାଇଁ ୧ ଲକ୍ଷ କୋଟିର ଯୁବ ବଜେଟ, ମିଶନ ଶକ୍ତି ମା'ମାନଙ୍କୁ ପେନସନ ସହିତ ୧୫ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ, ୫ବର୍ଷରେ ୨ ଲକ୍ଷ ସରକାରୀ ଚାକିରୀ ସୃଷ୍ଟି କରାଯିବ ବୋଲି କହିଥିଲେ। ଦଳର ଏହି ଘୋଷଣା ପତ୍ର ଓଡିଶାରେ ସୁବର୍ଣ୍ଣ ଯୁଗର ଭିତ୍ତି ସ୍ଥାପନ କରିବ ବୋଲି କହିଥିଲେ। ସେହିପରି ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା ଘୋଷଣା କରାଇ ନ ଦେବା ଏହା ବିରୋଧୀ ଦଳର ଚକ୍ରାନ୍ତ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଜନପ୍ରିୟତାକୁ ସହ୍ୟ କରି ନ ପାରି ହାଇକୋର୍ଟରେ କେସ୍ କରି ଏହି ପ୍ରକ୍ରିୟାକୁ ବନ୍ଦ କରିଦେଲେ ବୋଲି କହିବା ସହିତ କୋର୍ଟ ରହିତାଦେଶ ଉଠିବା ପରେ ଜିଲା ସୁନିଶ୍ଚିତ ହେବ ବୋଲି କହିଥିଲେ। ସେହିପରି ପଦ୍ମପୁରର ବିକାଶରେ ଉଭୟ କଂଗ୍ରେସ ଓ ଭାଜପା ନେତା ସହ୍ୟ କରି ନ ପାରି ଲୋକଙ୍କୁ ଠକୁଛନ୍ତି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ମହେଶ୍ୱର ପୁରୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଜେଡି ସାଧାରଣ ସମ୍ପାଦକ ରାଜୁ ଘିବେଲା ସୂଚନା ଦେଉଛନ୍ତି।

# ୩ ପଞ୍ଚାୟତରେ ବିଜେଡି ପ୍ରାର୍ଥିନୀ ବର୍ଷାଙ୍କ ମାରାଥନ ପ୍ରଚାର

**ପଦ୍ମପୁର/ପାଇକମାଳ,୧୦।୫ (ପ୍ରଦୀପ୍ତ ଦାଶ/ବଡ ଶତପଥୀ):** ପାଇକମାଲ ବ୍ଲକ ଅନ୍ତର୍ଗତ ଖାରବନ୍ଧ ପଞ୍ଚାୟତ, ଭୁବନେଶ୍ୱରପୁର ଓ ଛେଲଗାଁ ପଞ୍ଚାୟତର ଗାଁକୁ ଗାଁ ବୁଲି ନିର୍ବାଚନ ପ୍ରଚାର କରିଛନ୍ତି ବିଧାୟକ ପ୍ରାର୍ଥିନୀ ବର୍ଷା ସିଂ ବରିହା। ଗତ ଦିନରେ ହୋଇଥିବା କାମଗୁଡିକର ହିସାବ ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ତାଙ୍କୁ ତଥା ଲୋକ ସଭା ପ୍ରାର୍ଥିନୀ ପରିଣିତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଦୁଇ ଥର ବଟନ ଦବାଇ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ତାଙ୍କ ସହ ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ, ବରିଷ୍ଠ ବିଜେଡି ନେତା ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ବ୍ଲକ ଉପାଧକ୍ଷ ସଞ୍ଜୀବ ବରିହା, ଯୁବବିଜେଡିବ୍ଲକସଭାପତିଗୌତମ ସିଂ ପ୍ରଚାରରେ ସାମିଲ ହୋଇଥିଲେ।

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)**

ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ମୋଦି ମଧ୍ୟାହ୍ନ ୧୨ଟାରେ ପହଞ୍ଚିବେ। ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲଗେଟ୍ ସନ୍ନିକଟ ବିକାଶ ଭିନଟେଜ୍‌ରେ ହେବାକୁ ଥିବା ସାଧାରଣ ସଭାରେ ଉଦବୋଧନ ଦେବେ। ଜିଲାରେ ଆସନ୍ତା ୨୦ ତାରିଖ ମତଦାନ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ନେଇ ଦଳୀୟ ନେତା, କାର୍ଯ୍ୟକର୍ତ୍ତା ଏବଂ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ସେହିପରି ମୋଦିଙ୍କ କାର୍ଯ୍ୟକ୍ରମ ସୁରକ୍ଷିତ ଭାବେ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପି.ଏସ୍ ମୀନା ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ହେଲିପ୍ୟାଡ଼, ସଭାସ୍ଥଳୀରେ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ ସହିତ ରୁଟ୍ ଲାଇନିଂ ଏବଂ ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ୫ ଏସ୍‌ପି, ୪ ଅତିରିକ୍ତ ଏସ୍‌ପି, ୧୨ ଡିଏସ୍‌ପି, ୨୭ ଇନ୍ସପେକ୍ଟର, ୧୮୦ସବ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର, ୨୫ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୪୦୦ ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଥିବା ଏସ୍‌ପି ମୀନା ସୂଚନା ଦେଇଛନ୍ତି। ସେହିଭଳି ସଭାସ୍ଥଳୀ ପରିସର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡ୍ରୋନ୍ ଉଡ଼ାଣ ଉପରେ କଟକଣା ରହିଛି। ପ୍ରକାଶଥାଉ କି, ପ୍ରଧାନମନ୍ତ୍ରୀ ମୋଦି ୨୦୧୬ ଫେବୃୟାରୀ ୨୧ରେ ପ୍ରଥମଥର ପାଇଁ ବରଗଡ଼ ଗସ୍ତରେ ଆସିଥିଲେ। ସେତେବେଳେ ସେ ବରଗଡ଼ରୁ ଦେଶର କୃଷକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଘୋଷଣା କରିଥିଲେ। ତେବେ ଦୀର୍ଘ ୮ବର୍ଷ ବ୍ୟବଧାନରେ ମୋଦି ପୁଣି ବରଗଡ଼ ଗସ୍ତରେ ଆସୁଥିବା ଏବଂ ନିକଟ ଭବିଷ୍ୟତରେ ସାଧାରଣ ନିର୍ବାଚନ ପାଇଁ ଜିଲାରେ ମତଦାନ ଥିବା ଯୋଗୁ ଏଥର କୃଷକଙ୍କ ପ୍ରତି ମୋଦିଙ୍କ କିଭଳି ଆଭିମୁଖ୍ୟ ରହିବ, ସେଥିପ୍ରତି ସଭିଙ୍କ ନଜର ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ସଂସଦୀୟ କ୍ଷେତ୍ରର ୭ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ସମ୍ବଲପୁର ଲୋକ ସଭା ସଂସଦୀୟ କ୍ଷେତ୍ରର ସମ୍ବଲପୁର, ରେଙ୍ଗାଲି ଏବଂ ରେଢ଼ାଖୋଲର ଦଳୀୟ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ବରଗଡ଼ ଏସ୍‌ପି ସୁରକ୍ଷା ବ୍ୟବସ୍ଥା ଉପରେ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ବନ୍ୟଜନ୍ତୁ ଆକ୍ରମଣରେ ଜଣେ ମୃତ

ନାକଟିଦେଉଳ,୧୦।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଞ୍ଚଳରେ କଲରାପତରିଆ ବାଘର ଗତିବିଧି ରହିଥିବାବେଳେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ତେବେ ଶୁକ୍ରବାର ସକାଳୁ ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସାହେବୀ ଫରେଷ୍ଟ ବିଟର ଧଣ୍ଡମୁଣ୍ଡା ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରାଯିବା ପରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ନାନା ଆଶଂକା ଦେଖାଦେଇଛି। ଜଙ୍ଗଲ ମଧ୍ୟରୁ ଉଦ୍ଧାର କରାଯାଇଥିବା ମୃତଦେହ ମାନକୁଣ୍ଡା ଗ୍ରାମର ସାଦ ମୁଣ୍ଡା(୫୮) ବୋଲି ଜଣାପଡ଼ିଛି । ପ୍ରାପ୍ତସୂଚନା ଅନୁସାରେ ସାଦ ସବୁ ଦିନ ପରି ଗୁରୁବାର ମଧ ନିକଟସ୍ଥ ଜଙ୍ଗଲକୁ ପୋଢ ଚରାଇବାକୁ ଯାଇଥିଲେ। ସନ୍ଧ୍ୟାରେ ପୋଢମାନେ ଘରକୁ ଫେରି ଆସିଥିଲେ ମଧ ସାଦ ଘରକୁ ଫେରି ନ ଥିଲେ। ରାତ୍ରିରେ ପରିବାର ଲୋକେ ପାଖ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ସକାଳ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ପୁଣି ଥରେ ନିକଟସ୍ଥ ଜଙ୍ଗଲକୁ ଖୋଜିବାକୁ ଯାଇଥିଲେ। ଖୋଜାଖୋଜି ବେଳେ ଘର ଠାରୁ ପ୍ରାୟ ୩ଶହ ମିଟର ଦୂରରେ ଧଣ୍ଡମୁଣ୍ଡା ଜଙ୍ଗଲ ଭିତରେ ସାଦଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ତେବେ କୌଣସି ବନ୍ୟଜନ୍ତୁ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା କିମ୍ବା କଲରାପତରିଆ ବାଘ ଆକ୍ରମଣରେ ମୃତ୍ୟୁ ଘଟିଥିବା ଲୋକେ ସନ୍ଦେହ କରିବା ସହ ବନ ବିଭାଗକୁ ଖବର ଦେଇଥିଲେ। ତେବେ ମୃତଦେହର ପାରିପାର୍ଶ୍ୱିକ ପରିସ୍ଥିତିରୁ ଭାଲୁ ଆକ୍ରମଣରେ ମୃତ୍ୟୁ ଘଟିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

### ଭଗବାନ ପର୍ଶୁରାମ ଜୟନ୍ତୀ

ଗାଇସିଲେଟ,୧୦।୫(ଦୁର୍ଗା ପ୍ରସାଦ ତ୍ରିବେଦୀ): ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟାରେ ଭଗବାନ ପର୍ଶରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜନ୍ମୋତ୍ସବ ସକାଶେ ସକାଳ ୭ଟାରୁ ପୂଜାର୍ଚ୍ଚନା କରି ମନ୍ଦିର ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡା, ପଣ୍ଡିତ ସଦାନନ୍ଦ ପାଢ଼ୀ ଓ ପଣ୍ଡିତ ନବିନ ତ୍ରିପାଠୀ ହୋମଯଜ୍ଞ କରିଥିଲେ। ପରେ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ସମାଜ ପକ୍ଷରୁ ଶତାଧିକ ବ୍ରାହ୍ମଣ ସମାଜ ସଭ୍ୟମାନେ ବାଇକରେ ଗୈରିକ ଧ୍ୱଜାବାନ୍ଧି ବିଭିନ୍ନ ସ୍ଲୋଗାନ ଦେଇ ବଜରଙ୍ଗବଲି ମନ୍ଦିର ଦେଇ ଶହୀଦ ଛକ, କଲଙ୍ଗାପାଲିବସ୍ତି କଲେଜ ଛକ ଦେଇ ପର୍ଶୁରାମ ଛକକୁ ଆସିଥିଲେ। ସେଠାରେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ରରେ ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରି ବ୍ଲକ, ବଜାର, ବସଷ୍ଟାଣ୍ଡ ଦେଇ ବସ୍ତି ପରିକ୍ରମା କରିଥିଲେ।

### ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଅକ୍ଷୟତୃତୀୟା ପାଳିତ

ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ): ପଦ୍ମପୁରଠାରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଅକ୍ଷୟ ତୃତୀୟା ଡ଼ଙ୍ଗାଘାଟଠାରେ ଗ୍ରାମବାସୀଙ୍କ ସହଯୋଗରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମ କାର୍ତ୍ତିକ ରାଣଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ଏବଂ ସଙ୍ଗଠନ ଅଶୋକ ସାହୁ, ରୋହିତ ପଧାନ, ସୁବାସ ସାମନ୍ତରାୟ, ଲିଙ୍ଗରାଜ ପଧାନ, ଅଜୀତ ଶତପଥୀ ଯୋଗଦେଇ ପର୍ବର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ନିରାକାର ସାହୁ, ମୀନକେତନ ବିଶ୍ୱାଳ, ବିଜୟ ସାହୁ ସହିତ ଗ୍ରାମବାସୀ ଗୌର ଚନ୍ଦ୍ର ସାହୁ, ଭଗରଥୀ ବାରିକ, ଭୋପାଲ ବାଘ ଯୋଗ ଦେଇଥିଲେ।



ଶୁକ୍ରବାର ଠାକୁରପଡ଼ା ଗୁପ୍ତେଶ୍ୱର ବାବାଙ୍କ ମନ୍ଦିରରେ ଥାଳଉଠା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।



ଶୁକ୍ରବାର ବଡବଜାର ଶୀତଳେଶ୍ୱର ବାବାଙ୍କ ମନ୍ଦିରରେ ଥାଳଉଠା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ସମ୍ବଲପୁରରେ ଆଧ୍ୟାତ୍ମିକ ପରିବେଶ

ସମ୍ବଲପୁର,୧୦।୫(ଭବାନୀ ଶଙ୍କର ଭୋଇ)

ପବିତ୍ର ଅକ୍ଷୟତୃତୀୟା ଅବସରରେ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ ଥାଳଉଠା କାର୍ଯ୍ୟକ୍ରମ ବିଭିନ୍ନ ଶୈବ ମନ୍ଦିର ଗୁଡିକରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ସର୍ବ ପୁରାତନ ଶୈବ ମନ୍ଦିର ବାଳିବନ୍ଧାସ୍ଥିତ ସୋମନାଥ ବାବାଙ୍କ ମନ୍ଦିରରେ ଅନୁଷ୍ଠିତ ଥାଳଉଠା କାର୍ଯ୍ୟକ୍ରମରେ ବୁଢାରଜା ଆର୍ଥା କଲୋନୀର ମୀନା ସାହୁ ଏବଂ ଶଙ୍କର ସାହୁ ପାର୍ବତୀଙ୍କ ମାତାପିତା ହେବା ପାଇଁ ସଂକଳ୍ପ କରିଥିଲେ। ସେହିପରି ଐତିହାସିକ ବୁଢ଼ାରଜା ପାହାଡ଼େଶ୍ୱର ବାବାଙ୍କ ମନ୍ଦିରରେ କନ୍ୟାମାତା ପିତା ଭାବେ ଜଗନ୍ନାଥ କଲୋନୀର ସାବିତ୍ରୀ ପଟ୍ଟନାୟକ ଏବଂ ସମରଜିତ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ପଣ୍ଡିତ ଶୈଲେନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ମନ୍ଦିର ପୂଜକ ରାଜା ସିଂହ ଉପସ୍ଥିତ ରହିଥିଲେ। ବଡ଼ବଜାର ଶୀତଳେଶ୍ୱର ବାବା କନ୍ୟାପିତା ରାଜା ବେହେରା ଏବଂ ସ୍ତ୍ରୀ ପୁଷ୍ପାଞ୍ଜଳି ବେହେରା, ପଣ୍ଡିତ ଯୋଗେଶ୍ୱର ନନ୍ଦ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବା ବେଳେ ସ୍ୱରୀତ ପାଢୀ, ସଞ୍ଜୟ ବଡମାଳୀ ସହଯୋଗ କରିଥିଲେ। ବଡବଜାର ଶୀତଳଷଷ୍ଠୀ କମିଟିର ସଭାପତି କିଶୋର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଠାକୁରପଡ଼ା ଗୁପ୍ତେଶ୍ୱର ବାବାଙ୍କ ମନ୍ଦିରରେ ଅନୁଷ୍ଠିତ ଥାଳଉଠା କାର୍ଯ୍ୟକ୍ରମରେ ପାଞ୍ଚଗଛିଆର ସୁମନ ପ୍ରଧାନ ଏବଂ ଶଶଙ୍କ ଶେଖର ପ୍ରଧାନ କନ୍ୟା ମାତାପିତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଏଥିରେ ଆଷୁତୋଷ ପୁରୋହିତ ପୌରହିତ୍ୟ କରିଥିବା ବେଳେ ମନ୍ଦିର ପୁଜକ କିଶୋର ଦେହୁରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ଶିବ ପ୍ରଧାନ ପରିଚାଳନା କରିଥିଲେ। ସ୍ଥାନୀୟ କୁଲୁଥକାନି ସ୍ଥିତ କଲ୍ଲେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠା ଉତ୍ସବ ପଡ଼ାର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ କନ୍ୟା ପିତା ମାତା ଭାବରେ ପ୍ରସନ୍ନ କୁମାର କଲତା ଓ ସୁଷମା କଲତା। ସେହିପରି ପୂର୍ଣ୍ଣଚନ୍ଦ୍ର ଟାଲି ଓ ହିମାଦ୍ରି ତନୟା ପଣ୍ଡା ବର ପକ୍ଷର ଦାୟିତ୍ୱ ନିର୍ବାହ କରିବାର ସ୍ଥିର ହୋଇଛି। ସେହିପରି ସମ୍ବଲପୁର ସାକ୍ଷୀପଡାଠାରେ ଥିବା ଓଙ୍କାରେଶ୍ୱର ବାବାଙ୍କ ମନ୍ଦିରଠାରେ ଓଙ୍କାରେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ଓଙ୍କାରେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାରେ କନ୍ୟା ପିତାମାତା ଭାବରେ ହୁତମା ଗ୍ରାମର ସୁଜୟ ପାଣିଗ୍ରାହୀ, ସବିତା ପାଣିଗ୍ରାହୀ ଓ ବର ପିତାମାତା ଭାବରେ ସାକ୍ଷୀପଡାର ତପନ ପାଣି, ପ୍ରଭାତି ପାଣି ଦାୟିତ୍ୱ ତୁଲାଉଛନ୍ତି। ଗୋପାଳମାଳ ମହାମାୟା ମନ୍ଦିର ନିକଟସ୍ଥ ମହାକାଳେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା କାର୍ଯ୍ୟକ୍ରମରେ ଜମାଦାର ପାଲିର ଲବଙ୍ଗ ଓରାମ ଏବଂ ପ୍ରକାଶ ଓରାମ କନ୍ୟା ମାତାପିତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବରପିତା ଭାବେ ରାମଚନ୍ଦ୍ର ଦାଶ ଦାୟିତ୍ୱ ତୁଲାଇଥିବା ବେଳେ ମନ୍ଦିର ପୁଜକ ଦେବଦତ୍ତ ପ୍ରସାଦ ସହଯୋଗ କରିଥିଲେ। ସହରର ବିଭିନ୍ନ ଶୈବ ମନ୍ଦିରରେ ଅକ୍ଷୟତୃତୀୟା ଅବସରରେ ଥାଳଉଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଥାଳଉଠା ସହ ଆଜିଠାରୁ ସମ୍ବଲପୁର ସହରରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲ।



ଶୁକ୍ରବାର ବାଳିବନ୍ଧା ସୋମନାଥ ବାବାଙ୍କ ମନ୍ଦିରରେ ଥାଳଉଠା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ଶୀତଳ ଷଷ୍ଠୀରେ ବିଭିନ୍ନ ଶିବ ମନ୍ଦିରରେ ଥାଳ ଉଠିଲା

# ଶଗଡ଼େଶ୍ୱର ଶୀତଳ ଷଷ୍ଠୀ ପାଇଁ ଥାଳ ଉଠା



ଶଗଡେଶ୍ୱର ଶୀତଳ ଷଷ୍ଠୀ ପାଇଁ ଥାଳ ଉଠା ଯାଉଛି।

କୁଚିଣ୍ଡା,୧୦।୫(ବିରଞ୍ଚି ଦର୍ଶା)

ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ଶଗଡେଶ୍ୱର ଶୀତଳ ଷଷ୍ଠୀ ପାଇଁ ଶୁକ୍ରବାର ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁନ ୧୦ ଓ ୧୧ରେ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବପାଇଁ ବାବା ଶଗଡେଶ୍ୱର ଓ ମାତା ପାର୍ବତୀଙ୍କ ଥାଳ ଉଠିଲା। ଚଳିତବର୍ଷ ମାତା ପାର୍ବତୀଙ୍କ ମାତାପିତା ଭାବେ କୁଚିଣ୍ଡାର ରଞ୍ଜିତ ପଟେଲ ଓ ତାଙ୍କ ସ୍ତ୍ରୀ ସବିତା ପଟେଲ ଏବଂ ବାବା ଶଗଡେଶ୍ୱରଙ୍କ ପିତା ମାତା ଭାବେ ଡିମିରିମୁଣ୍ଡା ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ ଓ ତାଙ୍କ ସ୍ତ୍ରୀ ଜ୍ୟୋତି ମଞ୍ଜରି ଧୁରୁଆ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ମାଙ୍ଗଳିକ କାର୍ଯ୍ୟରେ ନିତ୍ୟାନନ୍ଦ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ।ଶୀତଳ ଷଷ୍ଠୀ ଯାତ୍ରା ଓ ମହୋତ୍ସବ କମିଟି ସଂଯୋଜକ ମଳୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ନୃପଲାଲ ପଲେଇ, ମନ୍ଦିର ପରିଚାଳନା କମିଟି ସଭାପତି ରୁଦ୍ରନାରାୟଣ ବେହେରା, ସୁମନ୍ତ ବେହେରା, ରତନଲାଲ ସିଂ, ଚିତ୍ତରଞ୍ଜନ ଶର୍ମା, ତରଣୀ ରଞ୍ଜନ ଶର୍ମା, ଗଣେଶ ଗୁପ୍ତା, ଶଶିଭୂଷଣ ବଢ଼େଇ, ସଞ୍ଜୟ ମହାକୁଳ, ସଞ୍ଜୀବ ପଣ୍ଡା, ନରେନ୍ଦ୍ର ପଲେଇ, ହିତେଶ ପଲେଇ, କରୁଣାକର ମାଝି, ରବୀନ୍ଦ୍ର ପଲେଇ, ସନ୍ତୋଷ ଠାକୁର, କୁବେର ଠାକୁର, ମଅମରନାଥ ପଲେଇ, ସୁରଥ ନାୟକ, ବାବୁନି ମହାନ୍ତି, ସଞ୍ଜିତ ପ୍ରଧାନ, ରଞ୍ଜନ ପଣ୍ଡା, ଗଗନ ପଣ୍ଡା,ରାଜିବ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ଭଗବାନ ପର୍ଶୁରାମଙ୍କ ଜନ୍ମ ଉତ୍ସବରେ ରକ୍ତଦାନ ଶିବିର

ସମ୍ବଲପୁର,୧୦।୫(ବି.ଶଙ୍କର)

ସମ୍ବଲପୁରସ୍ଥିତ ପର୍ଶୁରାମ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ପର୍ଶୁରାମ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବର୍ତ୍ତମାନ ବୁର୍ଲା ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ଯୁବକ ସଂଘ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ସମ୍ବଲ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟମାନେ ସହଯୋଗ କରିଥିଲେ । ଶିବିରକୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଭାଜପା ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲେ। ବୁର୍ଲା ରକ୍ତଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରକୁ ତରୁଣ ଗାନ୍ଧୀ, କୁଞ୍ଜବିହାରୀ ଶର୍ମା, ବିବେକ ଶର୍ମା, ଟିଙ୍କୁ ଯୋଶୀ, ରୋମିଓ ଶର୍ମା, ପିଣ୍ଟୁ ଶର୍ମା, ବିଜୟ ଶର୍ମା, ଅନୁପ ଲାଟା ଏବଂ ରାମଦାସ ପଣ୍ଡା ସହଯୋଗ କରିଥିଲେ। ରକ୍ତଦାତାମାନଙ୍କୁ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ଅନେକ ମହିଳା ମଧ ରକ୍ତଦାନ କରିଥିଲେ।

# କଂଗ୍ରେସର କର୍ମୀ ସମ୍ମିଳନୀ





କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ କର୍ମୀ ସମ୍ମିଳନୀରେ ସମ୍ବଲପୁର କଂଗ୍ରେସ ବିଧାନସଭା ପ୍ରାର୍ଥୀ ଦୁର୍ଗାପ୍ରସାଦ ପାଢ଼ୀ।

ସମ୍ବଲପୁର,୧୦।୫(ପ୍ରମୋଦ ବହିଦାର)

## ଯୋଗଦେଲେ ସମ୍ବଲପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ

ସମ୍ବଲପୁର ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ଶୁକ୍ରବାର ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର କଂଗ୍ରେସ କର୍ମୀମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହର ଅନ୍ତର୍ଗତ କଂଗ୍ରେସର ବହୁ ସକ୍ରିୟ କର୍ମୀ ଯୋଗ ଦେଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ସମ୍ବଲପୁର ବିଧାନସଭା କ୍ଷେତ୍ରରେ କଂଗ୍ରେସ ସଙ୍ଗଠନକୁ ବୁଥସ୍ତରରେ ଅଧିକ ମଜବୁତ୍ କରିବାକୁ ଆଲୋଚନା କରାଯାଇଥିଲା। ଏଥିସହ ଚଳିତ ନିର୍ବାଚନରେ ସମ୍ବଲପୁର ବିଧାନସଭା କ୍ଷେତ୍ରରେ ଉଭୟ କଂଗ୍ରେସ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ କିପରି ବିଜୟୀ କରାଯିବ ସେନେଇ ରଣନୀତି ପ୍ରସ୍ତୁତ କରାଯିବା ସହ ସମସ୍ତ କର୍ମୀମାନଙ୍କୁ ଧାର୍ଯ୍ୟ ରଣନୀତି ଅନୁସାରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। କର୍ମୀ ସମ୍ମିଳନୀରେ ସମ୍ବଲପୁର କଂଗ୍ରେସ ବିଧାନସଭା ପ୍ରାର୍ଥୀ ଦୁର୍ଗାପ୍ରସାଦ ପାଢ଼ୀଙ୍କ ସମେତ ସମ୍ବଲପୁର ବିଧାନସଭା କ୍ଷେତ୍ରର ସମସ୍ତ ବରିଷ୍ଠ ପଦାଧିକାରୀ ତଥା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୪ ଡକାୟତ ଗିରଫ: ମାରଣାସ୍ତ୍ର, ବାଇକ୍ ଜବତ

ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ଥାନା ଅନ୍ତର୍ଗତ ପଦ୍ମପୁର-ସୋହେଲା ରାସ୍ତା ଚଣ୍ଡିପାଲି ଛକ ନିକଟବର୍ତ୍ତୀ ରାଇସମିଲ ନିକଟରେ ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ ଟିମ୍ ଡକାୟତି ପାଇଁ ଉଦ୍ୟମ କରୁଥିବା ୪ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଇସିଲେଟ ଥାନା ଖୁଣ୍ଟପାଲି ଗାଁର ଦେବାର୍ଚ୍ଚନ ଏଲିଆସ ଦିନ ବାରିକ, ପଦ୍ମପୁର ଥାନା ଖଇରପାଲି ଗାଁର ହରି ପୁଟେଲ ଓ ବଲ୍ଲଭ ମଟାରୀ, ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଝାନ ଗାଁର ମଟୁ ଏଲିଆସ ବିନୟ ଭୋଇ। ଏମାନେ ଏକ ନିଛାଟିଆ ଅନ୍ଧାର ଯାଗାରେ ରହି ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢାଉ କରିଥିଲା। ପୋଲିସ ତାଙ୍କ ନିକଟରୁ କଳା ରଙ୍ଗର ପଲସର ବାଇକ (ନଂ.ଓଡି୧୭ଏବି ୪୯୦୮), ଦେଶୀ ବନ୍ଧୁକ ସହ ଟର୍ଚ୍ଚ ଲାଇଟ, ଚାକୁ, ରହି, ମରିଚଗୁଣ୍ଡ, ଲୁହାରଡ ଓ ମାରଣାସ୍ତ୍ର ଜବତ ହୋଇଛି। ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୭୩/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ରାଜ୍ୟର ମହିଳା ପ୍ରତାରିତ ବୋଲି କହିବା ହାସ୍ୟାସ୍ପଦ: ଲେନିନ

ସମ୍ବଲପୁର,୧୦।୫(ପ୍ରମୋଦ ବହିଦାର)

ଓଡ଼ିଶାର ବିକାଶରେ ସର୍ବଦା ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି ଓ ଆଗାମୀ ଦିନରେ ମଧ ମହିଳାମାନେ ବିକଶିତ ଓଡିଶାର ମଙ୍ଗ ଧରିବେ। ତେଣୁ ଅଗ୍ରାଧିକାର ଭିତ୍ତିରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ହିଁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରୁଛନ୍ତି। ଗ୍ରାମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟଠାରୁ ଆରମ୍ଭ କରି ରାଜ୍ୟ ରାଜନୀତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଏଭଳି କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ମହିଳା ପ୍ରତାରିତ ବୋଲି କହିବା ହାସ୍ୟାସ୍ପଦ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି। ବିଜେଡିର ନିର୍ବାଚନୀ ଇସ୍ତାହାରକୁ ନେଇ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ ଏନସିଆରବି ରିପୋର୍ଟ ଅନୁସାରେ ଓଡ଼ିଶାରେ ମହିଳା ନିର୍ଯାତନା ହାର ଅଧିକ ବୋଲି କହିଛନ୍ତି। ଏହାର ପ୍ରତିଉତ୍ତରରେ ବିଜେଡି ମୁଖପାତ୍ର ଏହା କହିଛନ୍ତି। ଏହାସହ ଧର୍ମେନ୍ଦ୍ର ପ୍ରଧାନ ପ୍ରତିନିଧିତ୍ୱ କରୁଥିବା ରାଜ୍ୟରେ ମହିଳା ନିର୍ଯାତନା ହାର କେତେ ବୋଲି ପ୍ରଶ୍ନ କରିଛନ୍ତି। ଲେନିନ୍ କହିଛନ୍ତି ଯେ ଓଡିଶାରେ ମହିଳାଙ୍କ ସାମାଜିକ, ବ୍ୟକ୍ତିଗତ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଆଇନ ଓ ଯୋଜନା ପ୍ରଣୟନ କରିଛନ୍ତି। ମିଶନ ଶକ୍ତି ଦ୍ୱାରା ଓଡିଶାର ମହିଳାମାନଙ୍କୁ ଯେଉଁ ପରିମାଣରେ ସଶକ୍ତ ଓ ଆତ୍ମନିର୍ଭରଶୀଳ କରାଯାଇଛି, ସେହି ତୁଳନାରେ ଧର୍ମେନ୍ଦ୍ର ପ୍ରଧାନ ପ୍ରତିନିଧିତ୍ୱ କରୁଥିବା ରାଜ୍ୟରେ ମହିଳାଙ୍କ ସ୍ଥିତି ଅତ୍ୟନ୍ତ ନଗଣ୍ୟ। ତେବେ ଚଳିତ ନିର୍ବାଚନୀ ଇସ୍ତାହାରରେ ରାଜ୍ୟର ମହିଳାଙ୍କୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ମହିଳାମାନଙ୍କୁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା କରିବା ସମଗ୍ର ଦେଶରେ ସର୍ବପ୍ରଥମ। ଆସନ୍ତା ୫ ବର୍ଷ ମଧ୍ୟରେ ଏସଏଚଜିମାନଙ୍କୁ ଆର୍ଥିକ ଲିଙ୍କେଜ ହାସଲ କରି ସେମାନଙ୍କୁ ସୁଧ ବାବଦକୁ ୨୫ ଶହ କୋଟି ଟଙ୍କା ଫେରସ୍ତ କରାଯିବ। ସେହିପରି ଏସଏଚଜିକୁ ଆଗାମୀ ୧୦ ବର୍ଷ ମଧ୍ୟରେ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ। ମିଶନ ଶକ୍ତି ମହିଳାଙ୍କ ସହିତ ସମସ୍ତ ତୃଣମୂଳସ୍ତରର ମହିଳା କର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶାଦିଦିମାନଙ୍କୁ ସାମାଜିକ ସୁରକ୍ଷା ଜନିତ ପେନସନ ଓ ବିଏସକେୱାଇ ଯୋଜନାରେ ସାମିଲ କରିବା ରାଜ୍ୟ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ।

## ସଂକ୍ଷେପରେ

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଡ଼ଗାଁ,୧୦।୫(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ପଞ୍ଚାୟତ ଚେମଠାପଡା ଗାଁରେ ଶୁକ୍ରବାର ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ରମଣୀ ରଞ୍ଜନ ପ୍ରଧାନ (୩୫)। ବଡ଼ଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଗୁରୁବାର ବିଳମ୍ବିତ ରାତିରେ ହଠାତ୍ ସେ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

### ତିନି ପୁରୁଣା ଅଭିଯୁକ୍ତ ଗିରଫ

**ବଡ଼ଗାଁ,୧୦।୫(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ପୋଲିସ ବିଭିନ୍ନ ମାମଲାରେ ସଂପୃକ୍ତ ଥିବା ୩ ପୁରୁଣା ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜାଙ୍ଗଲି ଗ୍ରାମର ଅଶୋକ ମହାଲିଙ୍ଗ, କାଦୋପଡା ଗ୍ରାମର ବାବୁଲି ସେଠ ଓ ଚେମଠାପଡା ଗାଁର ଚନ୍ଦ୍ରମଣି ପ୍ରଧାନ।

### କାଳ ବୈଶାଖୀ ଭାଙ୍ଗିଲା ଆଜବେଷ୍ଟ ଛପର

ବଡ଼ଗାଁ, ୧୦।୫( ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର କାଳ ବୈଶାଖୀ ପ୍ରଭାବରେ ପବନ ବୋହିଥିଲା। ଫଳରେ କେତେକ ସ୍ଥାନରେ କ୍ଷୟକ୍ଷତି ହୋଇଛି। ବଡ଼ଗାଁ ବସ୍ତିବାସିନ୍ଦା ସରୋଜ ପୃଷେଟଙ୍କ ୨ ବଖରା ଘରର ଆଜବେଷ୍ଟସ ଛପର ଉଡିଯାଇଛି। ସରୋଜ ଜଣେ ଅସହାୟ ହୋଇଥିବା ଯୋଗୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### କାର୍‌ରୁ ୫ଲକ୍ଷ ୩୦ ହଜାର ଟଙ୍କା ଜବତ

**ବନ୍ଧମୁଣ୍ଡା,୧୦।୫(ସୁବ୍ରତ ଦେ):** ନିର୍ବାଚନକୁ ଦୃଷ୍ଟିରେ ରଖି ବନ୍ଧମୁଣ୍ଡା ପୋଲିସ ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଛି। ଶୁକ୍ରବାର ଅପରାହ୍ନ ୩ଟାରେ ଥାନା ଅଧିକାରୀ ଅଶୋକ କୁମାର ଦାଶ ଗାଡ଼ି ଯାଞ୍ଚ କରୁଥିବାବେଳେ ଏକ କାରରୁ ୫ ଲକ୍ଷ ୩୦ ହଜାର ଟଙ୍କା ଜବତ କରିଥିଲେ। କାର୍ ରାଉରକେଲାରୁ ବିଶ୍ରା ଆଡ଼କୁ ଯାଉଥିଲା। କାର୍ ମାଲିକ ପ୍ରମାଣ ନ ଦେଖାଇପାରିବାରୁ ପୋଲିସ ଟଙ୍କାକୁ ଟ୍ରେଜେରିରେ ଜମା କରିଦେଇଛି।

### ବିଜେଡିରେ ଯୋଗଦେଲେ ସିପିଆଇ କର୍ମୀ

ସୁନ୍ଦରଗଡ,୧୦।୫(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀ ହେମଗିରଠାରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହେମଗିର ବ୍ଲକ ଜନଶକ୍ତି ବିକାଶ ପରିଷଦର ସଭାପତି ବୀରେନ୍ଦ୍ର ପ୍ରଧାନ,ସିପିଆଇ ଯୁବ ନେତା ନରେଶ ମେହେର ଏବଂ ତାଙ୍କର ୧୫୦ରୁ ଊର୍ଦ୍ଧ୍ୱ ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ହେମଗିର ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି, ବରିଷ୍ଠ ନେତା ତଥା ପୂର୍ବତନ ଜିଲା ପରିଷଦ ଉପ ସଭାପତି କାଶୀନାଥ ରାଉତ, ସଚିନ ବିଶ୍ୱକର୍ମା, ତରୁନକାନ୍ତ ବହିଦାର, ପ୍ରମୋଦ ପତି, ପ୍ରକାଶ ବହିଦାର, ତରୁନକାନ୍ତ ଖମାରି ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ।

### ଟାଙ୍ଗିଆରେ ଆକ୍ରମଣ, ଜଣେ ଗିରଫ

ଲହୁଣୀପଡା,୧୦।୫(ଦାଶରଥି ପଣ୍ଡା) ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲୋଡ଼ାପାଣି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଲ୍ୟାଣ ବାର୍ଲା ମୁଣ୍ଡା(୬୧)। କଲ୍ୟାଣ ଗତ ୭ରେ ଘରେ ଏକୁଟିଆ ଥିବାବେଳେ ପଡୋଶୀ ନିକୋଲାସ ମୁଣ୍ଡା(୩୮)ଆସି କୌଣସି କାରଣରୁ ତାଙ୍କୁ ଗାଳିଗୁଲଜ କରିଥିଲେ।ଏଥିରେ ଉତ୍ତକ୍ଷିପ୍ତ ହୋଇ ସେ ନିକୋଲାସଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ।



ଅଖିମୁଠି ଅନୁକୂଳ ହେଉଛି।

# ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ

ସୁନ୍ଦରଗଡ଼,୧୦।୫(ଜୟ ନାରାୟଣ ମେଣ୍ଡୁଲି)

କିରେଇସ୍ଥିତ କୃଷିବିଜ୍ଞାନ କେନ୍ଦ୍ରଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସୁନ୍ଦରଗଡ଼ ଓ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧, କିରେଇର ମିଳିତ ଆନୁକୂଲ୍ୟରେ ଅକ୍ଷୟ ତୃତୀୟା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରା ଭୂମିପୂଜନ କରାଯାଇ ଅଖିମୁଠି ଅନୁକୂଳ କରାଯାଇଥିଲା। ଏହାପରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ସେ ଅକ୍ଷୟ ତୃତୀୟା ଦିବସ ପାଳନର ପୌରାଣିକ ତଥ୍ୟ ବ୍ୟାଖ୍ୟା କରି ଏହାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁ, କୃଷି ଜିଲା ଅଧିକାରୀ ଜଗଦୀଶ ପ୍ରସାଦ ବେହେରା, ଏଲଡିଏମ୍ ଗଗନ ବିହାରୀ ଭୋଳ, ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) ଧୁମା ହେମ୍ବ୍ରମ, କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ, ବିଭିନ୍ନ ବିଭାଗର ସରକାରୀ ଯୋଜନା, ଆଗାମୀ ଖରିଫ ଋତୁ ପାଇଁ ପ୍ରସ୍ତୁତି, ମାଟିର ସ୍ୱାସ୍ଥ୍ୟ ରକ୍ଷା, ଫସଲ ବିବିଧୀକରଣ, ଜଳବାୟୁ ଅନୁକୂଳ କୃଷି ଆଦି ବିଷୟରେ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୬୦ ଜଣ କୃଷି ବିଭାଗର ଅଧିକାରୀ, କର୍ମଚାରୀ ଏବଂ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ବିଭାଗର ସମସ୍ତ କର୍ମଚାରୀ ଓ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀ ସହଯୋଗ କରିଥିଲେ। ସୁନ୍ଦରଗଡ଼ର ମୃତ୍ତିକା ରସାୟନବିତ୍ ଦୀପ୍ତି ପଟେଲ ସଭା ପରିଚାଳନାକରି କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୀରମହାରାଜପୁରରେ ବିଜେଡିର ନିର୍ବାଚନ ପ୍ରଚାର

**ଯୋଗଦେଲେ ସାଂସଦ ଓ ବିଧାୟକ ପ୍ରାର୍ଥୀ**

ଅମରପାଲି,୧୦।୫(ପୀତାମ୍ବର ସାହୁ)



ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଜୁ ଜନତା ଦଳର ନିର୍ବାଚନ ପ୍ରଚାର ହୋଇଛି। ଏକ ବିରାଟ ଶୋଭାଯାତ୍ରାରେ ବଲାଙ୍ଗୀରର ବିଜେଡି ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଏବଂ ବୀରମହାରାଜପୁର ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ସାମିଲ ହୋଇଥିଲେ। ବୀରମହାରାଜପୁର ଉପକଣ୍ଠ ରଥପୁର ଛକଠାରେ ଦଳୀୟ କର୍ମୀମାନେ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ପ୍ରଥମେ ଉଫୁଲା ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ପରେ ବୀରମହାରାଜପୁର ମୁଖ୍ୟ ଛକ, ଟ୍ୟାକ୍ସି ଷ୍ଟାଣ୍ଡ, ବସ ଷ୍ଟାଣ୍ଡ , ଜଟେସିଂହା,ସୁବଳୟା ଦେଇ ଫୁଲଚରା ଆମ୍ବ ତୋଟାରେ ପହଞ୍ଚିଥିଲା। ପ୍ରତି ଗ୍ରାମରେ ପଥପ୍ରାନ୍ତ ଶୋଭାଯାତ୍ରା କରାଯାଇଥିଲା। ଶେଷରେ ଫୁଲଚରା ଆମ୍ବ ତୋଟାରେ ଏକ ନିର୍ବାଚନୀ ସଭା କରାଯାଇଥିଲା। ଶୋଭାଯାତ୍ରା ଓ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ସ୍ୱୟଂଭୂନାଥ ଖଣ୍ଡଗିରୀ, ବୀରମହାରାଜପୁର ଜୋନ -୨ ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ଚଂପମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଲୁଠୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, କେନଝିରିଆପାଲି ସରପଞ୍ଚ ପ୍ରତିନିଧି ପ୍ରଦୀପ ବାଦି, ହିଲୁଙ୍ଗ ସରପଞ୍ଚ ପ୍ରତିନିଧି, ସମିତିସଭ୍ୟ ଶୈଳରଞ୍ଜନ ବାଦିଙ୍କ ସମେତ ବିଜେଡି ସମର୍ଥିତ ଜନପ୍ରତିନିଧି ଯୋଗ ଦେଇଥିଲେ। ଫୁଲଚରା ଆମ୍ବ ତୋଟାରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣଗ୍ରାହୀ ,ପ୍ରେମାନନ୍ଦ ଜଟି ପ୍ରମୁଖ ଉଦବୋଧନ ଦେଇଥିଲେ। ଉକ୍ତ ସଭାରେ ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଅଧକ୍ଷତା କରିଥିଲେ।

### ରାଜନୈତିକ ରାଲିରେ ସାମିଲ ଅଭିଯୋଗରେ ଆଶା କର୍ମୀ ନିଲମ୍ବିତ

ବୌଦ୍ଧ,୧୦।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ପୁଣି ଜଣେ ଆଶା କର୍ମୀଙ୍କୁ ରାଜନୈତିକ ରାଲିରେ ସାମିଲ ଅଭିଯୋଗରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ.ସୋନାଲ ଶୁକ୍ରବାର ଦିନ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଛାପଡା ସବ୍‌ସେଣ୍ଟର ଅନ୍ତର୍ଗତ ଉସମିଲକା ଗ୍ରାମର ଆଶା କର୍ମୀ ସବିତା ପ୍ରଧାନ ଏକ ରାଜନୈତିକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜଣାପଡିଥିଲା । ଜିଲାପାଳ ଏହାର ତଦନ୍ତ କରି ସଂପୃକ୍ତ ଆଶାକର୍ମୀ ସବିତା ପ୍ରଧାନଙ୍କୁ ଜିଲାପାଳଙ୍କ ନିର୍ବାଚନୀ ପତ୍ର ସଂଖ୍ୟା ୧୪୮୩ ତା ୧୦।୫।୨୪ରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ସେ ନିଲମ୍ବିତ ସମୟରେ ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି । ପ୍ରକାଶଯୋଗ୍ୟ, ନିର୍ବାଚନ କାର୍ଯ୍ୟରେ ସଂପୃକ୍ତି ନେଇ ପୂର୍ବରୁ ଜଣେ ଶିକ୍ଷୟିତ୍ରୀ ଓ ଦୁଇ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରଯାଇଛି ।

# ଯୋଗେଶଙ୍କ ପାଇଁ ପ୍ରଚାର କରୁଛନ୍ତି ସ୍ତ୍ରୀ

ସୁନ୍ଦରଗଡ,୧୦।୫(ଜୟ ନାରାୟଣ ମେଣ୍ଡୁଲି)



କାଉନସିଲର ତଥା ଜିଲା ଯୋଜନା ବୋର୍ଡ ସଦସ୍ୟ ସୁମନ୍ତ ସାହୁଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ପୌରପାଳିକା ୱାର୍ଡ ନମ୍ବର ୧୬ରେ ବିଜୁ ଜନତା ଦଳର ଲୋକ ସଭା ପ୍ରାର୍ଥୀ ଦିଲୀପ ତିର୍କୀ ଏବଂ ବିଧାନସଭା ପ୍ରାର୍ଥୀ ଯୋଗେଶ ସିଂଙ୍କ ପାଇଁ ଗୁରୁବାର ବିଶାଳ ପଦଯାତ୍ରା କରାଯାଇଥିଲା। ଯୋଗେଶଙ୍କ ପାଇଁ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ସିଂହଙ୍କ ସହିତ ପୌରପାଳିକା ଉପନଗରପାଳ ଲଲାଟେନ୍ଦୁ ପରିଡା, ପୂର୍ବତନ ନଗରପାଳ ବେଣୁଧର ଡଣ୍ଡିଆ, ଛାତ୍ର ସଭାପତି ସେହାଜ ହୁସେନ, କାଉନସିଲର ରଜନୀ ରୋହିଦାସ, ସୁଶୀଳା ନାଗ, ଦୂଷିଲା ଦଣ୍ଡସେନା, ହେମନ୍ତ ପାଢ଼ୀ, କୈଳାଶ ତନ୍ତି, ୱାର୍ଡ ନମ୍ବର ୧୬ ମହିଳା ମହାସଂଘ ସଭାପତି ମମତା ମହାରଣା, ସମ୍ପାଦିକା ପ୍ରଭାସିନୀ ନାୟକ, ଇନ୍ଦୁମତୀ ସା, ଅନିତା ଶର୍ମା, ମୁରଲୀ ସିଂ, ଅନିଲ ଚୌଧୁରୀ, ଗୁଞ୍ଜୁ ଲାକ୍ରା, ଆଇନଜୀବୀ ସୁଶାନ୍ତ ସେଠି, ଆଇନଜୀବୀ ଧର୍ମେଶ ପଟେଲଙ୍କ ସହିତ ଶତାଧିକ ମହିଳା ପଦଯାତ୍ରାରେ ସାମିଲ ହୋଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ।





ସୁବର୍ଣ୍ଣପୁର-ସମ୍ବଲପୁର ରାସ୍ତାର ଉଲୁଣ୍ଡା ବ୍ଲକ ସ୍ଥିତ ଉତୁପାଲି ଛକରେ ଶୁକ୍ରବାର ରାତିରେ ଦୁଇ ବସ ମୁହାଁମୁହିଁ ଧକ୍କାରେ ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଯାଉଛି । ଦୁର୍ଘଟଣାସ୍ଥଳ ଲୋକାରଣ୍ୟ।

### କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକଙ୍କ ପରଲୋକ

**କୁତ୍ରା,୧୦।୫(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବିଶିକେଶନ ସାହୁଙ୍କ ୮୨ ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ଅପରାହ୍ନରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୁବର୍ଣ୍ଣପୁରରେ ଜିଲାସ୍ତରୀୟ କୃଷକ ଦିବସ ସମାରୋହ

**ସୋନପୁର,୧୦।୫(ମୃତ୍ୟୁଞ୍ଜୟ ଶତପଥୀ)**

ପବିତ୍ର ଅକ୍ଷୟତୃତୀୟା ଦିବସ ଅବସରରେ ଜିଲାସ୍ତରୀୟ କୃଷକ ଦିବସ ପାଳନ ସମାରୋହ ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ରୀତିନୀତି ଅନୁଯାୟୀ ପୂଜା ପାଠ ପରେ ଅଖିମୁଠି ଅନୁକୂଳ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝି, ମୁଖ୍ୟ ଜିଲା କୃଷି ଅଧିକାରୀ ଡ. ବିଭୂତି ଭୂଷଣ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ବିଶ୍ୱରଞ୍ଜନ ପଟ୍ଟନାୟକ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସଙ୍କ ସମେତ ଜିଲାର କୃଷି ଅଧିକାରୀ, ଅଗ୍ରଣୀ ଚାଷୀ ଯୋଗଦାନ କରିଥିଲେ। ପାରମ୍ପରିକ ପଦ୍ଧତିରେ ଲଙ୍ଗଳରେ ହଳ ପରେ ଅତିରିକ୍ତ ଜିଲାପାଳ ମାଝି କ୍ଷେତରେ ଅଖିମୁଠି ଅନୁକୂଳ କରିଥିଲେ। ଜିଲାର ଚାଷୀମାନେ ପାରମ୍ପରିକ ଧାନ ଚାଷ ପରିବର୍ତ୍ତେ ଅଣଧାନ ଚାଷ କରିବା ଏବଂ ମାଟିର ସୁରକ୍ଷା ଓ ଉର୍ବରତା ବଜାୟ ରଖିବାକୁ ଅତିଥି, ବିଶେଷଜ୍ଞ ଓ ବୈଜ୍ଞାନିକ ଏହି ଅବସରରେ ପରାମର୍ଶ ଦେଇଥିଲେ। ସେହିପରି ସୋନପୁର ବ୍ଲକର ବଡଝିଙ୍କି ଠାରେ ଜିଲା କୃଷକ ସଙ୍ଗଠନ ପକ୍ଷରୁ ସଭାପତି ବୈକୁଣ୍ଠ ନାଥ ଶତପଥୀଙ୍କ ନେତୃତ୍ୱରେ ପବିତ୍ର ଅକ୍ଷୟ ତୃତୀୟ ଅବସରରେ ଅଖିମୁଠି ଅନୁକୂଳ କରାଯାଇଥିଲା ।



ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝି ଅଖିମୁଠି ଅନୁକୂଳ କରୁଛନ୍ତି।

### ମାହେଶ୍ୱରୀ ଇଂଲିଶ ମିଡିୟମ ସ୍କୁଲ ଉଦ୍‌ଘାଟିତ

ସୁନ୍ଦରଗଡ,୧୦।୫(ଜୟ ନାରାୟଣ ମେଣ୍ଡୁଲି)

ମାହେଶ୍ୱରୀ ଗ୍ରୁପ ଅଫ ଇନ ଷ୍ଟିଚ୍ୟୁଟ ପକ୍ଷରୁ ସୁନ୍ଦରଗଡ ଶଙ୍କରାଠାରେ ମାହେଶ୍ୱରୀ ଇଂଲିଶ ମିଡିୟମ ସ୍କୁଲ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବ୍ୟାଙ୍କ ଅଫ ବରୋଦାର ସିନିୟର ବ୍ୟାଙ୍କ ମ୍ୟାନେଜର ନେଲୁନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫିତା କାଟି ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଜୀବନରେ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରି ଏହି ଅନୁଷ୍ଠାନ ପ୍ରତିଷ୍ଠା ଦିଗରେ ପ୍ରତିଷ୍ଠାତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ଫକୀର କର୍ଣ୍ଣ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଉନ୍ନତ ମାନର ଶିକ୍ଷା ଭିତ୍ତିଭୂମି ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଟି .ଭବାନୀ ସୁନ୍ଦରଗଡ ଜିଲାରେ ନୂତନ ଧରଣର ଶିକ୍ଷା ପଦ୍ଧତି ପହଞ୍ଚାଇବା ଓ ମେଧାବୀ ଛାତ୍ର ଗଠନ ପାଇଁ ଏହି ଅନୁଷ୍ଠାନ ସଙ୍କଳ୍ପ ନେଇଥିବା କହିଥିଲେ।



ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

### ମଙ୍ଗସପୁରରେ ଭାଜପାର ମହିଳା ସମାବେଶ

ସୁନ୍ଦରଗଡ଼,୧୦।୫(ଜୟ ନାରାୟଣ ମେଣ୍ଡୁଲି)

ଟାଙ୍ଗରପାଲି ବ୍ଲକ ମଙ୍ଗସପୁର କଲ୍ୟାଣ ମଣ୍ଡପ ପରିସରରେ ସୁନ୍ଦରଗଡ଼ ସଦର ବିଧାନସଭା ମଣ୍ଡଳୀର ଭାଜପା ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ପ୍ରାର୍ଥୀ କୁସୁମ ଟେଟେଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଟାଙ୍ଗରପାଲି ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇଥିଲେ। କୁସୁମ ଓ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ମହିଳାଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଶେଷରେ ଉଭୟେ ଭୋଟ ଭିକ୍ଷା କରିଥିଲେ। ସେମାନେ ବିଜୟୀ ହେଲେ ମଙ୍ଗସପୁର ଅଞ୍ଚଳରେ ମଦ ବନ୍ଦ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ସମାବେଶରେ ଉପସ୍ଥିତ କର୍ମକର୍ତ୍ତା।

### ସୁଲୋଚନା ହେଲେ ମହିଳା ବିଜେଡ଼ିର ରାଜ୍ୟ ସମ୍ପାଦିକା

ଅମରପାଲି,୧୦।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସୁଲୋଚନା ହୋତାଙ୍କୁ ରାଜ୍ୟ ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଭାବରେ ନିଯୁକ୍ତି ଦିଆଯାଇଛି। ବିଜେଡ଼ି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ସୁଲୋଚନାଙ୍କୁ ଏହି ଦାୟିତ୍ୱ ମିଳିଲା ପରେ ତାଙ୍କ ସମର୍ଥକ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହିତ ଥିବା ଜଣା ପଡ଼ିଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।



ସୁଲୋଚନା ହୋତା।



ଦେବଗଡ ଜିଲା ରିଆମାଳ ବ୍ଲକ ଟିଁକିରା ନଦୀ କୂଳରେ ଥିବା ଜୁରାଡଙ୍ଗା ଗ୍ରାମର ଲୋକେ ନଦୀ ଭିତରେ ଚୁଆ ଖୋଲି ପିଇବା ପାଣି ସଂଗ୍ରହ କରୁଛନ୍ତି।

# ନଦୀକୂଳରେ ବାସ କରି ବି ଭୋଗୁଛନ୍ତି ଜଳକଷ୍ଟ

- ଗ୍ରାମବାସୀଙ୍କ ପାଇଁ ଚୁଆ ହିଁ ପାଲଟିଛି ଏକମାତ୍ର ସାହା ଭରସା
- ଗ୍ରାମବାସୀଙ୍କ ଦୁଃଖ ଶୁଣୁନି ପ୍ରଶାସନ

ଦେବଗଡ଼, ୧୦।୫(ଶଶାଙ୍କ ଶେଖର ଝାଙ୍କର)

ଗ୍ରାମବାସୀଙ୍କ ପାଇଁ ଚୁଆ ହିଁ ପାଲଟିଛି ଏକମାତ୍ର ଭରସା। ଆମେ କହୁଛୁ ଦେବଗଡ ଜିଲା ରିଆମାଳ ବ୍ଲକ ଟିଁକିରା ନଦୀ କୂଳରେ ଥିବା ଜୁରାଡଙ୍ଗା ଗ୍ରାମର କଥା। ଖରା ଆରମ୍ଭରୁ ଗାଁର ପୋଖରୀ, କୂପ, ନଳକୂପ ସବୁ ଶୁଖିଲା ପଡିଛି। ସେପଟେ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସରିଥିଲେ ବି ଆଜି ଯାଏଁ କାର୍ଯ୍ୟକାରୀ ହେଉନି। ଟୋପେ ପାଣି ପାଇଁ ଲୋକେ ସଂଘର୍ଷ କରୁଛନ୍ତି। ପ୍ରାୟ ୨ କି.ମି. ଦୂରରେ ଥିବା ଟିଁକିରା ନଦୀରେ ଚୁଆ ଖୋଲି ଶଗଡ ଗାଡିରେ ପାଣି ଆଣୁଛନ୍ତି। ଏହି ଚିତ୍ର ଦେଖିଲେ ଲାଗୁଛି ନଦୀ ଭିତରେ ଚୁଆ ଖୋଲିବାର ପ୍ରତିଯୋଗିତା ଚାଲିଛି। ମାତ୍ର ପାନୀୟ ଜଳ ସଂଗ୍ରହ ପାଇଁ ଲୋକେ ଏଠି ସଂଘର୍ଷ କରୁଛନ୍ତି। ନଦୀ ଭିତରେ ଚୁଆ ଖୋଲି ପିଇବା ପାଣି ନେଉଛନ୍ତି। କିଏ ଗରା ବାଲଟିରେ ତ ଆଉ କିଏ ଶଗଡ ଗାଡିରେ ପାଣି ବୋହି ନେଉଛି। ପାନୀୟ ଜଳ ପାଇଁ ଲୋକେ ନଦୀକୁ ବାରମ୍ବାର ଆସି ପାରିବେନି। ଜଳ ସଂଗ୍ରହ ପାଇଁ ନଦୀକୁ ଆସିବାକୁ ହେଲେ ପ୍ରାୟ ୨ କି.ମ. ରାସ୍ତା ଅତିକ୍ରମ କରିବାକୁ ପଡୁଛି।



କିଛି ଦିନ ହେଲା ଗ୍ରାମକୁ ପାଣିଟାଙ୍କିରେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଛି।

ଦେବଗଡ ଜିଲା ରିଆମାଳ ବ୍ଲକ ଜୁରାଡଙ୍ଗା ଗ୍ରାମବାସୀ ଆଜକୁ ବର୍ଷ ବର୍ଷ ହେଲା ଏଭଳି ଅବ୍ୟବସ୍ଥାରେ ରହି ଆସୁଛନ୍ତି। ଗାଁରେ ଥିବା ସମସ୍ତ କୂପ, ନଳକୂପ ଶୁଖିଲା ପଡିଛି। ଜୁରାଡଙ୍ଗା ଗ୍ରାମରେ ପ୍ରାୟ ୬୦ ପରିବାର ବାସ କରୁଥିବା ବେଳେ ଜଳ ଯନ୍ତ୍ରଣା ଏମାନଙ୍କ ପାଇଁ ଦାଉ ସାଧିଛି। ମଣିଷ ହେଉ ଅବା ଜୀବଜନ୍ତୁ ସମସ୍ତେ ଟିଁକିରା ନଦୀ ଉପରେ ନିର୍ଭର କରୁଛନ୍ତି। ମାତ୍ର ଜୁରାଡଙ୍ଗା ଗ୍ରାମବାସୀଙ୍କ ଦୁଃଖ ଶୁଣୁନି ପ୍ରଶାସନ। ଚିରସ୍ରୋତା ଟିଁକିରା ନଦୀ କୂଳରେ ଘର ଥାଇ ବି ଟୋପାଏ ବିଶୁଦ୍ଧ ପାଣି ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ଲକ୍ଷ୍ୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସରିଛି। ଗାଁ ମୁଣ୍ଡରେ ପାଣି ଟାଙ୍କି ଛିଡା ହୋଇଛି ଏବଂ ଗାଁ ଭିତରେ ପାଣି ପାଇପ ପୋତା ସରିଛି। ଟିଁକିରା ନଦୀରୁ ପାଣି ଉଠାଇବା ପାଇଁ ଇନଟେକ ୱେଲ ନିର୍ମାଣ ଶେଷ ହୋଇଛି। କେବଳ ଏତିକି ନୁହେଁ ବିଦ୍ୟୁତ୍ ସଂଯୋଗ ପାଇଁ ଟ୍ରାନ୍ସଫର୍ମର ସାଙ୍ଗକୁ ବିଦ୍ୟୁତ୍ ଖୁଣ୍ଟ ପୋତା ସରିଛି। ମାତ୍ର ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ବିଦ୍ୟୁତ୍ ସଂଯୋଗ କରି ନ ଥିବାରୁ ବର୍ଷ ବର୍ଷ ହେଲା ପାଣି ପାଇଁ ଲୋକେ ହଇରାଣ ହେଉଛନ୍ତି। ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ ହୋଇଛି। ହେଲେ ଗ୍ରାମବାସୀଙ୍କ ଦୁଃଖ ଶୁଣୁନି ପ୍ରଶାସନ। ଖୁବଶୀଘ୍ର ଅନ୍ୟ ଠିକାଦାରଙ୍କୁ ଦାୟିତ୍ୱ ଦେଇ ବିଦ୍ୟୁତ୍ ସଂଯୋଗ ସହ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ। ଏପଟେ କିଛି ଦିନ ହେଲା ଗ୍ରାମରେ ପାଣିଟାଙ୍କି ଦେଇ ପାଣି ଦେଇଥିବା ଦେଖିବାକୁ ମିଳିଛି।

# କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷକ ଦିବସ

ସମ୍ବଲପୁର, ୧୦।୫(ପ୍ରମୋଦ ବହିଦାର)

ଓଡିଶାରେ ଅକ୍ଷୟ ତୃତୀୟା ଏକ ପାରମ୍ପରିକ କୃଷି ଭିତ୍ତିକ ପର୍ବ। ଏହିଦିନ ଠାରୁ ଚାଷୀ ନିଜ ଚାଷଜମିରେ ପୂଜାର୍ଚ୍ଚନା କରି ଅକ୍ଷିମୁଠି ଅନୁକୂଳ ପୂର୍ବକ କ୍ଷେତରେ ହଳ କରି ସହିତ ବିହନ ବୁଣା ଆରମ୍ଭ କରିଥାଏ। ତେଣୁ ଏହି ଦିନକୁ ସମଗ୍ର ଓଡ଼ିଶାରେ କୃଷକ ଦିବସ ଭାବେ ପାଳନ କରାଯାଇଥାଏ। ସମ୍ବଲପୁର ମଧ୍ୟ ଶୁକ୍ରବାର ଲାଉମାଲସ୍ଥିତ ସରକାରୀ କୃଷି ଫାର୍ମରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟ(କୃଷକ ଦିବସ) ପାଳିତ ହୋଇଯାଇଛି। କୃଷି ଫାର୍ମରେ ସର୍ବ ପ୍ରଥମେ ପୂଜକଙ୍କ ପୂଜାପାଠ ସହ ନଡ଼ିଆ ଭାଙ୍ଗି ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀ ଶଙ୍କର ସିଂ ମାତା ଧରିତ୍ରୀଙ୍କ ଆଶୀର୍ବାଦ ଭିକ୍ଷା କରି ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର ଗୋଷ୍ଠୀ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ମତ୍ସ୍ୟ ବିଭାଗୀୟ ଅଧିକାରୀ, ବିହନ ନିଗମର ଅଧିକାରୀ, ସହକାରୀ କୃଷି ଯନ୍ତ୍ରୀ ପ୍ରମୁଖଙ୍କ ସହିତ କୃଷି ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କୃଷି ବିଭାଗ ପକ୍ଷରୁ କୃଷି ଫାର୍ମରେ ଅକ୍ଷିମୁଠି ଅନୁକୂଳ କଲେ ଜିଲା ମୁଖ୍ୟ କୃଷି ଅଧିକାରୀ ।

# ବାଲ୍ୟବିବାହ ବନ୍ଦ ପାଇଁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ



ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ।

ଦେବଗଡ଼, ୧୦।୫(ଶଶାଙ୍କ ଶେଖର ଝାଙ୍କର)

ବାଲ୍ୟ ବିବାହ ବନ୍ଦ କରିବାକୁ ପବିତ୍ର ଅକ୍ଷୟ ତୃତୀୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତା ପକ୍ଷରୁ ବାରକୋଟ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ବାଲ୍ୟ ବିବାହ ବନ୍ଦ କରିବାକୁ ଅନୁଷ୍ଠାନ ପକ୍ଷରୁ ମହିଳା ଗୋଷ୍ଠୀ, ବାଳିକା ମଣ୍ଡଳ, ଯୁବ ଦଳ, ପୁରୋହିତ, ବାରିକ ଓ ବିଉଟୀ ପାର୍ଲର, ଟେଣ୍ଟ ହାଉସ ମାଲିକ ଓ ରୋଷେଇଆଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬ ସମ୍ବନ୍ଧରେ ସେମାନଙ୍କୁ ସଚେତନ କରାଯାଇଥିଲା। ସେମାନେ ଯେପରି ବାଲ୍ୟ ବିବାହ ଭଳି ବେଆଇନ କାର୍ଯ୍ୟରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସାମିଲ ନ ହେବେ ଏବଂ ବାଲ୍ୟ ବିବାହ ବନ୍ଦ କରିବାରେ ସହାୟତା କରିବେ ସେଥି ନିମନ୍ତେ ସେମାନଙ୍କୁ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନ ଅନୁଯାୟୀ ଉଭୟ ପୁଅ ଏବଂ ଝିଅର ବିବାହ ବୟସ, ବାଲ୍ୟ ବିବାହ ଜନିତ ଦଣ୍ଡବିଧାନ ଏବଂ କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥିଲେ ସାଧାରଣ ନାଗରିକ ଭାବେ ନିଜର ଭୂମିକା ତଥା ଏସମ୍ପର୍କୀତ ସୂଚନା କାହାକୁ ଦେବେ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସରପଞ୍ଚ, ମହିଳା ଗୋଷ୍ଠୀ, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହିଥିଲେ। ନିଜ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମର ମାନ୍ୟତା ଦେବାକୁ ସମସ୍ତେ ସମ୍ମତି ପ୍ରଦାନ କରିଥିଲେ।

# ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପରିଚାଳନା ସମୀକ୍ଷା

ଦେବଗଡ଼, ୧୦।୫(ଶଶାଙ୍କ ଶେଖର ଝାଙ୍କର)



ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଉଛି।

ଆସନ୍ତା ମେ ୨୫ ତାରିଖରେ ଦେବଗଡ଼ ଜିଲାରେ ମତଦାନ ହେବ। ଏହା ପୂର୍ବରୁ ସାଧାରଣ ପର୍ଯ୍ୟବେକ୍ଷକ ସୁରେଶ କୁମାର ଓଲା ଭାରତୀୟ ପ୍ରଶାସନିକ ସେବା ଭିଡିଓ କନଫରେନ୍ସ ଦ୍ୱାରା ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ ଓ ବିଭିନ୍ନ ଦଳୀୟ କର୍ମୀମାନଙ୍କ ସହ କିଭଳି ଶାନ୍ତିଶୃଙ୍ଖଳା ସହ ଅବାଧ ମୁକ୍ତ ନିର୍ବାଚନ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଦଳୀୟ ମାନଙ୍କ ଖର୍ଚ୍ଚ ବିବରଣୀର ତଥ୍ୟ ଖାତାରେ ଉଲ୍ଲେଖ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲାର ସାଧାରଣ ନିର୍ବାଚନ ପାଇଁ କୌଣସି ଆପତ୍ତି ଅଭିଯୋଗ ଥିଲେ ଜନସାଧାରଣ ପର୍ଯ୍ୟବେକ୍ଷକ ଓଲାଙ୍କୁ ମୋବାଇଲ ନମ୍ବର ୮୪୮୦୨୮୬୭୬୪ରେ ଯୋଗାଯୋଗ କରିପାରିବେ। ବୈଠକରେ କୋଷାଗାର ଅଧିକାରୀ ତଥା ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ମାଝି, ସହକାରୀ ଜିଲାପାଳ ଶୁଶ୍ରୀ ରେଖା ମହନ୍ତ, ଭାରତୀୟ ଜନତା ପାର୍ଟିର ପ୍ରତିନିଧି ପ୍ରମଥେଶ ଗୁରୁ, ବିଜୁଜନତା ଦଳର ପ୍ରତିନିଧି ରଜତ କୁମାର ପ୍ରଧାନ, କଂଗ୍ରେସ ପାର୍ଟିର ପ୍ରତିନିଧି ଶ୍ରୀତମ କୁମାର ସାହୁ, ସ୍ୱାଧୀନ ପ୍ରତିନିଧି ଜ୍ୟୋତି ଜୁଲିଆନ ଲାକରା, ମନୋଜ କୁମାର ଝାଙ୍କର, ଶ୍ରୀମନ୍ତ ସାହୁ, ମଦନ ମୋହନ ପ୍ରମୁଖ ଉପସ୍ଥିତ ଥିଲେ।

# କବି ଜୟଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ

ଦେବଗଡ଼, ୧୦।୫(ଶଶାଙ୍କ ଶେଖର ଝାଙ୍କର)

ପବିତ୍ର ଅକ୍ଷୟ ତୃତୀୟ ଓ କବି ଜୟଦେବଙ୍କ ଜୟନ୍ତୀ ଅବସରରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାରଠାରେ କବି ଜୟଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଆଇନଜୀବୀ ମନୋଜ ପାଢ଼ୀ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦିଲୀପ ଗୁରୁ ମଞ୍ଚାସୀନ ରହି କବି ଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଆଇନଜୀବୀ ଗୁରୁ କବି ଜୟଦେବଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଗୀତଗୋବିନ୍ଦ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାର୍କଣ୍ଡେଶର ଶତପଥୀ, ନିରଞ୍ଜନ ଦ୍ୱିବେଦୀ, ହେମନ୍ତ ମହାପାତ୍ର, ମିତ୍ରଭାନୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ଡିଲେଶର ପ୍ରଧାନ, ସ୍ଥାନୀୟ କଳାକାର, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୁତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ହଳ ଧରି ଅକ୍ଷିମୁଠି ଅନୁକୂଳ କଲେ କଂଗ୍ରେସ, ବିଜେଡି ପ୍ରାର୍ଥୀ



ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଅକ୍ଷିମୁଠି ଅକୁକୂଳ କରୁଛନ୍ତି।



ଦେବଗଡ ବିଧାନସଭା କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ ଅକ୍ଷିମୁଠି ଅକୁକୂଳ କରୁଛନ୍ତି।

ଦେବଗଡ଼, ୧୦।୫(ଶଶାଙ୍କ ଶେଖର ଝାଙ୍କର)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଦେବଗଡ ବିଧାନସଭା କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ ଓ ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଣ୍ଡରେ ପଗଡି ବାନ୍ଧି ଚାଷୀ ବେଶରେ ଭିନ୍ନ ଭିନ୍ନ ସ୍ଥାନରେ ମୁଠି ଅକୁକୂଳ କରିଛନ୍ତି। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ତଥା କଂଗ୍ରେସ ପ୍ରାର୍ଥୀ ହେମ୍ବ୍ରମ ରିଆମାଳ ବ୍ଲକ ବାଘବର ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଗ୍ରାମର ଚାଷୀ ଓ ନିଜର ସମର୍ଥକଙ୍କ ଗହଣରେ ଚାଷ ଜମିକୁ ଯାଇ ନିଜ ହାତରେ ହଳ ଧରିବା ସହ ଧାନ ବୁଣି ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହା ପୂର୍ବରୁ ହେମ୍ବ୍ରମ ଗ୍ରାମଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବାଘବର ଗ୍ରାମର ଚାଷୀ ଭୀମସେନ ଗଡନାୟକ, ପ୍ରଶାନ୍ତ ସାହୁ, ଝସକେତନ ପ୍ରଧାନ, ମୀନକେତନ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ ଓ ଜନକ ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ବିଜେଡି ପ୍ରାର୍ଥୀ ବିଶ୍ୱାଳ ବାରକୋଟ ବ୍ଲକ ପୂର୍ବାହ୍ନରେ ବଲଣ୍ଡା ଗ୍ରାମ ପଞ୍ଚାୟତର ହିଞ୍ଜିଳିଡା ଗ୍ରାମରେ ଗ୍ରାମର ଚାଷୀ ଓ ସମର୍ଥକଙ୍କ ଗହଣରେ ଚାଷ ଜମିକୁ ଯାଇ ପୂଜାର୍ଚ୍ଚନା କରିବା ପରେ ନିଜ ହାତରେ ହଳ ଧରିବାସହ ଧାନ ବୁଣି ଅକ୍ଷିମୁଠି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ବିଶ୍ୱନାଥ ପ୍ରଧାନ, ସୂର୍ଯ୍ୟମଣୀ ମହାନ୍ତ, କୃତାର୍ଥ ସାହୁ ଓ ମନୋଜ କୁମାର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଓ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ପାଉଁଜି

## ଗଳ୍ପ

ପ୍ରତାପ ବିଶ୍ୱାଳ



ସେଠି ଜହ୍ନ ଉଠିଲେ ନଈପଠା ମତୁଆଲା ହୁଏ। ରୁପା ରଙ୍ଗର ଜୋଛନା ଚାଦର ଘୋଡ଼େଇ ହୋଇ ସ୍ୱପ୍ନବିଳାସୀ ହୋଇ ଉଠେ ବାଦାମୀ ରଙ୍ଗ ଶାଢ଼ି ପିନ୍ଧି। ଫୁଲେଇ ନଈର ଢେଉସବୁ ଅନୂଢ଼ା କିଶୋରୀଟିଏ ପରି ପାଉଁଜି ଛମ୍ ଛମ୍ କରି ଚାଲୁଥା'ନ୍ତି ଆଗକୁ ଆଗକୁ। ଗୋଟାଏ ଅନୁଭବ, ଉପଭୋଗ୍ୟ ଲାଗେ ରାତି।

କୁମାରପୂର୍ଣ୍ଣିମା ରାତି। ଗାଁଦାଣ୍ଡରେ ନଡ଼ିଆ ବାହୁଙ୍ଗାର ଛାଇ ଆଲୁଅ ଭିତରେ କୁଆଁରୀମାନଙ୍କର ଖେଳ। ମୁଁ ତାକୁ ଚୁପ୍‌ରେ ଯାଇ କହିଲି : ଯିବୁ ଆ ମୋ' ସାଙ୍ଗରେ।

ସେ କହିଲା : କେଉଁଠିକୁ ?

: ନଈକୂଳକୁ ।

: କ'ଣ ପାଇଁ ? ନଈରେ କୁମ୍ଭୀର ଅଛି।

ମୁଁ କିଛି ନକହି ଚାଲିଆସିଲି। ମହୁଆ ଶୀତୁଆ ପବନ। ଜହ୍ନର ତୋରା ମୁହଁ। ଗୋଟାଏ ନୈସର୍ଗିକ ଭାବାବେଗ। ନଈକୁ ଚାହିଁ ଛିଡ଼ାହୋଇଛି ପଛରୁ କିଏ ଜଣେ ମୋ' ଆଖିକୁ ବୁଜି ଧରିଲା। ତା' ଚମ୍ପାକଢ଼ିର ବଢ଼ନ୍ତା ନଖକୁ ଛୁଇଁ କହିଲି : ସ୍ୱପ୍ନା ! କହୁଥିଲୁ ତ କୁମ୍ଭୀର ଅଛି। ଆସିଲୁ ଯେ ?

: ତୁମେ ପା' ଅଛ। କୁମ୍ଭୀର କ'ଣ କରିବ ? କୁହ କାହିଁକି ଡାକିଲ ?

: ଏ ଜହ୍ନରାତି, ନଈକୂଳ। ମୋବାଇଲରେ ଫଟୋଟାଏ ନେବି ତୋର।

: ମୋ ଫଟୋ ! କେତେ ଫଟୋ ନେବ କି ?

: ମନା କରିବୁ ତ ଦର୍କାର ନାହିଁ।

: ମୁଁ କ'ଣ ତୁମ ମନରେ ନାହିଁ କି ! ସବୁଥର ତୁମର ଫଟୋ ଦର୍କାର ହେଉଛି ?

କହିଲି, ଆଜି ତୁ ଏ କୁମାରପୂର୍ଣ୍ଣିମାରେ ସଜବାଜ ହୋଇ ଆହୁରି ସୁନ୍ଦର ଦିଶୁଛୁ। ସେଇଥିପାଇଁ। ସେ କହିଲା, ସତେ ! ଆଗକୁ ଆସି କହିଲା ଉଠାଅ।

: ଏଠି ନୁହେଁ। ନଈତୁଠର ସେ ପଥର ଉପରେ ବସି।

ପଥର ଉପରେ ଜହ୍ନର ଜୋଛନା ଘଷିମାଜି ହେଉଛି। ସେ ସାଲ୍‌ୱାରକୁ ଗୋଡ଼ ଭଣ୍ଡାଯାଏ ଉଠାଇ ପାଣିକୁ ପାଦଦେଇ ବସିଲା। ଦୁଧ ଅଳତା ସଦୃଶ ପାଦରେ ତା'ର ଜୋଛନା ମଥା କୋଡୁଥିଲା। ଦୁଇ ପାଦରେ ପାଉଁଜି ଦୁଇପଟ ଚିକ୍‌ଚିକ୍ କରୁଥିଲେ। ମଥାରେ ଟୋପିଟୋପି ଚନ୍ଦନଟିପା ପୂର୍ଣ୍ଣଚନ୍ଦ୍ର ମୁଖରେ ତାରାଙ୍କୁ କିଏ ଯେପରି ଆଙ୍କି ଦେଇଛି ତା' କଳା କାରିଗରି ହାତରେ।

ଫଟୋ ଉଠାଇ ଫେରିଲାବେଳେ କହିଲା: ଆଜି ସନ୍ଧ୍ୟାରେ ଚଉଁରାମୂଳେ ଚାନ୍ଦ ପୂଜା କଲାବେଳେ କ'ଣ ମାଗିଲି ଜାଣିଛ ?

: କ'ଣ ?

: ଧେତ୍, କେତେବର୍ଷ ହେଲା ଆମ ସମ୍ପର୍କ କହିଲ ?

: ଯେଉଁ ସମ୍ପର୍କ ଆନ୍ତରିକତା, ନିଷ୍ଠା ଓ ସହୃଦୟତାରେ ଗଢ଼ା, ସେଠି ସମୟ, କାଳକୁ ମନେରଖିବା କ'ଣ ଦର୍କାର। ବିଶ୍ୱାସ ହିଁ ଭଲପାଇବା। ଭଲପାଇବା ହିଁ କାଳ କାଳକୁ।

: ସତରେ ! ଚାଲ ନଅ ବର୍ଷ ତଳେ ତୁମେ ମାମୁଘରକୁ ଆସିଲେ ଆମେ ଯେମିତି ବାଲିରେ ଘର ତୋଳି ଭାତ, ତର୍କାରି ରାନ୍ଧି ବୋହୂଖେଳ ଖେଳୁଥିଲେ ଆଜି ସେମିତି ଖେଳିବା।

ଖରିବୁଦା ମୂଳକୁ ଯାଇ ମୋ' ପାଖକୁ ଲାଗିବସି ସେ ମିଛିମିଛିକା ଭାତ, ତିଅଣ ରାନ୍ଧି କହିଲା: ଚକାମାଡ଼ି ବସ ଖାଇବ। ଖାଉ ଖାଉ ମୋ' ଦେହକୁ ଆଉଜିଯାଇ କହିଲା: ଶୀଘ୍ର ଖାଇଦେ ଡେରି ହେଲାଣି। ବିଛଣା ପାରିଦେଉଛି ଶୋଇପଡ଼। ସେ ଉଠିଗଲାବେଳେ ମୁଁ ତା' ହାତକୁ ଭିଡ଼ିଆଣି କହିଲି: ଆଉ ତୁ ? ସେ ମୋ' ଦେହରେ ଆହୁରି ଜଡ଼ି ହୋଇଗଲା।

ମନ ନଈ ପାଣିରେ ପୂନେଇଁ ଜୋଛନା ଢେଉ ଖେଳୁଥିଲା। ବିନା ଶୋଚନା, ଅନୁଶୋଚନାରେ ବି ପୂନେଇଁ ରାତିଟା କିଛି ସମୟ ପାଇଁ ଅନ୍ଧ ହୋଇଗଲା।

ଉଠି ବସିଲା ବେଳେ ଦେଖିଲି ତା' ଆଖରେ ଆଖିଏ ଲୁହ। ପଚାରିଲି କାନ୍ଦୁଛୁ ? କହିଲା, ନା ସେ କିଛି ନୁହେଁ। ମୁଁ ବୁଝିପାରିଲିନି ସେ ଲୁହ ଆନନ୍ଦର ନା ଦୁଃଖର। ସେ କହିଲା ଆସ ଯିବା। ଗାଁ ଦାଣ୍ଡରେ ଖେଳ ସରିଯାଇଥିଲେ ମା' ତେଣେ ଖୋଜିବ।

ନଈବନ୍ଧକୁ ଉଠିଲାବେଳେ ହଠାତ୍ ସେ ଛିଡ଼ା ହୋଇଯାଇ କହିଲା: ମୋ' ପାଉଁଜି !

ମୁଁ ତା' ପାଦକୁ ଚାହିଁଲି। ତା' ବାମପାଦରେ ପାଉଁଜି ନ ଥିଲା। କହିଲି: ଚାଲ କେଉଁଠି ପଡ଼ିଯାଇଥିବ ଖୋଜିବା। ସେ କହିଲା: ନା, ଥାଉ। ହଜିଥାଉ ସେ। ପାଉଁଜି ଖାଲି ଗୋଟେ କିଶୋରୀ ଝିଅ ପାଦର ଶୋଭାବର୍ଦ୍ଧନ ପାଇଁ ନୁହେଁ; ଗୋଟିଏ ପଟ ଶୃଙ୍ଖଳା, ଅନ୍ୟଟି ସଦାଚାର। ସେଥିରେ ଲାଗିଥା'ନ୍ତି ସ୍ୱପ୍ନ, ବିଶ୍ୱାସ, ଭରସା, ସଂଭ୍ରମତା, ଲାଜ, ଭୟ, ସଂକୋଚ ଆଦିର ଛୋଟ ଛୋଟ ଘୁଙ୍ଗୁର। ଚାଲିଲାବେଳେ ପ୍ରତିପାଦରେ ଚେତାଇ କୁହନ୍ତି ଧୀରେ ପାଦ ପକାଇ ଆଗକୁ ଚାଲ। ସ୍ୱପ୍ନଗୁଡ଼ାକ ସବୁବେଳେ ନଈର ଢେଉ। ପାଦ ଖସିଗଲେ ଅକାତକାତ ପାଣି। ପାଣି ଭିତରେ କୁମ୍ଭୀର। ଭୁଲି ଯାଅନା ଦୁହିତା ଦୁଇ କୂଳକୁ ହିତା।

କିନ୍ତୁ ଏ ଭରା ଜହ୍ନରାତି ଆଜି କିନ୍ତୁ ମୋ' ପାଦକୁ ଖସାଇଦେଲା। ତୁମ ପ୍ରେମରେ ବୁଡ଼ାଇଦେଲା। ପଟେ ପାଉଁଜି ହଜାଇଦେଲି ତୁମ ପ୍ରେମର ନଈରେ। ଏବେ ମୁଁ କୁମ୍ଭୀର କବଳରେ। ଯେବେ ତୁମେ ମୋତେ କୁମ୍ଭୀରଠୁ ଉଦ୍ଧାରିବ ମୋର ଆଉ କିଛି ଲୋଡ଼ାନାହିଁ, ହଳେ ପାଉଁଜି ଆଣି ଦେବ। ଏ ଲୋଭିଲା ଜହ୍ନ ପରି ମୋ' ମଥାରେ ସିନ୍ଦୂର ଟିପାଟିଏ ଦେବ। ଏ ପଟିକ ପାଉଁଜି ଥାଉ ମୋ' ପାଖରେ। ମୋ' ପ୍ରେମ, ମୋ' ବିଶ୍ୱାସ, ମୋ' ସ୍ୱପ୍ନର ଅନୁଚ୍ଚାରିତ ଅନୁରାଗଟିଏ ହୋଇ।

ସେ ମୋ' କାନ୍ଧରେ ମଥା ରଖି କାନ୍ଦିକାନ୍ଦି କହୁଥିଲା। ଲୁହକୁ ତା'ର ପୋଛିଦେଲି ହାତକୁ ଧରି। କପାଳରେ ଚୁମ୍ବନଟିଏ ଦେଇ କହିଲି: ସମ୍ପର୍କର ଅନ୍ୟ ନାମ ବିଶ୍ୱାସ। ବିଶ୍ୱାସର ଅନ୍ୟ ନାମ ଭଲପାଇବା। ମରଣ ଛଡ଼ା ଏ ଜନ୍ମରେ ଆମକୁ କେହି ଅଲଗା କରିପାରିବେନି। ମୋ' ଉପରେ ସେତିକି ଭରସା, ବିଶ୍ୱାସ ରଖ ସ୍ୱପ୍ନା, କାନ୍ଦନା ପ୍ଲିଜ୍।

ସେ ମୋ' ହାତକୁ ଆହୁରି ଜୋରରେ ଜାବୁଡ଼ି ଧରିଲା। ଗାଁ ଦାଣ୍ଡ ଆଡ଼କୁ ପାଦ ବଢ଼ାଉ ଥିଲୁ ଦୁହେଁ।

ମୋ: ୯୪୩୭୭୪୫୯୮୩

## କବିତା

### ନଈପହଁରା

ରଞ୍ଜନ କୁମାର ଦାସ

ଏ ପୃଥିବୀରେ କେତେ ରଙ୍ଗ
କେତେ ସ୍ୱାଦ
କେତେ ଚରିତ୍ର
କେତେ ପ୍ରକାର ଅନୁଭବ।

ତା' ଭିତରୁ ଗୋଟିକର
ଅନୁପସ୍ଥିତିରେ ବି
ସମ୍ପୂର୍ଣ୍ଣ ଲାଗେନା ସୃଷ୍ଟି
କିଏ ତା' ଭିତରୁ
ଅସୂୟାର ଅଗ୍ନିରେ ଜାଳିଦିଏ ଫୁଲବନ
ତ' କିଏ ପୁଣି ଆଶ୍ୱାସନାର
ମେଘବର୍ଷା କରି
ଲିଭାଏ ସେ ନିଆଁ।

କିଏ ଜନ୍ମ ହୋଇ ଝରାଏ ମହୁ
କିଏ ପୁଣି ଜଲ୍ଲାଦ ହେଇ
ଝରାଏ ଲୁହ ଲହୁ।

ଜୀବନର ରୁକ୍ଷ ମାଳଭୂମିରେ
ଜ୍ୟୋତ୍ସ୍ନାର ଶୀତଳତା ବୁଣିଥିବା
ଜହ୍ନ କୋଳରେ ଯେମିତି ଜାକିଦିଏ ମୁହଁ
ସେମିତି କୃତଜ୍ଞତା ଜଣାଏ
ସେ ତସ୍କର ସମୟ ପାଖରେ
ଯିଏ ଲୁଟିନେଇଥାଏ
ଫଗୁଣରୁ ସବୁ ବାସ୍ନା।

ସତରେ ସିଏ ଯଦି
ଆଲୁଅରେ ଫେଣ୍ଟି ନଥାନ୍ତା ଅନ୍ଧାର
ପୀୟୂଷରେ ମିଶେଇ ନଥାନ୍ତା ବିଷ
କେମିତି ବୁଝିଥାନ୍ତି ବଞ୍ଚିବାର ବ୍ୟାକରଣ
ତା' ଈର୍ଷା, ଦ୍ୱେଷ, ଘୃଣା
ମନ୍ତ୍ର, ତନ୍ତ୍ର, ଷଡ଼ଯନ୍ତ୍ର ବିନା
କେମିତି ଶିଖିଥାନ୍ତି
ମାଟିରୁ ଉଠି
ଠିଆ ହେବାର କୌଶଳ ?

ହେ ଅକୃତଜ୍ଞ ସମୟ
ସବୁ ଛଳନା ଓ ପ୍ରତାରଣା ସତ୍ତ୍ୱେ
ମୁଁ ତୁମ ପାଖରେ ଚିରକାଳ କୃତଜ୍ଞ।
ତମେ ମତେ ଭରାନଈକୁ
ଠେଲିଦେଇ ନ ଥିଲେ
ମୁଁ କ'ଣ ଶିଖିଥାନ୍ତି ନଈପହଁରା।

ମୋ: ୯୪୩୭୨୮୬୫୧୨

### ସୂର୍ଯ୍ୟାସ୍ତ: ତୁମ ଆଖିରେ

ମୟୂରୀ ଦାଶ

ମୁଁ ଜାଣେ
ତୁମେ ଗ୍ରହ ତାରା ନକ୍ଷତ୍ରଙ୍କୁ
ନିଜ ଆୟତ୍ତକୁ ଆଣିପାର

ମୁଁ ଜାଣେ
ତୁମେ ସ୍ୱପ୍ନକୁ ବାସ୍ତବତା ଓ
ବାସ୍ତବତାକୁ ଧୂଆଁରେ
ପରିଣତ କରିପାର

ମୁଁ ଜାଣେ
ତୁମେ ସିଲଟରେ ଚିତ୍ର ଆଙ୍କି
ତାକୁ ଜୀବନ୍ୟାସ ଦେଇପାର
ମୁଁ ଜାଣେ
ତୁମେ ପାପ ଓ ପୁଣ୍ୟର
ଭେଦକୁ ଭେଦିପାର...

ହେଲେ ହାତଧରି
ଚାଲିପାରିବ କି ଖଣ୍ଡେ ବାଟ,
ନିର୍ବାଣ ବିନିମୟରେ ?
ଭୁଲିପାରିବ କି ଆତ୍ମା ଓ
ପରମାତ୍ମାର ପାର୍ଥକ୍ୟ ?

ଯେବେ ପଶ୍ଚିମ ଆକାଶ ଥିବ
ଗାଢ଼ ନାଲିର ନିବିଡ଼ତାରେ...
ଦୈର୍ଘ୍ୟ ଓ ଦୂରତାର ଅନ୍ତର ଭୁଲି
ଦେଖିବି ସୂର୍ଯ୍ୟାସ୍ତ ; ତୁମ ଆଖିରେ।

ମୋ: ୬୩୭୧୮୦୬୩୦୨

### ଗୀତି-କବିତା

### ସମର୍ପଣ

ଜୟନ୍ତୀ ସାହୁ

ପତିତ ହାତରେ ପତିତପାବନ
ସିଂହଦୁଆରକୁ ଗଲି
ଟୋପା ଟୋପା ଲୁହ
ଆଞ୍ଜୁଳିରେ ନେଇ
ତୋ' ପାଦରେ ଟେକିଦେଲି।

ଜାଣିଛି ଲୁହରେ ତୋ' ଶରଧା ଭାରି
ଅନୁରାଗ ତୋର ଦୁଃଖେ
ସେଥିପାଇଁ ଆଜି ଦୁଃଖର ଗଣ୍ଠିଲି
ତୋତେ ସଅଁପୁଛି ସୁଖେ।

ଆପଣାପଣର ଅଥଳ ସମୁଦ୍ର
ବିଶ୍ୱାସର ମଧୁକୋଷ
ଦିବ୍ୟ ଚେତନାର ନାନ୍ଦୀପାଠ ତୁମେ
ସ୍ନେହ ପ୍ରେମର ସୁବାସ।

ଆଶା ଭରସାର ଶୁଭ ଶଙ୍ଖ ତୁମେ
ଜୀବନର ରଶ୍ମିରେଖା
ସଦା ଜାଗ୍ରତ ଜୀବନ୍ତ ମୂରତି
ପିତା ମାତା ବନ୍ଧୁ ସଖା।

ମୋ: ୮୦୯୩୪୮୬୬୭୪

## ପୁସ୍ତକ ପରିଚୟ

### ଉତ୍ତରଦାୟୀ




**ଲେଖକ:** କାଳିନ୍ଦୀ ଚରଣ ଭଞ୍ଜ
**ପ୍ରକାଶକ:** ଅନସୂୟା ପବ୍ଲିକେଶନ, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୨୫୦/-

ମୋଟ ୨୪ଟି ଗଳ୍ପ ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ସଂଯୋଜିତ। ଜୀବନରେ ଲେଖକ ଦେଖିଥିବା ଓ ଅଙ୍ଗେ ନିଭେଇଥିବା ଘଟଣାବଳୀ ଅନ୍ତରଙ୍ଗ କାହାଣୀ ହୋଇଉଠିଛି ପ୍ରତ୍ୟେକଟି ଲେଖାରେ। କେବଳ କଳ୍ପନା ନୁହେଁ, କେତେକ ଗଳ୍ପରେ ବିଜ୍ଞାନ ଆଧାର ହୋଇଛି ଓ ଏହିଭଳି ଏକ ଗଳ୍ପ 'ଗର୍ଭ ପରିବର୍ତ୍ତନ'। ନିଃସନ୍ତାନ ଶୁଭଶ୍ରୀ ଡାକ୍ତରଙ୍କ ପରାମର୍ଶକ୍ରମେ ଶୁକ୍ର ବ୍ୟାଙ୍କ୍‌ରୁ ଶୁକ୍ର ଗ୍ରହଣ ପୂର୍ବକ ଗର୍ଭରେ ସ୍ଥାପନ କରି ମାଆ ହୋଇଛି। ଏପରି ଗଳ୍ପ ପ୍ରଚାରଧର୍ମୀ ହେଲେ ହେଁ ଏହାର ଆବେଦନ ପାଠକର ହୃଦୟକୁ ସ୍ପର୍ଶ କରେ। ବନ୍ଧୁତାର ନିରଳସ ଥଟ୍ଟାମଜା ଗଳ୍ପରେ କିପରି ଉପଭୋଗ୍ୟ ଆଙ୍ଗିକ ନିର୍ମାଣ କରିପାରେ, ତା'ର ନଜିର୍ ବହିରେ ଥିବା 'ଗୟାଧର' ଶୀର୍ଷକ ଗଳ୍ପ। ଏଥିରେ ସରଳ ବିଶ୍ୱାସୀ ଗୟାଧରକୁ କିପରି ତା'ର ସାଙ୍ଗମାନେ ଥଟ୍ଟା କରନ୍ତି ଓ ସେଥିରୁ ନିର୍ଦ୍ଦୋଷ ଆନନ୍ଦ ଲାଭ କରନ୍ତି, ତାହାର ପରିଚୟ କେବଳ ମିଳେ ନାହିଁ; ଗଳ୍ପଟି ପାଠକଲେ ପ୍ରତ୍ୟେକ ପାଠକ ନିଜ ନିଜ ଜୀବନ ବଳୟରେ ଘଟିଥିବା ବା ଶୁଣିଥିବା ଘଟଣାକୁ ଏହି ଅନୁଭବ ସହ ଯୋଡ଼ି ଆନନ୍ଦ ପାଆନ୍ତି। ଗୋଟିଏ ଭଲ ଗଳ୍ପ କେବଳ ଆଙ୍ଗିକର ଅଙ୍କକଷା ନୁହେଁ, ସାଦା କଥାର ନିଷ୍କପଟ ଉପସ୍ଥାପନା ମଧ୍ୟ ହୋଇପାରେ। ଆଲୋଚ୍ୟ ଗଳ୍ପ ସଂକଳନଟି ଏହି ଦୃଷ୍ଟିରୁ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

### ଶେଷପତ୍ର




**ଅନୁବାଦିକା:** ରେବା ପଟ୍ଟନାୟକ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୫୦/-

'ଶେଷପତ୍ର'ରେ ଯେଉଁସବୁ ଲେଖକଙ୍କର ଗଳ୍ପ ଅନୂଦିତ ହୋଇ ସ୍ଥାନିତ ହୋଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ଓ ହେନ୍‌ରି, ସୋନିଆ ଜୋନ୍ସ୍, ଲି ଆନ୍ ଥିଏମାନ୍, ଆର୍‌ନୋଲ୍ଡ ଫାଇନ୍, ଡିଆନ ଜି. ମିଲ୍ସ, ମେରୀ ଜେ. ଡେଭିସ୍, ଶିର୍ ଲି ଆଲିସନ୍, ଜିଓ୍ୱନ୍ ଫୋସ୍, ନାର୍‌ସିସୋ ଜି. ରେୟେସ୍, ରସ୍କିନ୍ ବଣ୍ଡ ଓ ଅତନୁ ଭଟ୍ଟାଚାର୍ଯ୍ୟ। ଏଥିରୁ ଅନେକଙ୍କୁ ସବୁ ପାଠକ ଜାଣି ନ ଥିବେ ହୁଏତ, କିନ୍ତୁ ଏମାନଙ୍କ ଦ୍ୱାରା ରଚିତ ଗୁରୁତ୍ୱପୂର୍ଣ୍ଣ ଗଳ୍ପଗୁଡ଼ିକୁ ରେବାଙ୍କ ଅନୁବାଦ ଜରିଆରେ ଏବେ ପଢ଼ିବାର ଅବକାଶ ପାଇବେ। ଅନୁବାଦ ସବୁବେଳେ ଏକ ଝରକା ସଦୃଶ, ଯାହା ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଖୋଲାଥାଏ। ଆଲୋଚ୍ୟ ଅନୁବାଦ ସଂକଳନଟି ସେହିପରି ଏକ ବିଶ୍ୱସ୍ତ ଖୋଲା ଝର୍କା, ଯାହା ଭାଷା ଭାଷା ମଧ୍ୟରେ ଥିବା ଦୂରତାକୁ ଅତିକ୍ରମି ଗୋଟିଏ ଭାଷାର ରଚନାକୁ ଅନ୍ୟ ଏକ ଭାଷାର ପାଠକଙ୍କ ନିକଟରେ ପହଞ୍ଚାଇ ପାରିଛି। ଅନୁବାଦିକା ଓଡ଼ିଆ ସାହିତ୍ୟ, ଏପରିକି ବିଶ୍ୱ ସାହିତ୍ୟ କ୍ଷେତ୍ରରେ ଜଣେ ଅନୁଭବୀ ଲେଖିକା। ତେଣୁ ତାଙ୍କ ଦ୍ୱାରା କରାଯାଇଥିବା ଏ ଅନୁବାଦ କର୍ମଟି ମୂଳ ଲେଖା ପ୍ରତି ବିଶ୍ୱସ୍ତ ହୋଇପାରିଛି ଓ ପାଠକଙ୍କ ଦ୍ୱାରା ଆଦୃତ ହେବାର ସମ୍ଭାବନା ରଖେ। ବହିର ଶୀର୍ଷକ ଗଳ୍ପ ଓ ହେନ୍‌ରୀଙ୍କ 'ଶେଷପତ୍ର'ରେ ମୃତ୍ୟୁକୁ ପରାସ୍ତ କରି ଜୀବନର ଯେଉଁ ବିଜୟ-ଚିତ୍ର ଅଙ୍କିତ, ତାହା ଅନେକ ଦିନଯାଏ ଭୁଲି ହେବାର ନୁହେଁ।

## କାଳକାଳକୁ

"ପ୍ରକୃତି-ପ୍ରେମ ମଣିଷକୁ ସୁଖକର ଜୀବନ ଆଡ଼କୁ ଘେନିଯାଏ।"
– ସୁମିତ୍ରାନନ୍ଦନ ପନ୍ତ



**ସୁମିତ୍ରାନନ୍ଦନ ପନ୍ତଙ୍କ** ଜନ୍ମ ୨୦ ମେ ୧୯୦୦ରେ ତତ୍କାଳୀନ ଉତ୍ତରପ୍ରଦେଶ (ଏବେ ଉତ୍ତରାଖଣ୍ଡ)ର କୌସାନୀରେ ଓ ପରଲୋକ ୨୮ ଡିସେମ୍ବର ୧୯୭୭ରେ, ପ୍ରୟାଗରାଜରେ। ତାଙ୍କର ଅଧିକାଂଶ ରଚନାରେ ଗ୍ରାମୀଣ ଭାରତର ସୌନ୍ଦର୍ଯ୍ୟ ଓ ସ୍ୱାଦ ଉତ୍କୀର୍ଣ୍ଣ ଅତ୍ୟନ୍ତ ସଫଳତାର ସହ। 'ଛାୟାବାଦୀ' ଯୁଗର ଏହି ବିଶିଷ୍ଟ ଧାରା ପ୍ରବର୍ତ୍ତକ କବିଙ୍କର ପ୍ରମୁଖ ରଚନା ମଧ୍ୟରୁ କେତୋଟି ହେଉଛି- ଗ୍ରାମ୍ୟା, ପଲ୍ଲବ, କଳା ଔର୍ ବୁଢ଼ାଚାନ୍ଦ୍ (୧୯୬୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ), ଚିଦମ୍ବରା (୧୯୬୮ରେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ), ତାରାପଥ ଓ ଗୁଂଜନ। 'ହଂସ ଔର୍ ରାଜକୁମାରୀ' ଭଳି ପ୍ରଭାବଶାଳୀ ଏକାଧିକ ଶିଶୁ-ସାହିତ୍ୟ ଗ୍ରନ୍ଥର ସେ ସ୍ରଷ୍ଟା। ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ୧୯୬୧ରେ 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନିତ କରିଛନ୍ତି।

# ଶତ୍ରୁର ସନ୍ଧାନରେ

## ଅନୁବାଦ ଗଳ୍ପ

ମୂଳ ହିନ୍ଦୀ-ବିଜୟ ରାଙ୍ଗଣେକର
ଅନୁବାଦ-ମନୋଜ କୁମାର ବେହେରା

ନିତିଦିନିଆ ଜୀବନରେ ଭବିଷ୍ୟଫଳର ଗୋଟିଏ ଅଲଗା ମହତ୍ତ୍ୱ ଅଛି। ସତ କହୁଛି ଆଜ୍ଞା, ଏହି ଭବିଷ୍ୟଫଳକୁ ଆପଣ ସକାଳୁ ସକାଳୁ ଖବରକାଗଜରେ ପଢ଼ି ନିଜର ବ୍ୟୂହ ରଚନା କରିପାରିବେ। ମୁଁ ମଧ୍ୟ ନିତିଦିନ ସକାଳେ ଖବରକାଗଜରେ ରାଶିଫଳ ସ୍ତମ୍ଭକୁ ପଢ଼ି ମୋର ଦିନଚର୍ଯ୍ୟାକୁ ଆରମ୍ଭ କରିଥାଏ।

'ଆପଣ ଭାବିଥିବେ କାମଟି ଆଜି ସମ୍ପୂର୍ଣ୍ଣ ହେବ', ପଢ଼ି ମୁଁ ପ୍ରାୟତଃ ଭାବିଥାଏ କି ମୋତେ କ'ଣ ଭାବିବା ଦରକାର। ତା'ପରେ ମୁଁ ସ୍ଥିର କରେ ମୋର ଭାବିଥିବା କାମଟି ଯଦି ଆଜି ସମ୍ପୂର୍ଣ୍ଣ ହେବ, ତେବେ ମୋତେ ସେହି ସବୁ କାମ ବିଷୟରେ ଭାବିବା ଦରକାର, ଯାହାକୁ ମୁଁ ସମ୍ପୂର୍ଣ୍ଣ ହେବାକୁ ଦେଖିବାକୁ ଚାହେଁ।

'ଦାମ୍ପତ୍ୟ ଜୀବନ ସୁଖମୟ ହେବ'। ଦାମ୍ପତ୍ୟ ଜୀବନ ପୁଣି ସୁଖମୟ ହୋଇଥାଏ ! ଏହା କେବଳ ଭବିଷ୍ୟଫଳରେ ପଢ଼ିଛି ଆଉ ତା'ଛଡ଼ା ସ୍ତ୍ରୀଙ୍କ ରାଶିର ଭାଗ୍ୟଫଳରେ ଏହା ଥିଲେ ସିନା ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଯଦି ସ୍ତ୍ରୀଙ୍କର ଭବିଷ୍ୟଫଳରେ 'ଦାମ୍ପତ୍ୟ ଜୀବନ କଳହପୂର୍ଣ୍ଣ ରହିବ', ଛପା ହେଇଥିବ ତେବେ ଜଣା ନାହିଁ କ'ଣ ଯେ ଘଟିବ ? 'ବାହନ ସୁଖ ଉତ୍ତମ ରହିବ'। ମୋର ପୁରୁଣା ମଡେଲର ଚେତକ ସ୍କୁଟରଟା ଏପର୍ଯ୍ୟନ୍ତ କେବଳ ମୋତେ ଦୁଃଖ ହିଁ ଦେଇଆସିଛି। 'ହୁଏତ ବିଦେଶ ଯିବାର ଯୋଗ ଅଛି', ପଢ଼ି ବାହାରକୁ କେମିତି ଯାଇ ହେବ ସେ ବିଷୟରେ ଅନୁସନ୍ଧାନ କରିବାକୁ ଲାଗିପଡ଼େ ମୁଁ। 'ଅଚାନକ ଧନ ଲାଭର ଯୋଗ ଅଛି' ପଢ଼ି ମୋ' ହାତ କୁଣ୍ଡେଇ ହୁଏ ଆଉ ଡି.ଏ.ର ସର୍କୁଲାର ବିଷୟରେ ମୁଁ ଯାକୁ ତାକୁ ପଚାରିବା ଆରମ୍ଭ କରିଦିଏ।

ଏହା ବ୍ୟତୀତ ମୋର ଭବିଷ୍ୟଫଳର ଏମିତି ବି କିଛି ଛପା ହୋଇଥାଏ, ଯାହା ପ୍ରକାଶିତ ନ ହୋଇ ମଧ୍ୟ ମୋର ଭବିଷ୍ୟକୁ ପ୍ରତିଫଳିତ କରିଥାଏ। ଏଇ ଯେମିତିକି, 'ଆର୍ଥିକ ଚିନ୍ତା ବଢ଼ିବ', 'ପରିଶ୍ରମ ସତ୍ତ୍ୱେ ସଫଳତା ନାସ୍ତି', 'କାର୍ଯ୍ୟରେ ଶୀଘ୍ରତା କରନ୍ତୁନି, ଅଯଥା ହଇରାଣ ହେବାର ଯୋଗ', 'ଅଧୀନସ୍ଥ କର୍ମଚାରୀଙ୍କର ସହଯୋଗ ମିଳିବ ନାହିଁ' ଇତ୍ୟାଦି। ବାସ୍ ଏହିସବୁ ଭବିଷ୍ୟବାଣୀର ସୀମାରେଖାର ଛାଇ ତଳେ ମୋ' ଜୀବନର ଗାଡ଼ି ଧକେଇ ଧକେଇ ଚାଲୁଥିଲା। ହେଲେ ଗତକାଲି ମୁଁ ଯେତେବେଳେ ସପ୍ତାହାନ୍ତ ରାଶିଫଳରେ ପଢ଼ିଲି କି, 'ମୀନ ରାଶିବାଲାଙ୍କର ପରିବାର ଭିତରେ ମତଭେଦ ଏବଂ ଶତ୍ରୁ ଦ୍ୱାରା ହାନିର ସମ୍ଭାବନା ଅଛି' ପଢ଼ି ମୋର କାନ ଦୁଇଟା ଛିଡ଼ା ହୋଇଗଲା କି କିଏ ସେ ସେହି ଗୁପ୍ତ ଶତ୍ରୁ, ଯିଏ ମୋର କ୍ଷତି କରିବାକୁ ମୁଣ୍ଡର ବାଳକୁ ଓପାଡ଼ିବାକୁ ଚାହେଁ।

ମୁଁ ଭାବିବାକୁ ଲାଗିଲି କି ପରିବାରରେ ଆଗ ମତଭେଦ ହେବ ଆଉ ତା'ପରେ ଶତ୍ରୁ ଦ୍ୱାରା ହାନି ନା ଆଗ ଶତ୍ରୁ ଦ୍ୱାରା ହାନି ହେଲା ପରେ ପରିବାରରେ ମତଭେଦ ଅର୍ଥାତ୍ ମନୋମାଳିନ୍ୟ ହେବ। ଯଦି ପରିବାର ଭିତରେ ଆଗ ମନୋମାଳିନ୍ୟ ହେଇଯାଏ, ତେବେ ଅନ୍ତତଃ ଏଇଟା ଜଣାପଡ଼ିଯାଆନ୍ତା କି ମୋର ଶତ୍ରୁ କିଏ ? କାହିଁକିନା ଘର ଭେଦି ବିଭୀଷଣ ହିଁ ଆଗ ମୋର କ୍ଷତି କରିବ।

ତା'ପରେ ମୋ' ମୁଣ୍ଡକୁ ଆସିଲା କି ଏ ମାସରେ ମୁଁ କମ୍ପାନୀର ଟାର୍ଗେଟ୍ ପୂରଣ କରିନି। ତେଣୁ ଆଜି ନିଶ୍ଚୟ ମୁଖ୍ୟ ପ୍ରବନ୍ଧକ ମୋତେ ସହାୟକ ପ୍ରବନ୍ଧକଙ୍କର ପତ୍ର ଧରେଇ ଦେବେ। ହଁ, ଏମିତି ଆଗରୁ ବହୁତ ଥର ହେଇଛି, ହେଲେ ସବୁଥର ଫୋନ୍‌ରେ ଗାଳି ଖାଇ ସାରିଲା ପରେ ଘଟଣାର ସମାଧାନ ହେଇଛି। ତା'ହେଲେ କିଏ ହେଇପାରେ ମୋର ଶତ୍ରୁ ? ଏହି ଚିନ୍ତାରେ ଦଶଟା ବାଜିଗଲା। ଘରେ ମଧ୍ୟ ସେମିତି କିଛି ଉଲ୍ଲେଖନୀୟ ଘଟଣା ଘଟିଲା ନାହିଁ। ମନୋମାଳିନ୍ୟ ଯୋଗୁଁ ଆମ ଧର୍ମପତ୍ନୀ ନୀରବତା ଅବଲମ୍ବନ କରିନେଲେ। ଖାଦ୍ୟପେୟ ମଧ୍ୟ ଠିକ୍‌ଠାକ୍ ରହିଲା।

ଡରି ଡରି ମୁଁ ପହଞ୍ଚିଲି କାର୍ଯ୍ୟାଳୟରେ। ସେଠି ମୋ' ଭଳିଆ କିଛି ମୀନ ରାଶିର ବ୍ୟକ୍ତି ଥିଲେ, ଯେଉଁମାନେ ଆଗରୁ ସତର୍କ ହେଇଯାଇଥିଲେ। ସେମାନେ ସମସ୍ତେ ସଜାଗ ଥିଲେ ନିଜର ସମ୍ଭାବିତ ଶତ୍ରୁ ପ୍ରତି। ଏମିତିଆ ବିଷାଦଗ୍ରସ୍ତ ପରିସ୍ଥିତିରେ ମୁଁ ମନେମନେ ଯେଉଁମାନେ ମୋର ନାଁ ବିଜୟ ରଖିଥିଲେ, ସେମାନଙ୍କୁ ଶୋଧିବାକୁ ଲାଗିଲି। କାରଣ ଏହି ନାଁ ଯୋଗୁଁ ମୁଁ ମୀନ ରାଶି ଦ୍ୱାରା କବଳିତ ହେଇଛି। ଆରେ ଯଦି ନାଁ ରଖିବାର ଥିଲା ତେବେ ଆଉ କିଛି ରଖିଲେନି। ମୋ' ନାଁ ଯଦି 'ମ' କିମ୍ବା 'ଟ'ରେ ଆରମ୍ଭ ହୋଇଥା'ନ୍ତା, ତେବେ ମୋର ରାଶି 'ସିଂହ' ହେଇଥା'ନ୍ତା। ଯାହାଙ୍କର ଭବିଷ୍ୟଫଳ ଆଜିକାଲି ଉଚ୍ଚକୋଟୀର ଚାଲିଥିଲା। ସେ ସବୁ କଥା ଯାହା ଉତ୍ତମ ଭବିଷ୍ୟ ପାଇଁ ନିତାନ୍ତ ଆବଶ୍ୟକ ତାହା ଆଜି ଉପଲବ୍ଧ ଥିଲା ସିଂହ ରାଶିର ଭବିଷ୍ୟ ଫଳରେ। ହଠାତ୍ ମୋର ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ଯେମିତି। ଟିକିଏ ତୀକ୍ଷ୍ଣ ନଜର ମୁଁ ବୁଲେଇ ଆଣିଲି ମୋର ସବୁ ସହକର୍ମୀଙ୍କ ଉପରେ। ସମସ୍ତେ ଥିଲେ ମୋର ସନ୍ଦେହ ବଳୟ ଭିତରେ। ହଠାତ୍ ମନକୁ ବିଚାରଟିଏ ଆସିଲା, ପାଖରେ ବସିଥିବା ସାଦାସିଧା ଲୋଖା ପ୍ରବନ୍ଧକଙ୍କ ସହିତ ଯଦି ଶତ୍ରୁତା କରିବି ତେବେ ହାନିର ସମ୍ଭାବନା ବହୁତ କମ୍ ରହିବ। ହେଲେ ଆଜ୍ଞା କ'ଣ କରିବି ମୋର ଶତ ଚେଷ୍ଟା ନିଷ୍ଫଳ ହେଇଗଲା ତାଙ୍କ ପାଖରେ। ମୋର ସବୁ ଚେଷ୍ଟା ସତ୍ତ୍ୱେ ସେ କେବଳ ହସି ଦେଉଥିଲେ ଟିକିଏ ଟିକିଏ।

ସନ୍ଧ୍ୟାବେଳେ କାର୍ଯ୍ୟାଳୟରୁ ଘରକୁ ଫେରିବା ବେଳେ ସ୍କୁଟର ଓଭରଟେକ୍ କରି ଶତ୍ରୁତା କରିବାର ସୁଯୋଗ ମଧ୍ୟ ମିଳିଲା ନାହିଁ। ରାତିର ଖାଇବା ମଧ୍ୟ ସ୍ୱାଦିଷ୍ଟ ଥିଲା। ତା'ପରେ ମୁଁ ସମ୍ଭାବିତ ଶତ୍ରୁ ବିଷୟରେ ଭାବି ଭାବି ଶୋଇପଡ଼ିଲି ନିଦମାଉସୀ କୋଳରେ। ସକାଳେ ଯେତେବେଳେ ମୋର ନିଦ୍ରା ଭଙ୍ଗ ହେଲା, ସେତେବେଳେ ଚେହେରାରେ ଖେଳୁଥିଲା ଗର୍ବର ହସ। କାହିଁକିନା ମୋର କୌଣସି ଶତ୍ରୁ କିଛି ବି କ୍ଷତି କରିପାରିଲେ ନାହିଁ। ସତ କହିବାକୁ ଗଲେ ମୋର କୌଣସି ଶତ୍ରୁ ନଥିଲେ, କେବଳ ସେହି 'ଭବିଷ୍ୟଫଳ' ବ୍ୟତୀତ। ଯିଏ ମୋତେ ଅଯଥାଟାରେ କାଲି ଦିନସାରା ଆଶଙ୍କିତ କରି ରଖିଥିଲା। ଆଉ ମୁଁ ମୂର୍ଖ ଭବିଷ୍ୟଫଳ ଉପରେ ଭରସା କରି ଲାଗିପଡ଼ିଥିଲି ମୋର ଶତ୍ରୁ ସନ୍ଧାନରେ।

ମୋ: ୭୯୭୮୮୩୦୬୧୧





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ